NITIDIN
# ନିତିଦିନ

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 8 PAGES • ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

WEDNESDAY
8 APRIL 2026
ବୁଧବାର
୮ ଏପ୍ରିଲ୍ ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 320 BHUBANESWAR | BERHAMPUR | SAMBALPUR | BALASORE | JAJPUR ବର୍ଷ ୧୧ • ସଂଖ୍ୟା ୩୨୦ ଭୁବନେଶ୍ୱର | ବ୍ରହ୍ମପୁର | ସମ୍ବଲପୁର | ବାଲେଶ୍ୱର | ଯାଜପୁର

**ନାବାଳିକା ଦୁଷ୍କର୍ମ ମାମଲା**

## ଟ୍ୟୁସନ୍ ମାଷ୍ଟରଙ୍କୁ ୨୦ ବର୍ଷ ଜେଲ୍

**ବ୍ରହ୍ମପୁର, ୭।୪/ଏନ୍ଏନ୍ଏସ୍:**

୨୦୨୧ ମସିହାରେ ଖଲ୍ଲିକୋଟ ଅଞ୍ଚଳରେ ଜଣେ ନାବାଳିକା ଛାତ୍ରୀଙ୍କୁ ଯୌନଶୋଷଣ କରିଥିବା ଅଭିଯୋଗରେ ଅଭିଯୁକ୍ତ ଟ୍ୟୁସନ୍ ଶିକ୍ଷକଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି ଫାଷ୍ଟଟ୍ରାକ୍ ପୋକ୍ସୋ କୋର୍ଟ୍। ବିଚାରପତି ରୋହିତଲାଲ ପଣ୍ଡା ମଙ୍ଗଳବାର ଏହି ମାମଲାରେ ଶୁଣାଣି କରି ଚୂଡାନ୍ତ ରାୟ ପ୍ରକାଶ କରିଛନ୍ତି। ବିଚାରପତି ଦୋଷୀ ଟ୍ୟୁସନ୍ ଶିକ୍ଷକଙ୍କୁ ୨୦ ବର୍ଷ ଜେଲ୍‌ଦଣ୍ଡ ସହ ୫୦ ହଜାର ଟଙ୍କାର ଅର୍ଥଦଣ୍ଡ ଶୁଣାଇଛନ୍ତି। ବିଚାରପତି ଏହି ଜୋରିମାନା ଅର୍ଥକୁ ପୀଡ଼ିତାଙ୍କୁ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେବା ସହ ଜୋରିମାନା ଟଙ୍କା ଅନାଦେୟ ଅତିରିକ୍ତ ୬ମାସ ସଶ୍ରମ କାରାଦଣ୍ଡ ପାଇଁ ମଧ୍ୟ ବିଚାରପତି ନିଜ ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ପୀଡିତାଙ୍କୁ ୫ଲକ୍ଷ ଟଙ୍କା ଆର୍ଥିକ ସହାୟତା ଯୋଗାଇଦେବା ପାଇଁ ଜିଲ୍ଲା ଆଇନସେବପ୍ରାଧିକରଣ ସଚିବଙ୍କୁ ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି। ତେବେ ପ୍ରମାଣ ଅଭାବରୁ ଅଭିଯୁକ୍ତଙ୍କ ମା ମଞ୍ଜୁଲତା ନାୟକଙ୍କୁ ବିଚାରପତି ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ପ୍ରକାଶ, ଦୋଷୀ ଟ୍ୟୁସନ୍ ଶିକ୍ଷକଜଣକ ହେଲେ ଖଲ୍ଲିକୋଟ ଅଞ୍ଚଳର କାର୍ତ୍ତିକ ନାୟକ(୨୯)।

ଅଭିଯୁକ୍ତ କାର୍ତ୍ତିକ ନାୟକ, ଖଲ୍ଲିକୋଟ ଅଞ୍ଚଳରେ ରହି ଘରେ ଘରେ ଟ୍ୟୁସନ୍ କରୁଥିଲେ। ▶▶ ୬

## ଆଜିଠୁ ୨ୟ ପର୍ଯ୍ୟାୟ ରତ୍ନଭଣ୍ଡାର ଗଣତିମଣତି

**ପୁରୀ, ୭।୪/ଏନ୍ଏନ୍ଏସ୍:**



ବୁଧବାର ଠାରୁ ଆରମ୍ଭ ହେବ ଦ୍ୱିତୀୟ ପର୍ଯ୍ୟାୟ ରତ୍ନଭଣ୍ଡାର ଗଣତିମଣତି। ରାଜ୍ୟ ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା ବା ଏସ୍ଓପି ଆଧାରରେ ଗତ ମାସ ୨୫ ତାରିଖରେ ଶ୍ରୀମନ୍ଦିର ରତ୍ନଭଣ୍ଡାରରେ ଗଚ୍ଛିତ ଥିବା ରତ୍ନ ଅଳଙ୍କାର ଗଣତିମଣତି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ବାହାର ରତ୍ନଭଣ୍ଡାର ଗଣତିମଣତି ହୋଇଥିଲା। ଆସନ୍ତାକାଲି ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟରେ ମଧ୍ୟ ବାହାର ରତ୍ନଭଣ୍ଡାର ଗଣତିମଣତି ହେବ। ହସ୍ତଗତ ହୋଇଥିବା ରିପୋର୍ଟ ଅନୁସାରେ ଆସନ୍ତାକାଲି ଠାରୁ ଗଣତିମଣତି ଆରମ୍ଭ ହୋଇ ଏପ୍ରିଲ ୧୧ ଯାଏଁ ଚାଲିବ। ପରେ ଅର୍ଥାତ୍ ଏପ୍ରିଲ ୧୩ ଏବଂ ଏହାପରେ ଏପ୍ରିଲ ୧୬ରୁ ଏପ୍ରିଲ ୧୮ ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଜାରି ରହିବ। ତେବେ ଗଣତିମଣତି ପ୍ରକ୍ରିୟା ଚାଲୁ ରହିଥିବା ସମୟରେ ଶ୍ରୀଜୀଉଙ୍କ ନୀତି ସଂପାଦନ ଅବ୍ୟାହତ ରଖାଯିବ। ଏହି ସମୟରେ ▶▶ ୬

## ଗଜପତି ଜିଲ୍ଲାରୁ ୨.୮ ଟନ୍ ଗଞ୍ଜେଇ ଜବତ

**ଭୁବନେଶ୍ୱର,ଗଜପତି,୭।୪/ଏନ୍ଏନ୍ଏସ୍:**

ବେଆଇନ ଗଞ୍ଜେଇ ଚାଷ ଓ କାରବାର ବିରୋଧରେ ଗଜପତି ଜିଲ୍ଲା ପୁଲିସ୍‌କୁ ଏକ ବଡ଼ ସଫଳତା ମିଳିଛି। ମୋହନା ବ୍ଲକ୍ ଅଡ଼ବା ଥାନା ଅନ୍ତର୍ଗତ କାରିଗେଜୁ ଗ୍ରାମରେ ହୋଇଥିବା ପୁଲିସ ଚଢ଼ାଉରେ ପ୍ରାୟ ୨,୮୧୧ କେଜି (୨.୮ ଟନ୍) ଗଞ୍ଜେଇ ଜବତ କରିଛି। ତେବେ ଚଢ଼ାଉ ବେଳେ ଅଭିଯୁକ୍ତମାନେ ପୁଲିସ୍‌କୁ ଚକ୍‌ମା ଦେଇ ଫେରାର ହେବାରେ ସକ୍ଷମ ହୋଇଛନ୍ତି।

ଆର୍ ଉଦୟଗିରି ଏସ୍‌ଡିପିଓ ରାକେଶ ସାହୁଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ ଅଡ଼ବା ଥାନା ଅନ୍ତର୍ଗତ କାରିଗେଜୁ ଗ୍ରାମ ନିକଟସ୍ଥ ଜଙ୍ଗଲ ଓ ପାହାଡ଼ିଆ ଅଞ୍ଚଳରେ ଏହି ସର୍ଚ୍ଚ ଅପରେସନ କରିଥିଲା। ଏହି ସମୟରେ ଲୁଚାଇ ରଖାଯାଇଥିବା ମୋଟ ୧୧୩ଟି ପ୍ଲାଷ୍ଟିକ୍ ବ୍ୟାଗ୍ ଜବତ କରାଯାଇଛି। ଏନେଇ ଅଡ଼ବା ଥାନାରେ ନଂ ୭୦/୬-୪-୨୦୨୬ରେ ଏକ ମାମଲା ପଞ୍ଜୀକୃତ କରାଯାଇ ଏନ୍‌ଡିପିଏସ୍ ଆଇନର ଧାରା ଅନୁସାରେ ମାମଲା ରୁଜୁ ହୋଇଛି।

ଅଡବା ଓ ଆର ଉଦୟଗିରି ଥାନା ଅଞ୍ଚଳରେ ଗତ ୧୮ ନଭେମ୍ବର ୨୦୨୫ରୁ ୬ ଏପ୍ରିଲ୍ ୨୦୨୬ ମଧ୍ୟରେ ପୁଲିସ ନିଶା କାରବାର ବିରୋଧରେ ବ୍ୟାପକ ସଫଳତା ହାସଲ କରିଛି। ଏହି ସମୟ ମଧ୍ୟରେ ଅଡ଼ବା ଥାନା ଅଞ୍ଚଳରେ ୧୧ଟି ମାମଲା ରୁଜୁ କରାଯାଇ ମୋଟ୍ ୯,୬୭୬ କେଜି ଗଞ୍ଜେଇ ଜବତ ହୋଇଥିବା ବେଳେ ଆର୍ ଉଦୟଗିରି ଥାନା ▶▶ ୬

# ଖଣିଜ ବ୍ଲକ୍‌ର ନିଲାମ ପ୍ରକ୍ରିୟା, କ୍ୟାଲେଣ୍ଡର୍ ପ୍ରସ୍ତୁତ

**ଖଣି ଲିଜ୍‌ଧାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ 'ଉତ୍ପାଦନ ବୃଦ୍ଧି କରନ୍ତୁ'**

**ଭୁବନେଶ୍ୱର,୭/୪,ଏନ୍ଏନ୍ଏସ୍:**



ଲୁହାପଥର ଉତ୍ପାଦନ ବୃଦ୍ଧି ପାଇଁ ଆବଶ୍ୟକୀୟ ସମସ୍ତ ସୁବିଧା ସୁଯୋଗ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯିବ। ଶିଳ୍ପପତିମାନେ ଉତ୍ପାଦନ ବୃଦ୍ଧି ସହିତ ସ୍ଥାନୀୟ ବାସିନ୍ଦାଙ୍କର ମୌଳିକ ଆବଶ୍ୟକତା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପଡ଼ିବ। ଶିଳ୍ପ ପ୍ରତିଷ୍ଠା ପାଇଁ ବାଧ୍ୟତାମୂଳକ ବନୀକରଣ କ୍ଷେତ୍ରରେ ବିଭିନ୍ନ ଜିଲ୍ଲାରେ ଅଧିକୃତ ଜମି ସମ୍ପର୍କରେ ସୂଚନା ପ୍ରଦାନ ପାଇଁ ଏକ ଡାଟାବେସ୍ ପ୍ରସ୍ତୁତ କରାଯାଉଛି, ଯାହା ଜରିଆରେ କେଉଁ ଜିଲ୍ଲାରେ କେତେ ଜମି ଉପଲବ୍ଧ ଅଛି ଖଣି ଲିଜ୍‌ଧାରୀ ଓ ଶିଳ୍ପପତିମାନେ ସେ ସମ୍ପର୍କରେ ଅବଗତ ହୋଇପାରିବେ। ଖଣି ନିଲାମ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ୨୦୨୬-୨୭ ବର୍ଷ ପାଇଁ ବାର୍ଷିକ ନିଲାମ କ୍ୟାଲେଣ୍ଡର ପ୍ରସ୍ତୁତ କରାଯାଇଛି। ତଦନୁଯାୟୀ ଖଣିଜ ବ୍ଲକ୍‌ର ନିଲାମ ପ୍ରକ୍ରିୟା କରାଯିବ।

ମଙ୍ଗଳବାର ଲୋକସେବା ଭବନ ଠାରେ ରାଜ୍ୟରେ ଲୁହାପଥର ଉତ୍ପାଦନ ବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଆଜି ଖଣି ଲିଜ୍‌ଧାରୀ ଓ ଶିଳ୍ପପତି ମାନଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ଉକ୍ତ ବୈଠକରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଜ୍ୟରେ ଶିଳ୍ପାୟନ ଏବଂ ଦେଶରେ ଲୁହାପଥରର ଚାହିଦା ବୃଦ୍ଧିକୁ ଦୃଷ୍ଟିରେ ରଖି ଅଧିକ ପରିମାଣରେ ଲୁହାପଥର ଉତ୍ପାଦନ କରିବାକୁ ପରାମର୍ଶ ଦେଇଛନ୍ତି। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ଦିଆଯିବ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଉତ୍ପାଦନ ଓ ଡେସ୍‌ପ୍ୟାଚ୍ ପ୍ରତି ଗୁରୁତ୍ୱ ଦେଇ ଏମଡିପିଏ ଅନୁଯାୟୀ ସର୍ବନିମ୍ନ ବାଧ୍ୟତାମୂଳକ ସୀମାକୁ ଦୃଷ୍ଟିରେ ରଖି ଆବଶ୍ୟକତା ଅନୁଯାୟୀ ଏହାକୁ ବୃଦ୍ଧି କରିବାକୁ ପଡ଼ିବ। ରାଜ୍ୟରେ ଖଣି ବହୁଳ ଜିଲ୍ଲାଗୁଡ଼ିକରେ ଶିଳ୍ପ ସଂଖ୍ୟା ବହୁତ କମ ରହୁଛି। ତେଣୁ ସେସବୁ ଜିଲ୍ଲାଗୁଡ଼ିକରେ ଶିଳ୍ପାନୁଷ୍ଠାନ ଗଢ଼ିବା ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି। ଶିଳ୍ପପତିମାନେ ଏଥିପ୍ରତି ନଜର ଦେବା ଦରକାର ବୋଲି ଶ୍ରୀ ମାଝୀ ଆହ୍ୱାନ ଦେଇଛନ୍ତି।

ଇଣ୍ଡିଆନ୍ ଷ୍ଟିଲ୍ ଆସୋସିଏସନର ଅଧ୍ୟକ୍ଷ ତଥା ସାଂସଦ ନବୀନ ଜିନ୍ଦଲ ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଆନ୍ତରିକତା ଓ ପ୍ରତିବଦ୍ଧତା ଭାବ ପାଇଁ ଧନ୍ୟବାଦ ଦେଇଥିଲେ। ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଦେଓ ରଞ୍ଜନ କୁମାର ସିଂ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ଶିଳ୍ପ ବିଭାଗର ▶▶ ୬

**ସହରାଞ୍ଚଳ ଜଳ ଭିତ୍ତିଭୂମି କ୍ଷେତ୍ରରେ ରାଜ୍ୟର ଉଲ୍ଲେଖନୀୟ ସଫଳତା**

## ଅମୃତ ୨.୦ କାର୍ଯ୍ୟକାରିତାରେ ଓଡ଼ିଶା ନଂ. ୧

**ଭୁବନେଶ୍ୱର, ୭।୪/ଏଜେନ୍ସି:**



ସହରାଞ୍ଚଳ ବିକାଶ କ୍ଷେତ୍ରରେ ଓଡ଼ିଶା ଆଉ ଏକ ଗୌରବମୟ ସଫଳତା ହାସଲ କରିଛି। ଅଟଳ ମିଶନ ଫର୍ ରିଜୁଭେନେସନ ଆଣ୍ଡ୍ ଅର୍ବାନ ଟ୍ରାନ୍ସଫର୍ମେସନ (ଅମୃତ ୨.୦)ର ସଫଳ କାର୍ଯ୍ୟକାରିତାରେ ଓଡ଼ିଶା ସମଗ୍ର ଦେଶରେ ୧ମ ସ୍ଥାନ ଅଧିକାର କରିଛି। କେନ୍ଦ୍ର ସରକାରଙ୍କ ଆବାସନ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରାଳୟ ଦ୍ୱାରା ଜାରି କରାଯାଇଥିବା ଏନେଇ ଏକ ସଦ୍ୟତମ ମାନ୍ୟତାରେ ଓଡ଼ିଶା ଦେଶର ଶ୍ରେଷ୍ଠ ପ୍ରଦର୍ଶନକାରୀ ରାଜ୍ୟ ଭାବେ ଉଭା ହୋଇଛି।

ସହରାଞ୍ଚଳରେ ପାନୀୟ ଜଳ ଯୋଗାଣ, ଜଳାଶୟଗୁଡ଼ିକର ପୁନରୁଦ୍ଧାର ଏବଂ ସ୍ୱେରେଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ ନିର୍ମାଣ କ୍ଷେତ୍ରରେ ଦ୍ରୁତ କାର୍ଯ୍ୟ ପାଇଁ ଓଡ଼ିଶାକୁ ଏହି ସମ୍ମାନ ମିଳିଛି। ଓଡ଼ିଶା ଏହି ମିଶନ ଅଧୀନରେ ଥିବା ପ୍ରକଳ୍ପଗୁଡ଼ିକୁ ନିର୍ଦ୍ଧାରିତ ସମୟ ପୂର୍ବରୁ ଶେଷ କରିବା ଏବଂ ପାଣ୍ଠିର ସଠିକ୍ ବିନିଯୋଗ କରିବାରେ ଅନ୍ୟ ରାଜ୍ୟମାନଙ୍କ ତୁଳନାରେ ଆଗରେ ରହିଛି। ଭୁବନେଶ୍ୱର, କଟକ ଏବଂ ଅନ୍ୟାନ୍ୟ ପ୍ରମୁଖ ସହରରେ 'ଟ୍ୟାପ୍'ରୁ ସିଧା ପାନୀୟ ଜଳ' ଭଳି ସୁବିଧା ଏହି ସଫଳତାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ୨୦୨୧ ଅକ୍ଟୋବରରେ ଆରମ୍ଭ ହୋଇଥିବା ଏହି ମିଶନ ମାଧ୍ୟମରେ ରାଜ୍ୟର ୮୯ଟି ପୌରସଂସ୍ଥାରେ ବ୍ୟାପକ ପ୍ରଗତି ପରିଲକ୍ଷିତ ହୋଇଛି। ବର୍ତ୍ତମାନ ସୁଦ୍ଧା ପ୍ରାୟ ୪୦୩୦.୧୮ କୋଟି ଟଙ୍କା ବ୍ୟୟ ଅଟକଳରେ ୩୪୫ଟି ପ୍ରକଳ୍ପକୁ ଅନୁମୋଦନ କରାଯାଇଛି। ଏଥିମଧ୍ୟରୁ ▶▶ ୬

**ରାଜ୍ୟର ୮୯ଟି ପୌରସଂସ୍ଥାରେ ବ୍ୟାପକ ପ୍ରଗତି ପରିଲକ୍ଷିତ**

**୪୦୩୦.୧୮ କୋଟି ଟଙ୍କା ବ୍ୟୟବରାଦିତ ୩୪୫ ପ୍ରକଳ୍ପକୁ ଅନୁମୋଦନ**

**୯୯ ପ୍ରକଳ୍ପ ସମ୍ପୂର୍ଣ୍ଣ, ଅନ୍ୟଗୁଡ଼ିକରେ କାର୍ଯ୍ୟ ଜାରିରହିଛି**

## ଜାତିସଂଘରେ କାଟ୍ ଖାଇଲା ହର୍ମୁଜ୍ ଖୋଲିବା ପ୍ରସ୍ତାବ

**ତେହରାନ୍ ସମର୍ଥନରେ ଭିଟୋ କ୍ଷମତା ପ୍ରୟୋଗ କଲେ ରୁଷ୍ ଏବଂ ଚୀନ୍**

**ଆଜି ରାତିରେ ଆମେରିକା କରିପାରେ ବଡ଼ ଧରଣର ଆକ୍ରମଣ !**

**ମାନବ ଶୃଙ୍ଖଳ ଗଠନ କରି ରହିବାକୁ ଦେଶବାସୀଙ୍କୁ ଇରାନ୍ ରାଷ୍ଟ୍ରପତିଙ୍କ ପରାମର୍ଶ**

**ତେହରାନ୍, ୱାଶିଂଟନ୍, ଜେନିଭା, ୭।୪/ଏଜେନ୍ସି:**



ଇରାନ ସଙ୍କଟ ମଧ୍ୟରେ ମିଳିତ ଜାତିସଂଘରେ ହର୍ମୁଜ ପ୍ରଣାଳୀ ଖୋଲିବାକୁ ନେଇ ଅଣାଯାଇଥିବା ପ୍ରସ୍ତାବ ପାରିତ ହୋଇପାରିନାହିଁ। ରୁଷ୍ ଏବଂ ଚୀନ୍ ଏହି ପ୍ରସ୍ତାବ ଉପରେ ନିଜ 'ଭିଟୋ' କ୍ଷମତା ପ୍ରୟୋଗ କରିଛନ୍ତି। ଅଲ୍ ଜଜିରା ରିପୋର୍ଟ ଅନୁଯାୟୀ, ଏହି ପ୍ରସ୍ତାବରେ କୌଣସି ପ୍ରକାରର ସାମରିକ କାର୍ଯ୍ୟାନୁଷ୍ଠାନ ବିଷୟରେ ଉଲ୍ଲେଖନଥିବାରୁ ରୁଷ୍ ଏବଂ ଚୀନ୍ ଏହାକୁ ନେଇ କ୍ଷୁବ୍ଧ ହୋଇପଡିଥିଲେ। ହୁଏତ ଏହି କାରଣରୁ ଏହି ପ୍ରସ୍ତାବ ଉପରେ ଭିଟୋ ପ୍ରୟୋଗ କରିବାକୁ ଉଭୟ ଦେଶ ନିଷ୍ପତ୍ତି ନେଇଥିବା ଅନୁମାନ କରାଯାଉଛି।

ଏହି ପ୍ରସ୍ତାବ ବାହାରିନ ପକ୍ଷରୁ ଅଣାଯାଇଥିଲା। ଅଲ୍ ଜଜିରା ଦର୍ଶାଇଛି ଯେ, ବିଗତ ଦୁଇ ସପ୍ତାହ ମଧ୍ୟରେ ଏହି ପ୍ରସ୍ତାବକୁ ପ୍ରାୟ ୬ ଥର ପରିବର୍ତ୍ତନ କରାଯାଇଥିଲା, କାରଣ ଅନେକ ଦେଶ ଏହାର କିଛି ଅଂଶ ସହିତ ସହମତ ନଥିଲେ। ପ୍ରକାଶ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍, ଇରାନ୍ ଉଦ୍ଦେଶ୍ୟରେ କହିଛନ୍ତି ଯେ, ଆଜି ରାତିରେ ଇରାନର ସମଗ୍ର ସଭ୍ୟତା ଶେଷ ହୋଇଯାଇପାରେ। ଟ୍ରମ୍ପ ଦାବି କରିଛନ୍ତି ଯେ 'ଆଜି ରାତିରେ ଆମେ ସମସ୍ତେ ବିଶ୍ୱର ଦୀର୍ଘ ଏବଂ ଜଟିଳ ଇତିହାସର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତର ସାକ୍ଷୀ ହେବା।' ସେ ଇରାନ୍ ଉପରେ ପ୍ରଚଣ୍ଡ ଆକ୍ରମଣ କରିବା ଉଦ୍ଦେଶ୍ୟରେ ଏପରି କହିଛନ୍ତି। ଆମେରିକା ପକ୍ଷରୁ ମଧ୍ୟ ତୁରନ୍ତ ନିଜ ଘରଦ୍ୱାର ଛାଡି ସୁରକ୍ଷିତ ସ୍ଥାନକୁ ଚାଲିଯିବାକୁ ଇରାନ୍‌ବାସୀଙ୍କ ଉଦ୍ଦେଶ୍ୟରେ ପରାମର୍ଶ ଜାରି କରାଯାଇଛି। ତେବେ ଟ୍ରମ୍ପ୍ ଯେଉଁଠି ଇରାନ୍‌ର ସଭ୍ୟତାକୁ ହିଁ ସବୁଦିନ ପାଇଁ ନଷ୍ଟ କରିଦେବାର କଥା କହିଛନ୍ତି ସେତେବେଳେ ଇରାନ୍ ମଧ୍ୟ ଏବେ କୌଣସି ପ୍ରକାର ଆକ୍ରମଣରୁ ବର୍ତ୍ତିବା ପାଇଁ ଏବେ ନିଜ ଦେଶବାସୀଙ୍କ ସହଯୋଗ ଲୋଡିଛି। ରିପୋର୍ଟ ଅନୁସାରେ ଇରାନ୍ ରାଷ୍ଟ୍ରପତି ମାସୁଦ୍ ପେଜେସ୍କିଆନ୍, ଦେଶବାସୀଙ୍କୁ ସମ୍ବୋଧିତ କରି କହିଛନ୍ତି ଯେ, ଦେଶବାସୀମାନେ ଏବେ ▶▶ ୬

## ସିଜିମାଳି ଖଣି ଅଞ୍ଚଳରେ ରାସ୍ତା ନିର୍ମାଣକୁ ନେଇ ଖଣ୍ଡ ଯୁଦ୍ଧ

**ପୁଲିସ୍ ଉପରେ ପଥର, ଟାଙ୍ଗିଆ ଦ୍ୱାରା ଆକ୍ରମଣ**

**ଅତିରିକ୍ତ ଏସ୍‌ପି, ଏସ୍‌ଡିପିଓଙ୍କ ସମେତ ୫୮ ପୁଲିସ ଆହତ**

**୬ଜଣଙ୍କୁ ଚିକିତ୍ସା ପାଇଁ ବିଶାଖାପାଟଣା ସ୍ଥାନାନ୍ତର**

**ବିଏନ୍‌ଏସ୍ ୧୬୩ ଧାରା ଜାରି**



**ରାୟଗଡା, ୭।୪/ଏନ୍ଏନ୍ଏସ୍:**

ରାୟଗଡା ଜିଲ୍ଲା କାଶୀପୁର ବ୍ଲକ ସୁଙ୍ଗେର ପଞ୍ଚାୟତରେ ଏକ ରାସ୍ତା ନିର୍ମାଣକୁ ନେଇ ଅଞ୍ଚଳରେ ଅଶାନ୍ତ ହୋଇପଡିଛି। ବକ୍ସାଇଟ ଖଣି ଗଚ୍ଛିତ ଥିବା ସିଜିମାଳି ପାହାଡ଼କୁ ରାସ୍ତା ନିର୍ମାଣ କାର୍ଯ୍ୟକୁ ବିରୋଧ କରି ସୁଙ୍ଗେର ପଞ୍ଚାୟତର କଣ୍ଟାମାଳ ଗ୍ରାମଠାରେ ପୁଲିସ ଓ ଆନ୍ଦୋଳନ କାରୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଉପୁଜିଥିଲା। ଏହି ପରିସ୍ଥିତରେ ଆନ୍ଦୋଳନକାରୀଙ୍କ ଆକ୍ରମଣରେ ରାୟଗଡ଼ା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଏସ୍‌ଡିପିଓଙ୍କ ସମେତ ୫୮ରୁ ଉର୍ଦ୍ଧ ପୁଲିସ କର୍ମଚାରୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୯ ଜଣ ଗୁରୁତର ଥିବାରୁ ରାୟଗଡ଼ା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ବେଳେ ରିପୋର୍ଟ ଲେଖାହେବା ବେଳକୁ ଏମାନଙ୍କ ମଧ୍ୟରୁ ୬ଜଣଙ୍କ ଅବସ୍ଥା ଅଧିକ ସଂକଟାପନ୍ନ ହେବାରୁ ସେମାନଙ୍କୁ ବିଶାଖାପଟନମ୍‌କୁ ସ୍ଥାନାନ୍ତରିତ କରାଯାଇଥିବା ଜଣାପଡିଛି। ବିଶାଖାପଟନମ୍ ସ୍ଥାନାନ୍ତର ▶▶ ୬

**ବେଶି ଦିନ ତିଷ୍ଠିଲାନି ପ୍ରେମ ବିବାହ**

## ସ୍ତ୍ରୀ'ଙ୍କୁ ହତ୍ୟା କରି ଝୁଲିପଡ଼ିଲା ସ୍ୱାମୀ

**ବେଲଗୁଣ୍ଠା, ୭।୪/ଏନ୍ଏନ୍ଏସ୍:**

ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠା ଥାନା ଅନ୍ତର୍ଗତ ସରନୂଆଁପଲ୍ଲୀ ଗ୍ରାମରେ ସୋମବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ପ୍ରେମ ବିବାହ କରିଥିବା ଏକ ଦମ୍ପତି ପାରିବାରିକ ଅଶାନ୍ତିର ବଶବର୍ତ୍ତୀ ହୋଇ ଶେଷରେ ଆଖିବୁଜିଛନ୍ତି। ରିପୋର୍ଟ ଅନୁସାରେ ସ୍ୱାମୀଜଣକ ନିଜ ପତ୍ନୀଙ୍କୁ ହତ୍ୟା କରିବା ପରେ ନିଜେ ଆତ୍ମହତ୍ୟା କରିଛନ୍ତି। ମୃତ ୨ଜଣ ହେଲେ ଚିତ୍ରସେନ ନାଇକ ଏବଂ ତାଙ୍କ ପତ୍ନୀ ପୂଜା ଦାସ। ପ୍ରାରମ୍ଭିକ ତଦନ୍ତରୁ ପୁଲିସ୍‌କୁ ମିଳିଥିବା



ସୂଚନାନୁସାରେ ଚିତ୍ରସେନ ପ୍ରାୟ ୭ ବର୍ଷ ପୂର୍ବେ ନିଜ ଗ୍ରାମକୁ ଲାଗିକରି ଥିବା ପାଖ ଗ୍ରାମର ଅନ୍ୟ ଏକ ଜାତିର ଝିଅ ପୂଜାଙ୍କୁ ପ୍ରେମ ବିବାହ କରିଥିଲେ। ଏହାପରେ ଉଭୟ କିଛିବର୍ଷ ହସଖୁସିରେ ରହିଥିଲେ। ତେବେ ସମୟ ସ୍ରୋତରେ ଉଭୟ ଦୁଇ ପୁତ୍ର ସନ୍ତାନଙ୍କର ମାତା ପିତା ହେବାର ମଧ୍ୟ ସୌଭାଗ୍ୟ ପାଇଥିଲେ। ତେବେ ପରିବାର ଭଲରେ ଚଳୁଥିବା ବେଳେ ହଠାତ୍ ପୂଜାଙ୍କ କିଛି ଗତିବିଧିକୁ ନେଇ ଚିତ୍ରସେନ ସନ୍ଦେହ କରିବା ସହ ଦ୍ୱନ୍ଦରେ ଥିଲେ। ଏହାପରେ ଧୀରେ ଧୀରେ ସନ୍ଦେହ ବଢ଼ିବାରୁ ସ୍ୱାମୀ ସ୍ତ୍ରୀଙ୍କ ସଂପର୍କରେ ଫାଟ ସୃଷ୍ଟି ହୋଇଥିଲା। ଉଭୟଙ୍କ ମଧ୍ୟରେ ଅନେକ ସମୟରେ କଳି ଝଗଡ଼ା ଲାଗୁଥିଲା। ତେଣୁ ପୂଜା ଦୁଇ ଛୁଆଙ୍କୁ ଧରି ପ୍ରାୟ ୬ ମାସ ହେବ ଭୁବନେଶ୍ୱରରେ ତାଙ୍କର ଜଣେ ସମ୍ପର୍କୀୟଙ୍କ ଘରେ ରହି କାମଧନ୍ଦା କରି ଚଳୁଥିଲେ। କିନ୍ତୁ ଦୁଇଦିନ ପୂର୍ବେ ପୂଜା ସ୍ୱାମୀଙ୍କ ପାଖକୁ ଆସିଥିବା ବେଳେ ଦୁଇ ଛୁଆ ଭୁବନେଶ୍ୱରରେ ଥିଲେ। ତେବେ ଗତକାଲି ରାତିରେ ପୂଜା ଓ ଚିତ୍ରସେନ ମଧ୍ୟରେ କୌଣସି କଥାକୁ ନେଇ ଝଗଡ଼ା ହୋଇଥିଲା। ଏହାପରେ ଏକ ପନିକି ସହାୟତାରେ ଚିତ୍ରସେନ୍, ସ୍ତ୍ରୀ ପୂଜାଙ୍କୁ ଆକ୍ରମଣ କରିଥିଲେ ଯେଉଁଥିରେ ପୂଜା ଘଟଣା ▶▶ ୬

**ଏପ୍ରିଲ ୧ରୁ ୧୪ ପଞ୍ଚାୟତସ୍ତରୀୟ 'ଆମେ ଜାଣିବା, ଆମ ବଜେଟ୍' ଅଭିଯାନ**

# ନାଗରିକଙ୍କ ସ୍ୱପ୍ନ ପୂରଣର ସୁଦୃଢ଼ ରୋଡ୍‌ମ୍ୟାପ୍ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୭।୪/ଏନ୍ଏନ୍ଏସ୍:**



ବଜେଟ୍ କେବଳ ଆୟ-ବ୍ୟୟର ତାଲିକା ନୁହେଁ, ବରଂ ଏହା ଓଡ଼ିଶାର ସମଗ୍ର ଉନ୍ନତି ସହ ପ୍ରତ୍ୟେକ ନାଗରିକଙ୍କ ସ୍ୱପ୍ନ ପୂରଣର ଏକ ସୁଦୃଢ଼ ରୋଡମ୍ୟାପ୍ ବୋଲି ରାଜ୍ୟ ସ୍ତରୀୟ ବଜେଟ ସଚେତନତା କର୍ମଶାଳା 'ଆମେ ଜାଣିବା, ଆମ ବଜେଟ୍' ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ମଙ୍ଗଳବାର ଲୋକସେବା ଭବନ କନଭେନ୍‌ସନ୍ ସେଣ୍ଟରରେ ଆୟୋଜିତ ଏହି କର୍ମଶାଳାରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଦେଶର ଭିଜନ୍ ସହିତ ତାଳ ମିଳାଇ ଆମ ସରକାର ୨୦୪୭ ସୁଦ୍ଧା ମୁଣ୍ଡପିଛା ଆୟକୁ ୧.୮ ଲକ୍ଷ ଟଙ୍କାରୁ ୩୨ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା, ଜୀବନଧାରଣର ମାନରେ ଉନ୍ନତି ଆଣିବା, ବହୁମୁଖୀ ଦାରିଦ୍ର୍ୟକୁ ୫ ପ୍ରତିଶତକୁ ହ୍ରାସ କରିବା, ମହିଳା ଶ୍ରମିକଙ୍କ ଅଂଶଗ୍ରହଣକୁ ୭୦ ପ୍ରତିଶତକୁ ବୃଦ୍ଧି କରିବା, ହାରାହାରି ଆୟୁଷକୁ ୮୦ ବର୍ଷରୁ ଅଧିକ କରିବା ଏବଂ ରକ୍ତହୀନତା ଓ ଅପପୁଷ୍ଟିକୁ ସମ୍ପୂର୍ଣ୍ଣ ଦୂର କରିବା ପାଇଁ ଲକ୍ଷ୍ୟ ରଖିଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବଜେଟ୍ ରାଜ୍ୟର ଦୀର୍ଘମିଆଦୀ ଭିଜନ୍ ସହ ସମନ୍ୱିତ ହୋଇ ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନର ମୂଳ ଭିତ୍ତିକୁ ସୁଦୃଢ଼ କରିବ। ଚଳିତ ବଜେଟ୍‌ରେ କାର୍ଯ୍ୟକ୍ରମ ଓ ଯୋଜନା ମିଶି ୩୧ଟି ନୂଆ ପଦକ୍ଷେପ ନିଆଯାଇଛି। ଏହି ବଜେଟ୍‌ରେ ମୋଟ ୩ ଲକ୍ଷ ୧୦ ହଜାର କୋଟି ଟଙ୍କାର ବ୍ୟୟବରାଦ କରାଯାଇଥିବାବେଳେ ପୁଞ୍ଜି ବ୍ୟୟକୁ ବିଶେଷ ଗୁରୁତ୍ୱ ଦିଆଯାଇଛି। ଚଳିତ ବର୍ଷର ବଜେଟ, ବିଗତ ବର୍ଷର ବଜେଟ ଅଟକଳ ଠାରୁ ୭ ପ୍ରତିଶତ ଅଧିକ । ୨୦୩୬ ସୁଦ୍ଧା ଓଡ଼ିଶାକୁ ୫୦୦ ବିଲିଅନ ଆମେରିକୀୟ ଡଲାର ଏବଂ ୨୦୪୭ ସୁଦ୍ଧା ୧.୫ ଟ୍ରିଲିଅନ ଡଲାରର ଅର୍ଥନୀତିରେ ପରିଣତ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ ଯେ, ଏହା ଅସମ୍ଭବ ଲାଗୁଥିଲେ ମଧ୍ୟ ଅସମ୍ଭବକୁ ସମ୍ଭବ କରିବାର ସାମର୍ଥ୍ୟ ଓଡ଼ିଆ ମାନଙ୍କ ପାଖରେ ଅଛି ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରେ ଏହା ନିଶ୍ଚିନ୍ତ ରୂପେ ସମ୍ଭବ ହେବ।

ମୁଖ୍ୟମନ୍ତ୍ରୀଙ୍କ କହିବାନୁସାରେ ଏହି ବଜେଟ୍‌ରେ ଭିତ୍ତିଭୂମି, ଶିଳ୍ପ, ପର୍ଯ୍ୟଟନ, କୃଷି, ନାରୀ ସଶକ୍ତିକରଣ, ଶିକ୍ଷା ଓ ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦିଆଯାଇଛି। ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ କରିଡର ଜାତୀୟ ଜଳପଥ-୫, ଏବଂ ବିଭିନ୍ନ ନୂତନ କରିଡର ଓ ପୋର୍ଟ ପ୍ରକଳ୍ପ ମାଧ୍ୟମରେ ଓଡ଼ିଶାକୁ ଏକ ଶକ୍ତିଶାଳୀ ଲଜିଷ୍ଟିକ୍ସ ହବ୍‌ରେ ପରିଣତ କରାଯିବ। ପୁରୀରେ ଶାମୁକା ପ୍ରକଳ୍ପ ଏବଂ ଚିଲିକା ପୁନରୁଦ୍ଧାର ଯୋଜନା ରାଜ୍ୟର ପର୍ଯ୍ୟଟନକୁ ନୂତନ ଦିଗ ଦେବ ବୋଲି ସେ ଉଲ୍ଲେଖ କରିଥିଲେ। ଏହି ବଜେଟ୍‌ରେ ଗ୍ରାମୀଣ ଉନ୍ନୟନ, ରୋଜଗାର ସୃଷ୍ଟି ଓ ଦାଦନ ସମସ୍ୟାର ସମାଧାନ ପାଇଁ ବିଶେଷ ପଦକ୍ଷେପ ନିଆଯାଇଛି। ମହିଳାଙ୍କ ପାଇଁ ବିଶେଷ ବ୍ୟୟବରାଦ ସହିତ 'ସୁଭଦ୍ରା' ଯୋଜନା, 'ଲକ୍ଷପତି ଦିଦି' ଏବଂ 'ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ' ଭଳି ପଦକ୍ଷେପ ନାରୀ ସଶକ୍ତିକରଣକୁ ଆହୁରି ▶▶ ୬

# ଛତିଶା ନିଯୋଗ ବୈଠକରେ ଅକ୍ଷୟ ତୃତୀୟା ନୀତି ନିର୍ଘଣ୍ଟ ଚୂଡ଼ାନ୍ତ




**ପୁରୀ,୭।୪/ଏନ୍‌ଏନ୍‌ଏସ୍‌:** ଏପ୍ରିଲ ୨୦ ତାରିଖରେ ପବିତ୍ର ଅକ୍ଷୟ ତୃତୀୟା। ଏହି ଦିନ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ରଥ ନିର୍ମାଣ ଅନୁକୂଳ ସହ ୨୧ ଦିନ ବ୍ୟାପି ବାହାର ଚନ୍ଦନ ଯାତ୍ରା ଆରମ୍ଭ ହେବ। ଆଜି ସନ୍ଧ୍ୟାରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଅନୁଷ୍ଠିତ ଛତିଶା ନିଯୋଗ ବୈଠକରେ ଅକ୍ଷୟ ତୃତୀୟ ପାଇଁ ନୀତି ନିର୍ଘଣ୍ଟ ଚୂଡ଼ାନ୍ତ ହୋଇଛି। ନୀତି ସବ୍ କମିଟିରେ ଚୁଡାନ୍ତ ହୋଇଥିବା ନୀତି ନିର୍ଘଣ୍ଟକୁ ଛତିଶା ନିଯୋଗ ବୈଠକରେ ଅନୁମୋଦନ କରାଯାଇଛି। ଭକ୍ତମାନେ କିଭଳି ସୁନ୍ଦର ଭାବେ ଦର୍ଶନ କରିପାରିବେ ସେନେଇ ବୈଠକରେ ଆଲୋଚନା କରାଯାଇଥିଲା। ନୀତି ନିର୍ଘଣ୍ଟ ଅନୁଯାୟୀ ଅକ୍ଷୟ ତୃତୀୟା ଦିନ ଅପରାହ୍ନ ୩ଟା ରେ ଦ୍ୱାଦଶ ଯାତ୍ରା ଓ ନକ୍ଷତ୍ର ବନ୍ଦାପନା, ଅପରାହ୍ନ ୩.୩୦ ରେ ବିମାନକୁ ବିଜେ, ଅପରାହ୍ନ ୪ଟା ରେ ରଥ ଆଜ୍ଞାମାଳ ବିଜେ ଓ ବିମାନ ଉଠିବ। ରାତ୍ର ୧୦ଟା ରେ ଚନ୍ଦନ ଠାକୁର ବାହୁଡ଼ା ବିଜେ କରିବା ନେଇ ନୀତି ନିର୍ଘଣ୍ଟ ଚୁଡାନ୍ତ ହୋଇଛି। ତେବେ ସମସ୍ତ ନୀତି କାନ୍ତି ଯେଭଳି ଶୃଙ୍ଖଳିତ ଭାବେ ସମ୍ପାଦନା ହୋଇପାରିବ ସେନେଇ ସମସ୍ତ ସେବାୟତ ନିଯୋଗଙ୍କ ସହଯୋଗ ଲୋଡିଥିଲେ ମୁଖ୍ୟ ପ୍ରଶାସକ। ସେହିପରି ମାର୍ଚ୍ଚ ୨୫ ତାରିଖରେ ଶ୍ରୀମନ୍ଦିର ଚଳନ୍ତି ରତ୍ନଭଣ୍ଡାର ରେ ଥିବା ରତ୍ନ ଅଳଙ୍କାରର ଗଣତି ମଣତି କାର୍ଯ୍ୟ ଶେଷ ହୋଇଥିଲା। ଆସନ୍ତାକାଲି ୮ ତାରିଖ ଠାରୁ ଦ୍ୱିତୀୟ ପର୍ଯ୍ୟାୟରେ ଶ୍ରୀମନ୍ଦିର ବାହାର ରତ୍ନଭଣ୍ଡାର ରତ୍ନ ଅଳଙ୍କାର ଗଣତି ମଣତି କାର୍ଯ୍ୟ ଆରମ୍ଭ ହେବ। ଏସଓପି ଅନୁଯାୟୀ ଶନିବାର, ରବିବାର ଶ୍ରଦ୍ଧାଳୁ ଙ୍କ ଭିଡ଼ ପାଇଁ ଅଳଙ୍କାର ଗଣତି ମଣତି ହେବ ନାହିଁ ବୋଲି ନିଷ୍ପତ୍ତି ହୋଇଥିଲା। ତେବେ ଶନିବାର ମଧ୍ୟ ରତ୍ନ ଅଳଙ୍କାରର ଗଣତି ମଣତି କାର୍ଯ୍ୟ ହେବ ବୋଲି ଛତିଶା ନିଯୋଗ ବୈଠକରେ ନିଷ୍ପତ୍ତି ହୋଇଛି। ୮ ତାରିଖରୁ ୧୧ ତାରିଖ ଏବଂ ୧୩ ତାରିଖରେ ରତ୍ନ ଅଳଙ୍କାର ଗଣତି ମଣତି ହେବ। ଏଥିସହ ୧୬ ତାରିଖରୁ ୧୮ ତାରିଖ ଯାଏଁ ମଧ୍ୟ ଗଣତି ମଣତି କରାଯିବ ବୋଲି ନିଷ୍ପତ୍ତି ହୋଇଛି। ସେହିପରି ଆସନ୍ତା ୧୪ ତାରିଖ ଓଡ଼ିଆ ନବବର୍ଷରେ ମହାପ୍ରଭୁଙ୍କ ନୂତନ ରତ୍ନ ପଲଙ୍କ ବ୍ୟବହାର ହେବ। ନୂତନ ରତ୍ନ ପଲଙ୍କର ସଂସ୍କାର କରାଯିବା ପରେ ଏହା ବ୍ୟବହାର କରାଯିବ। ତିନୋଟି ନୂତନ ରତ୍ନ ପଲଙ୍କ ନିର୍ମାଣ କରାଯାଇଥିବା ବେଳେ ଏଥିରେ ରୂପା ଆଚ୍ଛାଦିତ କରାଯାଇଛି। ତେବେ ପୁରୁଣା ରତ୍ନ ପଲଙ୍କ ଶ୍ରୀମନ୍ଦିର ନିଳାଦ୍ରୀ ମ୍ୟୁଜିୟମରେ ରଖାଯିବ। ପରିଚାଳନା କମିଟି ବୈଠକ ରେ ନିଷ୍ପତ୍ତି ପରେ ପୁରୁଣା ରତ୍ନ ପଲଙ୍କ କେଉଁଠାରେ ରଖାଯିବ ସେନେଇ ନିଷ୍ପତ୍ତି ନିଆଯିବ ବୋଲି କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ। ଶ୍ରୀମନ୍ଦିର କାର୍ଯ୍ୟାଳୟ ରେ ଅନୁଷ୍ଠିତ ଛତିଶା ନିଯୋଗ ବୈଠକ ରେ ପୁରୀ ଜିଲ୍ଲାପାଳ, ଏସପି, ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀ, ଛତିଶା ନିଯୋଗ ସେବାୟତ ପ୍ରତିନିଧି ଉପସ୍ଥିତ ଥିଲେ।

## ଶ୍ରୀମନ୍ଦିର ଭିତରେ ପାର୍ଶ୍ୱ ଦେବଦେବୀ ମନ୍ଦିରର ହେବ ଆଲୋକୀକରଣ

**ପୁରୀ,୭।୪/ଏନ୍‌ଏନ୍‌ଏସ୍‌:** ଶ୍ରୀମନ୍ଦିର ସହିତ ଭିତର ବେଢାରେ ଥିବା ପାର୍ଶ୍ୱ ଦେବଦେବୀ ମନ୍ଦିର ଗୁଡିକର ସୁନ୍ଦର ଭାବେ କରାଯିବ ଆଲୋକୀକରଣ। ଏଥିପାଇଁ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଭାସୀ ମାଧ୍ୟମରେ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଏହି ବୈଠକକୁ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଏଏସଆଇ ଅଧିକାରୀ, ପରିଚାଳନା କମିଟି ସେବାୟତ ସଦସ୍ୟ, ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀଙ୍କ ସହିତ ଓବିସିସି ଅଧିକାରୀ ଉପସ୍ଥିତ ଥିଲେ। ପ୍ରସ୍ତାବିତ ଆଲୋକୀକରଣ ସକାଶେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କେତେକ ନିର୍ଦ୍ଦେଷ୍ଟ ପରାମର୍ଶ ଦିଆଯାଇଥିଲା। ଏଏସଆଇ ର ବୈଷୟିକ ପରାମର୍ଶ ଏବଂ ମାର୍ଗ ଦର୍ଶନରେ ବିସ୍ତୃତ ରୂପରେଖ ପ୍ରସ୍ତୁତି କରାଯାଇଥିବା ବେଳେ ଏହି କାର୍ଯ୍ୟ ଖୁବଶୀଘ୍ର ଆରମ୍ଭ କରାଯିବ। ଏଥିପାଇଁ ୧୭ରୁ ୧୮କୋଟି ଟଙ୍କାର ବଜେଟ ମଧ୍ୟ କରାଯାଇଛି। ଶ୍ରୀମନ୍ଦିର ଚାରିଦ୍ୱାର, ମେଘନାଦ ପାଚେରି, କୁରୁମବେଢା, ଜଗମୋହନ, ନାଟମଣ୍ଡପ, ଆନନ୍ଦ ବଜାରର ଆଲୋକୀକରଣ ହେବ। ସେହିପରି ଭିତର ବେଢ଼ାରେ ମା ଲକ୍ଷ୍ମୀ, ବିମଳାଙ୍କ ସହିତ ଅନ୍ୟାନ୍ୟ ପାର୍ଶ୍ୱ ଦେବାଦେବୀଙ୍କ ମନ୍ଦିରର ଆଲୋକୀକରଣ କରାଯିବ। ଶ୍ରୀମନ୍ଦିରକୁ ଆଲୋକୀକରଣ କରାଯିବା ପରେ ପୁରୀକୁ ଆସୁଥିବା ଶ୍ରଦ୍ଧାଳୁମାନେ ଏକ ନୂଆ ଅନୁଭୂତି ପାଇପାରିବେ। ଆସନ୍ତା ତିନିରୁ ଚାରିମାସ ମଧ୍ୟରେ ଏହି କାର୍ଯ୍ୟ ଶେଷ କରିବା ପାଇଁ ଲକ୍ଷ ରଖାଯାଇଛି ବୋଲି ପରିଚାଳନା କମିଟି ସଦସ୍ୟ ମଧୁସୁଦନ ସିଂହାରୀ କହିଛନ୍ତି।

## ସାଂଗଠନିକ ବୈଠକରେ ବିଜେଡିର ଗୋଷ୍ଠୀକନ୍ଦଳ



**ଗୋପ,୭।୪/ଏନ୍‌ଏନ୍‌ଏସ୍‌:** ମଙ୍ଗଳବାର ଗୋପ ବ୍ଲକର ୧୪ ପଞ୍ଚାୟତକୁ ନେଇ ବେଦପୁର ଗ୍ରାମ ପଞ୍ଚାୟତ ସ୍ଥିତ ମା ଜାଗୁଳାଇଙ୍କ ପୀଠରେ ନିର୍ବାଚନ ମଣ୍ଡଳୀ ସାଂଗଠନିକ ଦାୟିତ୍ୱରେ ଥିବା ସୁବ୍ରତ ଛାଟୋଇଙ୍କ ଅଧ୍ୟକ୍ଷତାରେ ଚାଲିଥିବା ବୈଠକରେ ନିଲମ୍ବିତ କର୍ମୀ ଓ ବିଜେଡି କର୍ମୀଙ୍କ ମଧ୍ୟରେ ମତଭେଦକୁ ନେଇ ମୁହାଁମୁହିଁ ହେବା ଘଟଣା ବିଜେଡି ଦଳର ଗୋଷ୍ଠି କନ୍ଦଳକୁ ପଦାରେ ପକାଇଛି। ସୂଚନା ଅନୁଯାୟୀ ନିମାପଡ଼ା ନିର୍ବାଚନ ମଣ୍ଡଳୀରେ ଗତ ନିର୍ବାଚନରେ ବିଧାୟକ ପ୍ରାର୍ଥୀ ହୋଇଥିବା ଦିଲ୍ଲୀପ କୁମାର ନାୟକ ଏକ ମାମଲାରେ ଜେଲରେ ରହିଥିବା ବେଳେ ବିଜେଡି ସଂଗଠନ ଦୁର୍ବଳ ହେବାରେ ଲାଗିଛି। ମଙ୍ଗଳବାର ବିଜେଡି ପକ୍ଷରୁ ସୁବ୍ରତ ଛାଟୋଇ ଗୋପ ବ୍ଲକ ଅଧିନସ୍ଥ ବେଦପୁର ଗ୍ରାମ ପଞ୍ଚାୟତର ବେଗୁନିଆ ସ୍ଥିତ ଜାଗୁଳାଇ ପୀଠରେ ଗୋପ ବ୍ଲକର ୧୪ ପଞ୍ଚାୟତକୁ ନେଇ ସାଂଗଠନିକ ବୈଠକ କରୁଥିବା ବେଳେ ଶ୍ରୀ ଛାଟୋଇଙ୍କୁ ବିରୋଧ କରି ଗୋପ ଗ୍ରାମ ପଞ୍ଚାୟତର ସମିତି ସଭ୍ୟାଙ୍କ ସ୍ୱାମୀ କୁନା ଦାସଙ୍କ ସମେତ କେତେକ କର୍ମୀ ବିରୋଧ କରିଥିଲେ। ଫଳରେ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ବୈଠକ ସ୍ଥଳ ରଣକ୍ଷେତ୍ର ପାଲଟିଥିଲା। ଦିଲ୍ଲୀପଙ୍କ ଅନୁପସ୍ଥିତିରେ କେତେକ କର୍ମୀଙ୍କୁ ନେଇ ଏଭଳି ବୈଠକକୁ ସାଧାରଣରେ ନାପସନ୍ଦ କରାଯାଇଥିବା ବେଳେ ଆଗାମୀ ଦିନରେ ନିମାପଡ଼ା ନିର୍ବାଚନ ମଣ୍ଡଳୀ ବିଜେଡିରେ କିଏ ନେତୃତ୍ୱ ନେବ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ବହୁ ପ୍ରତୀକ୍ଷିତ ରତନପୁର ଗ୍ରାମ ରାସ୍ତା ନିର୍ମାଣ ଆରମ୍ଭ

**କଣ୍ଟିଲୋ,୭।୪/ଏନ୍‌ଏନ୍‌ଏସ୍‌:** ୪୮ ନଂ ରାଜ୍ୟ ରାଜପଥ ସଂଲଗ୍ନ ଖଣ୍ଡପଡ଼ା ବ୍ଲକ ବଡ ବାଣପୁର ପଞ୍ଚାୟତ ଅନ୍ତର୍ଗତ ରତନପୁର ଗ୍ରାମ ମୁଖ୍ୟ ରାସ୍ତାଠାରୁ ମାତ୍ର ଅଳ୍ପ ଦୂର, ସେହି ରାସ୍ତାର ନିର୍ମାଣ କାର୍ଯ୍ୟ ଏବେ ଆରମ୍ଭ ହୋଇଛି। ସୂଚନାରୁ ପ୍ରକାଶ ଯେ, କାହିଁ କେଉଁ ମାନ୍ଧାତା ଅମଳରୁ ସେହି ଗ୍ରାମକୁ ଯାତାୟାତ ପାଇଁ ପକ୍କା ରାସ୍ତା ନଥିବାରୁ ସେଠାର ଅଧିବାସୀ ମାନେ ବହୁ ହଇରାଣ, ହରକତ ଓ ହୀନସ୍ତା ହେଉଥିବାର ନଜିର ଅଛି। ଗୋଟିଏ ସ୍ଥାୟୀ ରାସ୍ତା ପାଇଁ ପଞ୍ଚାୟତ ପ୍ରଶାସନ ଠାରୁ ଆରମ୍ଭ କରି ବ୍ଲକ, ତହସିଲ, ଜିଲ୍ଲା ପ୍ରଶାସନ ରେ ବହୁବାର ଲିଖିତ ଆପତ୍ତି କରିବା ସହିତ ରାଜ୍ୟ ସରକାରଙ୍କୁ ସାକ୍ଷାତ ହୋଇ ଲିଖିତ ଅଭିଯୋଗ କରିଥିଲେ ହେଁ କୌଣସି ପ୍ରତିକାର ନ ହେବା ଫଳରେ ବିଭିନ୍ନ ଗଣମାଧ୍ୟମ ଓ ଖବରକାଗଜରେ ଖବର ପ୍ରସାରିତ ହେବା ଫଳରେ ପ୍ରଶାସନ ବର୍ତ୍ତମାନ ଅଣ୍ଟା ଭିଡ଼ି ଉକ୍ତ ବହୁ ପ୍ରତୀକ୍ଷିତ ରତନପୁର ଗାଁକୁ ନୂତନ ରାସ୍ତା ନିର୍ମାଣ ଚାଲିଛି। ଆର୍‌ଆଇଙ୍କ ଦ୍ୱାରା ରାସ୍ତା ଅବରୋଧ କରିଥିବା ଜାଗା ଚିହ୍ନଟ ପରେ ଜବରଦଖଲକାରୀମାନଙ୍କୁ ତହସିଲଦାର, ବିଡ଼ିଓ ଓ ସ୍ଥାନୀୟ ପୁଲିସ ଅଧିକାରୀମାନେ ଉଚ୍ଛେଦ କରିବା ପରେ ରାସ୍ତା କାର୍ଯ୍ୟ ଆରମ୍ଭ ହୋଇଛି। ଏଥିପାଇଁ ରତନପୁର ଗ୍ରାମବାସୀ ଗଣମାଧ୍ୟମ ପ୍ରତିନିଧି ଓ ପ୍ରଶାସନିକ ଓ ପୁଲିସ ଅଧିକାରୀମାନଙ୍କୁ ଧନ୍ୟବାଦ୍ ଦେଇଛନ୍ତି।

## ଆହତ ହରିଣ ବନବିଭାଗକୁ ହସ୍ତାନ୍ତର

**ବାଲିପାଟଣା,୭।୪/ଏନ୍‌ଏନ୍‌ଏସ୍‌:** ବାଲିପାଟଣା ରେଞ୍ଜ ଅଧୀନ କୁଳନ୍ତିରା ବାଗିଲ ନାୟକସାହି ନିକଟରୁ ଗ୍ରାମବାସୀ ଏକ ଆହତ ହରିଣକୁ ଉଦ୍ଧାରକରି ମଙ୍ଗଳବାର



ବାଲିପାଟଣା ବନବିଭାଗକୁ ହସ୍ତାନ୍ତର କରିଛନ୍ତି। ସୂଚନା ମୁତାବକ ବାଗିଲ ଗାଁ ଆଡକୁ ଏକ ହରିଣ ଦୌଡ଼ି ଆସୁଥିବା ଦେଖି ଗାଁ ଲୋକ ତାକୁ ପିଛା କରିଥିଲେ। ତାକୁ ଧରିବାକୁ ଚେଷ୍ଟା କରିବାରୁ ହରିଣ ଏକ ପୋଖରୀକୁ ଡେଇଁ ପଡ଼ିଥିଲା। ଗାଁ ଯୁବକମାନେ ତାକୁ କାବୁ କରି ବନବିଭାଗକୁ ଯୋଗାଯୋଗ କରିଥିଲେ। ବନ ବିଭାଗ କର୍ମଚାରୀ ସେଠାରେ ପହଞ୍ଚି ହରିଣ ଟିକୁ ଉଦ୍ଧାର କରି ତାଙ୍କ ହେପାଜତକୁ ନେଇଛନ୍ତି। ଜୀବଟି ଆହତ ଥିବାରୁ ତାର ଚିକିତ୍ସା କରି ଜଙ୍ଗଲରେ ଛଡ଼ାଯିବ ବୋଲି ବିନବିଭାଗ କର୍ମଚାରୀ କହିଛନ୍ତି। ହରିଣଟି ନିକଟସ୍ଥ ଭଅଁରା ସଂରକ୍ଷିତ ଜଙ୍ଗଲ କିମ୍ବା କୋଣାର୍କ-ପୁରୀ ସଂରକ୍ଷିତ ଜଙ୍ଗଲରୁ ବାଟ ବଣା ହୋଇଥାଇପାରେ ବୋଲି ଅନୁମାନ କରାଯାଉଛି।

## ସିପିଆଇ ପକ୍ଷରୁ ବିଦ୍ୟୁତ୍ କାର୍ଯ୍ୟାଳୟ ଘେରାଉ




**ସାଲେପୁର,୭।୪/ଏନ୍‌ଏନ୍‌ଏସ୍‌:** ଟାଟା ପାୱାର ବିଦ୍ୟୁତ ବିତରକ କମ୍ପାନୀର ଗ୍ରାହକ ଶୋଷଣ ନୀତି ବିରୁଦ୍ଧରେ ସାଲେପୁର ଡିଭିଜନ ଅଧିନ ବହୁଗ୍ରାମ ବିଦ୍ୟୁତ କାର୍ଯ୍ୟାଳୟ ସମ୍ମୁଖରେ ସି.ପି.ଆଇ ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇ ଥିଲା। ଉଦେଶ୍ୟ ମୂଳକ ଭାବରେ ସି.ପି.ଆଇ ସଂଗଠନର ପୂର୍ଣ୍ଣିମା ମହାନ୍ତି, ରବୀନ୍ଦ୍ର ଖଟୁଆ ଓ ମେହେବୁବ ଆଲ୍ଲମଙ୍କୁ ବିଭିନ୍ନ ଆଳ ଦେଖାଇ ହଇରାଣ ହରକତ କରିବାର ଅଭିଯୋଗ, ୩୦୦ ୟୁନିଟ ମାଗଣା ବିଜୁଳି ପ୍ରଦାନ, ଲୋଭୋଟେଜ ସମସ୍ୟାର ସମାଧାନ, ଅଘୋଷିତ ବିଦ୍ୟୁତ କାଟ ନକରିବା ଓ ସ୍ମାର୍ଟ ମିଟର ପ୍ରତ୍ୟାହାର କରିବା ବିଭିନ୍ନ ଦାବିକୁ ନେଇ ବିକ୍ଷୋଭ ପଦର୍ଶନ କରିଥିଲେ। ଆଗାମୀ ଦିନରେ ଏହି ସମସ୍ତ ଦାବୀ ଉପରେ ବିଚାର କରାଯାଇ ସମାଧାନ କରାନଗଲେ ଜୋରଦାର ବିକ୍ଷୋଭ କରିବା ସହିତ ବିଦ୍ୟୁତ କାର୍ଯାଳୟକୁ ଘେରାଉକରି ରଖାଯିବ ବୋଲି ସି.ପି.ଆଇ ନେତା ଉଦୟ କେଶରୀ ବର୍ମା ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ସୁନାକାର ବରାଳ, ତ୍ରିଲୋକ୍ୟ ନାଥ, ସୁଦାମ ବାରିକ, ଅମରେନ୍ଦ୍ର ମହାନ୍ତି, ହରିହର ମହାନ୍ତି, ମୁରଲୀଧର କାହାଳି, ପ୍ରମୋଦ ପ୍ରଧାନ, ମାନସ ପରିଡା, ସେକ ରଜୁୱାନ, ସେକ ଅକ୍ତର ଓ ରମେଶ ନାୟକଙ୍କ ସମେତ ବହୁ ସାଥି ଯୋଗଦେଇଥିଲେ।

## ରାମଲୀଳାର ଦ୍ୱାଦଶ ସନ୍ଧ୍ୟାରେ କୁମ୍ଭକର୍ଣ୍ଣ ଓ ଇନ୍ଦ୍ରଜିତ ବଧ



**ମୁଣ୍ଡମୁହାଣ,୭।୪/ଏନ୍‌ଏନ୍‌ଏସ୍‌:** ଭୁବନେଶ୍ୱର ଉପକଣ୍ଠ ମୁଣ୍ଡମୁହାଣ ଗ୍ରାମର ରଘୁନାଥଙ୍କ ପୀଠରେ ରାମ ନାଟକ ଯାତ୍ରାର କୁମ୍ଭକର୍ଣ୍ଣ ବଧ ପ୍ରସଙ୍ଗଟି ସବୁଠାରୁ ଆକର୍ଷଣୀୟ, ଆଜିର ପ୍ରସଙ୍ଗରେ ବହୁ ଅସୁର ନିଧନ ହୁଅନ୍ତି, ଇନ୍ଦ୍ରଜିତ ମଧ୍ୟ ବ୍ରହ୍ମାସ୍ତ୍ର ପ୍ରୟୋଗ କରି ଲକ୍ଷ୍ମଣଙ୍କୁ ଅଚେତ କରନ୍ତି, ନାଗଫାଶରେ ଶ୍ରୀରାମ, ଲକ୍ଷ୍ମଣଙ୍କୁ ବନ୍ଧନ କରନ୍ତି, ସେହିପରି ରାବଣ ମାୟାସୀତା ପ୍ରସ୍ତୁତି କରି ଶ୍ରୀରାମଙ୍କ ଆଗରେ ତାକୁ ନିଧନ କରେ ଓ ଶ୍ରୀରାମ ଶୋକରେ ଆତୁର ହୋଇଯାଆନ୍ତି, ରାବଣର ମାୟା ରାମ, ଲକ୍ଷ୍ମଣଙ୍କ କଟାମୁଣ୍ଡ ନେଇ ସୀତାଙ୍କୁ ଦେଖାନ୍ତି ସୀତା ମଧ୍ୟ ଶୋକରେ ଆତୁର ହୋଇପଡନ୍ତି, ବାରମ୍ବାର ଯୁଦ୍ଧରେ ବିଫଳ ହେବାରୁ ରାବଣ ଆପଣାର ଯୋଦ୍ଧା ଭାଇ କୁମ୍ଭକର୍ଣ୍ଣକୁ ନିଦରୁ ଉଠାଏ, କୁମ୍ଭକର୍ଣ୍ଣ ଅବେଳାରେ ଉଠିବା ଏକ ଅଶୁଭଲକ୍ଷଣ ଥିଲା, ସେ ରାବଣ ପାଖରୁ ସବୁ ଶୁଣିବାପରେ ରାବଣର ସୀତା ହରଣ ଠିକ୍ ନୁହେଁ ବୋଲି କହିବାରୁ ରାବଣ କୁମ୍ଭକର୍ଣ୍ଣକୁ ଧିକାର କରି ବିଭୀଷଣ ପରି ରାମର ସରଣକୁ ଚାଲିଯିବାକୁ କହିବାରୁ ଭାତୃଭକ୍ତ କୁମ୍ଭକର୍ଣ୍ଣ ଯୁଦ୍ଧରୁ ବାହାରେ, କୁମ୍ଭକର୍ଣ୍ଣର ବିକଟାଳ ରୂପ ଦେଖି ସମସ୍ତ ବାନର ସେନା ଭୟରେ ଛତ୍ରଭଙ୍ଗ ଦିଅନ୍ତି, ନଳ, ନୀଳ ବୀର ମଧ୍ୟ ପରାସ୍ତ ହୁଅନ୍ତି, ଏଣୁ ବାନାରଙ୍କୁ ସାହାସ ଦେବା ପାଇଁ ନିଜେ ସୁଗ୍ରୀବ ଯୁଦ୍ଧକୁ ଆସି ପରାସ୍ତ ଓ ମୋହଗ୍ରସ୍ତ ହେବାପରେ କୁମ୍ଭକର୍ଣ୍ଣ ସୁଗ୍ରୀବକୁ କାଖ ତଳେ ଚାପି ଲଙ୍କା ପୁରକୁ ଫେରିବା ବାଟରେ ସୁଗ୍ରୀବ ଚେତା ପାଇ କୁମ୍ଭକର୍ଣ୍ଣର ନାସା ଓ କର୍ଣ୍ଣକୁ ଛିଣ୍ଡାଇ ରକ୍ତ ଜର୍ଜରିତ କରନ୍ତି, ଏଣୁ ଅତିଶୟ କ୍ରୋଧରେ କୁମ୍ଭକର୍ଣ୍ଣ ଭୟଙ୍କର ଯୁଦ୍ଧ କରେ, ମାତ୍ର ଶେଷରେ ରାମଚନ୍ଦ୍ର ଅର୍ଦ୍ଧଚନ୍ଦ୍ର ବାଣରେ କୁମ୍ଭକର୍ଣ୍ଣ ଶିର ଛେଦ କରନ୍ତି, ଆଜି ଦ୍ୱାଦଶ ସନ୍ଧ୍ୟାରେ କୁମ୍ଭକର୍ଣ୍ଣ ବଧ ଦୃଶ୍ୟ ଅତ୍ୟନ୍ତ ଜୀବନ୍ତ ଭାବେ ପ୍ରଦର୍ଶିତ ହୋଇଥିଲା,ନାଟକରେ ବିଭିନ୍ନ ଭୂମିକାରେ, ଭରତ ବାରିକ (ରାମ), ସୁନୀଲ ମଙ୍ଗରାଜ (ଲକ୍ଷ୍ମଣ), ମୁରଲୀ ପ୍ରଧାନ (ସୀତା), ସଙ୍କର୍ଷଣ ମଙ୍ଗରାଜ (ହନୁମାନ), ସନ୍ତୋଷ ପ୍ରଧାନ (ବ୍ରାଣ), ମହେଶ୍ୱର ମଙ୍ଗରାଜ (କୁମ୍ଭକର୍ଣ୍ଣ), ବେଣୁଧର ପ୍ରଧାନ (ଇନ୍ଦ୍ରଜିତ), କଳା ପ୍ରଦର୍ଶନ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା।

## ପଞ୍ଚାୟତରେ କଂଗ୍ରେସର ମିଶ୍ରଣ ପର୍ବ



**କୁଆଁପାଳ,୭।୪/ଏନ୍‌ଏନ୍‌ଏସ୍‌:** ମହାଙ୍ଗା ବ୍ଲକ ଅର୍ନ୍ତଗତ ପୋଡାମରାଇ ପଞ୍ଚାୟତର ସିନ୍ଧୁପୁର ଠାରେ ଏକ ମିଶ୍ରଣ ପର୍ବ ମାହାଙ୍ଗା ବ୍ଲକ କଂଗ୍ରେସ କମିଟିର ପୂର୍ବତନ ସଭାପତିଅଲେଖ ପ୍ରସାଦ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟ ଅତିଥିଭାବେ ମାହାଙ୍ଗାର ବରିଷ୍ଠ କଂଗ୍ରେସ ନେତା ଦେବେନ୍ଦ୍ର କୁମାର ସାହୁ ଯୋଗଦେଇ ଆଗାମୀ ପଞ୍ଚାୟତ ନିର୍ବାଚନ ପୂର୍ବରୁ ମାହାଙ୍ଗାରେ କଂଗ୍ରେସ ଦଳକୁ କିଭଳି ସୁଦୃଢ଼ କରାଯାଇପାରିବ ସେ ସଂପର୍କରେ ଆଲୋକପାତ କରିବା ସହ ମାହାଙ୍ଗା ଅଂଚଳରେ କିଭଳି ଭାବରେ ସାଧାରଣ ଜନତା ଅସୁବିଧା ସମ୍ମୁଖୀନ ହେଉଛନ୍ତି ସେ ସଂପର୍କରେ ମତବ୍ୟକ୍ତ କରିଥିଲେ। ଶ୍ରୀ ସାହୁଙ୍କ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରି ଓ କଂଗ୍ରେସ ଦଳର ନୀତି ଓ ଆଦର୍ଶରେ ଅନୁପ୍ରାଣୀତ ହୋଇ ଶତାଧିକ ଯୁବକର୍ମୀ ଅନ୍ୟଦଳ ଛାଡି କଂଗ୍ରେସ ଦଳରେ ଯୋଗଦେଇଥିଲେ। ସେମାନଙ୍କୁ ମୁଖ୍ୟଅତିଥି ସ୍ୱାଗତ କରିଥିଲେ। ନବାଗତ କର୍ମୀମାନଙ୍କ ମଧ୍ୟରୁ ରଶ୍ମିରଂଜନ ରାଉତ, କ୍ଷୀରୋଦ କୁମାର ସାହୁ, ଅଜୟ କୁମାର ମଲ୍ଲିକ, ସୁରେନ୍ଦ୍ର କୁମାର ଦାସ, ଭାଗ୍ୟଧର ପୃଷ୍ଟି, ହରିହର ସାହୁ, ଗୁରୁଚରଣ ଦାସ, ରବିନ୍ଦ୍ର କୁମାର ଦାସ, ଅକ୍ଷୟ କୁମାର ଦାସ, ମଧୁସୁଦନ ଜଟ, ଅମରେଶ ଜଟ, ଉମ୍ବରୁଧର ରାୟ, ଧୀରେନ୍ଦ୍ର ଜଟ, ରାଧୁ ଓଝା, ବାଦଲ ମଲିକ, ଅଶୋକ କୁମାର ମଲିକ, ରମେଶ ଚନ୍ଦ୍ର ମହାରଣା, ସୁକଦେବ ମହାରଣା, ଦିପ୍ତିରଂଜନ ବାରିକ, ରାଜକିଶୋର ରଥ, ଅକ୍ଷୟ ମହାରଣା, ପୂର୍ଣ୍ଣାନନ୍ଦ ଓଝା, ନାରାୟଣ ଓଝା, ରମେଶ ଚନ୍ଦ୍ର ଓଝା, ପ୍ରବୀଣ କୁମାର ସାହୁ, ଅର୍ବଶ୍ରୀ ଭଙ୍ଗୁଦତ୍ତ ଦାସଙ୍କ ସମେତ ବହୁ କର୍ମୀ କଂଗ୍ରେସ ଦଳରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଯୁବସଂଗଠକ ଉତ୍ତମ କୁମାର ବେହେରା, ଦେବେନ୍ଦ୍ର କୁମାର ପରିଡା, ପ୍ରଶାନ୍ତ ଖଟୁଆ, ସୋମନାଥ ଜେନା, କରୁଣାକର ଖଟୁଆ, ସାନ୍ତଟି ରାଉତ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ। ସ୍ୱାଧୀନ ବିଧାୟକଙ୍କ ପଞ୍ଚାୟତରେ କଂଗ୍ରେସର ଏହିଭଳି ମିଶ୍ରଣ ପର୍ବ କରାଯିବା ନେଇ ସାଧାରଣରେ ଚର୍ଚ୍ଚା ହେଉଛି। ଆଗାମୀ ପଞ୍ଚାୟତ ନିର୍ବାଚନ ପୂର୍ବରୁ ମାହାଙ୍ଗାରେ କଂଗ୍ରେସତାର ସ୍ଥିତିକୁ ମଜବୁତ କରୁଥିବା ଦେଖିବାକୁ ମିଳିଛି।

## ବିଜେପି ପ୍ରତିଷ୍ଠା ଦିବସରେ ସଡ଼କ ପ୍ରଶସ୍ତିକରଣ ପ୍ରକଳ୍ପ ଶୁଭାରମ୍ଭ



**ଡେଲାଙ୍ଗ,୭।୪/ଏନ୍‌ଏନ୍‌ଏସ୍‌:** ବିଜେପିର ପ୍ରତିଷ୍ଠା ଦିବସ ଗଡ଼ ମୋଟରୀ ମଣ୍ଡଳର ବସନ୍ତପୁର ଗ୍ରାମର ଆରାଧ୍ୟା ମା' ଜାଗେଶ୍ୱରୀ ପୀଠରେ ଅନୁଷ୍ଠିତ ହୋଇଯାଇଛି। ପୁରୀ ଜିଲ୍ଲା ସାଧାରଣ ସମ୍ପାଦକ ତଥା ବିଶିଷ୍ଟ ଶିକ୍ଷା ସଂଗଠକ ଗଙ୍ଗାଧର ବରାଳଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସମାବେଶରେ ପୁରୀ ଲୋକସଭା ସାଂସଦ ଡା. ସମ୍ବିତ ପାତ୍ର, ସ୍ଥାନୀୟ ବିଧାୟକ ଆଶ୍ରିତ ପଟନାୟକ, ଜିଲ୍ଲା କାର୍ଯ୍ୟକର୍ତ୍ତା ରମାକାନ୍ତ ନାୟକ, ଶ୍ୱେତ କୁମାର ନାୟକ ପ୍ରମୁଖ ଦଳର ଦିବଂଗତ ନେତାଙ୍କ ସ୍ମୃତି ଚାରଣ କରିବା ସହ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକଶିତ ଗାଁ, ବିକଶିତ ଭାରତ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଜୀଙ୍କ ବିକଶିତ ଓଡିଶା କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ସାଂସଦ ଡା. ପାତ୍ର ଓ ବିଧାୟକ ଶ୍ରୀ ପଟନାୟକ ପଟନାୟକିଆ-ଡେଲାଙ୍ଗ-ଖୋର୍ଦ୍ଧା ସଡ଼କ ସଲଗ୍ନ ବଣି ବକ୍ରେଶ୍ୱର ମନ୍ଦିର ଛକ ଠାରୁ ବସନ୍ତପୁର ପର୍ଯ୍ୟନ୍ତ ୪କିମି ରାସ୍ତା ପାଇଁ ୩କୋଟି ୮ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ସଡ଼କର ପ୍ରଶସ୍ତିକରଣ କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ଗ୍ରାମ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଅନିଲ କୁମାର ସେଠି ଓ ସହକାରୀ ଯନ୍ତ୍ରୀ ସରୋଜ କୁମାର ପଣ୍ଡା ସଡ଼କ ପ୍ରଶସ୍ତିକରଣ କାର୍ଯ୍ୟ ଦ୍ୱାରା ଭାରୀଯାନ ଯାତାୟାତ ସମ୍ଭବ ହେବା ସହ ସ୍ଥାନୀୟ ଲୋକଙ୍କ ଯାତାୟତ ପଥ ସୁଗମ ହୋଇପାରିବ ବୋଲି ସୂଚନା ଦେଇଥିଲେ। ପ୍ରାୟ ପାଞ୍ଚଶହରୁ ଉର୍ଦ୍ଧ୍ୱ ଦଳୀୟ ମହିଳା ଓ ପୁରୁଷ କର୍ମୀ ସମାବେଶରେ ଉପସ୍ଥିତ ଥିଲେ।

### ୨୨୪ତମ ଦଶପଲ୍ଲା ଲଙ୍କାପୋଡ଼ି ଯାତ୍ରା ଶେଷ

## ରାବଣ ବଧ ଦେଖିବାକୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ





**ଦଶପଲ୍ଲା,୭।୪/ଏନ୍‌ଏନ୍‌ଏସ୍‌:** ୨୨୪ତମ ଦଶପଲ୍ଲାର ଐତିହାସିକ ଲଙ୍କାପୋଡି ଯାତ୍ରା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଯାତ୍ରାର ଦ୍ୱାଦଶ ଦିବସରେ ଇନ୍ଦ୍ରଜିତ ବଧ ଓ ମୁଖ୍ୟ ମଞ୍ଚ ଠାରୁ ଏକ କିଲୋମିଟର ଦୂର ଗାନ୍ଧୀମୈଦାନଠାରେ ରାବଣ ବଦ୍ଧ ଅନୁଷ୍ଠିତ ହୋଇଥିଲା। ରାମାୟଣ କଥାବସ୍ତୁ ଅନୁସାରେ କୁମ୍ଭକର୍ଣ୍ଣ ବଦ୍ଧ ପରେ ରାବଣ ମର୍ମାହତ ହୋଇପଡ଼େ। ଏହି ସମୟରେ ରାବଣ ପୁତ୍ର ଇନ୍ଦ୍ରଜିତ, ରାମ ଓ ଲକ୍ଷ୍ମଣଙ୍କୁ ପରାସ୍ତ କରିବା ପାଇଁ ନିକୁମ୍ଭୀଳା ବଟ ଠାରେ ଯଜ୍ଞ ଆରମ୍ଭ କରେ। ଏହି ଗୁପ୍ତ ଜାଣିପାରି ବିଭୀଷଣ ରାମ, ଲକ୍ଷ୍ମଣଙ୍କ ସହ ବାନରସେନା ଧରି ସେଠାରେ ପହଞ୍ଚି ଇନ୍ଦ୍ରଜିତର ଯଜ୍ଞ ଭଙ୍ଗ କରନ୍ତି। ଏହାପରେ ଉତ୍କ୍ଷିପ୍ତ ଇନ୍ଦ୍ରଜିତଙ୍କ ସହ ଲକ୍ଷ୍ମଣଙ୍କ ଘମାଘୋଟ ଯୁଦ୍ଧ ହୁଏ ଓ ଶେଷରେ ଇନ୍ଦ୍ରଜିତ ବଧ ହୁଏ ଓ ଇନ୍ଦ୍ରଜିତ ବଧ ପରେ ମର୍ମାହତ ରାବଣ ଯୁଦ୍ଧ କରିବାକୁ ଆସେ। ରାମ ରାବଣ ଯୁଦ୍ଧରେ ରାବଣ ଏକଘନୀ ଅସ୍ତ୍ର ପ୍ରୟୋଗରେ ଲକ୍ଷ୍ମଣଙ୍କ ଶକ୍ତି ଭେଦ ହୁଏ। ଶ୍ରୀରାମଙ୍କ ସେନା ମଧ୍ୟରେ ଶୋକର ବାତାବରଣ ସୃଷ୍ଟିହୁଏ। ଏହାପରେ ହନୁମାନ ବିଶଲ୍ୟକରଣୀ ପତ୍ର ଚିହ୍ନି ନପାରି ଗନ୍ଧମାର୍ଦ୍ଦନ ଶୃଙ୍ଗକୁ ଭାଙ୍ଗି ଉଠାଇ ନେଇ ଆଣନ୍ତି। ଅଯୋଧ୍ୟା ଉପରଦେଇ ହନୁମାନ ଆସିଲାବେଳେ ଭରତଙ୍କ ବାଟୁଳିରେ ସେ ଭୁଲରେ ଖସି ପଡ଼ନ୍ତି ଓ ପରେ ହନୁମାନ ସୂର୍ଯ୍ୟ ଉଦୟ ପୂର୍ବରୁ ଗନ୍ଧମାର୍ଦ୍ଦନକୁ ଧରି ଲକ୍ଷ୍ମଣଙ୍କ ନିକଟରେ ପହଞ୍ଚନ୍ତି। ବୈଦ୍ୟ ଗୁରୁ ସୁଷେଣଙ୍କ ବିଶଲ୍ୟ ଲେପନରେ ଲକ୍ଷ୍ମଣ ସୁସ୍ଥ ହୁଅନ୍ତି।

ଏହାପରେ ରାବଣର ଶେଷପୁତ୍ର ଠୁଳ ଜଙ୍ଘ ଯୁଦ୍ଧକୁ ଆସେ ଓ ରାମଙ୍କ କଥା ଜାଣି ରାମଙ୍କ ହାତରେ ନିହତ ହୁଏ। ଶେଷରେ ରାବଣ ପୁଷ୍ପକଯାନରେ ଆସି ରାମ ଓ ଲକ୍ଷ୍ମଣଙ୍କ ସହ ଭୟଙ୍କର ମାୟା ଯୁଦ୍ଧ ଆରମ୍ଭ କରେ ଏବଂ ଶେଷରେ ପ୍ରଭୁ ଶ୍ରୀରାମଙ୍କ ବ୍ରହ୍ମଅସ୍ତ୍ରରେ ରାବଣର ବଧ ହୁଏ। ପରେ ବିଭୀଷଣଙ୍କ ରାଜ୍ୟାଭିଷେକ ଓ ସୀତାଙ୍କ ଅଗ୍ନି ପରୀକ୍ଷା ପରେ ଭାଇ ଲକ୍ଷ୍ମଣ ଓ ସୀତାଙ୍କ ସହ ବାନରସେନାକୁ ଧରି ପ୍ରଭୁ ଶ୍ରୀରାମ ପୁଷ୍ପକ ଯାନରେ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କରନ୍ତି। ରାମ ରାବଣ ଯୁଦ୍ଧ ବେଶ ମନ ମୁଗ୍ଧକର ହୋଇଥିବା ବେଳେ ହଜାର ହଜାର ଦର୍ଶକଙ୍କ ଗହଣରେ ରାମଙ୍କ ବ୍ରହ୍ମ ଅସ୍ତ୍ରରେ ରାବଣକୁ ବଧକରି ପୁଣି ଫେରି ଆସିବା ଦୃଶ୍ୟ ବେଶ ମନମୁଗ୍ଧକର ହୋଇଥିଲା। ରଥ ଉପରେ ରାମ, ଲକ୍ଷ୍ମଣ ଓ କାଠରେ ନିର୍ମିତ ଚଳନକ୍ଷମ ରାବଣ ମଧ୍ୟରେ ଏକ କିଲୋମିଟର ବ୍ୟାପି ଯୁଦ୍ଧ ଦେଖିବାକୁ ହଜାର ହଜାର ସଂଖ୍ୟାରେ ଲୋକଙ୍କ ଜନସମାଗମ ହୋଇଥିଲା। ରାବଣ ବଧ ପରେ ଆତସବାଜିରେ ପ୍ରକମ୍ପିତ ହୋଇ ଉଠିଥିଲା ଦଶପଲ୍ଲା ସହରଙ୍ଗ ଶାନ୍ତିଶୃଙ୍ଖଳା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

## ସତ୍ୟଭାମା ଶବ୍ଦରାଗ ମହୋତ୍ସବ ପାଇଁ ପ୍ରସ୍ତୁତି

**ସାକ୍ଷୀଗୋପାଳ,୭।୪/ଏନ୍‌ଏନ୍‌ଏସ୍‌:** ବରାଳ ଗ୍ରାମର ଡ. ଦେବୀ ପ୍ରସାଦ ମହାପାତ୍ରଙ୍କ ବାସଭବନ ନିକଟରେ ସତ୍ୟଭାମା ଶବ୍ଦରାଗ ମହୋତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ରବୀ ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସତ୍ୟଭାମା ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଦେବୀ ପ୍ରସାଦ ମହାପାତ୍ରଙ୍କ ପ୍ରରମ୍ଭିକ ସୁଚନା ପରେ ସମସ୍ତ ସଭ୍ୟ ନିଜ ନିଜର ପ୍ରସ୍ତାବ ଆଗତ କରିଥିଲେ। ଗତ ଏପ୍ରିଲ ୧୯ ତାରିଖ ରବିବାର ସକାଳ ୧୦ ଘଟିକାରୁ ସଭାକାର୍ଯ୍ୟ ଆରମ୍ଭ ସହ ମନୋଜ୍ଞ ମାଆ ଉପରେ କବିତା ପାଠୋତ୍ସବ କରାଯିବାକୁ ଧାର୍ଯ୍ୟ କରାଯାଇଥିଲା। ସମସ୍ତ ଉପସ୍ଥିତ କବି ମାନଙ୍କୁ ସମ୍ମାନିତ କରିବା ସହ ବିଭିନ୍ନ କଳା ସଂସ୍କୃତି, ସମାଜସେବା ଓ ଭାଷା ସାହିତ୍ୟ ଉପରେ ଜୀବନ ବ୍ୟାପି ସାଧନା ଜାରି ରଖିଥିବା କିଛି ବ୍ୟକ୍ତିତ୍ୱମାନଙ୍କୁ ସମ୍ବର୍ଦ୍ଧିତ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଭିନ୍ନ ଭିନ୍ନ ଦାୟିତ୍ୱ ତୁଲାଇବା ସହ କିଭଳି ସତ୍ୟଭାମା ଶବ୍ଦରାଗ ମହୋତ୍ସବକୁ ଶୃଙ୍ଖଳା ସହ ସମାପନ କରାଯିବ, ସେ ଦିଗରେ ଆଲୋଚନା ହୋଇ କାର୍ଯ୍ୟାବଳୀ ତିଆରି କରିବା ସହ ସଂଯୋଜନା, ପରିଚାଳନା ଓ ଅତିଥି ଆସନ ସମ୍ବୋର୍ଦ୍ଧିତ ଆଲୋଚିତ ହୋଇ ସର୍ବସମ୍ମତି ରୂପେ ଗୃହୀତ ହୋଇଥିଲା। ଏଥିରେ ମାନସ ରଂଜନ ପଟ୍ଟ ନାୟକ, ରମେଶ ଚନ୍ଦ୍ର ପଲେଇ, କବି ଶବ୍ଦଭାରତୀ ଦେବଦତ୍ତ ପ୍ରଧାନ, ବିଶ୍ୱନାଥ ବିଶ୍ୱାଳ, ସଦାଶିବ ବରାଳ, ସୁଧିର କୁମାର ସ୍ୱାଇଁ, ପ୍ରତାପ କୁମାର ପ୍ରଧାନ, ରବୀନ୍ଦ୍ର ସାହୁ, ପୂର୍ଣଚନ୍ଦ୍ର ପଣ୍ଡା,କାର୍ତିକ ରାଉତ, ବିଜୟଚନ୍ଦ୍ର ସାମନ୍ତରାୟ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିବା ବେଳେ ଡେଲାଙ୍ଗ ବ୍ଲକ ଜେନାପୁର ସରପଞ୍ଚ ବିଶ୍ୱନାଥ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ୧୬ ବର୍ଷ ଫେରାର୍ ଥିବା ପାକ୍ ଆତଙ୍କୀ ଗିରଫ

**ଶ୍ରୀନଗର,୭/୪/ଏଜେନ୍ସି:** ଜମ୍ମୁ-କଶ୍ମୀର ପୁଲିସ୍ ଲସ୍କର-ଏ-ତୋଇବା ସହ ଜଡ଼ିତ ପାଞ୍ଚ ଲୋକଙ୍କୁ ଗିରଫ କରିଛି। ଏମାନଙ୍କ ମଧ୍ୟରେ ଦୁଇଜଣ ପାକିସ୍ତାନୀ ଆତଙ୍କୀ ଥିବାବେଳେ ଅନ୍ୟମାନେ ସେମାନଙ୍କୁ ସହାୟତା ଦେଉଥିଲେ। ଜଣେ ଆତଙ୍କୀର ଚିହ୍ନଟ ଅବ୍ଦୁଲ୍ଲା ଓରଫ୍ ଅବୁ ହୁରେରା ଭାବେ ହୋଇଥିବା ବେଳେ ସେ ୧୬ ବର୍ଷ ଧରି ଫେରାର୍ ଥିଲା। ସେହିପରି ଅନ୍ୟତମ ଆତଙ୍କୀ ନାମ ଉସ୍‌ମାନ୍ ଓରଫ୍ ଖୁବେବ। ଏହି ଅପରେସନ୍‌ରେ ଜମ୍ମୁ-କଶ୍ମୀର ପୁଲିସ୍ ସହିତ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକ ମଧ୍ୟ ସାମିଲ ଥିଲେ। ଏହି ସର୍ଚ୍ଚ ଅପସରେସନ୍ ଜମ୍ମୁ-କଶ୍ମୀର, ରାଜସ୍ଥାନ ଏବଂ ହରିଆଣା ସମେତ ୧୯ ସ୍ଥାନରେ ହୋଇଥିଲା।

# ବିସିସିଆଇ ଏଲିଟ୍ ଅଣ୍ଡର-୧୯ ବାଳିକା କ୍ୟାମ୍ପ୍ ପାଇଁ ଶ୍ରେୟା ପ୍ରିୟଦର୍ଶିନୀ ମନୋନୀତ

**କଟକ,୭/୪/ଏନ୍ଏନ୍ଏସ୍:** ଓଡ଼ିଶାର ଶ୍ରେୟା ପ୍ରିୟଦର୍ଶିନୀ ବିସିସିଆଇ ସେଣ୍ଟର୍ ଅଫ୍ ଏକ୍ସଲେନ୍ସ (ସିଓଇ) ତତ୍ତ୍ୱାବଧାନରେ ହେବାକୁ ଥିବା ସମ୍ମାନଜନକ ୧୯ ବର୍ଷରୁ କମ୍ ଏଲିଟ୍ ବାଳିକା କ୍ୟାମ୍ପ୍ ୨୦୨୬ ପାଇଁ ମନୋନୀତ ହୋଇଛନ୍ତି। ସର୍ବଭାରତୀୟ ମହିଳା ଚୟନ କମିଟି ଏଥି ପାଁ ଶ୍ରେୟାଙ୍କୁ ଚୟନ କରିଛନ୍ତି। ଏପ୍ରିଲ୍ ୨୭ରୁ ମେ’ ୨୩ ତାରିଖ ପର୍ଯ୍ୟନ୍ତ ବେଙ୍ଗାଲୁରୁସ୍ଥିତ ସେଣ୍ଟର୍ ଅଫ୍ ଏକ୍ସଲେନ୍ସରେ ଆୟୋଜିତ ହେବାକୁ ଥିବା କ୍ୟାମ୍ପ୍ ପାଇଁ ତାଙ୍କୁ ଟିମ୍-ଏ’ରେ ସାମିଲ କରାଯାଇଛି। ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ (ଓସିଏ) ପଙ୍କଜ ଲୋଚନା ମହାନ୍ତି, ସମ୍ପାଦକ



ସଞ୍ଜୟ ବେହେରାଙ୍କ ସମେତ ସମସ୍ତ ପଦାଧିକାରୀ ଏଥିପାଇଁ ଶ୍ରେୟା ପ୍ରିୟଦର୍ଶିନୀଙ୍କୁ ଶୁଭେଚ୍ଛା ଜଣାଇବା ସହିତ ତାଙ୍କ ଭବିଷ୍ୟତ ପ୍ରୟାସର ସଫଳତା କାମନା କରିଛନ୍ତି।

**ମୁଖ୍ୟ ଶାସନ ସଚିବଙ୍କ ବିକାଶ କାର୍ଯ୍ୟ ସମୀକ୍ଷା**

# କନ୍ଧମାଳର ପର୍ଯ୍ୟଟନ ବିକାଶର ମୂଳ ଆଧାର: ମୁଖ୍ୟ ସଚିବ

**ଭୁବନେଶ୍ୱର,୭ ।୪ /ଏନ୍ଏନ୍ଏସ୍:** ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କନ୍ଧମାଳ ଜିଲ୍ଲା ସଂପର୍କିତ ବିଭିନ୍ନ ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ଗତ ଜାନୁଆରୀ ମାସରେ ତାଙ୍କର କନ୍ଧମାଳ ଗସ୍ତ ସମୟରେ ଜିଲ୍ଲାରେ, ଶିକ୍ଷା, ସ୍ୱାସ୍ଥ୍ୟ ସେବା, ଭିତ୍ତିଭୂମି ବିକାଶ, ଜୀବିକା ନିର୍ବାହ କାର୍ଯ୍ୟକ୍ରମ, କୃଷି, ପର୍ଯ୍ୟଟନ ଆଦି କ୍ଷେତ୍ରରେ ତାଙ୍କର ଦୃଷ୍ଟିକୁ ଆସିଥିବା ବିଭିନ୍ନ ସମସ୍ୟାର ସମାଧାନ ସହିତ ଜିଲ୍ଲାରେ ଆଗାମୀ ସମ୍ଭାବନା ସଂପର୍କରେ ବୈଠକରେ ଆଲୋଚନା କରିଥିଲେ। କନ୍ଧମାଳର ପ୍ରମୁଖ ଆକର୍ଷଣ ଦାରିଙ୍ଗବାଡି ନିକଟସ୍ଥ ଦର୍ଶନୀୟ ସ୍ଥାନ ହିଲ୍ ଭ୍ୟୁ ପାର୍କ, ନେଚର ପାର୍କ, କଫି ବଗିଚା, ଜିଲ୍ଲାର ବିଭିନ୍ନ ସ୍ଥାନରେ ଥିବା ଝରଣା ଓ ଜଳପ୍ରପାତ ଆଦି ସ୍ଥାନ ଗୁଡିକର ବିକାଶ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଦାରିଙ୍ଗବାଡି ଓ ଜିଲ୍ଲାରେ ବିଭିନ୍ନ ଅଂଚଳରେ ପର୍ଯ୍ୟଟନର ବିକାଶ ଓ ଏହା ଯେପରି ସ୍ଥାନୀୟ ଅଞ୍ଚଳର ଆର୍ଥିକ ବିକାଶରେ ସହାୟକ ହେବ, ସେ ସଂପର୍କରେ ପଦକ୍ଷେପ ନେଇ ପର୍ଯ୍ୟଟନ ବିଭାଗ ସଚିବଙ୍କ ସହିତ ଆଲୋଚନା କରି ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି। ଦାରିଙ୍ଗବାଡି କଫି ବଗିଚାର ଉନ୍ନତିକରଣ ସହ ଜିଲ୍ଲାରେ ସମନ୍ୱିତ କୃଷି , କନ୍ଧମାଳ ହଳଦି, ମସଲା, ଗୋଲମରିଚ, ଷ୍ଟ୍ରବେରୀ ଚାଷ ଉପରେ



ଆଲୋଚନା କରାଯାଇଥିଲା। ଏଥି ସହିତ ମହୁ, ତେନ୍ତୁଳି ଆଦି ଜଙ୍ଗଲ ଜାତ ଦ୍ରବ୍ୟ ଜୀବିକାର୍ଜନ ସୃଷ୍ଟିରେ ସହାୟକ ହେଉଥିବାରୁ ଏଥି ନେଇ ଉନ୍ନତ ପ୍ୟାକେଜିଂ ବ୍ୟବସ୍ଥା, ବଜାର ସୁବିଧା କରି ସ୍ଥାନୀୟ ଲୋକଙ୍କ ଆର୍ଥିକ ଉନ୍ନତି ପାଇଁ ଗୁରୁତ୍ୱ ଦିଆଯାଇଛି।

ଜିଲ୍ଲାପାଳ, କନ୍ଧମାଳ ବେଦଭୂଷଣ ଜିଲ୍ଲାର ବିକାଶ ପାଇଁ ୨୫ ଟି ପ୍ରମୁଖ ପଦକ୍ଷେପ ସଂପର୍କରେ ଉପସ୍ଥାପନ କରିଥିଲେ। ପର୍ଯ୍ୟଟନ ସହିତ ସମାବେଶୀ ବିକାଶ, ଡିଜିଟାଲ ସଂଯୋଗୀକରଣ ବୃଦ୍ଧି , କ୍ଷୁଦ୍ର ଜଳସେଚନ ମାଧ୍ୟମରେ ଜଳସେଚନ ସୁବିଧା, ଫୁଲବାଣୀରେ ମେଗା ପାଇପ୍ ଯୋଗେ ଜଳସେଚନ ପ୍ରକଳ୍ପକୁ ଶୀଘ୍ର ସାରିବା, ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ସଂଯୋଗୀକରଣ, ରେଳପଥ ସଂଯୋଗୀକରଣ, କନ୍ଧମାଳ-ଗାଜଲବାଡି ରାସ୍ତାର ସଂପ୍ରସାରଣ ଏବଂ ଜିଲ୍ଲାରେ ବିଦ୍ୟୁତ୍ ଭିତ୍ତିଭୂମିର ଅଧିକ ଉନ୍ନତି ସମ୍ପର୍କରେ ପଦକ୍ଷେପ ନିଆଯିବାକୁ ବୈଠକରେ ଆଲୋଚନା ହୋଇଥିଲା। ତତ୍ ସହିତ କୃଷି ଉଦ୍ୟୋଗ, ସମନ୍ୱିତ ଏମଏସଏମଇ ପାର୍କ ସ୍ଥାପନ ରଣନୀତି, ଆଦର୍ଶ ସ୍କୁଲ ଓ ଛାତ୍ରାବାସ ନିର୍ମାଣ, ପ୍ରାଥମିକ ସ୍ୱାସ୍ଥ୍ୟ ସେବାରେ ଅଧିକ ଉନ୍ନତି, ଗ୍ରାମୋଦୟ ଯୋଜନାରେ ବିଭିନ୍ନ କାର୍ଯ୍ୟକ୍ରମ ଓ ମୌଳିକ ଆବଶ୍ୟକତା ପୂରଣ ଓ ବିକାଶକୁ ପ୍ରାଥମିକତା, ବିଭିନ୍ନ ଅଞ୍ଚଳରେ ପାଠାଗାର ନିର୍ମାଣ, ସୌର ଚାଳିତ ତାରବାଡ ବ୍ୟବସ୍ଥା ଜରିଆରେ କୃଷି କ୍ଷେତ୍ରକୁ ସୁରକ୍ଷା ଦେବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଂଜନ କୁମାର ସିଂ, ଗୃହ, ଶିଳ୍ପ ଓ ସୂଚନା ଓ ଲୋକସଂପର୍କ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମାଙ୍କ ସମେତ ଓପିଟିସିଏଲର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ, ପର୍ଯ୍ୟଟନ, ଶିକ୍ଷା, ସ୍ୱାସ୍ଥ୍ୟ, ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସଂପ୍ରଦାୟ ଓ ପଛୁଆ ବର୍ଗ, କଲ୍ୟାଣ, କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ମିଶନ ଶକ୍ତି ଆଦି ବିଭିନ୍ନ ବିଭାଗର ସଚିବ ଏବଂ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ଏବଂ ଜିଲ୍ଲାପାଳ, କନ୍ଧମାଳଙ୍କ ସମେତ ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଆଭାସୀ ମାଧ୍ୟମରେ ଉପସ୍ଥିତ ଥିଲେ।

**ନବୀନ ନିବାସରେ ଜିଲ୍ଲାର ବିଜେଡି ବିଧାୟକ, ନେତୃବୃନ୍ଦ**

# ଯାଜପୁର ବିକାଶ କାର୍ଯ୍ୟର ସ୍ଥାଣୁତା ନେଇ ନବୀନଙ୍କ କ୍ଷୋଭ

**ଭୁବନେଶ୍ୱର,୭/୪/ଏନ୍ଏନ୍ଏସ୍:** ନୂଆ ସରକାର ଦାୟିତ୍ୱ ନେବା ପରେ ଯାଜପୁର ଜିଲ୍ଲାରେ ଯେଉଁ ବିକାଶ କାର୍ଯ୍ୟ ଚାଲିଥିଲା, ସେହି କାର୍ଯ୍ୟରେ ସ୍ଥାଣୁତା ଦେଖା ଦେଇଛି। ଏନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ। ମଙ୍ଗଳବାର ସକାଳେ ଯାଜପୁର ଜିଲ୍ଲା ବିଜୁ ଜନତା ଦଳର ବିଧାୟକ ଗଣ ତଥା ନେତୃବୃନ୍ଦ ନବୀନ ନିବାସରେ ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ଶ୍ରୀ ପଟ୍ଟନାୟକଙ୍କୁ ଭେଟି ଜିଲ୍ଲାର ରାଜନୈତିକ ପରିସ୍ଥିତି ଓ ବିକାଶ କାମ ସମ୍ପର୍କରେ ଆଲୋଚନା କରିଥିଲେ। ସେମାନେ ପଞ୍ଚାୟତ ଓ ପୌରାଞ୍ଚଳର ନିର୍ବାଚିତ ପ୍ରତିନିଧିଙ୍କ କ୍ଷମତା ବିଜେପି ସରକାର ସଂକୁଚିତ କରି ଦେଇଥିବାରୁ ପରିସ୍ଥିତି କିପରି ଅଧିକ ଗମ୍ଭୀର ହୋଇଛି ସେ ସମ୍ପର୍କରେ ନେତୃବୃନ୍ଦ ନବୀନଙ୍କୁ ଅବଗତ କରିଥିଲେ। ସେହିପରି ବ୍ୟାପକ ରାଜନୈତିକ ହସ୍ତକ୍ଷେପ ଯୋଗୁଁ ଜିଲ୍ଲାରେ ଆଇନ ଶୃଙ୍ଖଳା ପରିସ୍ଥିତିରେ ଅବନତି ଘଟିଛି ଏବଂ ଜନସାଧାରଣ ବିଶେଷ କରି ମା’ମାନେ



ଅସୁରକ୍ଷିତ ହୋଇ ପଡ଼ିଛନ୍ତି ବୋଲି ସେମାନେ ଶ୍ରୀ ପଟ୍ଟନାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସମସ୍ତ ପ୍ରତିକୂଳ ପରିସ୍ଥିତରେ ମଧ୍ୟ ଲୋକଙ୍କ ସେବା ଜାରି ରଖିବା ପାଇଁ ଶ୍ରୀ ପଟ୍ଟନାୟକ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟାନ୍ୟ ବିଷୟ ମାନଙ୍କ ମଧ୍ୟରେ ଜିଲ୍ଲାରେ ବିଜେଡି ର ସାଂଗଠନିକ ସ୍ଥିତିକୁ କିପରି ଆହୁରି ମଜଭୁତ କରାଯାଇ ପାରିବ,ସେ ସମ୍ପର୍କରେ ଶ୍ରୀ ପଟ୍ଟନାୟକ,ଜିଲ୍ଲା ର ନେତା ମାନଙ୍କ ସହ ମତ ବିନିମୟ କରିଥିଲେ। ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକଙ୍କ ସମେତ ବରୀ ବିଧାୟକ ବିଶ୍ୱରଂଜନ ମଲ୍ଲିକ,ଯାଜପୁର ବିଧାୟିକା ସୁଜାତା ସାହୁ,ପୂର୍ବତନ ମନ୍ତ୍ରୀ ପ୍ରଣବ ପ୍ରକାଶ ଦାସ, ପ୍ରୀତିରଞ୍ଜନ ଘଡ଼େଇ, ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀ,ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ ଓ କ୍ୟାପଟେନ ଏସ କେ ମହାପାତ୍ର ପ୍ରମୁଖ ବିଜେଡି ସଭାପତିଙ୍କୁ ଭେଟି ଆଲୋଚନା କରିଥିଲେ।

**ଓଡ଼ିଶା ରାଜ୍ୟ ଆଇନ ଆୟୋଗଙ୍କ ବାର୍ଷିକ ରିପୋର୍ଟ ଓ ନୂତନ ୱେବ୍‌ସାଇଟ୍ ଉନ୍ମୋଚିତ**

# ୨୮୮ ଅଦରକାରୀ ଆଇନ ପ୍ରତ୍ୟାହାର ସହ ୮ଟି ପ୍ରମୁଖ ଆଇନ ସଂଶୋଧନ ପାଇଁ ପ୍ରସ୍ତାବ

**ଭୁବନେଶ୍ୱର,୭ ।୪ /ଏନ୍ଏନ୍ଏସ୍:** ରାଜ୍ୟ ସରକାର ଯେଉଁ ଲକ୍ଷ୍ୟ ଓ ଅଭିମୁଖ୍ୟ ନେଇ ଓଡ଼ିଶା ରାଜ୍ୟ ଆଇନ ଆୟୋଗ ଗଠନ ପରିକଳ୍ପନା କରିଥିଲେ, ତାହାର ଏକ ବର୍ଷ ପୂର୍ତ୍ତି ସହ ରାଜ୍ୟ ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ଭାବେ ଲିପିବଦ୍ଧ ହୋଇ ରହିବ। ଆଜି ଆଇନ ଆୟୋଗ ଗଠନର ଏକ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ଉତ୍ସବରେ ଯୋଗଦେଇ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଲେ ଯେ ଦେଶ ସ୍ୱାଧୀନତାକୁ ଅନେକ ବର୍ଷ ବିତିଥିଲେ ମଧ୍ୟ ଅନେକ ଅଦରକାରୀ ଆଇନ ଏବେ ବି ବଳବତ୍ତର ରହିଛି। ତେବେ ମଧ୍ୟସ୍ଥତା ଆଇନ ପ୍ରଣୟନ, ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ ଆଦିର ପ୍ରଣୟନ ଆଜି ଯୁଗୋପଯୋଗୀ ସାବ୍ୟସ୍ତ ହୋଇଛି। ସେହିପରି ଓଡ଼ିଶା ରାଜ୍ୟ ଆଇନ ଆୟୋଗ ଗଠନ ପରେ ୨୮୮ଟି ଅଦରକାରୀ ଆଇନ ପ୍ରତ୍ୟାହର ସହ ୮ଟି ପ୍ରମୁଖ ଆଇନ ସଂଶୋଧନ ପାଇଁ ପ୍ରସ୍ତାବ ଆସିଛି। ଏହା ଆଇନ ବ୍ୟବସ୍ଥାରେ ସୁଧାର ଆଣିବା ସହ ବିକଶିତ ଓଡ଼ିଶା ଗଠନ ସ୍ୱପ୍ନକୁ ପୂରଣ କରିବା ସହ ଓଡ଼ିଆ ଅସ୍ମିତାକୁ ଏକ ନୂଆ ଦିଗ ପ୍ରଦାନ କରିବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଥିଲେ। ଏହି ଅବସରରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଆଇନ ଆୟୋଗଙ୍କ ୨୦୨୫-୨୬ ବର୍ଷ ପାଇଁ ବାର୍ଷିକ ରିପୋର୍ଟ ଉନ୍ମୋଚନ କରିବା ସହ ନୂତନ ୱେବ୍‌ସାଇଟ୍‌ର ଉଦ୍‌ଘାଟନ କରିଥିଲେ। ସେ କହିଥିଲେ ଯେ ଏହି ୱେବ୍‌ସାଇଟ୍ ପାରଦର୍ଶିତା ସୁନିଶ୍ଚିତ କରିବ ଏବଂ ଆଇନ ସଂଶୋଧନରେ ସାଧାରଣ ଲୋକଙ୍କ ଅଂଶଗ୍ରହଣକୁ ପ୍ରୋତ୍ସାହନ ଦେବ। ଏଥି ସହିତ ଏହା ରାଜ୍ୟ ଆଇନଗୁଡ଼ିକର ଆଧୁନିକୀକରଣକୁ ତ୍ୱରାନ୍ୱିତ କରିବାରେ ସହାୟକ ହେବ। ସେହିପରି ବାର୍ଷିକ ରିପୋର୍ଟ ହେଉଛି ଆୟୋଗର ସତ୍ୟନିଷ୍ଠ ପ୍ରୟାସ ଏବଂ ସମର୍ପଣର ପ୍ରତିଫଳନ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଉଲ୍ଲେଖ କରିଥିଲେ। ଏହି ଅବସରରେ ଆଇନ ଆୟୁକ୍ତ ନ୍ୟାୟମୂର୍ତ୍ତି ବିଶ୍ୱନାଥ ରଥ ଓଡ଼ିଶା ରାଜ୍ୟ ଆଇନ ଆୟୋଗ ଗଠନ, କାର୍ଯ୍ୟଧାରା ଏବଂ ଲକ୍ଷ୍ୟ ପୂରଣ ଦିଗରେ କରିଥିବା କାର୍ଯ୍ୟ ବିଷୟରେ ନିଜର ବକ୍ତବ୍ୟ ରଖିଥିଲେ। ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ପବିତ୍ର ମୋହନ ସାମଲ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ଆଇନ ଆୟୋଗର ସଦସ୍ୟ ସୂର୍ଯ୍ୟ ପ୍ରସାଦ ମିଶ୍ର, ସୌର ଚନ୍ଦ୍ର ମହାପାତ୍ର, ପ୍ରଫେସର ଲଳିତ କୁମାର ଦେବ ଏବଂ ସଦସ୍ୟ ସଚିବ ଗଙ୍ଗାଧର ସେଠୀଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀ ଓ ଓଡ଼ିଶା ରାଜ୍ୟ ଆଇନ ଆୟୋଗଙ୍କ ଅଧିକାରୀମାନେ ଉପସ୍ଥିତ ଥିଲେ।

# ପୋଖରୀରେ ବୁଡ଼ି ଦୁଇ ନାବାଳିକା ମୃତ

**ବ୍ରହ୍ମପୁର,୭/୪/ଏନ୍ଏନ୍ଏସ୍:** ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ୍ କୁଶପଡ଼ା ପଞ୍ଚାୟତ ପତାଣ୍ଡ ଗ୍ରାମରେ ଘଟିଛି ଅଘଟଣ। ପୋଖରୀରେ ବୁଡ଼ି ମଙ୍ଗଳବାର ଦୁଇଜଣ ନାବାଳିକା ଛାତ୍ରୀଙ୍କର ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ ଏସ୍.ଦୀନବନ୍ଧୁ ଦୋରାଙ୍କ ଏକମାତ୍ର ଝିଅ ୬ଷ୍ଠ ଶ୍ରେଣୀ ଛାତ୍ରୀ ପ୍ରାଞ୍ଜଳି ଦୋରା (୧୧ ବର୍ଷ) ଏବଂ ଏସ୍. ପ୍ରକାଶ ଦୋରାଙ୍କ ଝିଅ ୭ମ ଶ୍ରେଣୀ ଛାତ୍ରୀ ମାନିନୀ ଦୋରା (୧୨ ବର୍ଷ)। ସୂଚନା ଅନୁସାରେ ସ୍କୁଲ୍‌ରୁ ଫେରି ଦୁହେଁ ଗାଁ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ତେବେ ଅସାବଧାନତା କାରଣରୁ ଉଭୟେ ଗଭୀର ପାଣିରେ ବୁଡ଼ିଯାଇଥିଲେ। ପୋଖରୀର ଅନ୍ୟ ତୁଠରେ ଗାଧୋଉଥିବା କିଛି ବ୍ୟକ୍ତି ଉଭୟଙ୍କୁ ଉଦ୍ଧାର ପାଇଁ ଚେଷ୍ଟା କରିଥିଲେ ମଧ୍ୟ ସଫଳ ନହେବାରୁ ଦିଗପହଣ୍ଡି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଚେତାଶୂନ୍ୟ ଅବସ୍ଥାରେ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଦିଗପହଣ୍ଡି ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୮/୨୬) ରୁଜୁ କରି ପୁଲିସ୍ ଟିମ୍ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଦୁଇଟିକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ଦୁଇଟିକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଗାଁ ଶ୍ମଶାନରେ ଶୋକାକୁଳ ପରିବେଶ ମଧ୍ୟରେ ଉଭୟଙ୍କ ଅନ୍ତିମ ସଂସ୍କାର କରାଯାଇଛି।

**ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ**

# ଅଧିଗ୍ରହଣ ହେବ ଅଧିକ ଜମି



**ଭୁବନେଶ୍ୱର,୭/୪/ଏନ୍ଏନ୍ଏସ୍:** ଆବଶ୍ୟକତାକୁ ଦୃଷ୍ଟିରେ ରଖି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପାଇଁ ଅଧିକ ଜମି ଅଧିଗ୍ରହଣ କରାଯିବ। ଏହି ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମଙ୍ଗଳବାର ଲୋକସେବା ଭବନଠାରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପ୍ରକଳ୍ପର କଳେବର ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟ ପାଇଁ ଜାଗା ନିରୂପଣ, ବିଦ୍ୟାଳୟ ବିଲ୍‌ଡିଂର ଢାଞ୍ଚା ସମେତ ଖେଳ ପଡିଆ ନିର୍ମାଣ, ମଲ୍ଟି ପର୍ପଜ ହଲ ନିର୍ମାଣ ବିଷୟରେ ବୈଠକରେ ଆଲୋଚନା ହୋଇଥିଲା। ଉକ୍ତ ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ ମିଶ୍ର, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଡ. ଏନ୍. ତିରୁମାଳା ନାଏକ. ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ଶାସନ ସଚିବ ଅନୁପମ୍ ସାହା, ଓସେପା ନିର୍ଦ୍ଦେଶିକା ଅନନ୍ୟା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ମା’ ମଙ୍ଗଳାଙ୍କ ପ୍ରସିଦ୍ଧ ଝାମୁଯାତ୍ରା: ରାଜରାଜେଶ୍ୱରୀ ବେଶରେ ଦର୍ଶନ ଦେଲେ ଜଗଜ୍ଜନନୀ

**କୁଣ୍ଢେଇ,୭/୪/ଏନ୍ଏନ୍ଏସ୍:** କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା’ ମଙ୍ଗଳାଙ୍କ ପୀଠରେ ମଙ୍ଗଳବାର ବିଶ୍ୱପ୍ରସିଦ୍ଧ ‘ଝାମୁ ଯାତ୍ରା’ ଅତ୍ୟନ୍ତ ଭକ୍ତି ଓ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ବର୍ଷକ ସାରା ମା’ଙ୍କର ଅନେକ ପର୍ବପର୍ବାଣି ପାଳିତ ହେଉଥିବା ବେଳେ ଝାମୁ ଯାତ୍ରାକୁ ଶ୍ରେଷ୍ଠ ପର୍ବ ଭାବେ ବିଚାର କରାଯାଏ। ଚଳିତ ବର୍ଷ ଚୈତ୍ର ମାସର ପଞ୍ଚମ ମଙ୍ଗଳବାର ଅବସରରେ ମା’ଙ୍କର ଏହି ଶେଷ ପାଳି ଯାତ୍ରା ତଥା ଝାମୁ ଯାତ୍ରା ସମାପନ ହୋଇଛି। ଏହି ଅବସରରେ ମା’ ଶ୍ରଦ୍ଧାଳୁଙ୍କୁ ସୁନାବେଶ ତଥା ‘ରାଜରାଜେଶ୍ୱରୀ’ ବେଶରେ ଦର୍ଶନ ଦେଇଛନ୍ତି।

ଝାମୁ ଯାତ୍ରା ଲାଗି ଭୋର ୩ଟାରୁ ମା’ଙ୍କର ସ୍ନାନ ମାର୍ଜନା, ସୂର୍ଯ୍ୟ ପୂଜା ଓ ଦ୍ୱାରପାଳ ପୂଜା ଆଦି ନୀତି ସମ୍ପନ୍ନ ହୋଇଥିଲା। ଭୋର ୪ଟାରେ ପହଡ଼ ଖୋଲିବା ପରେ ହଜାର ହଜାର ଶ୍ରଦ୍ଧାଳୁ ମା’ଙ୍କର ଦର୍ଶନ କରିବା ସହ ଝାମୁ ଯାତ୍ରାରେ ସାମିଲ ହୋଇଥିଲେ। ଚୈତ୍ର ପ୍ରଥମ ମଙ୍ଗଳବାର ମା’ଙ୍କ ନେତ୍ରୋତ୍ସବରୁ ଆରମ୍ଭ ହୋଇଥିବା ଏହି ପାଳି ଯାତ୍ରା ପଞ୍ଚମ ମଙ୍ଗଳବାରରେ ଶେଷ ହୋଇଛି। ଏହି ଅବସରରେ ରାଜ୍ୟର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମା’ଙ୍କ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ଗ୍ରାମାଞ୍ଚଳରେ ମହିଳାମାନଙ୍କ ଦ୍ୱାରା ଚାଲିଥିବା ’ପନୁଆଁଶୀ ଓଷା’ ମଧ୍ୟ ଆଜି ଉଦ୍‌ଯାପିତ ହୋଇଛି।

ଦ୍ୱିପ୍ରହର ସମୟରେ ଝଙ୍କଡ଼ ଶାରଳାଙ୍କ ପୀଠରୁ ଆସିଥିବା ମାଳି ସମ୍ପ୍ରଦାୟର ପାଟୁଆ ସେବକମାନେ ପାରମ୍ପରିକ ଢୋଲ ଓ ମହୁରୀ ବାଦ୍ୟର ରୋଷଣୀରେ ମା’ଙ୍କ ପାଖରୁ ଆଜ୍ଞାମାଳ ନେଇ ପ୍ରାଚୀ ନଦୀର ଘାଟରୁ ପାଣି ତୋଳିଥିଲେ। ଏହାପରେ ମନ୍ଦିର ସମ୍ମୁଖରେ ନିର୍ମିତ ୧୨ ଫୁଟ ଲମ୍ବର ଧିକିଧିକି



ଜଳୁଥିବା ନିଆଁ ଗର୍ତ୍ତରେ ସେମାନେ ନିର୍ଭୟରେ ଚାଲିଥିଲେ। ମା’ଙ୍କୁ ସନ୍ତୁଷ୍ଟ କରିବା ପାଇଁ ନିଜ ଶରୀରକୁ କଷ୍ଟ ଦେଇ ପାଟୁଆ ସେବକ ଓ ଭୋଇ ସମ୍ପ୍ରଦାୟର ମାନସିକଧାରୀମାନେ ନିଆଁ ଗର୍ତ୍ତରେ ଚାଲିବା ସହ ଘଣ୍ଟ ପାଟୁଆ ନୃତ୍ୟ କରି ଏହି ଯାତ୍ରାର ସମାପନ କରିଥିଲେ। ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ପୁରୀ ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସଚିନ ପଟେଲ, ନିମାପଡ଼ା ଆରକ୍ଷୀ ଉପଖଣ୍ଡ ଅଧିକାରୀ ଜନାର୍ଦ୍ଦନ ପାଢ଼ୀ ଓ କାକଟପୁର ଥାନା ଆଇଆଇସି ବସନ୍ତ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଟ୍ରାଫିକ୍ ନିୟନ୍ତ୍ରଣ ଓ ଶୃଙ୍ଖଳିତ ଦର୍ଶନ ପାଇଁ ପୋଲିସ ଫୋର୍ସ ମୁତୟନ ହୋଇଥିଲେ। ବିଶ୍ୱାସ ରହିଛି ଯେ ପ୍ରାଚୀ ତଟବାସିନୀ ପରମ ବୈଷ୍ଣବୀ ମା’ ମଙ୍ଗଳାଙ୍କୁ ଏହି ପଞ୍ଚମ ପାଳି ଯାତ୍ରାରେ ଦର୍ଶନ କଲେ ଅପାର କରୁଣା ପ୍ରାପ୍ତି ହୋଇଥାଏ।

# ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ସଂଘ ସହ ଆଲୋଚନା

**ଭୁବନେଶ୍ୱର,୭/୪/ଏନ୍ଏନ୍ଏସ୍:** ରାଜ୍ୟରେ ସବୁ ସମୟରେ ଖାଉଟିମାନଙ୍କ ପାଇଁ ବଜାରରେ ଅତ୍ୟାବଶ୍ୟକ ସାମଗ୍ରୀ ଉପଲବ୍ଧ କରାଇବା ଓ ଯୋଗାଣ ଶୃଙ୍ଖଳକୁ ଅବ୍ୟାହତ ରଖିବା ପାଇଁ ରାଜ୍ୟର ବିଭିନ୍ନ ଜିଲ୍ଲାର ବ୍ୟବସାୟୀ ସଂଘର ପ୍ରତିନିଧି ମାନଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଛି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ରାଜ୍ୟ ଯୋଗାଣ ନିଗମ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଉକ୍ତ ବୈଠକରେ ବିଭିନ୍ନ ଜିଲ୍ଲାର ବ୍ୟବସାୟୀ ସଂଘର ପ୍ରତିନିଧି ମାନେ ଯୋଗ ଦେଇଥିଲେ। ବିଭିନ୍ନ ସମୟରେ ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟବୃଦ୍ଧି ନିୟନ୍ତ୍ରଣ,ଖାଦ୍ୟ ସାମଗ୍ରୀର ବଜାର ଉପଲବ୍ଧତା, ସାମଗ୍ରୀର ଅନାବଶ୍ୟକ ମହଜୁଦ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଉପରେ ବିସ୍ତୃତ ଭାବେ ଆଲୋଚନା ହୋଇଛି। ଏଥିନିମନ୍ତେ ସମସ୍ତ ସହଯୋଗ ଯୋଗାଇ ଦେବେ ବୋଲି ପ୍ରତିନିଧି ମାନେ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ବ୍ୟବସାୟୀ ଓ ଖାଉଟି ମାନଙ୍କ ସ୍ୱାର୍ଥ ରକ୍ଷା ଦିଗରେ ସରକାରଙ୍କ ସହ ସମନ୍ୱୟ ରଖିବା ଉପରେ ମଧ୍ୟ ବୈଠକରେ ଆଲୋଚନା ହୋଇଛି। ଏତଦବ୍ୟତୀତ ପ୍ରତି ଜିଲ୍ଲାରେ ପରିବା ମଣ୍ଡି ପ୍ରତିଷ୍ଠା, ସ୍ୱତନ୍ତ୍ର ବ୍ୟବସାୟିକ ପେଣ୍ଠସ୍ଥଳୀ ନିର୍ମାଣ ଉପରେ ପ୍ରତିନିଧି ମାନଙ୍କ ଦାବିକୁ ଗୁରୁତର ଭାବେ ଗ୍ରହଣ କରି ପଦକ୍ଷେପ ନେବା ପାଇଁ ମନ୍ତ୍ରୀ ଶ୍ରୀ ପାତ୍ର ପ୍ରତିଶ୍ରୁତି ଦେଇଥିଲେ । ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳ ମାନଙ୍କ ସହ ଏ ଦିଗରେ ଆଲୋଚନା କରାଯିବ ବୋଲି ମନ୍ତ୍ରୀ କହିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀ ପୁରନ୍ଦର ଧରୁଆ,ବିପଣୀ ଗୁପ୍ତବାର୍ତ୍ତା ଉପନିର୍ଦ୍ଦେଶକ ଦୀପକ ଶତପଥୀ,ରାଜ୍ୟର ବିଭିନ୍ନ ବ୍ୟବସାୟୀ ସଂଘର ପ୍ରତିନିଧି ସୁଧାକର ପଣ୍ଡା, ଶକ୍ତିଶଙ୍କର ମିଶ୍ର, କବିରାଜ ସ୍ୱାଇଁଙ୍କ ସମେତ କଟକ, ବାଲେଶ୍ୱର, ଗଞ୍ଜାମ ତଥା ବଲାଙ୍ଗୀର ଆଦି ଜିଲ୍ଲାର ବ୍ୟବସାୟୀ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

**‘ତୃଣମୂଳ ଶାସନ ପାଇଁ ଦକ୍ଷତା ବିକାଶର ପୁନଃକଳ୍ପନା’ କର୍ମଶାଳା**

# କର୍ମଯୋଗୀ ଅଧିକାରୀଙ୍କ ସହାୟତାରେ ବ୍ୟାପକ ପରିବର୍ତ୍ତନ ଆଣିବା ପାଇଁ ସଂକଳ୍ପବଦ୍ଧ: ମନ୍ତ୍ରୀ

**ଭୁବନେଶ୍ୱର,୭ ।୪ /ଏନ୍ଏନ୍ଏସ୍:** ସାରା ଦେଶରେ ପାଳିତ ହେଉଥିବା ‘ସାଧନା ସପ୍ତାହ’ ଅଭିଯାନର ଅଂଶସ୍ୱରୂପ ଆଜି ଭୁବନେଶ୍ୱର କୃଷିଭବନଠାରେ “ତୃଣମୂଳ ଶାସନ ପାଇଁ ଦକ୍ଷତା ବିକାଶର ପୁନଃକଳ୍ପନା” ଶୀର୍ଷକ ଏକ କର୍ମଶାଳା ସଫଳତାର ସହ ଆୟୋଜିତ ହୋଇଯାଇଛି। କ୍ୟାପାସିଟି ବିଲଡିଂ କମିଶନ (ସିବିସି), କର୍ମଚାରୀ ଚୟନ ଓ ପ୍ରଶିକ୍ଷଣ ବିଭାଗ, କର୍ମଯୋଗୀ ଭାରତ ଏବଂ ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ “ପ୍ରଯୁକ୍ତିବିଦ୍ୟା, ପରମ୍ପରା ଏବଂ ବାସ୍ତବ ପରିଣାମ” ଆଧାରରେ ତୃଣମୂଳ ସ୍ତରର ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଆଲୋଚନା କରାଯାଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଏବଂ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ କହିଛନ୍ତି ଯେ, ସାମଗ୍ରିକ ଓ ସ୍ଥାୟୀ ବିକାଶ ପାଇଁ ଶକ୍ତିଶାଳୀ ପଞ୍ଚାୟତ ହେଉଛି ମୂଳଦୁଆ। ପଞ୍ଚାୟତିରାଜ ପ୍ରତିନିଧିମାନଙ୍କୁ ସଶକ୍ତ କରିବା ପାଇଁ ଏକ ନିରନ୍ତର ଓ ଦକ୍ଷତା ଭିତ୍ତିକ ପ୍ରଶିକ୍ଷଣ ବ୍ୟବସ୍ଥାର ଆବଶ୍ୟକତା ରହିଛି। କର୍ମଯୋଗୀ ସରକାରୀ ଅଧିକାରୀଙ୍କ ସହାୟତାରେ ପଞ୍ଚାୟତ ସ୍ତରରେ ବ୍ୟାପକ ପରିବର୍ତ୍ତନ ଆଣିବା ପାଇଁ ସେ ସଂକଳ୍ପବଦ୍ଧ ବୋଲି ପ୍ରକାଶ କରିଥିଲେ। କାପାସିଟି ବିଲଡିଂ କମିଶନର ସଦସ୍ୟ ଡଃ ଆର. ବାଲାସୁବ୍ରମଣ୍ୟମ ‘ମିଶନ କର୍ମଯୋଗୀ’ର ପରିକଳ୍ପନା ଏବଂ ସରକାରୀ କ୍ଷେତ୍ରରେ ଦକ୍ଷତା ବୃଦ୍ଧି କ୍ଷେତ୍ରରେ ସିବିସିର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ସେ ଶାସନ ବ୍ୟବସ୍ଥାକୁ ‘ନିୟମ-ଭିତ୍ତିକ’ରୁ ‘ଭୂମିକା-ଭିତ୍ତିକ’କୁ ପରିବର୍ତ୍ତନ କରିବା ଏବଂ ନାଗରିକ-କୈନ୍ଦ୍ରିକ ସେବା ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଭାରତ ସରକାରଙ୍କ ପଞ୍ଚାୟତିରାଜ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଶ୍ରୀ ରାଜେଶ କୁମାର ସିଂ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର କମିଶନର-ତଥା -ସଚିବ ଗିରିଶ ଏସ୍.ଏନ୍, ଏସଆଇଆରଡି ନିର୍ଦ୍ଦେଶିକା ମଧୁସ୍ମିତା ସାମଲଙ୍କ ସହ ଓଡ଼ିଶା ପଞ୍ଚାୟତିରାଜ ବିଭାଗର ଅନ୍ୟାନ୍ୟ ଅଧିକାରୀ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ନିଜର ମତାମତ ରଖିଥିଲେ। ଏହି କର୍ମଶାଳାରେ “ବିକଶିତ ପଞ୍ଚାୟତ କର୍ମଯୋଗୀ” ଅଭିଯାନ ଉପରେ ସବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଏହି ଅବସରରେ ପଞ୍ଚାୟତିରାଜ କର୍ମଚାରୀଙ୍କ ପାଇଁ ଏକ କୃତ୍ରିମ ପ୍ରଜ୍ଞା-ଆଧାରିତ ‘ବିକଶିତ ପଞ୍ଚାୟତ’ ହ୍ୱାଟସଆପ୍ ଚାଟବଟ୍ ଏବଂ ସ୍ୱତନ୍ତ୍ର ଇ-ଲର୍ନିଂ ମଡ୍ୟୁଲ୍ ଉନ୍ମୋଚିତ ହୋଇଛି। ଆଇଗଟ କର୍ମଯୋଗୀ ପ୍ଲାଟଫର୍ମ ମାଧ୍ୟମରେ ଏହି ସୁବିଧା ଉପଲବ୍ଧ ହେବ, ଯାହା ଗ୍ରାମ ପଞ୍ଚାୟତ ପ୍ରତିନିଧିମାନଙ୍କୁ ବୈଷୟିକ ଜ୍ଞାନକୌଶଳ ଏବଂ ସମସ୍ୟାର ତୁରନ୍ତ ସମାଧାନ କ୍ଷେତ୍ରରେ ସାହାଯ୍ୟ କରିବ। ସୂଚନାଯୋଗ୍ୟ ଯେ, ଏହି ଅଭିଯାନ ଅଧୀନରେ ଓଡ଼ିଶାର କୋରାପୁଟ ଜିଲ୍ଲାର ବୈପାରିଗୁଡା ବ୍ଲକ ଏବଂ ମୟୂରଭଞ୍ଜ ଜିଲ୍ଲାର ଠାକୁରମୁଣ୍ଡା ବ୍ଲକର ଗ୍ରାମ ପଞ୍ଚାୟତଗୁଡ଼ିକୁ ପାଇଲଟ ପ୍ରକଳ୍ପ ଭାବେ ଚୟନ କରାଯାଇଛି। ଦେଶର ମୋଟ ୬୦ଟି ପଞ୍ଚାୟତରେ ଚାଲିଥିବା ଏହି ପାଇଲଟ ପ୍ରକଳ୍ପ ମାଧ୍ୟମରେ ତୃଣମୂଳ ସ୍ତରରେ ଡିଜିଟାଲ ଶିକ୍ଷା, ଗ୍ରାମସଭାରେ ସକ୍ରିୟ ଅଂଶଗ୍ରହଣ ଏବଂ ସ୍ଥାନୀୟ ଆବଶ୍ୟକତା ଅନୁଯାୟୀ ବିକାଶ ମୂଳକ ଯୋଜନା ପ୍ରସ୍ତୁତ କରାଯାଉଛି। ଶେଷରେ, ବିକଶିତ ଭାରତ ବିକଶିତ ଓଡିଶା ଗଠନ ପାଇଁ ବିକଶିତ ପଞ୍ଚାୟତର ଗୁରୁତ୍ୱକୁ ସମସ୍ତ ପ୍ରତିନିଧି ସ୍ୱୀକାର କରିଥିଲେ।

# ଓଡ଼ିଆ ପକ୍ଷ: ଶିଶୁକଥା ଦିବସରେ ୧୮,୦୦୦ ବର୍ଣ୍ଣବୋଧ ଓ ଶିଶୁଲେଖା ପୁସ୍ତକ ବଣ୍ଟନ

**ଭୁବନେଶ୍ୱର,୭/୪/ଏନ୍ଏନ୍ଏସ୍:** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଏପ୍ରିଲ ୧ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେଉଛି ଓଡ଼ିଆ ପକ୍ଷ। ଓଡ଼ିଆ ପକ୍ଷ ପାଳନର ସପ୍ତମ ଦିବସକୁ ‘ଶିଶୁକଥା ଦିବସ’ ଭାବେ ପାଳନ କରାଯାଇଛି। ଆଜି ଶିଶୁ କଥା ଦିବସ ପାଳନ ହେବା ଅବସରରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ରହିଥିବା ପ୍ରାଥମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କୁ ‘ବର୍ଣ୍ଣବୋଧ’ ଏବଂ ‘ଶିଶୁଲେଖା’ ପୁସ୍ତକ ପ୍ରଦାନ କରାଯାଇଥିଲା। ଏଥିସହ ବିଶିଷ୍ଟ ବ୍ୟକ୍ତିବିଶେଷ ଏବଂ ବରିଷ୍ଠ ନାଗରିକମାନଙ୍କୁ ‘ଭାଗବତ‘ ପୁସ୍ତକ ପ୍ରଦାନ କରାଯାଇଥିଲା। ଆଜି ଶିଶୁକଥା ଦିବସରେ ରାଜ୍ୟର ବିଭିନ୍ନ ପ୍ରାଥମିକ ବିଦ୍ୟାଳୟରେ ପ୍ରାୟ ୧୮,୦୦୦ ‘ବର୍ଣ୍ଣବୋଧ’ ଏବଂ ‘ଶିଶୁଲେଖା’ ପୁସ୍ତକ ବଣ୍ଟନ କରାଯାଇଛି। ଏଥିସହ ୨,୦୦୦ ଭାଗବତ ପୁସ୍ତକ ବଣ୍ଟାଯାଇଛି। ଆଜି ନବରଙ୍ଗପୁର ଜିଲ୍ଲା ଉମରକୋଟର ପିଏମ୍ ଶ୍ରୀ ସଦାଶିବ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ହୋଇଥିବା ‘ଶିଶୁକଥା ଦିବସ’ ଉତ୍ସବରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଶିଶୁକଥା ଦିବସ ପାଳନ ହେବା ଅବସରରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବର୍ଣ୍ଣବୋଧ ଏବଂ ଶିଶୁଲେଖା ପୁସ୍ତକ ବଣ୍ଟନ ହେବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ ମତପ୍ରକାଶ କରିଥିଲେ। ରାଜ୍ୟରେ ରହିଥିବା ବିଭିନ୍ନ ବେସରକାରୀ ବିଦ୍ୟାଳୟ, ବେସରକାରୀ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନରେ ମଧ୍ୟ ଆଜି ‘ଶିଶୁକଥା ଦିବସ’ ପାଳନ କରାଯାଇଛି।

## ମେଡିସିନ୍ ଷ୍ଟୋର୍‌ରେ ଚୋରି ମାମଲା, ଯୁବକ ଗିରଫ

**ରଙ୍ଗେଇଲୁଣ୍ଡା,୭।୪/ଏନ୍‌ଏନ୍‌ଏସ୍:** ଗୋଳନ୍ଥରା ଥାନା ଅଞ୍ଚଳରେ ରଣ୍ଡା ଗ୍ରାମରେ କେସିଏମ୍ ମେଡିସିନ ଷ୍ଟୋର ସଟର ତାଲା ଭାଙ୍ଗି ଚୋରି କରିବା ମାମଲାରେ ଗୋଳନ୍ଥରା ଥାନା ପୁଲିସ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲେ ବ୍ରହ୍ମପୁର ମହାନଗର ସୋମନାଥ ନଗର ୬ ଗଳିର ଶାଇକ ସଦମ(୨୩) । ପୂର୍ବରୁ ଅଭିଯୁକ୍ତ ନାଁରେ ବ୍ରହ୍ମପୁର ପୁଲିସ ଜିଲାର ବ୍ରହ୍ମପୁର ଟାଉନ ଥାନାରେ ୪ ଟି ମାମଲା, ଗୋଶାଣୀନୂଆଗାଁ ଓ ନିମଖଣ୍ଡି ଥାନାରେ ଗୋଟିଏ ଲେଖାଁଏ ମାମଲା ରହିଥିବା ପୁଲିସ୍ ସୂତ୍ରରୁ ପ୍ରକାଶ । ସୂଚନା ଅନୁସାରେ



ଏହୁ ଥାନା ଅଧିନସ୍ଥ ରଣ୍ଡା ଗ୍ରାମର ପଞ୍ଚମା ରାସ୍ତାରେ ଶିବ ପ୍ରସାଦ ସାମନ୍ତରାୟ କେସିଏମ ମେଡ଼ିସିନ ଷ୍ଟୋର କରିଛନ୍ତି । ସବୁଦିନ ଭଳି ଗତ ମଙ୍ଗଳବାର ରାତି ସାଢ଼େ ୧୦ ଟା ବେଳେ ଷ୍ଟୋର ବନ୍ଦ କରି ଘରକୁ ଫେରିଥିଲେ । ପରଦିନ ସକାଳେ ଦୋକାନ କୁ ଆସିବା ସମୟରେ ତାଲା ଭଙ୍ଗା ଯାଇଥିବା ଦେଖିବା ସହ ଥାନା ରେ ଅଭିଯୋଗ କରିଥିଲେ । ଷ୍ଟୋରରୁ ଚୋର ମାନେ ଗୋଟିଏ ମୋବାଇଲ ଫୋନ ସହ ଡ୍ରୟର ଭାଙ୍ଗି ୨୦ ହଜାର ଟଙ୍କା ଚୋରି କରିଥିବା ଜଣାପଡ଼ିଥିଲା । ଚୋରମାନେ ରାତି ୩ ଟା ବେଳେ କାଣ୍ଡ ଭିଆଇ ଥିବା ସିସିଟିଭିରେ ରେକର୍ଡ ହୋଇଛି । ପୁଲିସ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା । ବ୍ରହ୍ମପୁର ସହର ଖାଜାସାହିରେ ସଦମ ଥିବା ଖବର ପାଇଁ ଗୋଳନ୍ଥରା ଥାନା ପୁଲିସ ସେଠାରେ ଚଢଉ କରିଥିଲା । ଘଟଣାସ୍ଥଳରୁ ସଦମକୁ ଉଠେଇ ଥାନାରେ ଅଟକ ରଖି ପଚାର ଉଚରା କରିବା ପରେ ତାଠାରୁ ଘଟଣାସ୍ଥଳର ସିସିଟିଭି, ଗୋଟିଏ ସ୍କୁ ଡ୍ରାଇଭର ଓ ୩ ହଜାର ୭ ଶହ ଟଙ୍କା ପୁଲିସ ଜବତ କରିଛି । ସନ୍ଧ୍ୟାରେ ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଥିବା ପୁଲିସ ସୂଚନା ଦେଇଛି ।

## ଗଞ୍ଜାମ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷଙ୍କ ଦାୟିତ୍ୱ ଗ୍ରହଣ



**ଛତ୍ରପୁର,୭।୪/ଏନ୍‌ଏନ୍‌ଏସ୍:** ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ଗଞ୍ଜାମ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ମଙ୍ଗଳବାର ଶ୍ରୀ ସେଠୀ ଛତ୍ରପୁର ସ୍ଥିତ ଜିଲ୍ଲା ପରିଷଦ କାର୍ଯ୍ୟାଳୟଠାରେ ଜିଲ୍ଲାର ନୂତନ ଅଧ୍ୟକ୍ଷ ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ଗଞ୍ଜାମ ଭଳି ବୃହତ ଓ ଗୁରୁତ୍ୱପୂର୍ଣ୍ଣ ଜିଲ୍ଲାର ଉନ୍ନତି ପାଇଁ ଶ୍ରୀ ସେଠୀ ପୂର୍ଣ୍ଣ ପ୍ରାଣରେ କାର୍ଯ୍ୟ କରିବେ ବୋଲି ଦାୟିତ୍ୱ ଗ୍ରହଣ କରିବା ପରେ ଗଣମାଧ୍ୟମକୁ ଜଣାଇଛନ୍ତି । ମୁଖ୍ୟତଃ ଗଞ୍ଜାମ ଜିଲ୍ଲା ପାଇଁ ଦାଦନ ଶ୍ରମିକ ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଛି । ଜିଲ୍ଲାର ବହୁ ଶ୍ରମିକ ସୂତା କଳରେ କୁଶଳୀ ଶ୍ରମିକ ଭାବେ ନିଜ ଦକ୍ଷତା ପ୍ରତିପାଦିତ କରିଥିବାରୁ ଜିଲ୍ଲାରେ ବୟନ ଶିଳ୍ପ ଭିତ୍ତିକ ରୋଜଗାର ବଢାଇବା ଦିଗରେ ଚେଷ୍ଟା କରିବେ ବୋଲି ସେ କହିଛନ୍ତି । ଦିଗପହଣ୍ଡି ବିଧାୟକ ଡକ୍ଟର ସିଦ୍ଧାନ୍ତ ମହାପାତ୍ର, ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ଜିଲ୍ଲା ବିଜେପି ସଭାପତି ସରୋଜ ସାବତ, ବିଜେପି ନେତା ଅରୁଣ ପଣ୍ଡାଙ୍କ ସମେତ ବହୁ ଦଳୀୟ ନେତା କର୍ମୀ ପୁଷ୍ପଗୁଚ୍ଛ ଦେଇ ଶ୍ରୀ ସେଠୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଗଂଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ଜିଲ୍ଲା ଯୋଜନା ଓ ସମନ୍ୱୟ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।

## କେସି ହାଇସ୍କୁଲ୍‌କୁ ସରକାରୀ ଦାବିରେ ଧାରଣା



**ବ୍ରହ୍ମପୁର,୭।୪/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନ ସଂସ୍କାରବାଦୀ ପକ୍ଷରୁ ୭ ଦଫା ଦାବି ନେଇ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି । ସଂଗଠନର ପ୍ରତିଷ୍ଠାତା ସଭାପତି ତ୍ରିନାଥ ମହାରଣାଙ୍କ ନେତୃତ୍ୱରେ ଅନୁଷ୍ଠିତ ଧାରଣାରେ ଓଷ୍ଟା, କେସି. ହାଇସ୍କୁଲ ପୁରାତନ ଛାତ୍ର ସଙ୍ଘ ଓ ଗଞ୍ଜାମ ଜିଲ୍ଲା ବିକାଶ ମଞ୍ଚର ବହୁ ସଦସ୍ୟ ସାମିଲ ହୋଇଥିଲେ । ୧୭୦ ବର୍ଷର ପୁରାତନ କେସି ହାଇସ୍କୁଲ ଓ କେସି ଗାର୍ଲସ ହାଇସ୍କୁଲର ଅବସ୍ଥା ଶୋଚନୀୟ ହୋଇପଡିଥିବା ନେଇ ସଂଗଠନର କର୍ମକର୍ତ୍ତାମାନେ ଅଭିଯୋଗ କରିଥିଲେ । ତେଣୁ ଉପରୋକ୍ତ ଶିକ୍ଷାନୁଷ୍ଠାନକୁ ସରକାରୀକରଣ କରିବା, କେସି ହାଇସ୍କୁଲ ଓ କେସି ଗାର୍ଲସ ହାଇସ୍କୁଲକୁ ଡେପୁଟେସନରେ ଆସିଥିବା ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ଫେରାଇ ନେବା, ଜିଲ୍ଲାରେ ବିଶୃଙ୍ଖଳା କରୁଥିବା ଅତିରିକ୍ତ ଜିଲ୍ଲାଶିକ୍ଷାଧିକାରୀ ପ୍ରଭାତୀ ମହାପାତ୍ରଙ୍କୁ ତୁରନ୍ତ ବଦଳି କରିବା, ସମସ୍ତ କାର୍ଯ୍ୟର ତଦନ୍ତ କରିବା, କେସି ହାଇସ୍କୁଲରେ ପିଅନ, ରାତିଜଗୁଆଳି ସହ ଆବଶ୍ୟକ ଶିକ୍ଷକ ନିଯୁକ୍ତି, କେସି ଗାର୍ଲସ ହାଇସ୍କୁଲରେ ଦୀର୍ଘ ମାସ ଧରି ଚାଲିଥିବା ବିଶୃଙ୍ଖଳାର ତଦନ୍ତକରି ଅଭିଯୁକ୍ତଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଥିଲା । ଦାବି ପୂରଣ ନ ହେଲେ ଧାରଣା ଓ ଅନଶନ କରିବାକୁ ବାଧ୍ୟ ହେବେ ବୋଲି ସଂଗଠନର କର୍ମକର୍ତ୍ତା ଚେତାବନୀ ଦେଇଛନ୍ତି । ଏହି ଅବସରରେ ସର୍ବଶ୍ରୀ ପଙ୍କଜ କୁମାର ନାୟକ, ବିଜୟ କୁମାର ବେହେରା, ଶ୍ୟାମସୁନ୍ଦର ଖାଡ଼ଙ୍ଗ, ରାଜେନ୍ଦ୍ର କୁମାର ପଣ୍ଡା ସିମାଞ୍ଚଳ ପତି, ସମୀର କୁମାର ଆଚାର୍ଯ୍ୟ, ଶିକ୍ଷାବିତ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ହିମାଂଶୁ କୁମାର ପଟନାୟକ, ଭଗବାନ ସାହୁ, ନରସିଂହ ବେହେରା, ନିରଞ୍ଜନ ସାହୁ, ସୁବାଷ ପଟନାଇକ ପ୍ରଶାନ୍ତ କୁମାର ଶତପଥି, ମୋହନ ଚରଣ ସ୍ୱାଇଁ ରାଜେନ୍ଦ୍ର ମହାନ୍ତି, ଅଶୋକ କୁମାର ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ ।

### ସିଲ୍କ ସିଟି ମହୋତ୍ସବ ଆରମ୍ଭ

# ସୁଭଦ୍ରା ଶକ୍ତି ମେଳା ବୁଲି ଦେଖିଲେ ଜନସାଧାରଣ

**ବ୍ରହ୍ମପୁର,୭।୪/ଏନ୍‌ଏନ୍‌ଏସ୍:** ରେଶମ ସହର ବ୍ରହ୍ମପୁରରେ ଶୁଭାରମ୍ଭ ହୋଇଛି ସିଲ୍କ ସିଟି ମହୋତ୍ସବ । ସ୍ଥାନୀୟ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ପରିସର ଷ୍ଟାଡିୟମ୍ ଠାରେ ଏହି ମହୋତ୍ସବର ଶୁଭାରମ୍ଭ ହୋଇଛି । ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଖଲ୍ଲିକୋଟ ବିଧାୟକ ତଥା ଜିଲ୍ଲା ଯୋଜନ ବୋର୍ଡ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ସେଠୀ ଯୋଗଦେଇ ରେଶମ ସହର ବ୍ରହ୍ମପୁର ରେଶମ ପାଇଁ ବିଶ୍ୱ ପ୍ରସିଦ୍ଧ ହୋଇପାରିଛି । ବ୍ରହ୍ମପୁର ପାଟର ମହତ୍ତ୍ୱ ବିଷୟରେ ବିଧାୟକ ଶ୍ରୀ ସେଠୀ କହିଥିଲେ । ସେ ଆହୁରି ମଧ କହିଥିଲେ ଯେ, ସୁଭଦ୍ରା ଶକ୍ତି ମେଳା ଦ୍ୱାରା ମାଆ ମାନେ ଆତ୍ମ ନିର୍ଭର ହୋଇପାରିଛନ୍ତି । କୃଷକ ମାନେ ହେଉଛନ୍ତି ଆମର ଅନ୍ନଦାତା ବୋଲି କହିବା ସହ ସେମାନଙ୍କୁ କୃଷି କାର୍ଯ୍ୟ ପ୍ରତି ଉତ୍ସାହିତ




କରିଥିଲେ । ସମ୍ମାନୀତ ଅତିଥି ଭାବେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ବ୍ରହ୍ମପୁର ମହାନଗର ନିଗମ ମେୟର ସଂଘମିତ୍ରା ଦଳେଇ, ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକ ଡା. ସର୍ବଣ ବିବେକ ଏମ୍, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ସମୀର କୁମାର ଜେନା, ସ୍ୱଦେଶୀ ଜାଗରଣ ମଞ୍ଚର ଆବାହକ ପ୍ରସନ୍ନ କୁମାର ଛୋଟରାୟ, ଶିଳ୍ପପତି ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର ମଞ୍ଜାସୀନ ଥିଲେ । ରେଶମ ସହର ଓ ବ୍ରହ୍ମପୁର ପାଟ ଶାଢ଼ୀର ମହତ୍ତ୍ୱ ଓ ପ୍ରସିଦ୍ଧର ବକ୍ତବ୍ୟ ରଖିଥିଲେ । ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ୍ ସ୍ୱାଗତ ଅଭିଭାଷଣ ଦେଇଥିଲେ । ଗଞ୍ଜାମ ଜିଲ୍ଲାର କଳା ଓ ସଂସ୍କୃତି ଲୋକ ଲୋଚନକୁ ଆଣିବା ସହ ଗଞ୍ଜାମକୁ ଶ୍ରେଷ୍ଠ ଜିଲ୍ଲାରେ ପରିଣତ କରିବାରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ମହାନଗର ନିଗମ କମିଶନର ଏ. ସସ୍ୟ ରେଡ୍ଡୀ ଧନ୍ୟବାଦ୍ ଅର୍ପଣ କରିଥିଲେ । ଏହି ଉତ୍ସବରେ ଓଡ଼ିଶାର ସ୍ୱୟଂ ସହାୟକ ଗୋଷ୍ଠୀ ମାଆମାନଙ୍କ ସୁଭଦ୍ରା ଶକ୍ତି ଓ ଆତ୍ମ ନିର୍ଭର ସ୍ୱଦେଶୀ ମେଳା, ପାରମ୍ପରିକ ଖାଦ୍ୟ ମେଳା, କୃଷି ଭିତ୍ତିକ ଯନ୍ତ୍ରପାତି ମେଳା ପ୍ରଦର୍ଶିତ ହୋଇଥିଲା । ପ୍ରଥମ ରଜନୀର ମୁଖ୍ୟ ଆକର୍ଷଣ ଓଡ଼ିଆ ସିନେମା ଜଗତର ପ୍ରସିଦ୍ଧ ଗାୟିକା ଅନ୍ତରା ଚକ୍ରବର୍ତ୍ତୀ ଓ ତାଙ୍କ ସହଯୋଗୀ ଦର୍ଶକଙ୍କୁ ଆକର୍ଷିତ କରିଥିଲେ । ସଂସ୍କୃତି ପରିଷଦ ଆନୁକୁଲ୍ୟରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ଦାସକାଠିଆ, ଓଡ଼ିଶୀ ନୃତ୍ୟ, କୁଚିପୁଡ଼ି, ସମ୍ବଲପୁରୀ, ଢେମସା, କାଠପାଦ ନୃତ୍ୟ, ଆଧୁନିକ ନୃତ୍ୟ ପରିବେଷଣ ହୋଇଥିଲା ।

## ଡାଲା ଅଟୋ ସହ ବାଇକ୍ ଧକ୍କା, ଯୁବକ ଗୁରୁତର

**ବୁଗୁଡା,୭।୪/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ପିପୁଲ୍ସ କଲେଜ ନିକଟ ମୁଖ୍ୟ ସଡକରେ ଏକ ଡାଲା ଅଟୋ ସହ ବାଇକର ଧକ୍କା ଫଳରେ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି । ଗୁରୁତର ଯୁବକ ଜଣକ ବୁଗୁଡା ଅରବିନ୍ଦନଗର ସାହିର ସୁଶାନ୍ତ ଶତପଥି (୪୩) । ଘଟଣାରୁ ପ୍ରକାଶ ଯେ, ସୁଶାନ୍ତ ତାଙ୍କର ଦୁଇ ସାଥିଙ୍କ ସହ ଏକ ବାଇକରେ ବୁଗୁଡା ଅଭିମୁଖେ ଆସୁଥିଲେ ଏବଂ ଏକ ମକା ବୋଝେଇ ଡାଲା ଅଟୋ ମଧ ବୁଗୁଡା ଆଡକୁ ଆସୁଥିଲା । କଲେଜ ନିକଟ ରାସ୍ତାରେ ଅସାବଧାନତା ଯୋଗୁଁ ଅଟୋ ସହ ବାଇକର ଧକ୍କା ହୋଇଥିଲା । ଏହା ଫଳରେ



ବାଇକ ଆରୋହୀ ତିନିହେଁ ଫୋପାଡି ହୋଇ ପଡିଥିବା ବେଳେ ଡାଲା ଅଟୋଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା । ଦୁର୍ଘଟଣାରେ ତିନି ଜଣ ବାଇକ ଆରୋହୀଙ୍କ ମଧ୍ୟରୁ ଦୁଇ ଜଣ ସାମାନ୍ୟ ଆହତ ହୋଇଥିଲା ବେଳେ ସୁଶାନ୍ତଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା ଏବଂ ଡାଲା ଅଟୋରେ ବସିଥିବା ପାଣିକେଶର ଗ୍ରାମର ଅନୁପ ସ୍ୱାଇଁ(୨୬)ଙ୍କ ମୁଣ୍ଡ ଫାଟି ଯାଇଥିଲା । ଦୁର୍ଘଟଣା ସ୍ଥଳରୁ ସମସ୍ତ ଆହତଙ୍କୁ ଉଦ୍ଧାର କରି ବୁଗୁଡା ମେଡିକାଲକୁ ଅଣାଯାଇଥିଲା । ସେଠାରେ ସମସ୍ତଙ୍କ ପ୍ରାଥମିକ ଚିକିତ୍ସା ପରେ ପିଣ୍ଟୁଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଥିଲା । ଖବର ପାଇ ପୋଲିସ ମେଡିକାଲରେ ପହଞ୍ଚି ଘଟଣାର ତଦନ୍ତ କରୁଥିବା ଜଣାଯାଇଛି ।

## ଶିଶୁକଥା ଦିବସ ପାଳିତ



**ଆସିକା,୭।୪/ଏନ୍‌ଏନ୍‌ଏସ୍:** ଓଡିଶା ସରକାରଙ୍କ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପରାମର୍ଶକ୍ରମେ ଗତ ୧ ତାରିଖ ଠାରୁ ଆରମ୍ଭ ହୋଇଥିବା ଓଡିଆ ପକ୍ଷ ପାଳନ କାର୍ଯ୍ୟକ୍ରମ ଆସନ୍ତା ୧୪ ତାରିଖ ମହାବିଷୁବ ସଂକ୍ରାନ୍ତି ଦିନ ଶେଷ ହେବ ବୋଲି ଜଣାପଡିଛି । ଏହି ଓଡିଆ ପକ୍ଷ ପାଳନର ସପ୍ତମ ଦିବସରେ ଆସିକା ଶିକ୍ଷା ବିଭାଗ ପକ୍ଷରୁ ଶିଶୁକଥା ଦିବସ ପାଳନ ଏବଂ ବର୍ଣ୍ଣବୋଧ ପୁସ୍ତକ ପଠନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆସିକା ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନସ୍ଥ ହରିଡାପଦର, ନିମିନା, କେନ୍ଦୁପଦର, ବାଲିସିରା, ସଦର, ଖାରିଆ, ବାବନପୁର, ଗଙ୍ଗାପୁର, କେ.ନୁଆଁପଲ୍ଲୀ, ବଡଖୋଲି, ଭେଟନଇ, ନଳବଣ୍ଟା, କାଳକଣ୍ଠପୁର କ୍ଲଷ୍ଟରର ୧୩୫ଟି ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟରେ ପାଠ ପଢୁଥିବା କୁନି କୁନି ଶିଶୁମାନଙ୍କ ଉପସ୍ଥିତିରେ ଶିଶୁକଥା ଦିବସ ଓ ବର୍ଣ୍ଣବୋଧ ପୁସ୍ତକ ପଠନର ଆବଶ୍ୟକତା ଉପରେ ଆଲୋକପାତ କରାଯାଇଥିବା ଦେଖିବାକୁ ମିଳିଛି । ଆସିକା ଗୋଷ୍ଠୀ ଶିକ୍ଷାଧିକାରୀ ମୁନ୍‌ରାଣୀ ମହାନ୍ତି, ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ବିଭୁନନ୍ଦନ ପଣ୍ଡା ଓ ଭଂଜ ବେହେରାଙ୍କ ସମେତ ବହୁ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବିଭିନ୍ନ ବିଦ୍ୟାଳୟକୁ ଗସ୍ତ କରି ବର୍ଣ୍ଣବୋଧ ପୁସ୍ତକ ପାଠ କରିବାର ଆବଶ୍ୟକତା ଓ ଏହି ପୁସ୍ତକରେ ପ୍ରକାଶିତ ବିଭିନ୍ନ ଛବି ଓ ପଶୁପକ୍ଷୀଙ୍କ ସଂପର୍କରେ ମାର୍ଗଦର୍ଶନ କରାଇ ବର୍ଣ୍ଣବୋଧ ମାତୃଭାଷା ଶିକ୍ଷଣର ମୂଳଦୁଆ ହୋଇଥିବା ବେଳେ ଏହା କୋମଳମତି ଶିଶୁମାନଙ୍କ ପାଠପଢା ପ୍ରତି ବିଶେଷ ଆକୃଷ୍ଟ କରିପାରିବ ବୋଲି ପ୍ରକାଶ କରିବା ସାଙ୍ଗକୁ ଏହି ବର୍ଣ୍ଣବୋଧ ପୁସ୍ତକର ବହୁଳ ବ୍ୟବହାର ଆମ ମାତୃଭାଷାକୁ ଋଦ୍ଧିମନ୍ତ କରିବାରେ ବେଶ୍ ସହାୟକ ହେବ ବୋଲି ଆଶା ପ୍ରକଟ କରିଥିବା ଲକ୍ଷ୍ୟ କରାଯାଇଥିଲା ।

## 'ଶିଶୁ କଥା ଦିବସ' ମହାସମାରୋହରେ ପାଳିତ





**ଫୁଲବାଣୀ,୭।୪/ଏନ୍‌ଏନ୍‌ଏସ୍:** 'ଓଡ଼ିଆ ପକ୍ଷ ୨୦୨୬' ଅବସରରେ ଆଜି ଫୁଲବାଣୀସ୍ଥିତ ସରକାରୀ ଏ. ଜେ. ଓ. ହାଇସ୍କୁଲ ପରିସରରେ 'ଶିଶୁ କଥା ଦିବସ' ମହାସମାରୋହରେ ପାଳିତ ହୋଇଯାଇଛି । କନ୍ଧମାଳ ଜିଲ୍ଲା ପ୍ରଶାସନ ଓ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି କୋମଳମତି ଶିଶୁମାନଙ୍କ ମଧ୍ୟରେ ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତି ଆଗ୍ରହ ସୃଷ୍ଟି କରିବା । ଏହି ଉତ୍ସବରେ ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ତଥା- ଜିଲ୍ଲା ସଂସ୍କୃତି ଅଧିକାରୀ ଗଦାଧର ପାତ୍ର ଏବଂ ଜିଲ୍ଲା ଶିକ୍ଷା ଅଧିକାରୀ ରାଜେଶ କୁମାର ସ୍ୱାଇଁ ପ୍ରମୁଖ ଯୋଗ ଦେଇ ଓଡ଼ିଆ ଭାଷାର ସୁରକ୍ଷା ଓ ପ୍ରସାର ପାଇଁ ଶିଶୁ ସାହିତ୍ୟର ଗୁରୁତ୍ୱ ଉପରେ ଅତିଥିମାନେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଭାବେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଭକ୍ତକବି ମଧୁସୂଦନ ରାଓଙ୍କ ଅମର ସୃଷ୍ଟି 'ମଧୁ ବର୍ଣ୍ଣବୋଧ' ଏବଂ ବିଭିନ୍ନ 'ଶିଶୁ ଲେଖା' ପୁସ୍ତିକା ବଣ୍ଟନ କରାଯାଇଥିଲା । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପାୟଲ ପଟ୍ଟନାୟକଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀବୃନ୍ଦ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ ।

## ଗଞ୍ଜାମ ୩୬୦ ଆଭିମୁଖ୍ୟ କାର୍ଯ୍ୟକ୍ରମ ଓ ତାଲିମ କର୍ମଶାଳା



**ଛତ୍ରପୁର,୭।୪/ଏନ୍‌ଏନ୍‌ଏସ୍:** ଗଞ୍ଜାମ ୩୬୦ ଆଭିମୁଖ୍ୟ କାର୍ଯ୍ୟକ୍ରମ ଓ ତାଲିମ କର୍ମଶାଳା ସ୍ଥାନୀୟ ଋଷିକୁଲ୍ୟା ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଗଞ୍ଜାମ ଜିଲ୍ଲାର କାର୍ଯ୍ୟକାରୀ ହେଉଥିବା ଜନ କଲ୍ୟାଣକାରୀ କାର୍ଯ୍ୟକ୍ରମ ଗୁଡିକର ସଫଳ ଓ ତ୍ୱରିତ ରୂପାୟନ କରିବାର ଲକ୍ଷ୍ୟ ରଖାଯାଇଛି । ଜିଲ୍ଲାର ମେଧାବୀ ଛାତ୍ରଛାତ୍ରୀ ମାନଙ୍କୁ ଭାରତୀୟ ପ୍ରଶାସନିକ ସେବା ଏବଂ ଓଡିଶା ପ୍ରଶାସନିକ ସେବା ଭଳି ପ୍ରତିଯୋଗିତା ମୂଳକ ପରୀକ୍ଷା ପାଇଁ 'ଲକ୍ଷ୍ୟ ନିକେତନ' ମାଧ୍ୟମରେ ଅଭିଜ୍ଞ ଆଇଏଏସ୍, ଆଇପିଏସ୍ ଏବଂ ଅବସରପ୍ରାପ୍ତ ଅଧିକାରୀ ମାନଙ୍କ ଦ୍ୱାରା ମାଗଣା କୋଚିଂ, ସ୍କୁଲ ଏବଂ ଛାତ୍ରଛାତ୍ରୀଙ୍କ ତଥ୍ୟ ଓ ଶିକ୍ଷା ଅଗ୍ରଗତି ତଦାରଖ ଗଞ୍ଜାମ ୩୬୦ ଆପ ମାଧ୍ୟମରେ କରାଯିବା ଲକ୍ଷ୍ୟ ରଖାଯାଇଛି । ଛାତ୍ରଛାତ୍ରୀଙ୍କ ଉପସ୍ଥାନ ଠାରୁ ଆରମ୍ଭ କରି ସେମାନଙ୍କର ପରୀକ୍ଷାଫଳ ପର୍ଯ୍ୟନ୍ତ ସବୁକିଛି ଏହି ପୋର୍ଟାଲ ମାଧ୍ୟମରେ ଟ୍ରାକ କରାଯାଇପାରିବ । ସ୍କୁଲରେ ଦିଆଯାଉଥିବା ମଧ୍ୟାହ୍ନ ଭୋଜନ, ପାନୀୟ ଜଳ, ଶୌଚାଳୟର ପରିଚ୍ଛନ୍ନତା, ଏବଂ ଅନ୍ୟାନ୍ୟ ସୁବିଧାର ସ୍ଥିତି କିପରି ଅଛି ତାହା ଅଧିକାରୀ ମାନେ ତଦାରଖ କରି ଏହି ମୋବାଇଲ୍ ଆପ୍‌ରେ ଲିପିବଦ୍ଧ କରାଯିବା ଲକ୍ଷ୍ୟ ରଖାଯାଇଛି । ସରକାରୀ କର୍ମଚାରୀ ମାନଙ୍କୁ ଦିଆଯାଇଥିବା ବିଭିନ୍ନ କାର୍ଯ୍ୟ କେତେ ଦୂର ଆଗେଇଛି, ତାହାର ଡିଜିଟାଲ ରିପୋର୍ଟିଂ ଏଠାରେ କରାଯିବ । ଜନ ସାଧାରଣଙ୍କ ମତାମତ ଏବଂ ବିଭିନ୍ନ ଯୋଜନାର ତୃଣମୂଳ ସ୍ତରରେ ସ୍ଥିତି ଜାଣିବା ପାଇଁ ଏହି ଆପ୍ ମାଧ୍ୟମରେ ସର୍ଭେ କରାଯିବ । ଏହି ଆପର ସଫଳ ଓ ପାରଦର୍ଶୀ ବ୍ୟବହାର ଗଞ୍ଜାମ ଜିଲ୍ଲାର ବିକାଶ ଧାରାକୁ ତ୍ୱରାନ୍ୱିତ କରିବ ବୋଲି ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ୍ ଆଶାବ୍ୟକ୍ତ କରିଛନ୍ତି । ଅଧିକାରୀମାନେ ଯେତେବେଳେ କୌଣସି ସ୍କୁଲ, ଅଙ୍ଗନୱାଡି କିମ୍ବା ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିବେ ସେମାନଙ୍କୁ ସେହି ସ୍ଥାନରୁ ଗଞ୍ଜାମ ୩୬୦ ଆପ୍ ମାଧ୍ୟମରେ ତଥ୍ୟ ଅପଲୋଡ୍ କରିବାକୁ ହେବ । ଶିକ୍ଷା, ସ୍ୱାସ୍ଥ୍ୟ ଓ ସୁଶାସନ ଦିଗରେ ଏହା ଏକ ନୂତନ ପ୍ରୟାସ ବୋଲି କୁହାଯାଇଥିଲା । ଗଞ୍ଜାମ ୩୬୦ ଆପ୍ କିପରି ଡାଉନଲୋଡ୍ କରାଯାଇପାରିବ ଓ ଏହାକୁ କିପରି ବ୍ୟବହାର କରାଯିବ ସମସ୍ତ ବିଷୟରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ସମୀର କୁମାର ଜେନା ଜିଲ୍ଲାର ସମସ୍ତ ତହସିଲଦାର, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଅତିରିକ୍ତ ତହସିଲଦାର ଓ ଅନ୍ୟାନ୍ୟ ଅଧିକାରୀ ମାନଙ୍କୁ ତାଲିମ୍ ପ୍ରଦାନ କରିଥିଲେ ।

## ଗୋଳାବନ୍ଧ ହାଇସ୍କୁଲ୍ ଶିକ୍ଷକଙ୍କ ବିରୁଦ୍ଧରେ ଗ୍ରାମବାସୀଙ୍କ ଅଭିଯୋଗ

**ବୁଗୁଡା,୭।୪/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅନ୍ତର୍ଗତ ଗୋଳାବନ୍ଧ ଗ୍ରାମସ୍ଥ ହାଇସ୍କୁଲର ଛାତ୍ରୀଙ୍କ ପ୍ରତି ଅନୁଚିତ ବ୍ୟବହାରକୁ ନେଇ ଶିକ୍ଷକ ରୋହିତ କୁମାର ସେଠୀଙ୍କ ବିରୁଦ୍ଧରେ ଗ୍ରାମବାସୀ ପକ୍ଷରୁ ବୁଗୁଡା ଥାନାରେ ଅଭିଯୋଗ କରିଥିବା ଜଣାଯାଇଛି । ଗତ ଏପ୍ରିଲ ୨ ତାରିଖରୁ ବିଦ୍ୟାଳୟ ଖୋଲାଯାଇଥିଲେ ହେଁ ଗୋଳାବନ୍ଧ ଗ୍ରାମର କେତେକ ଛାତ୍ରୀ ସ୍କୁଲକୁ ଯିବାକୁ ଅମଙ୍ଗ ହେଉଛନ୍ତି । ଏହାର କାରଣ ସମ୍ପର୍କେ ଅଭିଭାବକମାନେ ପଚରାଉଚରା କରି ଜାଣିବାକୁ ପାଇଲେ ଯେ ବିଦ୍ୟାଳୟର ଶିକ୍ଷକ ରୋହିତ କୁମାର ସେଠୀ ଛାତ୍ରୀମାନଙ୍କ ପ୍ରତି କୁଆଡେ ଅନୁଚିତ ବ୍ୟବହାର କରୁଛନ୍ତି । ଏ ନେଇ ଅଭିଭାବକ ମହଲରେ ଆଲୋଚନା ପରେ ସୋମବାର ଦିନ ଗ୍ରାମବାସୀଙ୍କ ଏକ ବୈଠକ ବସିଥିଲା । ଉକ୍ତ ବୈଠକକୁ



ବିଦ୍ୟାଳୟର ସମ୍ପୃକ୍ତ ଶିକ୍ଷକଙ୍କୁ ଡକାଯାଇ ଏ ପ୍ରସଙ୍ଗରେ ପଚରାଯାଇଥିଲେ ହେଁ ଆଦୌ ଉତ୍ତର ନଦେଇ ସେ ନୀରବ ରହିଥିଲେ । କୌଣସି ସୂତ୍ରରୁ ଖବର ପାଇ ପୋଲିସ ବୈଠକ ସ୍ଥଳରେ ପହଞ୍ଚି ସେଠାରୁ ପ୍ରଧାନ ଶିକ୍ଷକଙ୍କୁ ଉଦ୍ଧାର କରିଥିଲା । ଗ୍ରାମବାସୀ ଥାନା ପରିସରରେ ରୁଣ୍ଡହୋଇ ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ ଅଭିଯୋଗ କରିବା ସହ ତାଙ୍କର ବଦଳି ଦାବି କରିଥିଲେ । ତେବେ ପୁଲିସ ଘଟଣାର ତଦନ୍ତ କରୁଥିବା ଜଣାଯାଇଛି ।

# ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିରରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ

**ଆସିକା,୭।୪/ଏନ୍‌ଏନ୍‌ଏସ୍:** ଆସିକା ଉପଖଣ୍ଡ ଚିକିତ୍ସାଳୟର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହାଟପଦା ଛକ ନିକଟରେ ପରିଚାଳିତ ହୋଇଆସୁଥିବା ସହରାଞ୍ଚଳ ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିରରେ ମଙ୍ଗଳବାର ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି । ଆସିକା ଉପଖଣ୍ଡ ଚିକିତ୍ସାଳୟର ଅଧୀକ୍ଷକ ଡାକ୍ତର ବାଲ୍‌ଗୋପାଳ ବେହେରାଙ୍କ ପରାମର୍ଶକ୍ରମେ ସହରାଞ୍ଚଳ ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିର ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଭାଗବତ ପ୍ରସାଦ ବିଷୋୟୀ ଯୋଗଦେଇ ସ୍ୱାସ୍ଥ୍ୟ



ମନୁଷ୍ୟ ସମାଜର ଏକ ମୌଳିକ ଆବଶ୍ୟକତା ଓ ଅଧିକାର ବୋଲି କହିଥିଲେ । ଦେହ ଓ ମନ ଠିକ୍ ନ ରହିଲେ ମନୁଷ୍ୟ ସଠିକ୍ ଭାବେ ଜୀବନଧାରଣ କରିପାରିବ ନାହିଁ । ସ୍ୱାସ୍ଥ୍ୟ କେବଳ ଶାରୀରିକ ସୁସ୍ଥତା ସାଙ୍ଗକୁ ମାନସିକ ଓ ସାମାଜିକ ସୁସ୍ଥତାକୁ ମଧ ବୁଝାଇଥାଏ । ଜଣେ ବ୍ୟକ୍ତି ସାମାଜିକ, ମାନସିକ ଓ ଶାରୀରିକ ଭଳି ୩ଟି କ୍ଷେତ୍ରରେ ସଦାସର୍ବଦା ସୁସ୍ଥ ରହିବା ଆବଶ୍ୟକ । ସ୍ୱାସ୍ଥ୍ୟ ହେଉଛି ମନୁଷ୍ୟର ସୁଖ ଓ ସୁସ୍ଥତାର ମାପଦଣ୍ଡ କାରଣ ସୁସ୍ଥ ବ୍ୟକ୍ତି ସଦାସର୍ବଦା ଦୀର୍ଘାୟୁ ହୋଇଥାଏ । ତେଣୁ ସାଧାରଣ ଜନତା ନିଜର ବ୍ୟସ୍ତବହୁଳ ଜୀବନ ଭିତରେ ସ୍ୱାସ୍ଥ୍ୟକୁ ସଦାସର୍ବଦା ସୁସ୍ଥ ରଖି କିପରି ନିରୋଗ ଜୀବନଯାପନ କରିବା ସେ ସଂକ୍ରାନ୍ତରେ ସଚେତନତାର ବାର୍ତ୍ତା ପ୍ରଦାନ କରିଥିବା ଦେଖିବାକୁ ମିଳିଥିଲା । ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନ ଅବସରରେ ଆସିକା ସହରାଞ୍ଚଳ ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିର ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମକୁ ସୁପରିଚାଳନା କରିବା ଦିଗରେ ସ୍ୱାସ୍ଥ୍ୟକେନ୍ଦ୍ରର ଫାର୍ମାସିଷ୍ଟ ରୀନା କୁମାରୀ ପ୍ରଧାନ, ଷ୍ଟାଫ୍ ନର୍ସ ଅର୍ଚ୍ଚନା ମହାନ୍ତି, ସହାୟକ ସମୀର କୁମାର ପଟ୍ଟନାୟକ, ଜଗନ୍ନାଥ ମିଶ୍ର, ନିରାପତ୍ତାରକ୍ଷୀ ବିପିନ୍ ନାହାକ ପ୍ରମୁଖ ସହଯୋଗ କରିଥିଲା ବେଳେ ବହୁ ସଚେତନ ନାଗରିକ ଉପସ୍ଥିତ ଥିବା ଲକ୍ଷ୍ୟ କରାଯାଇଥିଲା ।

## ବିଜେପିର ୪୭ତମ ପ୍ରତିଷ୍ଠା ଦିବସ

**କୁକୁଡାଖଣ୍ଡି,୭।୪/ଏନ୍‌ଏନ୍‌ଏସ୍:** କୁକୁଡାଖଣ୍ଡି ବ୍ଲକ ଲୋଚାପଡା ନିକଟରେ ବିଜେପିର ୪୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ମନ୍ତ୍ରୀ ବିଭୁତି ଭୂଷଣ ଜେନାଙ୍କ କୁକୁଡାଖଣ୍ଡି ପ୍ରତିନିଧି ସୂର୍ଯ୍ୟମଣି ପାତ୍ରଙ୍କ ସହଯୋଗ କ୍ରମେ ସମସ୍ତ କାର୍ଯ୍ୟକର୍ତ୍ତାକୁ ନେଇ ମନ୍ତ୍ରୀ ପ୍ରତିନିଧିଙ୍କ କାର୍ଯ୍ୟାଳୟ ପରିସରରେ ଦଳର ପ୍ରତିଷ୍ଠା ଦିବସ ପାଳନ କରାଯାଇଥିଲା । ଭାରତୀୟ ଜନତା ପାର୍ଟି ଏପ୍ରିଲ ୬ ତାରିଖ ୧୯୮୦ରେ ଗଠନ ହୋଇଥିଲା । ପରେ ବିଜେପି ଦଳ ନାମରେ ପ୍ରଚାର ଜାରି ରହିଥିଲା ବୋଲି ଦଳୀୟ ନେତାମାନେ କହିଥିଲେ । ଏହି ଅବସରରେ ବିଜେପି ପ୍ରତିଷ୍ଠାତା ସଭାପତି ଶ୍ୟାମା ପ୍ରସାଦ ମୁଖାର୍ଜୀ ଏବଂ ସାଧାରଣ ସମ୍ପାଦକ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଫଟୋରେ ମାଲ୍ୟାର୍ପଣ କରି ତାଙ୍କ କାର୍ଯ୍ୟ ଶୈଳିକୁ ପ୍ରଶଂସା କରାଯାଇଥିଲା । ଏଥିରେ ଲୋଚାପଡା ସରପଞ୍ଚ ଏଲ. ମୋହନ ଦାଶ, ଗଣେଶ ବେହେରା, ଲୋଚାପଡା ସମିତି ସଭ୍ୟ ଚଣ୍ଡୀଚରଣ ସାହୁ, ରବୀନ୍ଦ୍ର ସାହୁ, ନିମଖଣ୍ଡି ପୂର୍ବତନ ସରପଞ୍ଚ ପ୍ରଦୀପ ବେହେରା, ବୋରିଗାଁ ସମିତିସଭ୍ୟ ସନ୍ତୋଷ ସାହୁ, ବାବୁଲା ସାହୁ, ମୁନା ନାୟକ, ବିଜେନ ପ୍ରଧାନ, ସାହେବ ସେଠୀ, ତମେୟା ପାତ୍ରଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

ନିତିଦିନ NITIDIN



## ମଠକୁ ଫେରିଲେ ମଠାଧୀଶ ବାବା ଓ ଅନ୍ତେବାସିନୀ



**ନାଉଗାଁ,୭।୪/ଏନ୍ଏନ୍ଏସ୍:** ବହୁ ଚର୍ଚ୍ଚିତ ଜଗତସିଂହପୁର ଜିଲ୍ଲା ନାଉଗାଁ ଶାଳଜଙ୍ଗା ମଠର ମଠାଧିଶ ବାବା ଗଦାଧର ଦାସ ଓ ଅନ୍ତେବାସୀନି ରିନାରାଣୀ ସ୍ୱାଇଁଙ୍କୁ ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ପରେ ଆଜି ପୁଲିସ ପ୍ରଶାସନ ମଠ ମଧ୍ୟରେ ପ୍ରବେଶ କରାଇଛି। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ମଠ ପରିସରରେ କୌଣସି ଆଇନଶୃଙ୍ଖଳା ପରିସ୍ଥିତି ନ ଉପୁଜିବା ପାଇଁ ସେଠାରେ ପୁଲିସ ମଧ୍ୟ ମୁତୟନ କରାଯାଇଛି। ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ଉପଜିଲ୍ଲାପାଳ ଓ ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତିରେ ମଠ ଭିତରେ ସେମାନଙ୍କୁ ପ୍ରବେଶ କରାଯାଇଥିବା ଦେଖିବାକୁ ମିଳିଛି। ମଠରେ ଦାନଧର୍ମ ସୂତ୍ରରେ ମିଳିଥିବା ଅର୍ଥ ତୋଷରପାତ ଓ ମଠ ଜମି ହଡ଼ପ ଅଭିଯୋଗ ପରେ ସ୍ଥାନୀୟ ଶାଳଜଙ୍ଗା ଗ୍ରାମବାସୀ ନାଉଗାଁ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏହାପରେ କୌଶଳ କ୍ରମେ ଅନ୍ତେବାସୀନି ରିନାରାଣୀ ସ୍ୱାଇଁ ମଠ ଛାଡି ପଳାଇଥିବା ବେଳେ ବାବା ଗଦାଧର ଦାସ ମଠ ମଧ୍ୟରୁ ରାତି ଅଧରେ ପାଚେରୀ ଡେଇଁ ପଳାୟନ କରିଥିବା ଅଭିଯୋଗ ହୋଇଥିଲା। ପରବର୍ତ୍ତୀ ଅବସ୍ଥାରେ ମଠ ମଧ୍ୟକୁ ଉକ୍ତ ଦୁଇଜଣ ପ୍ରବେଶ କରିବାକୁ ଚାହିଁଥିଲେ ମଧ୍ୟ ଗ୍ରାମବାସୀମାନଙ୍କ ପ୍ରବଳ ବିରୋଧ ଯୋଗୁଁ ସେମାନେ ମଠ ମଧ୍ୟକୁ ପ୍ରବେଶ କରି ପାରିବା ସମ୍ଭବ ନଥିଲା। ଆଜି ମାନ୍ୟବର ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ ପରେ ପୋଲିସ ସେମାନଙ୍କୁ ମଠ ମଧ୍ୟକୁ ପ୍ରବେଶ କରାଇଛି।

## ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



**ବଡଚଣା,ଚଣ୍ଡିଖୋଲ,୭।୪/ଏନ୍ଏନ୍ଏସ୍:** ବଡଚଣା ବ୍ଲକ୍ ଅନ୍ତର୍ଗତ 'ପି ଏମ୍ଶ୍ରୀ' ବଡଚଣା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବାର୍ଷିକ କ୍ରୀଡ଼ା ଉତ୍ସବ-୨୦୨୬ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ସ୍ମୃତି ରଞ୍ଜନ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଯାଜପୁର ଜିଲ୍ଲା କ୍ରୀଡ଼ା ଅଧିକାରୀ ଫକୀର ମୋହନ ଟୁଡୁ ଯୋଗଦେଇ କ୍ରୀଡା ଏକ ସ୍ୱତନ୍ତ୍ର କଳା, ମଣିଷର ଏହା ସହଜାତ ପ୍ରବୃତ୍ତି। ଶାରୀରିକ ବିକାଶ ନ ହେଲେ ମାନସିକ ବିକାଶ ହୋଇ ପାରିବ ନାହିଁ। ପିଲାମାନଙ୍କ ମଧ୍ୟରେ ଥିବା ଲୁକାଇତ ପ୍ରତିଭାକୁ କ୍ରୀଡା ଉଜ୍ଜୀବିତ କରିଥାଏ ବୋଲି କହିବା ସହିତ ଅଭିଭାବକମାନେ ସେମାନଙ୍କ ପିଲାମାନଙ୍କୁ କ୍ରୀଡ଼ା ପ୍ରତି ଆକୃଷ୍ଟ କରିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ସବିତା ନାୟକ, ଶିକ୍ଷାର ଏକ ଅଂଶ ହେଉଛି କ୍ରୀଡ଼ା। କ୍ରୀଡ଼ା ପିଲାମାନଙ୍କର ଶାରୀରିକ, ମାନସିକ, ବୌଦ୍ଧିକ ଓ ଆଧାତ୍ମିକ ବିକାଶ କରିବା ସହିତ ମନରେ ପ୍ରତିଯୋଗିତାର ମନବୃତି ସୃଷ୍ଟି କରିଥାଏ। ଶିକ୍ଷା କହିଲେ କେବଳ ପୋଥି ଗତ ବିଦ୍ୟାକୁ ବୁଝାଏ ନାହିଁ। ପିଲାମାନଙ୍କ ରୁଚି ଅନୁସାରେ ପିଲାମାନଙ୍କୁ ଅଭିଭାବକମାନେ ସେମାନଙ୍କୁ ଉତ୍ସାହିତ କରିବା ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ମହାବିନାୟକ ବିଦ୍ୟାୟନର ପ୍ରଧାନଶିକ୍ଷୟିତ୍ରୀ ବାସନ୍ତୀ ଦେଇ ପିଲାମାନଙ୍କୁ ବହୁ ଶିକ୍ଷଣୀୟ ଉପଦେଶ ପ୍ରଦାନ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ଅଞ୍ଜଳୀ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶାରିରୀକ ଶିକ୍ଷା ଶିକ୍ଷକ ଶୈଳେଶ୍ କୁମାର ମିଶ୍ର ବିଦ୍ୟାଳୟର ବାର୍ଷିକ କ୍ରୀଡା ବିବରଣୀ ପାଠ କରିଥିଲେ। ପରେ ବାର୍ଷିକ କ୍ରୀଡା ପ୍ରତିଯୋଗିତା କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ଶିକ୍ଷୟିତ୍ରୀ ପ୍ରଜ୍ଞା ପାରମିତା ସେଠୀ ଧନ୍ୟବାଦ୍ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀମାନଙ୍କୁ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ, ବନ୍ଦେ ଉତ୍କଳ ଜନନୀ ଗାନ, ସ୍ୱାଗତ ସଂଗୀତ ଓ ବିଭିନ୍ନ ପ୍ରକାର ଶାରୀରିକ କ୍ରୀଡ଼ା କୌଶଳ ପ୍ରଦର୍ଶନ କରାଯାଇଥିଲା।

## ଅବସରପ୍ରାପ୍ତ ବନାଧିକାରୀଙ୍କ ପିତୃ ବିୟୋଗ



**ତାଳଚେର,୭।୪/ଏନ୍ଏନ୍ଏସ୍:** ତାଳଚେର ବ୍ଲକ୍ ଅନ୍ତର୍ଗତ ଅବସରପ୍ରାପ୍ତ ବନଅଧିକାରୀ ରତନ ଶତପଥୀଙ୍କ ପିତା ହୃଷିକେଶ ଶତପଥୀ ୯୩ବର୍ଷରେ ପରଲୋକ ହୋଇଯାଇଛି। ସେ ସନ୍ଧ୍ୟା ସମୟରେ ଠାକୁରଙ୍କୁ ଆଳତୀ ଦେବାକୁ ଯାଉଥିବା ବେଳେ ହଠାତ୍ ସେହିଠାରେ ଟଳି ପଡ଼ିଥିଲେ। ସେ ସୋଲଡ଼ା ଗ୍ରାମରେ ପୋଷ୍ଟମାଷ୍ଟରଭାବେ ଦୀର୍ଘବର୍ଷ ଧରି କାର୍ଯ୍ୟ କରୁଥିଲେ ଓ ସୋଲଡ଼ା କଳମଛୁଇଁ ଗ୍ରାମର ପୁରୋହିତ ଭାବେ ବେଶ ସେହି ଅଞ୍ଚଳରେ ପ୍ରସିଦ୍ଧ ଲାଭ କରିଥିଲେ। ତାଙ୍କ ମରଶରୀରକୁ ଦର୍ଶନ କରିବାକୁ ତାଙ୍କ କ୍ୱାର୍ଟରକୁ ବହୁମାନ୍ୟଗଣ୍ୟ ବ୍ୟକ୍ତି ସୁଅ ଛୁଟିଥିଲା। ସେ ଜଣେ ପରୋପକାରି, ମିଷ୍ଟଭାଷୀ, ମେଳାପୀ, ସହୃଦୟବ୍ୟକ୍ତି ଭାବେ ବେଶ ଅଞ୍ଚଳରେ ଜଣାଶୁଣା ଥିଲେ। ତାଙ୍କ ମରଶରୀରକୁ ପରିକ୍ରମା କରିବାପରେ ପୁରୀ ସ୍ୱର୍ଗଦ୍ୱାରକୁ ନେଇ ଶେଷକୃତ ସମ୍ପର୍ଣ୍ଣ କରାଯାଇଥିଲା ଓ ତାଙ୍କର ପୁତ୍ର ଶ୍ରୀ ଶତପଥୀ ମୁଖାଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁ ବେଳକୁ ପରିବାର ସଦସ୍ୟ ସମେତ ବନ୍ଧୁବାନ୍ଧବମାନେ ଉପସ୍ଥିତ ଥିଲେ।

### ଆଳି-ଭୂଇଁପୁର ରାସ୍ତା ମରାମତି ନିମ୍ନମାନର ଅଭିଯୋଗ

## କଂକ୍ରିଟ ରାସ୍ତାରେ ପିଚୁ ବୋଲି କାମ ସାରିଦେଲା ଠିକାଦାର



**ଆଳି,୭।୪/ଏନ୍ଏନ୍ଏସ୍:** କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ଆଳି ଭୂଇଁପୁର ରାସ୍ତା ମରାମତି କାର୍ଯ୍ୟ ନିମ୍ନମାନର ହୋଇଥିବା ଦେଖିବାକୁ ମିଳିଛି। ମାସେ ପୂର୍ବରୁ ଲକ୍ଷଲକ୍ଷ ଟଙ୍କା ବ୍ୟୟରେ ମରାମତି ହୋଇଥିବା ରାସ୍ତାର କେଉଁଠି ପିଚୁ ଉଠିଗଲାଣି ତ ଆଉ କେଉଁଠି ରାସ୍ତା ଫାଟି ଆଁ କଲାଣି। ରାସ୍ତା ମରାମତି ସମୟରେ ସାଧାରଣ ଲୋକ ଏ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀଙ୍କୁ କାମ ନିମ୍ନମାନର ହେଉଥିବା ଅଭିଯୋଗ କରିଥିଲେ ମଧ୍ୟ ବିଭାଗୀୟ ଯନ୍ତ୍ରୀ ଠିକାଦାରଙ୍କ ସହ ମିଶି ସରକାର କା ମାଲ ପକେଟ ମେ ଡାଲ ନୀତିରେ କାମ ସାରି ବିଲ କରିନେଲେ। କିନ୍ତୁ ରାସ୍ତା ଅବସ୍ଥା ମରାମତି ପୂର୍ବରୁ ଯାହାଥିଲା ସେହି ଅବସ୍ଥାକୁ ଫେରିଆସିଛି। ସୂଚନା ଅନୁଯାୟୀ, ଆଳି ଠାରୁ ଭୂଇଁପୁର ପର୍ଯ୍ୟନ୍ତ ଯାଇଥିବା ରାସ୍ତା ଦେଇ ପ୍ରତିଦିନ ଆଳି ଧୋଆଞ୍ଚଳର ୧୦ ପଞ୍ଚାୟତର ଲୋକମାନେ ବ୍ଲକ୍ ତହସିଲ ଥାନା କୋର୍ଟକୁ ଯିବା ଆସିବା କରିଥାନ୍ତି। ଏହି ରାସ୍ତାରେ ଦୈନିକ ସ୍କୁଲ୍ କଲେଜ୍ ଛାତ୍ରଛାତ୍ରୀ ଯାତାୟତ କରିବା ସହ ଦୈନିକ ଶତାଧିକ କାର, ଲକ୍ଷ୍ମୀ ବସ ସହିତ ବାଲି ବୋଝେଇ ହାଇୱା ଯାତାୟତ କରିଥାଏ। ଯାହାଫଳରେ ଏହି ରାସ୍ତା ବିପର୍ଯ୍ୟସ୍ତ ହୋଇ ପଡିଥିଲା। ମଦଦୋକାନ ଠାରୁ ବିଏନ୍ଏନ୍ଆର୍ ସ୍କୁଲ୍ ପର୍ଯ୍ୟନ୍ତ ଥିବା ଢ଼ଳେଇ ରାସ୍ତା ପୂର୍ବରୁ ଫାଟି ଆଁ କରିଥିବା ବେଳେ ଏହା ଉପରେ କେବଳ ପିଚୁ ବୋଲି ଠିକାଦାର କାମ ସାରି ଦେଇଥିଲା। ମରାମତି କାର୍ଯ୍ୟ ମାସେ ନପୂରୁଣୁ ରାସ୍ତା ଅବସ୍ଥା ପୂର୍ବାବସ୍ଥାକୁ ଫେରି ଆସିଛି। ପୂର୍ବରୁ ଯେମିତି ରାସ୍ତା ଫଟା ଥିବା ଏବେ ସେମିତି ଫଟା ରହିଛି। ସ୍କୁଲ ଛାତ୍ରଛାତ୍ରୀମାନେ ଖଣ୍ଡିଆ ରାସ୍ତାରେ ପଡି ଖଣ୍ଡିଆ ଖାବରା ହେଉଛନ୍ତି। ସେହିପରି ଭୂଇଁପୁର ତାରିଣୀ ମନ୍ଦିର ଠାରୁ ଖରକାବଜାର ବଜାର ପର୍ଯ୍ୟନ୍ତ ରାସ୍ତାରୁ ପିଚୁ ଉଠି ଗଲାଣି। ଏଠାରେ ପ୍ରଶ୍ନ ଉଠୁଛି ଯେ ସରକାର ସାଧାରଣ ଲୋକଙ୍କ ଗମନା ଗମନରେ ସୁବିଧା ଆଣିବା ନିମନ୍ତେ ଲକ୍ଷାଧିକ ଟଙ୍କା ବ୍ୟୟରେ ରାସ୍ତା ମରାମତି କରାଉଛନ୍ତି ମାତ୍ର ବିଭାଗୀୟ ଯନ୍ତ୍ରୀ ଓ ଠିକାଦାର ଏହି ଅର୍ଥକୁ ଜେନେତେନ ପ୍ରକାର ହଡ଼ପ କରି ନେଉଛନ୍ତି। ମଦଦୋକାନ ଠାରୁ ସ୍କୁଲ ପର୍ଯ୍ୟନ୍ତ ଢ଼ଳେଇ ରାସ୍ତା ଉପରେ ପିଚୁ ଲେପି ଦେଇ ଠିକାଦାର ଓ ଯନ୍ତ୍ରୀ ଟଙ୍କା ନେଇ ଯାଇଥିବା ବେଳେ ରାସ୍ତା ଏବେ ପୂର୍ବାବସ୍ଥାକୁ ଫେରିଆସିଛି। ଏ ନେଇ ଆଳି ଗ୍ରାମ୍ୟ ଉନ୍ନୟନ ବିଭାଗୀୟ ଯନ୍ତ୍ରୀଙ୍କ ପ୍ରତିକ୍ରିୟା ମିଳିପାରିନି। ତୁରନ୍ତ ଏହି ନିମ୍ନମାନର ରାସ୍ତା କାର୍ଯ୍ୟ କରିଥିବା ଠିକାଦାର ଓ କାର୍ଯ୍ୟ ତଦାରଖ ଦାୟିତ୍ୱରେ ଥିବା ବିଭାଗୀୟ ଯନ୍ତ୍ରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବା ନିମନ୍ତେ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

### ମରଣାନ୍ତକ ଆକ୍ରମଣ ଘଟଣାରେ ପୁଲିସର ନିଷ୍କ୍ରିୟତା

## ସୁରକ୍ଷା ଦାବିରେ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମାନସଙ୍କ ଧାରଣା



**କେନ୍ଦ୍ରାପଡ଼ା,୭।୪/ଏନ୍ଏନ୍ଏସ୍:** ମରଣାନ୍ତଙ୍କ ଆକ୍ରମଣ ଘଟଣାରେ ମାର୍ଶାଘାଇ ଥାନା ପୁଲିସର ନିଷ୍କ୍ରିୟତା। ପରିବାରର ସୁରକ୍ଷା ଦାବିରେ କେନ୍ଦ୍ରାପଡ଼ା ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି ମାନସ ରଞ୍ଜନ ଆଚାର୍ଯ୍ୟ। ତାଙ୍କୁ ସମର୍ଥନ ଜଣାଇ ଅନ୍ୟମାନେ ମଧ୍ୟ ଏହି ଧାରଣାରେ ବସି ରହିଛନ୍ତି। ଅଭିଯୋଗ ଅନୁଯାୟୀ କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ଥାନା ଅନ୍ତର୍ଗତ କରଞ୍ଜ ଗ୍ରାମର ନଳିନୀ କୁମାର ଆଚାର୍ଯ୍ୟଙ୍କ ପୁତ୍ର ମାନସ ରଞ୍ଜନ ଆଚାର୍ଯ୍ୟ ସେହି ପଞ୍ଚାୟତରେ ଚାଲିଥିବା ରାସ୍ତା ମରାମତି, ପୋଖରୀ ସଫେଇ, ଓମ୍‌ଫେଡ୍, ଗୃହ ନିର୍ମାଣ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର କରାଯାଇ ଦୁର୍ନୀତି କରାଯାଉଥିବା ଏବଂ ଓପିଟିସିଏଲର ସିମେଣ୍ଟ ଓ ରଡ୍ ଚୋରି ଭଳି ଘଟଣାର ଚୁପ୍ ରହିବାକୁ ବାଧ କରି ଏକ ରାଜନୈତିକ ଗୋଷ୍ଠିର କେତେକ ଯୁବକ ସଂଘବଦ୍ଧ ହୋଇ ଚଳିତ ମାସ ୧୭ତାରିଖରେ ମାନସ ରଞ୍ଜନଙ୍କୁ ଧମକ ଦେବା ସହ ମରଣାନ୍ତଙ୍କ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ମାନସ ରଞ୍ଜନଙ୍କ ବାମହାତ ଭାଙ୍ଗିଯାଇଥିବା ବେଳେ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଥିଲା। ସ୍ଥାନୀୟ ଲୋକ ଓ ସାନଭାଇର ସହାୟତାରେ ମାନସ ରଞ୍ଜନ ପ୍ରଥମେ ମାର୍ଶାଘାଇ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଅଧିକ ଚିକିତ୍ସା ନିମନ୍ତେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ଏସମ୍ପର୍କରେ ମାନସ ରଞ୍ଜନ ମାର୍ଶାଘାଇ ଥାନାରେ ଅଭିଯୋଗ କରିଥିଲେବି ମାର୍ଶାଘାଇ ଥାନା ପୁଲିସ କୌଣସି ପଦକ୍ଷେପ ଗ୍ରହଣ କରିନଥିଲା। ସେହିଦିନ ମାନସ ରଞ୍ଜନ ୧୧୨କୁ କଲ୍ କରି ସମସ୍ତ କଥା ଜଣାଇଥିଲେବି ପୁଲିସ କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିଲା। ପୁଲିସର ନିଷ୍କ୍ରିୟତା ଯୋଗୁଁ ଭବିଷ୍ୟତରେ ମାନସ ରଞ୍ଜନଙ୍କ ପରିବାରଜନଙ୍କ ଜୀବନହାନୀ ହେବାର ସମ୍ଭାବନା ରହିଥିବାରୁ ପରିବାରବର୍ଗଙ୍କୁ ସୁରକ୍ଷା ଯୋଗାଇଦେବା ସହିତ ଘଟଣାର ନିରପେକ୍ଷ ତଦନ୍ତ ପୂର୍ବକ ଅଭିଯୁକ୍ତଙ୍କୁ ଗିରଫ କରାଯିବାକୁ ସେ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଲିଖିତ ଭାବେ ନିବେଦନ କରିଥିଲେ। ଏହା ପରେବି ମାର୍ଶାଘାଇ ଥାନା ପୁଲିସ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାନଯିବାରୁ ସେ ଏସ୍‌ପିଙ୍କୁ ଭେଟି ଏସମ୍ପର୍କରେ ଲିଖିତ ଭାବେ ଜଣାଇବା ସହ ତାଙ୍କ ପରିବାରୁ ସୁରକ୍ଷା ଯୋଗାଇଦେବାକୁ ପୂର୍ବରୁ ନିବେଦନ କରିଥିଲେ। ଯଦି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାନଯାଏ ତେବେ ସେ ପରିବାରଜନଙ୍କ ଜୀବନର ସୁରକ୍ଷା ଦୃଷ୍ଟିରୁ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଏସ୍‌ପିଙ୍କୁ ଲିଖିତ ଭାବେ ଜଣାଇଥିଲେ। ତାଙ୍କ ପରିବାରକୁ ସୁରକ୍ଷା ଯୋଗାଇ ଦିଆନଯିବାରୁ ସେ ବାଧ ହୋଇ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଲେ। ତାଙ୍କୁ ସମର୍ଥନ କରି କେତେକ ସାମାଜିକ କର୍ମୀ ଓ ସୂଚନା ଅଧିକାର ଅଭିଯାନର କର୍ମକର୍ତ୍ତାମାନେ ମଧ୍ୟ ଧାରଣାରେ ସାମିଲ ହେଲେ। କେନ୍ଦ୍ରାପଡା ଏସ୍‌ଡିପିଓ ଜ୍ୟୋତିରଞ୍ଜନ ଗୌଡା ମାନସଙ୍କ ଠାରୁ ଦାବିପତ୍ର ଗ୍ରହଣ କରିବା ସହ ଖୁବଶୀଘ୍ର ପୁଲିସ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବ ବୋଲି ପ୍ରତିଶ୍ରୁତି ଦେବାପରେ ମାନସ ଧାରଣାକୁ ପ୍ରତ୍ୟାହାର କରିନେଇଛନ୍ତି। ପୁଲିସ ଯଦି ପଦକ୍ଷେପ ଗ୍ରହଣ ନକରେ ତେବେ ପୁନର୍ବାର ନ୍ୟାୟ ପାଇବା ନିମନ୍ତେ ସେ ଧାରଣା ଦେବେ ବୋଲି ମାନସ କହିଛନ୍ତି।

## ୬୫ ଗ୍ରାମ୍ ହେରୋଇନ୍ ଜବତ, ୧ ଗିରଫ



**ତାଳଚେର,୭।୪/ଏନ୍ଏନ୍ଏସ୍:** ତାଳଚେର ଅବକାରୀ ବିଭଗ ପକ୍ଷରୁ ବହ୍ଲରଛକ ଠାରେ ଅତର୍କିତ ଚଢ଼ାଉ କରାଯାଇ ଜଣେ ବ୍ୟବସାୟୀ ଠାରୁ ୬୫ଗ୍ରାମ୍ ହେରୋଇନ୍ ଜବତ କରାଯାଇଥିବା ବେଳେ ଜଣକୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଅବକାରୀ ନିରିକ୍ଷକ ଉମାକାନ୍ତ ସ୍ୱାଇଁଙ୍କ ନେତୃତ୍ୱରେ ଏକ ବିଶେଷ ସୂତ୍ରରୁ ଖବର ପାଇ ତାଳଚେର ଟାଉନ ଥାନା ଅନ୍ତର୍ଗତ ବହ୍ଲର ଛକ ଠାରେ ଏକ ବାଜାଜ ଫ୍ରିଡ଼ମ ଓଡ଼ି ୧୯ଏଏ-୧୫୧୬ ମୋଟର ସାଇକେଲରେ ଆସୁଥିବା ବେଳେ ତାକୁ ଧରାଯାଇ ଯାଞ୍ଚ କରିବାରୁ ଗାଡ଼ିରୁ ୬୫ଗ୍ରାମ୍ ହେରୋଇନ୍ ଜବତ କରାଯାଇଥିଲା। ସେଠାରୁ କୋଲିୟରୀ ଥାନା ଅନ୍ତର୍ଗତ ଘଣ୍ଟପଡ଼ା ଗ୍ରାମର ଅକିନ ଦାସ (୩୨)କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଜବତ ହିରୋଇନ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ଜଣାପଡ଼ିଛି। ଏହି ଚଢ଼ାଉରେ ଏସ୍ଆଇ ମାନସ ରଞ୍ଜନ ପ୍ରଧାନ, ସରୋଜ ସାହୁ, ପୁପୁନା ପ୍ରଧାନ, ଗୌରୀ ଓରାମ ପ୍ରମୁଖ ସାମିଲ ଥିଲେ।

## କାର୍ ଧକ୍କାରେ ବାଇକ୍ ଆରୋହୀ ଗୁରୁତର

**ଆଳି,୭।୪/ଏନ୍ଏନ୍ଏସ୍:** ଆଳି ଥାନା ଅନ୍ତର୍ଗତ ବାଲକାଟି ଗ୍ରାମର ନିତ୍ୟାନନ୍ଦ ସାହୁ (୨୩)ଏକ ଅଜଣା କାର୍ ଧକ୍କାରେ ଗୁରୁତର ଆହତ ହୋଇ କଟକ ବଡ଼ ମେଡିକାଲ୍ ସ୍ଥାନାନ୍ତର ହୋଇଛନ୍ତି। ସୂଚନାଅନୁଯାୟୀ, ନିତ୍ୟାନନ୍ଦ ଗଡ଼ଗଡି ସେତୁ ନିକଟରୁ ବାଇକ୍ ନେଇ ଆଳି ଆଡ଼କୁ ଆସିବା ସମୟରେ ଆଳି ପଟରୁ ରାଜକନିକା ଅଭିମୁଖେ ଯାଉଥିବା ଏକ କାର୍ ତାଙ୍କୁ ଧକ୍କା ଦେବାରୁ ସେ ବାଇକ୍ ସହ ରାସ୍ତାରେ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକ ତାଙ୍କୁ ଆଳି ମେଡିକାଲରେ ଭର୍ତ୍ତି କରିଥିବା ବେଳେ ତାଙ୍କ ମୁଣ୍ଡ, ଗୋଡ଼ ସହିତ ଶରୀରରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ତାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଅଧିକ ଚିକିତ୍ସା ନିମନ୍ତେ କଟକ ବଡ଼ ମେଡିକାଲ୍ ସ୍ଥାନାନ୍ତର କରାଯାଇଛି।

## ୩ ଟ୍ରଲର୍ ମୁହାଁମୁହିଁ

**ଅନୁଗୋଳ,୭।୪/ଏନ୍ଏନ୍ଏସ୍:** ଅନୁଗୋଳ ସଦର ଥାନା ଅନ୍ତର୍ଗତ ୫୫ ନଂ ଜାତୀୟ ରାଜପଥର ରନ୍ତଲେଇ ନିକଟରେ ଆଜି ଅପରାହ୍ନରେ ଏକ ବଡ଼ ଦୁର୍ଘଟଣା ଘଟିଥିଲା କିନ୍ତୁ ସୌଭାଗ୍ୟବଶତଃ ସାମାନ୍ୟ କ୍ଷୟକ୍ଷତି ହୋଇଛି। ସୂଚନା ଅନୁଯାୟୀ, ଅପରାହ୍ନ ସାଢ଼େ ତିନି ଘଣ୍ଟା ବେଳେ ଅନୁଗୋଳ ଅଞ୍ଚଳରେ କାଳବୈଶାଖୀ ସହ ବର୍ଷା ହେଉଥିଲା। ଏତିକି ବେଳେ ଏକ ଟ୍ରଲର ସମ୍ବଲପୁରରୁ ଅନୁଗୋଳ ଅଭିମୁଖେ ଆସୁଥିଲା। ଏବଂ ଅପର ପାର୍ଶ୍ୱରୁ ତଥା ଅନୁଗୋଳ ପଟୁ ସମ୍ବଲପୁର ଆଡ଼କୁ ଆଉ ଏକ ଟ୍ରଲର ଯାଉଥିଲା। ଠିକ୍ ସେତିକି ବେଳେ ଏକ କାର ଅନୁଗୋଳ ପଟୁ ସମ୍ବଲପୁର ଆଡ଼କୁ ଯାଉଥିବା ବେଳେ ଟ୍ରଲର ସମ୍ମୁଖକୁ ଚାଲିଆସିଥିଲା। ସମ୍ମୁଖରୁ ଆସୁଥିବା ଟ୍ରଲରଟି କାରକୁ ବଞ୍ଚାଇବାକୁ ଯାଇ ରାସ୍ତା ପାର୍ଶ୍ୱରେ ଠିଆ ହୋଇଥିବା ଆଉ ଏକ ଟ୍ରଲରକୁ ପିଟିଥିଲା। ଫଳରେ ଟ୍ରଲର ଦୁଇଟି ସାମାନ୍ୟ କ୍ଷତି ହୋଇଥିବା ବେଳେ ଅଳ୍ପକେ ଜୀବନ ରକ୍ଷା ହୋଇଯାଇଛି। ତେବେ କିଛି ସମୟ ପାଇଁ ଜାତୀୟ ରାଜପଥରେ ଟ୍ରାଫିକ ଜାମ୍ ହୋଇଥିବା ଦେଖିବାକୁ ମିଳିଥିଲା।

### ଯୁବକଙ୍କ ଉନ୍ମତ୍ତ କାଣ୍ଡ

## ମହିଳାଙ୍କ ଘରେ ପଶି ଆକ୍ରମଣ

**ପାରାଦୀପ,୭।୪/ଏନ୍ଏନ୍ଏସ୍:** ପାରାଦୀପ ଷଣ୍ଢକୁଦ ବସ୍ତିରେ ଯୁବକର ଉନ୍ମତ୍ତ କାଣ୍ଡ। ବିଭିନ୍ନ ସମୟରେ ଅପରାଧିକ କାର୍ଯ୍ୟକଳାପ ଚୋରି, ଡକାୟତିରେ ସଂଶ୍ଳିଷ୍ଟ ଯୁବକ ଘରେ ପଶି ମହିଳାମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସମ୍ପୂର୍ଣ୍ଣ ଉଲଗ୍ନ ହୋଇ ଅଶ୍ଳୀଳ ଇଙ୍ଗିତ କରିବା ସହିତ ପଥର ଫୋପାଡ଼ି

**ଅଭିଯୁକ୍ତକୁ ଘଣ୍ଟ ଘୋଡ଼ାଉଛି ପୁଲିସ**

ଆକ୍ରମଣ କରିବା ଏବଂ ସମସ୍ତ ଘରେ ନିଆଁ ଲଗାଇ ଜାଳିଦେବା ଘଟଣାକୁ ନେଇ ଜଟାଧାର ମୁହାଣ ସାମୁଦ୍ରିକ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ସୂଚନା ଅନୁଯାୟୀ, ଷଣ୍ଢକୁଦ ୧୯ନମ୍ବର ୱାର୍ଡ ଶ୍ରୀରାମ କଲୋନୀରେ ଘଟିଛି ଘଟଣା। ଏହି କଲୋନୀରେ ରହୁଥିବା ଜଗା ମଲ୍ଲିକ ଆଜି ହଠାତ କିଛି ଲୋକଙ୍କ ଘରେ ପଶି ଗାଳିଗୁଲଜ କରିଥିଲା। ଯାହାକୁ ନେଇ ଜଟାଧାର ମୁହାଣ ସାମୁଦ୍ରିକ ପୁଲିସକୁ ଖବର ଦେବାପରେ ଏଏସ୍ଆଇ ବାସୁଦେବ ମଲ୍ଲ ଦୁଇଜଣ କର୍ମଚାରୀଙ୍କୁ ସାଥିରେ ନେଇ ଅଭିଯୁକ୍ତକୁ ଥାନାକୁ ଆଣିବାର କିଛି ସମୟରେ ପୁଣିଥରେ ପୁଲିସ ଅଭିଯୁକ୍ତକୁ ତାର ଘରକୁ ଆଣି ଛାଡୁଥିବା ଦେଖି ସ୍ଥାନୀୟ ଲୋକ ପୁଲିସର କାର୍ଯ୍ୟକୁ ବିରୋଧ କରିଥିଲେ। ଏହାପରେ ପୁଲିସ ଅଭିଯୁକ୍ତର ଘର ଭିତରକୁ ପଶି ତାକୁ ନ ପାଇଁ ବାହାରକୁ ଆସି ଜଗା ମଲ୍ଲିକ ଖସି ଯାଇଥିବା ନେଇ ସ୍ଥାନୀୟ ଲୋକଙ୍କୁ କହିଥିଲେ। ଯାହାକୁ ନେଇ କିଛି ସମୟ ଘଟଣାସ୍ଥଳରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ତେବେ ଜଗା ମଲ୍ଲିକ ଫେରାର ହୋଇଯିବା ପରେ ପୁଣିଥରେ ଆସି ମହିଳାମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହିତ ମୋତେ ପୁଲିସକୁ ଦେଇଛ, ମୁଁ ତୁମ ଘରେ ନିଆଁ ଲଗାଇ ଜାଳିଦେବି ବୋଲି ବସ୍ତି ବାସିନ୍ଦାକୁ ଧମକ ଦେବା ସହିତ ପଥରରେ ଆକ୍ରମଣ କରିଥିଲେ। ଜଣେ ଯୁବତୀ ପଥର ମାଡ଼ରେ ମୁଣ୍ଡରେ ଆଘାତ ସୃଷ୍ଟି ହେବା ସହିତ ଅନ୍ୟଜଣେ ସାମାନ୍ୟ ଆହତ ହୋଇଥିଲେ। ଯାହାକୁ ନେଇ ବସ୍ତି ବାସିନ୍ଦା ମିଳିତ ହୋଇ ଜଗା ମଲ୍ଲିକକୁ ମାଡ଼ିବସିବା ସହିତ ପୁଲିସକୁ ଖବର ଦେବାପରେ ଜଟାଧାର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଜଗା ମଲ୍ଲିକକୁ ଆଣି ଥାନାରେ ଅଟକ ରଖିଥିଲା। ପୁଲିସ ଅଭିଯୁକ୍ତକୁ ଥାନାକୁ ନେବାପରେ ମହିଳାମାନେ ଆହତ ହୋଇଥିବା ଦୁଇଜଣ ଯୁବତୀଙ୍କୁ ଅଠରବାଙ୍କୀ ମେଡିକାଲରେ ଆସୁ ଚିକିତ୍ସା କରିବା ପରେ ପୁଲିସ ପାଖରେ ଅଭିଯୋଗ କରିଥିଲେ। ତେବେ ଜଟାଧାର ଥାନାରେ ଅଭିଯୋଗ କରିବାକୁ ଯାଇଥିବା ମହିଳାମାନଙ୍କୁ ଏଏସ୍ଆଇ ବାସୁଦେବ ମଲ୍ଲ ଘଟଣା ବିଷୟରେ ପଚାରି ବୁଝିବା ପରିବର୍ତ୍ତେ ଆଇନ୍‌କାନୁନ୍‌ର ପାଠ ପଢ଼ାଇବା ସହିତ ସେ ନିଶା ସେବନ କରିଛି। ଆମ ଥାନାରେ ହାଜତ ନାହିଁ। ଆମେ ତାକୁ ରଖିବୁ ନାହିଁ ଛାଡିଦେବୁ ବୋଲି ମହିଳାମାନଙ୍କୁ କହିଥିଲେ।

## ହାଇୱା ଧକ୍କାରେ ସ୍କୁଟି ଆରୋହୀଙ୍କ ମୃତ୍ୟୁ

### ଶବରଖି ସ୍ଥାନୀୟ ଲୋକଙ୍କ ଜାତୀୟ ରାଜପଥ ଅବରୋଧ



**ଯାଜପୁରରୋଡ୍,୭।୪/ଏନ୍ଏନ୍ଏସ୍:** କଳିଙ୍ଗନଗର ଥାନା ଡୁବୁରି ହାଟ ଛକ ନିକଟରେ ଆଜି ସକାଳ ପ୍ରାୟ ୭.୪୦ ମିନିଟ୍‌ରେ ଏକ ଚିପ୍ସ ବୋଝେଇ ହାଇୱା ଏବଂ ସ୍କୁଟି ମଧ୍ୟରେ ଧକ୍କା ଲାଗି ସ୍କୁଟି ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଡୁବୁରୀ ଗାଁର ବିଜୟ ସ୍ୱାଇଁ (୪୫)। ଦୁର୍ଘଟଣା ସମ୍ପର୍କରେ ସ୍ଥାନୀୟ ଲୋକେ ଖବରପାଇବା ପରେ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। ଏପରିକି ମୃତକଙ୍କ କ୍ଷତିପୂରଣ ଦାବିରେ ଶବରଖି ଉତ୍ତେଜିତ ଲୋକେ ଜାତୀୟ ରାଜପଥ ଅବରୋଧ କରିଥିଲେ। ଯାହାଫଳରେ ଟମ୍‌କା-କଳିଙ୍ଗନଗରକୁ ଯାତାୟାତ ଠପ୍ ହୋଇଯାଇଥିଲା। ଖବରପାଇ କଳିଙ୍ଗନଗର ପୁଲିସ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଉତ୍ତେଜିତ ଲୋକଙ୍କୁ ବୁଝାସୁଝା କରିଥିଲେ। ହେଲେ ମୃତକଙ୍କ ପରିବାରଙ୍କୁ କ୍ଷତିପୂରଣ ନ ମିଳିବା ପର୍ଯ୍ୟନ୍ତ ରାସ୍ତା ଅବରୋଧରୁ ଓହରିବୁ ନାହିଁ ବୋଲି ନିଜ ଜିଦ୍‌ରେ ଅଟଳ ରହିବା ଘଟଣା ପ୍ରଶାସନ ଚିନ୍ତାରେ ପଡିଥିଲା। କାରଣ ଗୋଟିଏ ପଟେ କ୍ଷତିପୂରଣ ଦାବି ଅନ୍ୟପଟେ ରାସ୍ତା ଅବରୋଧ ପ୍ରଶାସନର ଚିନ୍ତା ଦ୍ୱିଗୁଣିତ ହୋଇଥିଲା। ତେବେ ଜାତୀୟ ରାଜପଥରେ ଯାତାୟତ ବାଧାପ୍ରାପ୍ତ ହେବାରୁ ଏହାର ସମାଧାନ ପାଇଁ ପ୍ରଶାସନ ହସ୍ତକ୍ଷେପ କରିଥିଲା। ଯାହାଫଳରେ ଜିଲା ରେଡ୍‌କ୍ରସ୍ ପାଣ୍ଠିରୁ ମୃତକଙ୍କ ପରିବାରକୁ ୨୫ହଜାର ଟଙ୍କା ଦିଆଯିବା ସହ ନିୟମାନୁଯାୟୀ ସମସ୍ତ ସୁବିଧା ସୁଯୋଗ ମିଳିବା ପାଇଁ ପ୍ରଶାସନିକ ଅଧିକାରୀମାନେ ପ୍ରତିଶ୍ରୁତି ଦେବାପରେ ଅପରାହ୍ନ ପ୍ରାୟ ୩.୩୦ ମିନିଟ୍‌ରେ ରାସ୍ତା ଅବରୋଧ ହଟିଥିଲା। ଏବଂ ଘଟଣାସ୍ଥଳରେ ସ୍ୱାଭାବିକ ଅବସ୍ଥା ଫେରିଥିଲା।

## କେନ୍ଦ୍ରାପଡ଼ା କଲେଜ୍‌ରେ ରକ୍ତଦାନ ଶିବିର



**କେନ୍ଦ୍ରାପଡ଼ା,୭।୪/ଏନ୍ଏନ୍ଏସ୍:** କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ରେଡ୍‌କ୍ରସ୍ ୟୁନିଟ୍ ପକ୍ଷରୁ ଏକ ବିଶାଳ ରକ୍ତଦାନ ଶିବିର କଲେଜ୍ ଗାନ୍ଧୀ ଭବନ ପରିସରରେ ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟ ଯୁବ ରେଡ୍‌କ୍ରସ୍‌ର ପରାମର୍ଶଦାତା ତଥା ଜିଲ୍ଲା ରେଡ୍‌କ୍ରସ୍ ସମ୍ପାଦକ ଅଧ୍ୟାପକ ବିକାଶ କୁମାର ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସ୍ୱେଚ୍ଛାକୃତ ରକ୍ତଦାନ ଶିବିରକୁ ଜିଲ୍ଲାପାଳ ରଘୁରାମ ଆର. ଆୟର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରି କହିଲେ ରକ୍ତଦାନ ହେଉଛି ମହତଦାନ। ଜଣେ ରକ୍ତଦାନ କଲେ ଦୁଇଟି ଜୀବନ ରକ୍ଷା ହୋଇଥାଏ। ତେଣୁ ପ୍ରତ୍ୟେକ ପିଲା ସ୍ୱେଚ୍ଛାକୃତ ରକ୍ତଦାନ କରିବା ଉଚିତ ବୋଲି ଜିଲ୍ଲାପାଳ କହିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ତଥା କଲେଜ ପରିଚାଳନା ପରିଷଦ ସଭାପତି ନବକ୍ରିଷ୍ଣ ଜେନା ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ସ୍ୱେଚ୍ଛାକୃତ ରକ୍ତଦାନ ପାଇଁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଲେଜ୍ ଅଧକ୍ଷ ଶାନ୍ତନୁ କୁମାର ଜେନା,ଏନ୍‌ସିସି ଅଫିସର (ବାଳକ ବିଭାଗ) ଲେଫ୍ଟନାଣ୍ଟ୍ ରଜନୀକାନ୍ତ ତ୍ରିପାଠୀ, ଏନ୍‌ସିସି ଅଫିସର(ବାଳିକା ବିଭାଗ) ଲେଫ୍ଟନାଣ୍ଟ ସୀମା ମହାନ୍ତି, ଏନ୍ଏସ୍ଏସ୍ ପ୍ରୋଗ୍ରାମ ଅଫିସର୍ ପ୍ରମୋଦ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଶିବିରଟି ଶ୍ରୀରାମଚନ୍ଦ୍ରଭଞ୍ଜ ଭେଷଜ ଚିକିତ୍ସାଳୟ ଓ ମେଡିକାଲ୍ କଲେଜ୍ ରକ୍ତଭଣ୍ଡାର କର୍ମଚାରୀଙ୍କ ସହଯୋଗରେ ସମ୍ପାଦିତ ହୋଇଥିଲା। ଶିବିରଟି ଯୁବରେଡକ୍ରସର ୫୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ଏଥିରେ ୭୩ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ଓଡିଆ ପକ୍ଷ ପାଳନ ଅବସରରେ ଏହି ବିଶାଳ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର 'ରକ୍ତଦାନ ମହତଦାନ' ବାର୍ତ୍ତା ଉପରେ ଆଲୋକପାତ କରିଥିଲା।

NITIDIN
ନିତିଦିନ
ବୁଧବାର, ୮ ଏପ୍ରିଲ ୨୦୨୬

# ବିଲୋପ ପଥେ କାଳବୈଶାଖୀ



ନିକୁଞ୍ଜ ବିହାରୀ ସାହୁ

ଖରା ଦିନର ଏକ ଉତ୍ତପ୍ତ ଅପରାହ୍ନ ଓ ଧୁ ଧୁ ମୁଣ୍ଡଫଟା ଖରା, ପ୍ରବଳ ଗରମ, ଗୁଳୁଗୁଳି । ଝାଞ୍ଜି ପବନରେ ଅତିଷ୍ଠ ସାଧାରଣ ଜନଜୀବନ । ପିଲାମାନେ ଯାଇଥାନ୍ତି ଆମ୍ବ ତୋଟାକୁ ଆମ୍ବ ଖାଇବାକୁ । ହଠାତ୍ ପବନ ସୁ ସୁ ହୋଇ ବହିବାକୁ ଆରମ୍ଭ କରେ । ଚାରିଆଡ଼ ଧୂଳି ଉଡ଼ାଇ ମାଡ଼ିଆସେ ଧୂମାଳ । ପ୍ରଚଣ୍ଡ କଳାହାଣ୍ଡିଆ ମେଘ । ଚାହୁଁ ଚାହୁଁ ପାଗ ସମ୍ପୂର୍ଣ୍ଣ ବଦଳି ଯାଏ । ପ୍ରଚଣ୍ଡ ଘଡ଼ଘଡ଼ି ଓ ବିଜୁଳି ସହିତ ପ୍ରବଳ ବର୍ଷା ବର୍ଷିବାକୁ ଲାଗେ । କୁଆପଥର ବି ପଡ଼ିଥାଏ । ପିଲାମାନେ ଭୟରେ ଆମ୍ବ ତୋଟାରୁ ଘରକୁ ଦୌଡ଼ିବାକୁ ଲାଗନ୍ତି । ଗଛ ଡାଳସବୁ ମଡ଼ ମଡ଼ ହୋଇ ଭାଙ୍ଗିପଡ଼େ । କିଛି ସମୟ ପରେ ବର୍ଷା ସମ୍ପୂର୍ଣ୍ଣ ଛାଡ଼ିଯାଏ, ପବନ ବି ଥମିଯାଏ । ପାଗ ପୁଣି ସାଧାରଣ ଅବସ୍ଥାକୁ ଫେରିଆସେ । ଏହା ହିଁ ଆମ ଗାଁ ଗହଳିରେ ଅଦିନିଆ ଝଡ଼, ଯାହା ସାଧାରଣତଃ 'କାଳବୈଶାଖୀ' ନାମରେ ପରିଚିତ । ପବନ ଛାଡ଼ିଯିବା ପରେ ଲୋକମାନେ ଆମ୍ବ ତୋଟାକୁ ଯାଇ ଝଡ଼ି ପଡ଼ିଥିବା ଆମ୍ବ ତୋଳିବାର ଦୃଶ୍ୟର ସ୍ମୃତି ଏବେ ବି ଆମ ଗାଁ ଗହଳିରେ ଉଜ୍ଜୀବିତ ।

କାଳବୈଶାଖୀର କାୟା: କାଳବୈଶାଖୀ ଏକ ସ୍ଥାନୀୟ ବାୟୁ ପ୍ରବାହ ଏବଂ ଏକ ଝଡ଼, ଯାହା ସାଧାରଣତଃ ଖରା ଦିନେ କିଛି ଉତ୍ତର-ପୂର୍ବାଞ୍ଚଳ ରାଜ୍ୟ, ଯଥା ଛତିଶଗଡ଼, ବିହାର, ଝାଡ଼ଖଣ୍ଡ, ଓଡ଼ିଶା, ତ୍ରିପୁରା, ଆସାମ ଓ ପଶ୍ଚିମବଙ୍ଗ ଆଦି ରାଜ୍ୟରେ ପ୍ରବାହିତ ହୋଇଥାଏ । ଏହା ଆମ ଓଡ଼ିଶାରେ ସାଧାରଣତଃ ବୈଶାଖ ମାସରେ ପ୍ରବାହିତ ହେଉଥିବାରୁ ଏହାକୁ 'କାଳବୈଶାଖୀ' ବୋଲି କୁହାଯାଏ । ଏହିସବୁ ଅଞ୍ଚଳ ଏପ୍ରିଲ ମାସରୁ ଆରମ୍ଭ କରି ଜୁନ୍ ମାସର ପ୍ରାରମ୍ଭ ପର୍ଯ୍ୟନ୍ତ କାଳବୈଶାଖୀର କରାଳ ପରିଧି ମଧ୍ୟରେ ଥାଏ । ଏହା ବିହାର ଓ ଝାଡ଼ଖଣ୍ଡ ରାଜ୍ୟ ମଧ୍ୟରେ ଥିବା ଛୋଟନାଗପୁର ମାଳଭୂମି ଅଞ୍ଚଳରୁ ଉତ୍ପତ୍ତି ହୋଇଥାଏ, ଯାହା ସମୟ କ୍ରମେ ଶକ୍ତିଶାଳୀ ହୋଇ ଉତ୍ତର ପୂର୍ବ ଦିଗରେ ଗତି କରି ଓଡ଼ିଶା, ପଶ୍ଚିମବଙ୍ଗ ଓ ଆସାମ ଦିଗରେ ଅଗ୍ରସର ହୋଇଥାଏ । ଝଡ଼ରେ ପବନର ବେଗ ସାଧାରଣତଃ ୫୦ରୁ ୬୦ କି.ମି. ହୋଇଥିଲା ବେଳେ କେବେ କେମିତି ଏହା ବୃଦ୍ଧି ପାଇ ଘଣ୍ଟା ପ୍ରତି ୧୦୦ କି.ମି. ପର୍ଯ୍ୟନ୍ତ ଦୁରନ୍ତ ବେଗରେ ପ୍ରବାହିତ ହୋଇଥାଏ । ପ୍ରବଳ ବୃଷ୍ଟିପାତ ସହିତ କୁଆପଥର ବି ପଡ଼ିଥାଏ । ଏହା ମଧ୍ୟ ବଙ୍ଗଳାଦେଶରେ ପ୍ରବେଶ କରି ବ୍ୟାପକ କ୍ଷୟକ୍ଷତି ଘଟାଇ ଥାଏ ।

କ୍ଷୟକ୍ଷତି ଓ ଉପକାର: କାଳବୈଶାଖୀର ପ୍ରଭାବରେ ଧନ ଜୀବନର ଅନେକ କ୍ଷୟକ୍ଷତି ଘଟିଥାଏ । ପବନରେ ଗାଁ ଗହଳିର ପୁରୁଣା ଚାଳଘର ସବୁର ଛପର ଉଡ଼ିଯାଏ ତଥା ବାଡ଼ି ବଗିଚାର ବୁଢ଼ା ଗଛସବୁ ଭାଙ୍ଗି ପଡ଼ନ୍ତି । ଏହି ସମୟର ଏକ ପ୍ରାକୃତିକ ବିପ୍ଳାତ ହେଉଛି ବଜ୍ରପାତ । କାଳବୈଶାଖୀର ଅନ୍ତୁଡ଼ିଶାଳ କଳାହାଣ୍ଡିଆ ବାଦଲର ସ୍ୱଳ୍ପ ଉଚ୍ଚତା ହେତୁ ଏଥିରୁ ବଜ୍ରପାତ ସୃଷ୍ଟି ହୋଇ ଭୂପୃଷ୍ଠରେ ପଡ଼ି ଧନ ଜୀବନର ହାନି ଘଟାଇବା ଏକ ସାଧାରଣ ଘଟଣା । ସୁତରାଂ, କାଳବୈଶାଖୀର ପ୍ରଭାବରେ ବଜ୍ରପାତ କିମ୍ବା ଗଛ, ଘର ଭାଙ୍ଗି ପଡ଼ିବା ହେତୁ ଜୀବନ ହାନି ଘଟିବାର ଆଶଙ୍କା ରହିଥାଏ । ମାତ୍ର ଝଡ଼ର ଏପରି ପ୍ରଳୟଙ୍କରୀ ରୂପ ସତ୍ତ୍ୱେ ଏହା ପାଗ ଥଣ୍ଡା ରଖି ପରିବେଶର ତାପମାତ୍ରା ହ୍ରାସ କରିବାରେ ସହାୟକ ହୋଇଥାଏ, ଯାହାଦ୍ୱାରା ଖରା ଦିନର ତାପମାତ୍ରା ନିୟନ୍ତ୍ରଣରେ ରହିଥାଏ । କାଳବୈଶାଖୀର ବୃଷ୍ଟିପାତ ଧାନ, ଝୋଟ ଭଳି ଖରିଫ ଫସଲ ନିମନ୍ତେ ବେଶ୍ ଲାଭକାରୀ ପ୍ରମାଣିତ ହୋଇଥାଏ । ଅବଶ୍ୟ କୁଆପଥର ମାଡ଼ରେ କିଛି ଫସଲ ହାନି ମଧ୍ୟ ଘଟିଥାଏ । ଏହା ମଧ୍ୟ ଶୁଖିଲା ମାଟିକୁ ଆର୍ଦ୍ର ରଖେ, ଯାହା କୃଷି କାର୍ଯ୍ୟରେ ସହାୟକ ହୋଇଥାଏ । ଆହୁରି ମଧ୍ୟ ବାୟୁରେ ଉଡୁଥିବା ଧୂଳିକଣା ସବୁ ବର୍ଷାରେ ତଳେ ପଡ଼ିଯିବାରୁ ଆକାଶ ନିର୍ମଳ ଓ ସ୍ୱଚ୍ଛ ଦିଶିଥାଏ । ଝଡ଼ର ପବନରେ ବାୟୁରେ ଉଡୁଥିବା ଫସଲର ଅନିଷ୍ଟକାରୀ କୀଟ ପତଙ୍ଗ ସବୁ ମଧ୍ୟ ମରି ଯାଇଥାନ୍ତି ।



କିପରି ସୃଷ୍ଟି ହୁଏ?: ଗ୍ରୀଷ୍ମ ଦିନର ପ୍ରଚଣ୍ଡ ତାପମାତ୍ରାରେ ଉତ୍ତର ଓ ମଧ୍ୟ ଭାରତର ବାୟୁ ଗରମ ହୋଇ କ୍ରମାଗତ ଉପରକୁ ଉଠୁଥାଏ । ବିଶେଷକରି ପାହାଡ଼ିଆ ମାଳଭୂମି ଅଞ୍ଚଳ ଅତ୍ୟଧିକ ଉତ୍ତପ୍ତ ହୋଇଥିବାରୁ ସେଠାରେ ଏହି ପ୍ରଭାବ ତୀବ୍ରତର ହୋଇଥାଏ । ଫଳରେ ସେଠାକାର କିଛି କିଛି ସ୍ଥାନରେ ବାୟୁ ସ୍ତରରେ ଏକ ଲଘୁଚାପ ବଳୟ ସୃଷ୍ଟି ହୁଏ । ଏହି ଶୂନ୍ୟସ୍ଥାନ ପୂରଣ କରିବା ପାଇଁ ଚତୁର୍ଦ୍ଦିଗରୁ ପବନ ଲଘୁଚାପର କେନ୍ଦ୍ର ଆଡ଼କୁ ପ୍ରବାହିତ ହୁଏ, ଯାହା ଘୂରି ଘୂରି ଏକ ଖଣ୍ଡିଆ ଭୂତ ଭଉଁରୀର ରୂପ ନିଏ । ନିମ୍ନ ସ୍ତରର ଉଷ୍ମ ଆର୍ଦ୍ର ଜଳୀୟ ବାଷ୍ପ ଭରା ବାୟୁ ଏହି ଭଉଁରୀରେ ଘୂରି ଘୂରି ଉପରକୁ ଉଠିବା ଦ୍ୱାରା ନିମ୍ନ ବାୟୁ ସ୍ତରରେ ଏକ ଉର୍ଦ୍ଧ୍ୱମୁଖୀ ସ୍ରୋତ (କନ୍‌ଭର୍ଜେନ୍ସ) କାର୍ଯ୍ୟକାରୀ ହୁଏ । ଏହା ସମୟ କ୍ରମେ ଉର୍ଦ୍ଧ୍ୱ ବାୟୁମଣ୍ଡଳରେ ଥିବା ଶୀତଳ ଶୁଷ୍କ ବାୟୁ ସ୍ତର ସହିତ ମିଳିତ ହେବା ଦ୍ୱାରା ଉପରର ବାୟୁ ଦ୍ରୁତ ଗତିରେ ତଳ ଦିଗରେ ଅପସାରିତ (ଡାଇଭର୍ଜେନ୍ସ) ହୁଏ ଓ ଏହି ଦୁଇ ବିପରୀତ ଉର୍ଦ୍ଧ୍ୱ ଓ ନିମ୍ନମୁଖୀ ବାୟୁ ସ୍ରୋତ ମିଶିଯାଇ ବାୟୁ ସ୍ତରରେ ଏକ ବିଶୃଙ୍ଖଳା ସୃଷ୍ଟି କରେ, ଯାହା ଫଳରେ ବାୟୁ ସ୍ତର ମଧ୍ୟରେ ଏକ ପରିଚଳନ ସ୍ରୋତ କାର୍ଯ୍ୟକାରୀ ହୁଏ । ଏହି ପରିଚଳନ ସ୍ରୋତ ଜରିଆରେ ନିମ୍ନ ବାୟୁମଣ୍ଡଳର ଜଳୀୟ ବାଷ୍ପଭରା ବାୟୁ ଉର୍ଦ୍ଧ୍ୱକୁ ଦ୍ରୁତ ସ୍ଥାନାନ୍ତରିତ ହୁଏ; ଏହା ପୁଣି ଶୀତଳ ହୁଏ ଏବଂ ଜମାଟ ବାନ୍ଧି କଳାହାଣ୍ଡିଆ ମେଘର ବାଦଲ (କ୍ୟୁମୁଲୋନିମ୍ବସ୍) ସୃଷ୍ଟି କରେ । ଏହା ସମୟ କ୍ରମେ ଘଡ଼ଘଡ଼ି ଓ ବିଜୁଳି ସହିତ ବର୍ଷା ଆକାରରେ ବର୍ଷିବାକୁ ଲାଗେ । ଏହିପରି ଭାବରେ ଏକ କାଳବୈଶାଖୀ ସୃଷ୍ଟି ହୁଏ ।

କାଳବୈଶାଖୀ ସମୟରେ ସତର୍କତା: କାଳବୈଶାଖୀ ପ୍ରବାହ ସମୟରେ ପବନ ଜୋର୍‌ରେ ବହୁଥିବାରୁ ପୁରୁଣା ଚାଳଘର ପରିବର୍ତ୍ତେ କୋଠାଘରେ ଆଶ୍ରୟ ନେବା ଉଚିତ । ପବନରେ ଗଛ ଡାଳ ଭାଙ୍ଗିଯିବାର ସମ୍ଭାବନା ଥିବାରୁ ଏହି ସମୟରେ ମଧ୍ୟ ଗଛ ତଳେ ଆଶ୍ରୟ ନେବା ଅନୁଚିତ । ଏହି ସମୟରେ ମଧ୍ୟ ବଜ୍ରପାତର ଆଶଙ୍କା ଥିବାରୁ ଟିଣ ଘରେ ଗଛ ତଳେ କିମ୍ବା ବିଜୁଳି ଖୁଣ୍ଟ ତଳେ ଆଶ୍ରୟ ନେବା ଅନୁଚିତ । ଝଡ଼ ସମୟରେ ବିଜୁଳି ଯୋଗାଣ ବ୍ୟବସ୍ଥା ବିପର୍ଯ୍ୟସ୍ତ ହେବାର ସମ୍ଭାବନା ଥିବାରୁ ସେଥିପାଇଁ ଆବଶ୍ୟକୀୟ ସାମଗ୍ରୀ ସହିତ ପୂର୍ବରୁ ପ୍ରସ୍ତୁତ ହୋଇ ରହିବା ଆବଶ୍ୟକ ।

ଛନ୍ଦହରା କାଳବୈଶାଖୀ: ମାତ୍ର ଏବେ ପରିସ୍ଥିତି ବଦଳି ଯାଇଛି ଓ କାଳବୈଶାଖୀର ସଂଖ୍ୟା ଏବେ ଆଶାତୀତ ହ୍ରାସ ପାଇଛି । କାଳବୈଶାଖୀର ପ୍ରଭାବରେ ପ୍ରଭାବିତ ଅଞ୍ଚଳରେ ଯେତିକି ବୃଷ୍ଟିପାତ ହେବା କଥା, ଏବେ ତା'ଠାରୁ ଯଥେଷ୍ଟ କମ୍ ବୃଷ୍ଟିପାତ ହେଉଛି । ଏଥିପାଇଁ ଜଳବାୟୁ ବିଜ୍ଞାନୀମାନେ ମୁଖ୍ୟତଃ ଜଳବାୟୁ ପରିବର୍ତ୍ତନ ତଥା ବାୟୁମଣ୍ଡଳୀୟ ପ୍ରଦୂଷଣକୁ ଦାୟୀ କରୁଛନ୍ତି । ବାୟୁମଣ୍ଡଳୀୟ ପ୍ରଦୂଷଣ କାରଣରୁ ଭୂପୃଷ୍ଠର ପ୍ରଦୂଷକ ପଦାର୍ଥସବୁ ଉର୍ଦ୍ଧ୍ୱମୁଖୀ ତୀବ୍ର ବାୟୁ ସ୍ରୋତରେ ଉପରକୁ ଉଠି ନିମ୍ନ ଉଚ୍ଚତାରେ ଥିବା କଳାହାଣ୍ଡିଆ ବାଦଲ ସବୁରେ ପହଞ୍ଚି ଯାଉଛନ୍ତି । ଏହା ଦ୍ୱାରା କଳାହାଣ୍ଡିଆ ବାଦଲର ପରିସୀମା ସଙ୍କୁଚିତ ହୋଇ ସେଗୁଡ଼ିକର ଜଳ ଧାରଣ କ୍ଷମତା କମି ଯାଉଛି । ଫଳରେ ସେଗୁଡ଼ିକ ସ୍ୱଳ୍ପ ବୃଷ୍ଟିପାତପ୍ରବଣ ପାଲଟି ଯାଉଛନ୍ତି । ଆଉ ଏକ ମତବାଦ ଅନୁସାରେ, ଏହାର ଉତ୍ପତ୍ତି ଅଞ୍ଚଳରେ ସୂର୍ଯ୍ୟ ତାପ ଯୋଗୁଁ ଭୂମି ଯେତିକି ଉତ୍ତପ୍ତ ହେବା କଥା, ସେତିକି ଉତ୍ତପ୍ତ ହେଉନାହିଁ । ଏହାର କାରଣ ହେଉଛି, ଏହାର ଉତ୍ପତ୍ତି ସ୍ଥଳ ଛୋଟନାଗପୁର ମାଳଭୂମି ଅଞ୍ଚଳରେ ଲୋକମାନେ ଖରାଦିନେ ଧାନ ଇତ୍ୟାଦି ଖରାଟିଆ ଫସଲ ଚାଷ କରିବାରୁ ଭୂମି ଜଳରେ ପ୍ଳାବିତ ହୋଇ ଅଧିକ ଉତ୍ତାପ ଗ୍ରହଣ କରିପାରୁ ନାହିଁ । ଫଳରେ ସେଠାରେ ଶକ୍ତିଶାଳୀ ଲଘୁଚାପମାନ ସୃଷ୍ଟି ହୋଇପାରୁ ନାହିଁ । କାଳବୈଶାଖୀର ଅନୁପସ୍ଥିତିରେ ମଝିରେ ମଝିରେ ବର୍ଷା ହୋଇ ନ ପାରିବାରୁ ଖରା ଦିନର ପ୍ରଚଣ୍ଡ ଗରମରୁ ଆଶ୍ୱସ୍ତି ମିଳୁନାହିଁ ।

ସୁତରାଂ, ପ୍ରାକୃତିକ ହେଉ କିମ୍ବା ମନୁଷ୍ୟକୃତ କାରଣରୁ ହେଉ, ଏପରି ଧାରା ଅବ୍ୟାହତ ରହିଲେ ଦିନ ଆସିବ, ପ୍ରକୃତିର ଏହି ବିଚିତ୍ର ଓ ବିରଳ ଘଟଣା କାଳବୈଶାଖୀ ସମ୍ପୂର୍ଣ୍ଣ ବିଲୁପ୍ତ ହୋଇଯିବ ଏବଂ ଏହା ଆମ ପିଲାଙ୍କ ପାଇଁ କେବଳ ଏକ ପରୀକଥା ହୋଇ ରହିଯିବ ।

ଏଜୁକେସନ୍ ଅଫିସର
ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର
ଭୁବନେଶ୍ୱର, ମୋ: ୮୯୧୭୬୩୭୯୭୪

# ମୌନବ୍ରତର ବିଜ୍ଞାନ



ନରେନ୍ଦ୍ର ସେଠୀ

ଈଶ୍ୱର ଅଛନ୍ତି କି ନାହିଁ ସେଇ ଦ୍ୱନ୍ଦ୍ୱରେ ପଡ଼ି ବୁଦ୍ଧଙ୍କ ପାଖକୁ ମୌଲଙ୍କ ନାମକ ଜଣେ ଦାର୍ଶନିକ ଆସିଲେ ଓ ମାତ୍ର ସେ ବୁଦ୍ଧଙ୍କୁ ଏକ ଅଜବ ଲୋକ ଭାବରେ ପାଇଲେ ଯିଏ ଈଶ୍ୱରଙ୍କ କଥା କହିବା ପରିବର୍ତ୍ତେ ଅଧିକାଂଶ ସମୟ ଆଖି ବନ୍ଦ କରି ମୌନ ରହୁଥିଲେ । ବୁଦ୍ଧ ମୌଲକଙ୍କ ପ୍ରଶ୍ନ ଶୁଣି କହିଲେ, ତୁମେ ମୋ ପାଖରେ ବସ, ଦୁଇ ବର୍ଷ ପର୍ଯ୍ୟନ୍ତ ମୌନ ରୁହ । ତା' ପରେ ତୁମେ ଈଶ୍ୱରଙ୍କ ବିଷୟରେ ଯାହା ପଚାରିବ, ସବୁ ପ୍ରଶ୍ନର ଉତ୍ତର ମୁଁ ଦେବି ଓ ଦାର୍ଶନିକ ମୌଲଙ୍କ ଅଡୁଆରେ ପଡ଼ିଗଲେ । ଦୁଇ ବର୍ଷ ବିତିଗଲା । ବୁଦ୍ଧ କହିଲେ, ପଚାର ଯାହା ପଚାରିବା କଥା । ମୌଲଙ୍କ ହାତ ଯୋଡ଼ି କହିଲେ, ଦି' ବର୍ଷ ମୌନ ରହି ରହି ନିରବତା ଭିତରେ ଏତେ ଗଭୀରତା ଆସିଲା, ଏତେ ଜ୍ଞାନବୋଧ ହେଲା, ଏମିତି ଧ୍ୟାନ କେନ୍ଦ୍ରିତ ହେଲା ଯେ ଦୂର ଦୂର ପର୍ଯ୍ୟନ୍ତ କିଛି ଶୁଣା ଗଲାନି । ସବୁ ପ୍ରଶ୍ନ ମିଳେଇ ଗଲା । ବର୍ତ୍ତମାନ ମୁଁ ଜ୍ଞାନର ସାଗରରେ ବୁଡ଼ ପକେଇ ଆସିଛି । ମୋତେ ଆପଣଙ୍କ ଚରଣ ସ୍ପର୍ଶ କରିବାକୁ ଦିଅନ୍ତୁ । ମୋତେ ଉତ୍ତର ମିଳିଗଲା । ଏହା ହେଉଛି ମୌନ ଶକ୍ତିର ଏକ ଛୋଟ ଉଦାହରଣ । ମୌନ ରହିବାର ଆବଶ୍ୟକତା କେତେ, ତାହା ପ୍ରଥମେ ପ୍ରାଚୀନ ଭାରତର ମୁନି ଋଷିମାନେ ଜାଣିବାକୁ ପାଇଥିଲେ । ତାକୁ ନିଜର ଆଧାତ୍ମିକ ପରିଚର୍ଯ୍ୟାର ଏକ ଅଭିନ୍ନ ଅଙ୍ଗ ଭାବେ ଆପଣେଇ ଥିଲେ । ଜାତିର ପିତା ମହାତ୍ମା ଗାନ୍ଧୀ ସପ୍ତାହକୁ ଥରେ ପ୍ରତି ରବିବାର ଦିନ ସମ୍ପୂର୍ଣ୍ଣ ମୌନ ଧାରଣ କରୁଥିଲେ । ଯୋଗରେ ମଧ୍ୟ ମୌନତା ଅବଲମ୍ବନ କରିବାକୁ ଏକ ବ୍ରତ ଭାବେ ଗ୍ରହଣ କରାଯାଇଛି । ମୌନ ରହିବା ଦ୍ୱାରା ମସ୍ତିଷ୍କକୁ ବିଶ୍ରାମ ମିଳିଥାଏ । ବ୍ୟକ୍ତିର ସର୍ବାଙ୍ଗୀନ ବୌଦ୍ଧିକ ବିକାଶ ହେଇଥାଏ । ନିୟମିତ ମୌନ ବ୍ରତ ଅବଲମ୍ବନ କରିବା ଦ୍ୱାରା ସିଧା ସଳଖ ବ୍ୟକ୍ତିତ୍ୱରେ ପରିବର୍ତ୍ତନ ଦେଖାଯାଏ । ବ୍ୟକ୍ତି ଜଣକ ସ୍ୱଷ୍ଟ, ନିର୍ଭୀକ ଶାନ୍ତ, ଆତ୍ମଜ୍ଞାନୀ ହୁଏ । ଯେପରି ଭାବରେ ଆମେ ମଝିରେ ମଝିରେ ଘର ସଫା କରି ଜମା ହୋଇଥିବା ଅଳିଆ ଆବର୍ଜନାକୁ ବାହାର କରୁ, ସେହିପରି ମସ୍ତିଷ୍କକୁ ବିଶ୍ରାମ ଦେଇ ସେଥିରେ ଏକତ୍ରିତ ହୋଇ ରହିଥିବା ବିଭିନ୍ନ ଦୁଶ୍ଚିନ୍ତା, କ୍ଳେଶ ଓ ଚିନ୍ତାକୁ ମୌନ ରହି ବାହାର କରିହୁଏ । ଆମର ବ୍ୟବହାର, ଆଚରଣ, ଚିନ୍ତାଶକ୍ତି ଓ ବାକ୍ୟ ବିନିମୟ ସବୁ ମସ୍ତିଷ୍କ ଦ୍ୱାରା ସଂଚାଳିତ ହୁଏ । କ'ଣ ଖାଇବା, କେମିତି ରହିବା, ଅଫିସ ଓ ଘର ସଂସାର ଚିନ୍ତାରେ ଆମେ ଆମର ମସ୍ତିଷ୍କକୁ ସର୍ବଦା କାର୍ଯ୍ୟରତ ରଖିଥାଉ । ଅର୍ଥାତ୍ ଆମ ମସ୍ତିଷ୍କକୁ ଏକ ବେଠି ଖଟୁଥିବା ଗୋଲାମ ଶ୍ରମିକ ଭଳି ଅହରହ କାମରେ ଲଗାଇ ଥାଉ । କାମ କରି ଶରୀର ହାଲିଆ ହେଲେ ଆମେ ବିଶ୍ରାମ ନେଉ, କିନ୍ତୁ ମସ୍ତିଷ୍କକୁ ବିଶ୍ରାମ ଦରକାର ଏକଥା ଭୁଲିଯାଉ । ସେଇଥିପାଇଁ ମୌନବ୍ରତ ଅବଲମ୍ବନ କରି କ୍ଳାନ୍ତ ମସ୍ତିଷ୍କକୁ ବିଶ୍ରାମ ଆବଶ୍ୟକ ବୋଲି ବିଜ୍ଞାନ ମତ ପ୍ରକାଶ କରେ । ଏ ବିଷୟରେ ଅଧିକ ଅଧ୍ୟୟନ କରି ବୈଜ୍ଞାନିକମାନେ ଅନେକ ଜାଣିବା ତଥ୍ୟ ଉପସ୍ଥାପନ କରିଛନ୍ତି । ମନକୁ ଆରାମ ଦେବା ପାଇଁ ମଧୁର ସଙ୍ଗୀତ ଓ ମୌନକୁ ନେଇ ଗବେଷଣା କଲା ପରେ ଜଣା ପଡ଼ିଲା ଯେ ସୁମଧୁର ସଙ୍ଗୀତ ଅପେକ୍ଷା ଦୁଇ ମିନିଟ ନିରବ ରହିବା ମସ୍ତିଷ୍କ ପ୍ରତି ବେଶ୍ ଆରାମଦାୟକ । ଅର୍ଥାତ୍ ଆମେ ଯଦି ଏପରି ପରିବେଶରେ ରହିବା ଯୋଉଠି ସ୍ୱଳ୍ପ ବାହ୍ୟ ସମ୍ବେଦୀକାରକ ଥିବ, ସେଠି ମସ୍ତିଷ୍କ ବିଶ୍ରାମ ପାଇ କିଛି ସଂଜ୍ଞାନାତ୍ମକ କ୍ଷମତାକୁ ଫେରେଇ ଆଣେ । ଅଥଚ ଆଜିର କମ୍ପ୍ୟୁଟର ଓ ମୋବାଇଲ ଯୁଗରେ ମଣିଷ ପାଖରେ ମସ୍ତିଷ୍କକୁ ବିଶ୍ରାମ ନେବା ପାଇଁ ସମୟ ନାହିଁ । ଆମେ ପ୍ରତି ମୁହୂର୍ତ୍ତରେ ଅପାର ପରିମାଣର ସମସ୍ୟାକୁ ମସ୍ତିଷ୍କ ଭିତରେ ପୂରେଇ ତାକୁ ବ୍ୟସ୍ତ ରଖୁ । ଗବେଷଣାରେ ଜଣା ପଡ଼ିଛି ଯେ ଆଧୁନିକ ଜୀବନର ଅନେକ ଲାଳସା ମସ୍ତିଷ୍କର ସମ୍ବେଦନଶୀଳ କର୍ଟେକ୍ସ ଉପରେ ଅଧିକ ଭାର ପକାଏ, ଯାହା ଆମକୁ ପରେ କୌଣସି ସିଦ୍ଧାନ୍ତରେ ପହଞ୍ଚିବା ପାଇଁ ସାହାଯ୍ୟ କରି ପାରେନି । ଗବେଷଣାରେ ଆହୁରି ମଧ୍ୟ ଜଣା ପଡ଼ିଛି ଯେ ମୌନବ୍ରତ ରହିବା ଦ୍ୱାରା ନୂଆ ତନ୍ତ୍ରିକା କୋଷ ତିଆରି ହୁଏ, ଯାହା ଫଳରେ ଆମକୁ ଅଧିକ ଚେତନା ଶକ୍ତି ଓ ବିଚାର କରିବାର କ୍ଷମତା ପ୍ରଦାନ କରିଥାଏ । ଆମେରିକୀୟ ମନୋବିଜ୍ଞାନ ସଂଗଠନର ଏକ ଅଧ୍ୟୟନ ଅନୁସାରେ ପାରିପାର୍ଶ୍ୱିକ ଧ୍ୱନି ପ୍ରଦୂଷଣ ଦ୍ୱାରା ରକ୍ତଚାପ ଓ ହୃଦ୍‌ରୋଗର ସମ୍ଭାବନା ବଢ଼ିଥାଏ । ଏ ସମ୍ପର୍କରେ ଆମେରିକାର ଡ୍ୟୁକ୍ ବିଶ୍ୱବିଦ୍ୟାଳୟରେ ମୂଷାମାନଙ୍କୁ ନେଇ ଏକ ରୋଚକ ଗବେଷଣା କରାଯାଇଥିଲା । ଏଥିରୁ ଜଣା ପଡ଼ିଲା ଯେ ମୌନ ପରିବେଶରେ ରହିଲେ ମସ୍ତିଷ୍କରେ ଅଭୂତପୂର୍ବ ବିକାଶ ହେଉଛି । ମୌନ ରହିବାର ଉପକାରିତାକୁ ବହୁତ ବର୍ଷ ପୂର୍ବରୁ ଭାରତୀୟ ମୁନି ଋଷିମାନେ ସେମାନଙ୍କ ଆଧାତ୍ମିକ ଚେତନା ଶକ୍ତି ପ୍ରୟୋଗ କରି ଜାଣି ପାରିଥିଲେ । ଜୀବନରେ ମୌନତାକୁ ଏକ ବ୍ରତ ଭାବେ ଗ୍ରହଣ କରିଥିଲେ । ସୂଚନାଯୋଗ୍ୟ ଯେ ହିନ୍ଦୁ ଧର୍ମରେ ମୌନି ଅମାବାସ୍ୟା ଦିନଠାରୁ ଶ୍ରଦ୍ଧାଳୁମାନେ ନିଜ ଇନ୍ଦ୍ରିୟ ଉପରେ ନିୟନ୍ତ୍ରଣ ରଖିବା ପାଇଁ ମୌନବ୍ରତ ନେବାର ସଂକଳ୍ପ ନେଇଥାନ୍ତି । ତେଣୁ ଆମ ସମସ୍ତଙ୍କୁ ଜୀବନରେ ମୌନ ବ୍ରତ ଅବଲମ୍ବନ କରିବା ଉଚିତ । ଏହା ସପ୍ତାହକୁ ଥରେ କିମ୍ବା ମାସେ ପନ୍ଦର ଦିନକୁ ଥରେ ହୋଇପାରେ । ନିରବ ରହିବାର ମୂଲ୍ୟ ଆମେ ଜୀବନରେ କୌଣସି ନା କୌଣସି ପରିସ୍ଥିତିରେ ଅନୁଭବ କରିଥାଉ । ବିଜ୍ଞାନ ଅନୁସାରେ ଏକ କୋଳାହଳପୂର୍ଣ୍ଣ ପରିବେଶ ମସ୍ତିଷ୍କ ଉପରେ ଗଭୀର ପ୍ରଭାବ ପକେଇ ଥାଏ । ଷ୍ଟ୍ରେସ୍ ହର୍ମୋନ୍‌ର ମାତ୍ରାକୁ ବୃଦ୍ଧି କରେଇ ଥାଏ । ବୈଜ୍ଞାନିକମାନେ ମୌନ ରହିବାର ଲାଭ ଉପରେ ଗବେଷଣା କରି ଅନେକ ରୋଚକ ତଥ୍ୟ ପାଇଛନ୍ତି । ସବୁଠୁ ବଡ଼କଥା ହେଲା, ମାନବର ମସ୍ତିଷ୍କ କ୍ଷୀପ୍ର ଗତିରେ ମୌନ ପରିବେଶକୁ ଆପଣେଇ ନିଏ । ଆମେରିକାର ଡ୍ୟୁକ୍ ବିଶ୍ୱବିଦ୍ୟାଳୟର ଏକ ଗବେଷଣାରୁ ଜଣା ପଡ଼ିଛି ଯେ ଦିନକୁ ଦୁଇ ଘଣ୍ଟା ମୌନ ରହିବା ଦ୍ୱାରା ସ୍ମରଣ ଶକ୍ତିରେ ଅହେତୁକ ବୃଦ୍ଧି ପାଇଥାଏ । ମୌନ ରହିବା ଦ୍ୱାରା ନୂତନ ଗଠିତ କୋଷିକାଗୁଡ଼ିକ ସଠିକ୍ କାମ କରିବା ସହିତ ମସ୍ତିଷ୍କ ବାହ୍ୟ ଓ ଆଭ୍ୟନ୍ତରୀଣ ପରିବେଶରେ ସହଜରେ କାର୍ଯ୍ୟ କରେ । ଭାରତୀୟ ବୈଦିକ ପରମ୍ପରାରେ ମୁନି ଋଷିମାନେ ଏହି ମୌନ ରହିବାର ନିଃଶେଷ ଲାଭକୁ ଖୁବ୍ ଆରମ୍ଭରୁ ଜାଣିପାରି ଏହାକୁ ଜୀବନର ଏକ ବ୍ରତ ରୂପେ ପାଳନ କରିବାକୁ ଉପଦେଶ ଦେଉଥିଲେ ଯେଉଁଥିପାଇଁ ଭଗବାନ ବୁଦ୍ଧଦେବ କହିଥିଲେ, 'ମୌନ ଏକ ଖାଲି ଜାଗା ସଦୃଶ ଓ ଖାଲି ଜାଗା ହେଉଛି ଜାଗ୍ରତ ମସ୍ତିଷ୍କର ଘର ।'




ପୂର୍ବସିଂଭୂମି, ଯାଦୁଗୁଡ଼ା, ଝାଡ଼ଖଣ୍ଡ
ମୋ: ୭୦୦୪୦୬୮୧୧୦

## ସମ୍ପାଦକଙ୍କୁ ପତ୍ର

### ଓଡ଼ିଆ ଧାରାବାହିକରେ ଓଡ଼ିଆ ସଂସ୍କୃତିର ଛାପ

ସମ୍ପ୍ରତି ଓଡ଼ିଆ ଯାତ୍ରା, ନାଟକ, ଧାରାବାହିକ ଆଦି ବହୁ କ୍ଷେତ୍ରରେ ବିକଶିତ ହୋଇ ଦର୍ଶକମାନଙ୍କର ମନୋରଞ୍ଜନ କରି ଆସୁଛି । ହେଲେ ଓଡ଼ିଆ ଘରର ପାରମ୍ପରିକ କାହାଣୀ ଦୃଶ୍ୟରେ ରୂପ ନେଲା ବେଳେ ଅଧିକାଂଶ କ୍ଷେତ୍ରରେ ଆଧୁନିକ ଅପସଂସ୍କୃତି ପ୍ରଭାବରେ ପରିବର୍ତ୍ତିତ ହୋଇ ଯାଉଥିବା ପରିଲକ୍ଷିତ ହେଉଛି । ଅପସଂସ୍କୃତି ନିଶ୍ଚିତ ଭାବେ ଉତ୍କଳୀୟ ପାରମ୍ପରିକ ମହାନ ସଂସ୍କୃତିକୁ ବିଲୋପ କରି ଦେଇପାରେ, ଏକଥା ସମସ୍ତେ ହୃଦୟଙ୍ଗମ କରିବା ଉଚିତ । ଏମିତି ବି ହୋଇପାରେ, ଦିନ ଆସିବ, ଯେତେବେଳେ ଓଡ଼ିଆଙ୍କ ଭାଷା, ସଂସ୍କୃତିରେ, ଆଚରଣ, ଉଚ୍ଚାରଣରେ, କାର୍ଯ୍ୟ କରଣୀ, ଚାଲିଚଳଣି, ଜୀବନ ଶୈଳୀରେ ଆଉ ଓଡ଼ିଆତ୍ୱ ଦେଖିବାକୁ ମିଳିବ ନାହିଁ, ଯେଉଁଥିପାଇଁ ଓଡ଼ିଆଙ୍କ ଗୌରବ, ଓଡ଼ିଶୀ ସଂସ୍କୃତିର ମହତ୍ତ୍ୱ ସମ୍ପୂର୍ଣ୍ଣ ଭାବେ ନିଃଶେଷ ହୋଇଯିବା ବିଚିତ୍ର ନୁହେଁ । ଏହି ପରିପ୍ରେକ୍ଷୀରେ ଅଧିକାଂଶ ଓଡ଼ିଆ ଦୃଶ୍ୟକାବ୍ୟ, ଯାତ୍ରା, ନାଟକ, ଚଳଚ୍ଚିତ୍ର ଅଥବା ଦୂରଦର୍ଶନ ଧାରାବାହିକରେ ଦେଖିବାକୁ ମିଳୁଥିବା କେତୋଟି ଛୋଟ ଛୋଟ ଉଦାହରଣ ଉପରେ ନଜର ପକାଇବା । ଯେପରିକି, ସକାଳୁ ବିଛଣାରୁ ଉଠି ମୁହଁ ନଧୋଇ କିମ୍ବା ଦାନ୍ତ ନଘଷି ଚା'- କଫି ପିଉଥିବା, ଜନ୍ମଦିନରେ କେକ୍ ଉପରେ ଜଳୁଥିବା ମହମବତୀ ଲିଭେଇ ସେଇ କେକ୍‌କୁ କାଟି ବାର୍ଥଡେ ପାର୍ଟି ମନେଇବା, ଘରେ ପରିବାରଜନ ଅର୍ଥାତ୍ ବାପା, ମାଆ, ଦାଦା, ଖୁଡ଼ି, ଭାଇ, ଭଉଣୀଙ୍କୁ ଯଥାକ୍ରମେ ଡାଡ୍, ମମ୍, ଅଙ୍କଲ, ଆଣ୍ଟି, ବ୍ରୋ, ଦି ଭଳି ଶବ୍ଦରେ ସମ୍ବୋଧନ କରିବା, କଥା କଥାରେ ଓଡ଼ିଆ ଶବ୍ଦ ବଦଳରେ ଇଂରାଜୀ ଭାଷା ପ୍ରୟୋଗ କରିବା, ଓଡ଼ିଆମାନଙ୍କ ପାରମ୍ପରିକ ପୋଷାକ ପରିବର୍ତ୍ତେ ଆଧୁନିକ ଅରୁଚିସମ୍ପନ୍ନ ପୋଷାକ ପରିଧାନ କରିବା, ବିବାହିତ ଦମ୍ପତିଙ୍କ ମଧ୍ୟରେ ବାରମ୍ବାର ବିବାହ ଉତ୍ସବ ପାଳନ କରା ଯାଉଥିବା ଇତ୍ୟାଦି ଆମ ଓଡ଼ିଆ ସଂସ୍କୃତି ଉପରେ କୁଠାରାଘାତ କରୁନାହିଁ କି? ଆମ ଓଡ଼ିଆଙ୍କ ଜୀବନଧାରାରେ ଯାତ୍ରା, ନାଟକ, ଚଳଚ୍ଚିତ୍ର ତଥା ଓଡ଼ିଆ ଧାରାବାହିକ ଆଦିର ଯଥେଷ୍ଟ ପ୍ରଭାବ ଥିବାରୁ ଏ ସବୁଥିରେ କାହାଣୀର ବିଷୟବସ୍ତୁ, ସଂଳାପ ଏବଂ ଦୃଶ୍ୟମାନଙ୍କରେ ଆମ ମହାନ ସଂସ୍କୃତିର ଛାପ ରହିବା ନିତାନ୍ତ ଆବଶ୍ୟକ ।

**ଅବନୀ ଚନ୍ଦ୍ର ଦାସ, ପ୍ରଶାନ୍ତି ବିହାର, ଭୁବନେଶ୍ୱର**

### ମଶାଙ୍କ ଦାଉର ପ୍ରତିକାର

ଗ୍ରାମାଞ୍ଚଳରେ ମଶାମାନଙ୍କ ଉପଦ୍ରବ ବୃଦ୍ଧି ପାଇବାରେ ଲାଗିଛି । ଡ୍ରେନ୍, କୂପ, ନଳକୂପ ତଥା ବିଭିନ୍ନ ସ୍ଥାନ ଅପରିଷ୍କାର ହୋଇ ବର୍ଷ ବର୍ଷ ଧରି ମଇଳା ପାଣି ଜମି ରହିବାରୁ ଏହା ମଶା ବଂଶ ବୃଦ୍ଧିକୁ ବେଶ୍ ସୁହାଉଛି । ଫଳରେ ଲୋକେ ମଶା କାମୁଡ଼ାର ଶିକାର ହୋଇ ବହୁ ମାତ୍ରାରେ ମ୍ୟାଲେରିଆ ଜ୍ୱରରେ ଆକ୍ରାନ୍ତ ହେଉଛନ୍ତି । ଲୋକଙ୍କୁ ମଶା ଦାଉରୁ ରକ୍ଷା କରିବା ପାଇଁ ବିଶୋଧିତ ମଶାରୀ ବଣ୍ଟନ କରାଯାଇଥିଲେ ହେଁ ସଚେତନତାର ଅଭାବ କାରଣରୁ ଅଧିକାଂଶ ଏହାର ଉଚିତ ବ୍ୟବହାର ମଧ୍ୟ କରୁ ନାହାନ୍ତି । ଅନ୍ୟ ପକ୍ଷରେ ମଶାରୀକୁ କେବଳ ରାତିରେ ଶୋଇବା ବେଳେ ବ୍ୟବହାର କରାଯାଉଥିବା ବେଳେ ମଶାମାନେ ଦିନ ବେଳା ମଧ୍ୟ କାମୁଡୁଛନ୍ତି । ସନ୍ଧ୍ୟା ନ ହେଉଣୁ ଏମାନଙ୍କ ଉପଦ୍ରବ ପ୍ରବଳ ହେଉଛି । ମଶାଙ୍କ ବଂଶ ରୋକିବାକୁ ପ୍ରତି ବର୍ଷ ସରକାରଙ୍କ ତରଫରୁ ଡିଡିଟି ସିଞ୍ଚନ କରାଯାଇଥାଏ । ଚଳିତ ବର୍ଷ କିନ୍ତୁ ଅନେକ ସ୍ଥାନରେ ଡିଡିଟି ସିଞ୍ଚନ କରାଯାଇ ନାହିଁ । ପୁଣି ଡିଡିଟି ସିଞ୍ଚନ ହେଲେ ମଧ୍ୟ ଏହା ଆଗ ଭଳି କାମ କରୁନାହିଁ କି ମଶା ମରୁ ନାହାନ୍ତି । ତେଣୁ ମଶା ଦମନ ପାଇଁ ସଠିକ୍ ମାତ୍ରାରେ ଠିକ୍ ସମୟରେ ଡିଡିଟି ସିଞ୍ଚନ କରାଯିବା ପ୍ରତି ଧ୍ୟାନ ଦିଆଯାଉ ।

**ବୈଷ୍ଣବ ମେହେର, ସିନାପାଲି, ନୂଆପଡ଼ା**

# ଶିଳ୍ପୋଦ୍ୟୋଗ ଉପରେ ଯୁଦ୍ଧର ପ୍ରଭାବ

କରୋନା ବା କୋଭିଡ୍-୧୯ ମହାମାରୀ କାଳର କଥା ସ୍ମରଣ କରାଯାଉ; ରୋଗରୁ ରକ୍ଷା ପାଇବା ପାଇଁ ଲକ୍‌ଡାଉନ୍ ଓ ଲୋକମାନେ ଦଳ ଦଳ ହୋଇ ସହର ନଗରମାନଙ୍କରୁ ନିଜ ନିଜର ଗାଁମାନଙ୍କୁ ସେ କି କରୁଣ ଦୃଶ୍ୟ ! ଏବେ ପୁଣି ଆରମ୍ଭ ହୋଇଛି ସମାନ ଅବସ୍ଥା, ଯଦିଓ ଏଥର ସେହି ସମୟ ଭଳି ଏତେଟା ବ୍ୟାପକ ନୁହେଁ । ପଶ୍ଚିମ ଏସିଆର ଯୁଦ୍ଧ ମହାମାରୀ ଯୁଗର ବ୍ୟାଘାତର ପୁନରାବୃତ୍ତି କରିଛି । ଅବଶ୍ୟ ଏଭଳି ଆଶଙ୍କା ଓ ଭୟ ଦୂର କରିବାକୁ ସରକାର ଉଦ୍ୟମ କରି ଏକ ଭଲ କାମ କରିଛନ୍ତି । ମହାମାରୀ ସମୟ ଭଳି ସରକାର ବର୍ତ୍ତମାନ ଲକ୍‌ଡାଉନ୍ ଜାରି କରିବେ ବୋଲି ବିଶ୍ୱାସ କରିବାର କୌଣସି କାରଣ ନାହିଁ । ଏବେ ସୁଦ୍ଧା ଏହି ଭୟର ଦୂରୀକରଣ ଗ୍ୟାସ୍ ଯୋଗାଣର ଯୁକ୍ତିଯୁକ୍ତତା ପର୍ଯ୍ୟନ୍ତ ସୀମିତ ରହିଛି । ସମ୍ପ୍ରତି ଭାରତ ଏ ଦୃଷ୍ଟିରୁ ଅଧିକାଂଶ ଉଦୀୟମାନ ବଜାର ଅପେକ୍ଷା ଭଲ ସ୍ଥିତିରେ ରହିଛି । ତେବେ ଯୁଦ୍ଧର ପରିଣତି ସ୍ୱରୂପ ହୋଇଥିବା ଯୋଗାଣଜନିତ ଆଘାତ ଭାରତୀୟ ଶ୍ରମିକମାନଙ୍କର ଏକ ପ୍ରତ୍ୟାବର୍ତ୍ତନଶୀଳ ପଳାୟନକୁ ଆରମ୍ଭ କରିଛି, ଯଦିଓ ମହାମାରୀ ସମୟ ଭଳି ବିପୁଳ ସଂଖ୍ୟାରେ ନୁହେଁ । ଅଧିକାଂଶ ବାହୁଲ୍ୟ ବିବରଣୀ ସୂଚାଉଛି ଯେ ଶ୍ରମିକ ଶ୍ରେଣୀର ପ୍ରବାସୀ ଲୋକମାନେ ସେମାନଙ୍କର ରୋଷେଇ ଘର ପାଇଁ ଏଲ୍‌ପିଜି ଗ୍ୟାସ୍ ଆଣିବାରେ ସକ୍ଷମ ହେଉ ନାହାନ୍ତି, ଯେଉଁ କାରଣରୁ ଏପରି ହେଉଛି । ଏ ବାବଦରେ ସଠିକ୍ ତଥ୍ୟ ଆହରଣ କରିବା କଷ୍ଟକର, କିନ୍ତୁ ସହଜ ଜ୍ଞାନ ଅନୁସାରେ ଏହା ଜଣା ପଡୁଛି ଯେ ସେମାନଙ୍କ ମଧ୍ୟରୁ ଅଧିକାଂଶ ଏଲ୍‌ପିଜି ଅଣଆନୁଷ୍ଠାନିକ ବଜାରରୁ ଖର୍ଦ୍ଦି କରୁଥିଲେ । ଯୋଗାଣରେ ସଂକଟ ସୃଷ୍ଟି ହେବା ଦ୍ୱାରା ଏହି ବିକଳ୍ପ ହୁଏତ ସେମାନଙ୍କ ପାଇଁ ଉପଲବ୍ଧ ହେଉନାହିଁ କିମ୍ବା ଯଥେଷ୍ଟ ବ୍ୟୟବହୁଳ ହେଉଛି, ଯାହା ପ୍ରଦାନ କରିବା ସେମାନଙ୍କ ସାମର୍ଥ୍ୟ ବାହାରେ ଏତେ ପରିମାଣରେ ଯେ ଏହା ଆର୍ଥିକ ଦୃଷ୍ଟିରୁ ଏହିସବୁ ଶ୍ରମିକଙ୍କ ପାଇଁ ସେମାନଙ୍କର ସ୍ୱଳ୍ପ ଆୟକୁ ଜାଳେଣି ଭାବରେ ଖର୍ଚ୍ଚ କରିବା ଅପେକ୍ଷା ଗାଁକୁ ଫେରିଯିବା ନିମନ୍ତେ ଅନୁପ୍ରେରକ ସାଜୁଛି, ଯେଉଁଠି ଅଣ-ଏଲ୍‌ପିଜି ରନ୍ଧନ ବିକଳ୍ପ ଏବେ ସୁଦ୍ଧା ବଜାୟ ରହିଛି ।

ଇତ୍ୟବସରରେ ସରକାର ଗ୍ୟାସ୍ ଯୋଗାଣକୁ ବଜାୟ ରଖିବା ପାଇଁ ଛୋଟ ୫ କିଲୋଗ୍ରାମ୍‌ବିଶିଷ୍ଟ ଏଲ୍‌ପିଜି ସିଲିଣ୍ଡରର ବିକ୍ରୟ ଉପରେ ଗୁରୁତ୍ୱାରୋପ କରିଛନ୍ତି, ଯାହା ଖାଉଟି ବଜାରକୁ ସ୍ୱଳ୍ପକାଳୀନ ଅବ୍ୟାହତି ପ୍ରଦାନ କରି ପାରିବ ଏବଂ ଦେଶରେ ଏଲ୍‌ପିଜି ଖର୍ଦ୍ଦି କରିବାର ଆତୁର ଅବସ୍ଥାରେ ବିରାମ ଆଣି ପାରିବ । ତୈଳ ବିପଣନ କମ୍ପାନୀମାନେ ମଧ୍ୟ ସାଧାରଣ ମାନକବିଶିଷ୍ଟ ୧୪.୨ କିଲୋଗ୍ରାମ୍‌ର ସିଲିଣ୍ଡରକୁ ୧୦ କିଲୋଗ୍ରାମ୍‌କୁ ଖସାଇ ଆଣି ରନ୍ଧନ ଗ୍ୟାସ୍‌ର ଆବଶ୍ୟକତାକୁ ପୂରଣ କରିବାକୁ ଉଦ୍ୟମ ଚଳାଇଛନ୍ତି, ଯାହା ସୀମିତ ଏଲ୍‌ପିଜି ଯୋଗାଣ ଅବସ୍ଥାରେ ଅଧିକ ଖାଉଟିଙ୍କୁ ସେବା ପ୍ରଦାନ କରିବାରେ ସହାୟକ ହେବ । ତା' ସତ୍ତ୍ୱେ ଦେଶରେ ଶ୍ରମିକ ଶ୍ରେଣୀର ଲୋକମାନଙ୍କର ଘରବାହୁଡ଼ା ଦେଖିବାକୁ ମିଳୁଛି । ଭାରତରେ ଔଦ୍ୟୋଗିକ ନିଯୁକ୍ତିର ମୂଳସ୍ତମ୍ଭ ହୋଇଥିବା ଏମ୍‌ଏସ୍‌ଏମ୍‌ଇଗୁଡ଼ିକ ତରଫରୁ ସିଆଇଆଇ ଏବଂ ଭାରତ ଏସ୍‌ଏମ୍‌ଇ ଫୋରମ୍ କହିଛନ୍ତି ଯେ ଏହି ସମସ୍ୟା ବିଷୟରେ କେଉଁ କାରଣ ଉପାଖ୍ୟାନମୂଳକ ବିବରଣୀ ଆରମ୍ଭ କରିବାରେ ସହାୟକ ହୋଇଥିଲା, ତାହା ସାମ୍ନାକୁ ଆସୁଛି । ଯେଉଁ ଉଦ୍ୟୋଗଗୁଡ଼ିକ ଆଗରୁ ଅସୁବିଧାର ସମ୍ମୁଖୀନ ହେଉଥିଲେ ବା ବୃହତ୍ତର ପେଟ୍ରୋକେମିକାଲ ଅର୍ଥନୀତିର ବିନିବେଶରେ ସୃଷ୍ଟି ହୋଇଥିବା ଯୋଗାଣ-ପକ୍ଷ ବ୍ୟାଘାତ ପାଇଁ ଧୀରେ ଧୀରେ ଅନୁକୂଳିତ ହୋଇ ଆସୁଥିଲେ, ସେମାନେ ସମ୍ଭାବ୍ୟ ଶ୍ରମିକ ଅଭାବ ପାଇଁ ଦୁଇଗୁଣ ଅସୁବିଧାରେ ପଡ଼ିବାକୁ ଯାଉଛନ୍ତି ।

ଯେତେଦୂର ସରକାରଙ୍କ କଥା ଉଠେ, ଏହା ଅନେକଙ୍କ ତାଲିକାରେ ଆଉ ଏକ ସମସ୍ୟା ଯୋଡୁଛନ୍ତି, ଯାହାର ସମାଧାନ କରାଯିବାର ଆବଶ୍ୟକତା ରହିଛି । ଆମେରିକାର ଟାରିଫ୍ ବ୍ୟବସ୍ଥା ଯେତେବେଳେ ବ୍ୟବସାୟରେ ବ୍ୟାଘାତ ସୃଷ୍ଟି କଲା, ସେତେବେଳେ ଏହା କେତେକ ପଦକ୍ଷେପ ନେଇ ସାରିଛନ୍ତି ଏବଂ ଯୁଦ୍ଧ ଯୋଗୁଁ ଯୋଗାଣ-ଚାହିଦା ବ୍ୟାଘାତର ସମାଧାନ ନିମନ୍ତେ କେତେକ ପଦକ୍ଷେପ ଘୋଷଣା କରି ସାରିଛନ୍ତି । ତୈଳ କମ୍ପାନୀଗୁଡ଼ିକ ଦାବି କରି ପାରିବେ ଯେ ସେମାନେ ଆନୁଷ୍ଠାନିକ ଭାବରେ ଏଲ୍‌ପିଜି ସଂଯୋଗ ନେଇଥିବା ଖାଉଟିମାନଙ୍କୁ ସେବା ଯୋଗାଇବା ପାଇଁ ଅତ୍ୟଧିକ ଚାପରେ ଅଛନ୍ତି, ଆଉ ସେଇମାନଙ୍କର ହିଁ ସିଲିଣ୍ଡରଗୁଡ଼ିକ ଉପରେ ପ୍ରଥମ ଅଧିକାର ରହିଛି । ସମ୍ପ୍ରତି ଗ୍ୟାସ୍ ସଂକଟର ସମାଧାନ ପାଇଁ ଯେଉଁ ପନ୍ଥାଗୁଡ଼ିକର ପ୍ରଚାର କରାଯାଉଛି, ଯଥା ପିଏନ୍‌ଜି ସଂଯୋଗ ପାଇବା, ତାହା ଏଭଳି ଶ୍ରମିକମାନଙ୍କ ପାଇଁ କାମ କରିବ ନାହିଁ, ଯେଉଁମାନେ କି ବସ୍ତି ବା ବସ୍ତି ସଦୃଶ ବାସଗୃହଗୁଡ଼ିକରେ ରହୁଛନ୍ତି । ପୁନଶ୍ଚ, ଏହା ଏକ ଧୀମା ପ୍ରକ୍ରିୟା ଏବଂ ତୁରନ୍ତ ଲୋକମାନଙ୍କୁ ଆଶ୍ୱାସନା ପ୍ରଦାନ କରି ପାରିବ ନାହିଁ । ଇଲେକ୍ଟ୍ରିକ୍ ଇଣ୍ଡକ୍ସନ୍ ଚୁଲା- ଯାହାର ଉତ୍ପାଦନ ବୃଦ୍ଧି କରିବାକୁ ଆଦେଶ ଦିଆଯାଇଛି, ତାହା ଏଲ୍‌ପିଜିର ଏକ ବଡ଼ ବିକଳ୍ପ ହୋଇ ପାରିବ । ତେବେ ଯେଉଁ ଲୋକମାନେ ରନ୍ଧନ ଗ୍ୟାସ୍ ବ୍ୟବହାର କରିବାରେ ଅଭ୍ୟସ୍ତ, ସେମାନେ ଏଥି ସହିତ ଖାପ ଖୁଆଇବା ପାଇଁ କିଛି ସମୟ ନେବେ, କାରଣ ଆରମ୍ଭରେ ସେମାନେ ଏହାକୁ ଚଳାଇବା ପାଇଁ ସମସ୍ୟାର ସମ୍ମୁଖୀନ ହୋଇ ପାରନ୍ତି । ସରକାର ଡାଇମେଥାଇଲ୍ ଇଥର (ଡିଏମ୍‌ଇ) ଭଳି ଘରୋଇ ବିକଳ୍ପ ଉପରେ ଗବେଷଣାର ଅବଧିକୁ ତ୍ୱରାନ୍ୱିତ କରି ପାରନ୍ତି, ଯାହା କି ଚାପଯୁକ୍ତ ସିଲିଣ୍ଡରଗୁଡ଼ିକରେ ବ୍ୟବହାରକାରୀମାନଙ୍କ ନିକଟକୁ ପରିବାହିତ ହୋଇ ପାରିବ । ଅକର୍ମଣ୍ୟତାର ମୂଲ୍ୟ ଢେର୍ ଅଧିକ ହୋଇପାରେ । ସରକାର, ସ୍ଥାନୀୟ ଭାବରେ ନିର୍ବାଚିତ ଜନପ୍ରତିନିଧି, ନାଗରିକ ସମାଜ ଏବଂ ଉଦ୍ୟୋଗ ସଂସ୍ଥାମାନଙ୍କ ପାଇଁ ଏକମାତ୍ର ସମାଧାନର ପନ୍ଥା ହେଉଛି, ସେମାନେ ଏକାଠି ହୋଇ ଶ୍ରମିକମାନଙ୍କ ପାଇଁ ତୁରନ୍ତ ଅବ୍ୟାହତି ପ୍ରଦାନ କରିବାକୁ ଆଗେଇ ଆସିବା ଉଚିତ । ମହାମାରୀ ଲକ୍‌ଡାଉନ୍ ସମୟରେ ଭାରତର ପ୍ରବାସୀ ଶ୍ରମିକମାନେ ଏହି ସାହାଯ୍ୟ ପାଇ ନଥିଲେ । ପୁଣି ଥରେ ସହରାଞ୍ଚଳ ଛାଡ଼ି ଗାଁମାନଙ୍କୁ ଫେରି ଯାଉଥିବାରୁ ସେମାନଙ୍କୁ ସନ୍ଦେହୀର ଆଖ୍ୟା ଦେବା ଠିକ୍ ନୁହେଁ ।

# ବହି ହୁଅନା; ବହି ଭଳି ହୁଅ

ସନ୍ଥ ତାଙ୍କ ଶିଷ୍ୟମାନଙ୍କୁ ଅନେକ ସମୟରେ କୁହନ୍ତି- 'ବହି ହୁଅନା; ବହି ଭଳି ହୁଅ ।' ଏ କଥାର ମର୍ମ ଅନ୍ୟ କେହି ସହଜରେ ବୁଝି ପାରନ୍ତିନି । ଦିନେ ସନ୍ଥ ତାଙ୍କ ଆଶ୍ରମର ସବୁ ଅନ୍ତେବାସୀଙ୍କୁ ଗୀତା ପଢ଼ିବାକୁ କହିଲେ । ଆଦରରେ ସମସ୍ତେ ପଢ଼ିଲେ । କିଛିଦିନ ପରେ ବହୁ ପିଲା ଏହାକୁ ମୁଖସ୍ଥ କରିଦେଲେ । କଥା କଥାକେ ଗୀତାର ଶ୍ଳୋକ ଆବୃତ୍ତି କରୁଥିଲେ । ବାହାରୁ ଆସିଥିବା ଲୋକେ ପିଲାଙ୍କର ଦକ୍ଷତା ଦେଖି ଭାରି ଖୁସି ହୋଇ ଯାଉଥିଲେ । ସେମାନଙ୍କୁ ପ୍ରଶଂସା କରୁଥିଲେ । ଏତିକି ବେଳେ ପିଲାମାନେ ନିଜ ଭିତରେ ଅତି ଉଲ୍ଲସିତ ହେଉଥିଲେ । ଦିନେ କିଛି ଆଗନ୍ତୁକ ଆସିଲେ ଆଶ୍ରମକୁ । ସେମାନେ ଖୁବ୍ ଭୋକିଲା ଥିଲେ । ଅତି ବିକଳରେ ଭୋଜନ ଗଣ୍ଡାଏ ମାଗୁଥିଲେ । ହେଲେ ପିଲାମାନେ ଗୀତା ପଢ଼ିବାରେ ଲାଗିଥିଲେ । ଜଣ ଜଣ କରି ପିଲାଙ୍କୁ ଭୋକିଲା ଲୋକମାନେ ଖାଇବାକୁ ମାଗୁଥିଲେ ମଧ୍ୟ ସେମାନେ ଶୁଣୁ ନଥିଲେ ।

ଗୀତା ପଢୁଥିବା ପିଲାମାନେ ନିଜକୁ ଖୁବ୍ ଜ୍ଞାନୀ ଭାବୁଥିଲେ । ଜଣେ ପିଲା ମୁହଁ ଖୋଲି କହିଲା- 'ଆମେ ବହୁତ ଶାସ୍ତ୍ର ପଢ଼ିଛୁ । ଗୀତାର ସମସ୍ତ ଶ୍ଳୋକକୁ ମୁଖସ୍ଥ କରି ପାରିଛୁ । ଅତି ସୁନ୍ଦର ଭାବରେ ବ୍ୟାଖ୍ୟା କରି ପାରୁଛୁ । ତୁମେସବୁ ତ ମଳିମୁଣ୍ଡିଆ ଲୋକ ! ତୁମେ ସିନା ଆମ ସେବା କରିବା କଥା ! ତାହା ନ କରି ଆସି ଆମକୁ ଖାଇବା ପିଇବାକୁ ମାଗୁଛ ?'



ପଦାରବିନ୍ଦ

ଲୋକମାନେ କହିଲେ- 'ତୁମ ଗୀତାରେ କ'ଣ ଏଇ କଥା ଶିକ୍ଷା ଦିଆ ଯାଇଛି ଯେ ନିଜେ ସେବକ ନହୋଇ ଅନ୍ୟଠାରୁ ସେବା ଚାହିଁବା ?'

ପିଲାମାନେ ତତ୍‌କ୍ଷଣାତ୍ ରାଗିଗଲେ । ରୁକ୍ଷ ଭାଷାରେ ଆଗନ୍ତୁକଙ୍କୁ ଗାଳିଦେଲେ ।

ଏତିକି ବେଳେ ଗୋଟିଏ ପିଲା ହାତରେ କିଛି ଜଳଖିଆ ଆଣି ପହଞ୍ଚିଲା । ସେ ଲୋକମାନଙ୍କୁ ଆଦରରେ ଖୁଆଇଲା ।

ଜଣେ ଲୋକ କହିଲା- 'ଏ ପିଲାମାନେ ଗୀତା ପଢ଼ି ବହି ହୋଇ ଯାଇଛନ୍ତି । ବହି ଭଳି ହୋଇପାରି ନାହାନ୍ତି । ଅର୍ଥାତ୍ ବହିରେ ଲେଖା ଥିବା ଅକ୍ଷର, ଶ୍ଳୋକ, ବାକ୍ୟସବୁକୁ ମୁଖସ୍ଥ କରି ଦେଇଛନ୍ତି । ଜଣେ ବହି ପଢ଼ିବା ଯାହା, ଏମାନଙ୍କଠାରୁ ଶୁଣିବା ସେଇଆ । ବହି ଓ ଏ ପିଲାଙ୍କ ଭିତରେ କିଛି ଫରକ ନାହିଁ । ଗୀତା ବହିର ପୃଷ୍ଠା ଆଡ଼େଇଲେ ସେଥିରୁ ଶ୍ଳୋକ ବାହାରେ । ସେମିତି ଏ ପିଲାଙ୍କୁ ଯେଉଁ ଅଧ୍ୟାୟର ଯେଉଁ ଶ୍ଳୋକ ଆବୃତ୍ତି କରିବାକୁ କହିଲେ, ସେମାନେ ଗାଇ ପାରିବେ । କିନ୍ତୁ ଏମାନେ ବହି ଭଳି ହୋଇ ପାରିଲେ ନାହିଁ । ବହିରେ ଗୀତା ଲେଖା ଅଛି, ଅଥଚ ବହି ଯେମିତି ନରମ, ଏମାନଙ୍କ ଭିତର ସେମିତି ନରମ ହୋଇ ପାରିନାହିଁ । ଭିତରେ ଅଭିମାନ, ଅହଙ୍କାର, ପ୍ରୌଢ଼ି ଭଳି କୁଗୁଣ ପଥର ଭଳି ଟାଣ ହୋଇଛି । ଏମାନେ ଗୀତା ବହି ନହୋଇ ବହି ଭଳି ହେଲେ ଗୀତାର ମର୍ମକୁ ବୁଝିଛନ୍ତି ବୋଲି ବୁଝା ପଡ଼ନ୍ତା ।

## ରନ୍ଧନ ଗ୍ୟାସ୍ ସଙ୍କଟ | ରାସ୍ତାରେ ସିଲିଣ୍ଡର୍ ଥୋଇ ଆନ୍ଦୋଳନ କଲେ ଖାଉଟି



**ଜଗତ୍‌ସିଂହପୁର,୭।୪/ଏନ୍‌ଏନ୍‌ଏସ୍:** ଜଗତସିଂହପୁରରେ ଅସହ୍ୟ ହେଲା ରନ୍ଧନ ଗ୍ୟାସ୍ ସଙ୍କଟ । ଯେତିକି ଖାଉଟି ରନ୍ଧନ ଗ୍ୟାସ ନିମନ୍ତେ ବୁକିଂ କରିବା ସହିତ ବିତରଣ ପ୍ରମାଣୀକରଣ କୋଡ୍ (ଡିଏସି) ନଂ ପାଇଥିଲେ ମଧ୍ୟ ସେମାନଙ୍କୁ ଗ୍ୟାସ୍ ମିଳୁନାହିଁ । ଏପରିକି ଖାଉଟିମାନେ ଖାଲି ସିଲିଣ୍ଡର ଧରି ଗ୍ୟାସ ବିତରକ କେନ୍ଦ୍ରକୁ ଗଲେ ମଧ୍ୟ ସେଠାରେ ଲମ୍ବା ଲାଇନ୍ ଲଗାଇ ଗ୍ୟାସ୍‌ଭରା ଟାଙ୍କି ପାଇବା ପାଇଁ ଦିନ ତମାମ ଅପେକ୍ଷା କରିବାକୁ ପଡୁଛି । ତେବେ ୩ଶହରୁ ଉର୍ଦ୍ଧ୍ୱ କ୍ରମିକ ନମ୍ବରରେ ଯିଏ ଠିଆ ହେଲା, ଗ୍ୟାସଭରା ଟାଙ୍କି ଘରକୁ ନେଇ ଯିବା ସେମାନଙ୍କ ପାଇଁ ସ୍ୱପ୍ନ ହୋଇ ପଡୁଛି । ତେବେ ଏହା ସତ୍ତ୍ୱେ ଗ୍ୟାସ ବିତରକ ସଂସ୍ଥାର କର୍ମଚାରୀମାନେ ଚଞ୍ଚକତା କରି ସେମାନଙ୍କ ପୋଷା ଏଜେଣ୍ଟମାନଙ୍କୁ ବିକ୍ରି କରୁଥିବା ଅଭିଯୋଗ ହେଉଛି । ଯେଉଁ ଏଜେଣ୍ଟମାନେ ଗ୍ରାହକଙ୍କ ଘରେ ଓ ବିଭିନ୍ନ ଦୋକାନମାନଙ୍କରେ ଚଢ଼ାଦରରେ ବିକ୍ରି କରି ଲାଭବାନ ହେଉଛନ୍ତି । ଏହା ସତ୍ତ୍ୱେ ସରକାର ଜନସାଧାରଣମାନଙ୍କୁ ଆସ୍ୱସନା ଦେଇ ଆସୁଛନ୍ତି ଯେ, ରନ୍ଧଧନ ଗ୍ୟାସ୍‌ର ଅଭାବ ପରିସ୍ଥିତି ଏ ପର୍ଯ୍ୟନ୍ତ ଆସି ନାହିଁ ବୋଲି ଡିଣ୍ଡିମ ପିଟୁଛନ୍ତି । ଏହି ପରିସ୍ଥିତିରେ ଜଗତସିଂହପୁର ସହର ଉପରେ ଥିବା ମାଆ ଶାରଳା ଇଣ୍ଡେନ୍ ଗ୍ୟାସ୍ ଏଜେନ୍ସିର ଦିନେ ଛାଡି ଦିନେ ଗ୍ୟାସ୍ ଗାଡି ଆସୁଥିଲା । ହେଲେ ଗତ ଶୁକ୍ରବାର ଠାରୁ ଆଜି ପର୍ଯ୍ୟନ୍ତ ତଥା ୪ଦିନ ହେଲା ଗ୍ୟାସ୍ ଗାଡି ନଆସିବା, କି ଏଜେନ୍ସିର କର୍ମଚାରୀ ଏ ସମ୍ପର୍କରେ ପୂର୍ବରୁ ସୂଚନା ପ୍ରଦାନ ନକରିବା ନେଇ ଆଜି ମଙ୍ଗଳବାର ଭୋର ୩ଟା ସମୟରୁ ଗ୍ୟାସ୍ ପାଇଁ ଖାଲି ସିଲିଣ୍ଡର ଧରୀ ଲାଇନ୍ ଲଗାଇଥିବା ଖାଉଟିମାନେ ହଠାତ୍ ଉତ୍ୟକ୍ତ ହୋଇ ପଡିଥିଲେ । ରାତି ଅଧରୁ ଲାଇନ୍‌ରେ ଦୀର୍ଘ ସମୟ ଧରୀ ଠିଆ ହୋଇ ଶେଷରେ ଗ୍ୟାସ ଗାଡି ନଆସିବା ନେଇ ବାରମ୍ବାର ଫେରିବାରେ ବିରକ୍ତି ପ୍ରକାଶକରି ଖାଉଟିମାନେ ସ୍ଥାନୀୟ ସାନବଜାର ଥାନାଛକ ସମ୍ମୁଖ ରାସ୍ତାରେ ଖାଲି ସିଲିଣ୍ଡର ଥୋଇ ଗ୍ୟାସ୍ ପାଇଁ ଆନ୍ଦୋଳନ କରିଥିଲେ । ଖବର ପାଇଁ ସଦର ଥାନା ଆଇଆଇସି ଓ ପୁଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିବା ପରେ ଖାଉଟିମାନେ ଆନ୍ଦୋଳନରୁ ଓହରିଥିଲେ । ତେବେ ଖାଉଟିମାନଙ୍କ ଅଭିଯୋଗ, ବର୍ତ୍ତମାନ ସମୟରେ ରନ୍ଧନ ଗ୍ୟାସ୍ ନିମନ୍ତେ ଆଗଭଳି ସବୁ ସମୟରେ ବୁକିଂ ହୋଇପାରୁ ନାହିଁ । ବୁକିଂ ନିମନ୍ତେ ସମୟର କଟକଣା କରାଯାଇଛି । ତେବେ ଗ୍ୟାସ୍ ଏଜେନ୍ସିକୁ ଯେତିକି ଗ୍ୟାସ୍ ସିଲିଣ୍ଡ ଆସିବାର ଅଛି । ସେତିକି ଖାଉଟିଙ୍କ ରେଜିଷ୍ଟର ମୋବାଇଲ୍ ନମ୍ବରକୁ ବିତରଣ ପ୍ରମାଣୀକରଣ କୋଡ୍ (ଡିଏସି) ନଂ ପଠାଇ ସୂଚିତ କରାଯାଉଛି । ହେଲେ ଖାଉଟି ଉକ୍ତ ଡିଏସି କୋର୍ଡ ସହିତ ଖାଲି ସିଲିଣ୍ଡର ଧରୀ ଏଜରନ୍ସି ପାଖକୁ ଗଲେ ରାତି ୩ଟାରୁ ଲମ୍ବା ସମୟଧରୀ ଠିଆ ହେବାକୁପଡୁଛି । ହେଲେ ଧାଡିରେ ଠିଆ ହୋଇଥିବା ସମସ୍ତ ଡିଏସି ନଂ ଧାରୀଙ୍କୁ ମିଳୁନାହିଁ ଗ୍ୟାସ୍ । ତେବେ ସେମାନଙ୍କର ଗ୍ୟାସ୍ ଗଲା କେଉଁଆଡେ ବୋଲି ପ୍ରଶ୍ନ କରିଛନ୍ତି ଆନ୍ଦୋଳନକାରୀମାନେ । ଏହା ବ୍ୟତିତ, ପୌରାଞ୍ଚଳକୁ ଗୋଟିଏ ଦିନ ଅନ୍ତରରେ ଗ୍ୟାସ ଗାଡି ଆସୁଥିଲା । ହେଲେ ଆଜିକୁ ୪ରୁ ୫ଦିନ ହେବ ଗ୍ୟାସ ଗାଡି ନଆସିବା ଏବଂ ଏ ସମ୍ପର୍କରେ ଗ୍ୟାସ ଏଜେନ୍ସି ପକ୍ଷରୁ ହିତାଧିକାରୀଙ୍କୁ କୌଣସି ସୁଚନା ନଦିଆ ଯିବା ନେଇ ହିତାଧିକାରୀମାନେ ବ୍ୟସ୍ତ ପ୍ରକଟ କରି ରାଜ ରାସ୍ତାରେ ଖାଲି ସିଲିଣ୍ଡର ଧରୀ ଆନ୍ଦୋଳନ କରିଛନ୍ତି । ଅନ୍ୟପକ୍ଷରେ ଜିଲ୍ଲାର ସର୍ବାଧିକ ହୋଟେଲ, ରେଷ୍ଟୁରାଣ୍ଟ, କ୍ୟାଣ୍ଟିନ, ଚା, ଜଳଖିଆ ଦୋକାନ ମାନଙ୍କରେ ଗ୍ୟାସ୍‌ର କମରସିଆଲ ଟାଙ୍କି ବ୍ୟବହାର କରିବା ପାଇଁ ନିର୍ଦ୍ଦେଶ ରହିଥିବା ବେଳେ, ସେମାନେ ଘରୋଇ ଅଥବା ଡୋମେଷ୍ଟିକ ଟାଙ୍କି ବ୍ୟବହାର କରୁଥିବା ଦେଖାଯାଇଛି । ଡୋମେଷ୍ଟିକ ଟାଙ୍କିର ମୂଲ୍ୟକମ ରହିଥିବା ନେଇ ସମ୍ପୃକ୍ତ ବ୍ୟବସାୟୀମାନେ ଏହି ବ୍ୟବସ୍ଥାକୁ ଆପଣେଇ ଥିବା ଦେଖାଯାଇଛି । ତେବେ ଏ ସମ୍ପର୍କରେ ଜିଲ୍ଲା ଯୋଗାଣ ବିଭାଗ ପାଖରେ ଖବର ରହିଥିଲେ ମଧ୍ୟ କିଛିଦିନ ତଳେ ଏକ ହୋଟେଲ୍‌ରୁ ୩ଟି ଡୋମେଷ୍ଟିକ ଟାଙ୍କି ସିଜ କରି ଚୁପ୍ ବସିଥିବା ଦେଖାଯାଇଛି ।

## ଗୁଳିମାଡ଼ରେ ଯୁବକ ଗୁରୁତର



**ଯାଜପୁର,୭।୪/ଏନ୍‌ଏନ୍‌ଏସ୍:** ଯାଜପୁର ଟାଉନ ଅନ୍ତର୍ଗତ କାଳିମେଘା ନିକଟରେ ଯୁବକଙ୍କ ଉପରକୁ ବିଳମ୍ବିତ ରାତିରେ ଦୁଇ ରାଉଣ୍ଡ ଗୁଳିମାଡ଼ କରିଛନ୍ତି ଦୁଇଜଣ ଦୁର୍ବୃତ୍ତ । ଏବଂ ଗୁଳିମାଡ଼ କରି ସେଠାରୁ ସଙ୍ଗେସଙ୍ଗେ ଦୁଇଜଣ ଦୁର୍ବୃତ୍ତ ଘଟଣାସ୍ଥଳରୁ ବାଇକ୍ ଯୋଗେ ଫେରାର ହୋଇଯାଇଛନ୍ତି । ଗୁଳିମାଡ଼ରେ ଜଣେ ଯୁବକ ଗୁରୁତର । ଗୁରୁତର ଯୁବକ ଜଣକ ହେଲେ ସୋମ୍ୟ ସାଗର ସାମଲ । ପ୍ରଥମେ ସ୍ଥାନୀୟ ଲୋକ ଖବରପାଇ ଗୁରୁତର ଯୁବକଙ୍କୁ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ପରେ କଟକକୁ ସ୍ଥାନନ୍ତରିତ କରାଯାଇଛି । ଗୁଳିକାଣ୍ଡର କାରଣ ଅସ୍ପଷ୍ଟ । ରାତି ୧୨ଟା ପରେ ଯୁବକ ଜଣକ ଗାରିଆପୁରରୁ କାଳିମେଘା ଯିବା ଭିତରେ ପଛୁଆ ଗୁଳି ମାଡ ହୋଇଥିବା ଜଣାପଡିଛି । ଗୁଳିଟି ପଛପଟ ପିଠିରେ ବାଜି ଆଗ ବାଟେ ବାହାରି ଯାଇଥିବା ଜଣାପଡିଛି । ଯୁବକ ଜଣକୁ କଟକ ବଡ଼ ମେଡିକାଲକୁ ପଠା ଯାଇଛି । ସକାଳୁ ପୁଲିସ ପ୍ରଶାସନ ଶହ ସାଇଣ୍ଟିଫିକ୍ ଟିମ୍ ଆସି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି । ଯାହାକି ଯୁବକ ଜଣକ ଦୋକାନ ବନ୍ଦ କରି କାଳିମେଘା ପାଖରେ ଭଡ଼ାଘରକୁ ଫେରୁଥିବା ବେଳେ ଘଟିଛି ଏଭଳି ଘଟଣା ।

## ବଜ୍ରାପାତରେ ଜଳିଗଲା ଘର



**ପରଜଙ୍ଗ,୭।୪/ଏନ୍‌ଏନ୍‌ଏସ୍:** ପରଜଙ୍ଗ ବ୍ଲକ୍ ଚାନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ଖଇରୀପସି ଗ୍ରାମରେ ଦୁଇ ବଖରା ଘର ଭସ୍ମୀଭୂତ ହୋଇଯାଇଛି । ଆଜି ଅପରାହ୍ନରେ ହଠାତ୍ କାଳ ବୈଶାଖୀ ରେ ବିଜୁଳି ମାରିବାରୁ ପ୍ରମିଳା ପାଣି ସ୍ୱାମୀ ଲକ୍ଷ୍ମୀଧର ପାଣି ଙ୍କ ର ଚାଳ ଛପର ଘର ଟି ସମ୍ପୂର୍ଣ୍ଣ ଘର ଟି ପୋଡ଼ି ଯାଇଛି । ଆସବ୍ୱା ପତ୍ର, ଗଚ୍ଛିତ ଧାନ, ଖାଦ୍ୟ ସାମଗ୍ରୀ ଓ ପୋଷାକ ଜଳି ଛାରଖାର ହୋଇଯାଇଛି । ପରଜଙ୍ଗ ଅଗ୍ନିଶମ ବାହିନୀ ପହଞ୍ଚିଲା ବେଳକୁ ଘର ଭସ୍ମୀଭୂତ ହୋଇଯାଇଥିଲା । ସରକାରୀ ସହାୟତା ପାଇଁ ଗ୍ରାମବାସୀ ବ୍ଲକ୍ ପ୍ରଶାସନ ପାଖରେ ନିବେଦନ କରିଛନ୍ତି । ଏହା ସହ ଭାଲମୁଣ୍ଡା ପଣ୍ଟୁଆ ପୂର୍ତ୍ତ ବିଭାଗ ରାସ୍ତାରେ ଗଛ ଡ଼ାଳ ଭାଙ୍ଗି ରାସ୍ତା ଅବରୋଧ ହୋଇପଡିଛି । ରାସ୍ତାରୁ ଡାଳ ହଟାଇ ସ୍ଥାନୀୟଲୋକଙ୍କ ସହାୟତାରେ ଗାଡି ମୋଟର ଯିବା ଆସିବା କରିବା ପାଇଁ ସୁବିଧା ହୋଇପାରିଛି ।

## ଭାରତୀୟ ସନାତନ ସଂସ୍କୃତି ଶାଶ୍ୱତ ଓ ଚିରନ୍ତନ




**କେନ୍ଦ୍ରାପଡ଼ା,୭।୪/ଏନ୍‌ଏନ୍‌ଏସ୍:** ଭାରତୀୟ ସନାତନ ସଂସ୍କୃତି ହେଉଛି ଶାଶ୍ୱତ ଓ ଚିରନ୍ତନ । ସମଗ୍ର ବିଶ୍ୱକୁ ଗୋଟିଏ କୁଟୁମ୍ବର ମାନ୍ୟତା ଦେଇ ସମସ୍ତଙ୍କ ମଙ୍ଗଳ କାମନା କରିବାର ଅନନ୍ୟ ସଂସ୍କୃତି ଅନ୍ୟତ୍ର କେଉଁଠି ଦେଖିବାକୁ ମିଳେ ନାହିଁ । ସ୍ୱାମୀ ବିବେକାନନ୍ଦ, ଗୌତମବୁଦ୍ଧ ତଥା ବହୁ ଭାରତୀୟ ସନ୍ଥ ଏହି ଚିନ୍ତନକୁ ପାଶ୍ଚାତ୍ୟ ଜଗତରେ ପରିପ୍ରସାର କରି ଆମର ମହାନତାକୁ ସିଦ୍ଧ କରିଛନ୍ତି । ତେବେ ଅନାବିଳ ଦେଶପ୍ରେମ ଓ ରାଷ୍ଟ୍ର ପ୍ରତି ସମର୍ପିତ ବିଚାରଧାରା ହିଁ ହିନ୍ଦୁତ୍ୱ ବୋଲି ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଶତବାର୍ଷିକୀ ପାଳନ ଅବସରରେ ବକ୍ତା ଭାବେ ଯୋଗଦେଇ ସାମାଜିକ ସଦ୍ଭାବ କାର୍ଯ୍ୟର ଅଖିଳ ଭାରତୀୟ ସଂଯୋଜକ ଡଃ ଗୋପାଳ ପ୍ରସାଦ ମହାପାତ୍ର କହିଛନ୍ତି । ସହର ଉପକଣ୍ଠ ଗରାପୁର ସ୍ଥିତ ସ୍ୱୟଂସିଦ୍ଧା ମଣ୍ଡପରେ ସଂଘର ଶତବାର୍ଷିକୀ ପାଳନ ଅବସରରେ କରାଯାଉଥିବା ସପ୍ତସୂତ୍ରୀ କାର୍ଯ୍ୟକ୍ରମର ଷଷ୍ଠ ସୋପାନରେ ବକ୍ତା ଭାବେ ଯୋଗଦେଇ ଡଃ ମହାପାତ୍ର ହିନ୍ଦୁତ୍ୱର ଜୀବନ ଦର୍ଶନ ସମସ୍ତ ମତ, ପନ୍ଥ ଓ ସମ୍ପ୍ରଦାୟ ଠାରୁ ଉର୍ଦ୍ଧ୍ୱରେ ବୋଲି ମତବ୍ୟକ୍ତ କରିଥିଲେ । ଏକଦା ବିଶ୍ୱକୁ ମାର୍ଗ ଦର୍ଶନ କରୁଥିବା ଆମ ରାଷ୍ଟ୍ରରେ ସାମାଜିକ ସଦ୍ଭାବ ଓ ଅତୀତ ଗରିମାର ବିସ୍ମରଣ ହିଁ ଆମକୁ ପରାଧୀନ ମୁହାଁ କରିଥିଲା । ସଂକୀର୍ଣ୍ଣତାରୁ ଉପରକୁ ଉଠି ଆମ ସଂସ୍କୃତି ଆଧାରିତ ଜୀବନଶୈଳୀକୁ ଆପଣେଇଲେ ପୁଣି ଭାରତ ବିଶ୍ୱଗୁରୁ ହୋଇପାରିବ ବୋଲି ଉପସ୍ଥିତ ବହୁ ବୁଦ୍ଧିଜୀବୀ ମତ ପ୍ରକାଶ କରିଥିଲେ । ଉକ୍ତ ସଙ୍ଗୋଷ୍ଠୀରେ ସହଜିଲ୍ଲା ସଙ୍ଘ ଚାଳକ ସଞ୍ଜୟ କୁମାର ପତ୍ରୀ ଅଧ୍ୟକ୍ଷତା କରି ଥିବାବେଳେ ଜିଲ୍ଲା କାର୍ଯ୍ୟବହ ବିନୋଦ ବିହାରୀ ଦାସ ଅତିଥି ପରିଚୟ ପ୍ରଦାନ କରିଥଲେ । ଜିଲ୍ଲାର ବହୁ ବୁଦ୍ଧିଜୀବୀ ଜନସାଧାରଣ ଏଥିରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ମନୁନାଥ ସେଠୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



**ନାଉଗାଁ,୭।୪/ଏନ୍‌ଏନ୍‌ଏସ୍:** ନାଉଗାଁ ବ୍ଲକ୍ ଅନ୍ତର୍ଗତ ଡେରିକି ଗ୍ରାମ ପଞ୍ଚାୟତର ଗଙ୍ଗଦା ରାଜସ୍ୱ ଗ୍ରାମ ଗୋବରୀକୂଳ ଗ୍ରାମର ବରିଷ୍ଠ ପ୍ରଶାସନିକ ଅଧିକାରୀ ମନୁନାଥ ସେଠୀ, ସ୍ୱତନ୍ତ୍ର ସଚିବ, ଅର୍ଥ ଓ ପରାମର୍ଶଦାତା, ପଞ୍ଚାୟତ ରାଜ ଓ ପାନୀୟଜଳ ବିଭାଗର ଚାକିରୀରୁ ମାର୍ଚ୍ଚ ୩୧ତାରିଖରେ ଅବସର ଗ୍ରହଣ କରିଛନ୍ତି । ଏଥି ନିମନ୍ତେ ଶ୍ରୀ ସେଠୀଙ୍କୁ ତାଙ୍କ ଗ୍ରାମ ଗୋବରୀକୂଳ ଗ୍ରାମବାସୀମାନଙ୍କ ଦ୍ୱାରା ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା । ଏହି ସଭା ନାଉଗାଁ ବ୍ଲକ ଉପାଧ୍ୟକ୍ଷ ସୁଜିତ କୁମାର ପୁହାଣଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଶ୍ରୀ ସେଠୀଙ୍କୁ ଗଙ୍ଗଦାହାଟରୁ ଏକ ଭବ୍ୟ ଶୋଭାଯାତ୍ରାରେ ଆଣି ଗୋବରୀକୂଳ ଗ୍ରାମସ୍ଥିତ ମା'ପ୍ରଚେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା । ସଭାରେ ଗ୍ରାମବାସୀମାନଙ୍କର ବ୍ୟାପକ ଉପସ୍ଥିତି ଦେଖିବାକୁ ମିଳିଥିଲା । ଏହି ସଭାରେ ଅତିଥି ଭାବେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଉପେନ୍ଦ୍ର ବିଶ୍ୱାଳ, ନିଲୁରାମ ଜେନା, ବୈରାଗୀ ସ୍ୱାଇଁ, ମଉଳା ଭଣଜ୍ଞା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଅଧିକାର ଲେଙ୍କା ଓ ଛାତ୍ରନେତା ସୁନୀଲ କୁମାର ମାଟିଆ ସମେତ ଅନ୍ୟାନ୍ୟ ବିଶିଷ୍ଟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗଦେଇଥିଲେ । ସଭାରେ ଅତିଥିମାନେ ଶ୍ରୀ ସେଠୀଙ୍କର ଦୀର୍ଘ ପ୍ରଶାସନିକ ଅନୁଭବ, କର୍ତ୍ତବ୍ୟନିଷ୍ଠା ଓ ସେବାମୂଳକ ମନୋଭାବକୁ ଉଚ୍ଚ ସ୍ୱରେ ପ୍ରଶଂସା କରିଥିଲେ ଏବଂ ତାଙ୍କର ସୁସ୍ଥ ଓ ସୁଖମୟ ଆଗାମୀ ଜୀବନ ପାଇଁ ଶୁଭେଚ୍ଛା ଜଣାଇଥିଲେ । ଶେଷରେ ମାନୁନାଥ ସେଠୀ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଜଣାଇ ତାଙ୍କର ଅନୁଭବ ଉପରେ ବକ୍ତବ୍ୟ ରଖିଥିଲେ ।

## ଶିଶୁ ମନ୍ଦିର ନୂତନ ପ୍ରକୋଷ୍ଠ ଉଦ୍‌ଘାଟିତ



**ଆଳି,୭।୪/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ୍ ଚଣ୍ଡିଆଗଡି ପଞ୍ଚାୟତରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ନବନିର୍ମିତ ଶ୍ରେଣୀ ଗୃହ ଉଦ୍‌ଘାଟିତ ହୋଇଯାଇଛି । କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡାଙ୍କ ଅନୁଦାନରୁ ନିର୍ମାଣ ହୋଇଥିବା ଶ୍ରେଣୀ ଗୃହକୁ କେନ୍ଦ୍ରାପଡ଼ା ବିଜେପି ଜିଲ୍ଲା ସଭାପତି ଶଶାଙ୍କଶେଖର ସେଠୀ, ବିଜେପି ନେତା କୃଷ୍ଣଚନ୍ଦ୍ର ପଣ୍ଡା, ସାଂସଦ ପ୍ରତିନିଧି ମହିମା ସ୍ୱାଇଁ, ଆଳି ବିଡିଓ ଅବିନାଶ ବିଶ୍ୱଜିତ ସେଠୀ, ଚଣ୍ଡୀଆଗଡି ସରପଞ୍ଚ ସନାତନ ସାହୁ, ଶିଶୁ ବିଦ୍ୟା ମନ୍ଦିରର ପ୍ରତିଷ୍ଠାତା ପିତାମ୍ବର ଦାସ, ସଭାପତି ଶରତ କୁମାର ପାଣି, ସମ୍ପାଦକ ଅନାଦି ଚରଣ ଦାସ ପ୍ରମୁଖ ଯୋଗଦେଇ ନବ ନିର୍ମିତ ପ୍ରକୋଷ୍ଠର ଶୁଭ ଉଦ୍‌ଘାଟନ କରିଥିଲେ । ଉତ୍ତମ ଶିକ୍ଷାଦାନରେ ଅଗ୍ରସର ଏହି ଚଣ୍ଡୀଆଗଡି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର କୋମଳମତି ଛାତ୍ରଛାତ୍ରୀମାନଙ୍କ କୃତିତ୍ୱ ଅର୍ଜନରେ ସଫଳତା ହାସଲ କରୁଥିବା ବେଳେ ପ୍ରବେଶ ସଂଖ୍ୟା ବଢୁଥିବାରୁ ଯଥେଷ୍ଟ କୋଠରୀର ଆବଶ୍ୟକତା ଥାଇ ସାଂସଦଙ୍କ ଅନୁଦାନରେ ନୂତନ ପ୍ରକୋଷ୍ଠ ନିର୍ମାଣ ହୋଇଥିବାରୁ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡାଙ୍କୁ ଧନ୍ୟବାଦ ଜଣାଇଥିଲେ । ଏହି ଉଦ୍‌ଘାଟନୀ ପର୍ବରେ ୩ନମ୍ବର ଜୋନ୍ ସଭାପତି ରତିକାନ୍ତ ମହାନ୍ତିଙ୍କ ସମେତ ଗୁରୁଜୀ ଗୁରୁମା' ଉପସ୍ଥିତ ଥିଲେ ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଖଡ଼ିଛୁଆଁ



**ପଟ୍ଟାମୁଣ୍ଡାଇ,୭।୪/ଏନ୍‌ଏନ୍‌ଏସ୍:** ପଟ୍ଟାମୁଣ୍ଡାଇ ରାଧାରମଣ ମଠ ପରିସରରେ ଗୁରୁକୁଳ ପରମ୍ପରାରେ ଗଢି ଉଠିଥିବା ଅନନ୍ୟ ଶିକ୍ଷାନୁଷ୍ଠାନ ସରସ୍ୱତୀ ଶିଶୁ ଶିକ୍ଷା ମନ୍ଦିରରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ପୁରୀ ଗୋବର୍ଦ୍ଧନ ପୀଠ ସନ୍ଥ ସଂରକ୍ଷକ ପଟ୍ଟାମୁଣ୍ଡାଇ ରାଧାରମଣ ମଠ ମହନ୍ତ ସ୍ୱାମୀ ଅସୀମାନନ୍ଦ ଦାସ ମହାରାଜ ଉଦଘାଟନ କରି କୋମଳ ମତି ପିଲାମାନଙ୍କୁ ଆଶୀର୍ବାଦ କରିଥିଲେ ସମ୍ପାଦକ ଅମ୍ବୁଜ ଭୂଷଣ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସହକାରୀ ଆଚାର୍ଯ୍ୟ ପ୍ରଭାକର ସାହୁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଆଚାର୍ଯ୍ୟ ମୃତ୍ୟୁଞ୍ଜୟ ସୂତାର ସୌମ୍ୟ ରଞ୍ଜନ ଦାସ, ଲିପ୍ସା ସାହୁ, ସ୍ୱାଗତିକା ସ୍ୱାଇଁ, ସୁଜ୍ଞାନୀ ପାଢ଼ୀ, କଳ୍ପନା ସେନାପତି, ମମତା ଦେ ବିଶ୍ୱରୂପା ବିଶ୍ୱାଳ, ଅପସରା ଦାଶ, ସୁଭାଷିନୀ ସାହୁ, ଭାଗ୍ୟଶ୍ରୀ ଜେନା, କ୍ରିଷ୍ଣାରାଣୀ ଦାସ ଜ୍ୟୋସ୍ନା ରାଣୀ ପ୍ରଧାନ, ସଙ୍ଗୀତା ପ୍ରଧାନ, ସଙ୍ଗୀତା ନାୟକ, ଶୁଭଦର୍ଶନୀ ଦାସ ପ୍ରମୁଖ ଭାଷଣ ଦେଇ ଗୁରୁକୂଳ ପରମ୍ପରାରେ ଗଢି ଉଠିଥିବା ଏହି ମହାନ ଶିକ୍ଷାନୁଷ୍ଠାନର ଗୌରବ ଓ ଗାରିମା ଅକ୍ଷୁର୍ଣ୍ଣ ରଖିବା ପାଇଁ ପିଲାମାନେ ଭଲ ପାଠ ପଢି ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ । ଶିକ୍ଷା ମନ୍ଦିର ପକ୍ଷରୁ ସମସ୍ତ ଶିଶୁମାନଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱାଗତ କରାଯିବା ସହିତ ମିଷ୍ଟାନ ବଣ୍ଟନ କରାଯାଇଥିଲା । କୋମଳମତି ଶିଶୁମାନଙ୍କୁ ଠାକୁରଙ୍କ ପାଖରେ ପୂଜାର୍ଚ୍ଚନା କରା ଖଡ଼ିଛୁଆଁ କରାଯାଇଥିଲା । ଶିଶୁ ବଟିକା ପିଲାମାନଙ୍କ ହାତରେ ଅକ୍ଷର ଲେଖା ଶୁଭାରମ୍ଭ ହୋଇଥିଲା । ଏଇ ଅବସରରେ ୧୫ଜଣ ଛାତ୍ରଛାତ୍ରୀ ନାମ ଲେଖାଇବାକୁ ଆସିଥିଲେ । ଏହି କାର୍ଯ୍ୟକ୍ରମକୁ ସହକାରୀ ଆଚାର୍ଯ୍ୟା ଚିନ୍ମୟୀ ବିଶ୍ୱାଳ, ସ୍ମିତାଦାସ, ଡଲି ଦାସ, ରଶ୍ମିରେଖା ଦାଶ, କଳ୍ପନା ବାରିକ, ତନିଶା ବିଶ୍ୱାଳ, ସାଗରିକା ଦାଶ, ରୀନା ନାୟକ, ରଶ୍ମିତା ବେହେରା, ମୋନାଲିସା କର, ସୁପ୍ରିୟା ପ୍ରଧାନ ପରିଚାଳନା କରିଥିଲେ ।

## ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର

**ଯାଜପୁର,୭।୪/ଏନ୍‌ଏନ୍‌ଏସ୍:** ଆଜି ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କର ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ । ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ଆଜି ମୋଟ୍ ୨୫୪ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୨୦୨ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୦୩ ଗୋଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୪୬ ଗୋଟି ଏବଂ ରେଡ୍ କ୍ରସ ପାଣ୍ଠିରୁ ୦୩ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା । ୪୯ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା । ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମାଲ, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, ଉପଜିଲ୍ଲାପାଳ, ଯାଜପୁର ତାପସ ରଞ୍ଜନ ଦେହୁରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଯାଜପୁର ବ୍ରହ୍ମାନନ୍ଦ ବେହେରା, ତହସିଲଦାର, ଯାଜପୁର ରବି ନାରାୟଣ ପାଢ଼ୀ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ମିଶ୍ର, ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ ।



## ୧୯୯୦-୯୫ ବ୍ୟାଚ୍‌ର ବନ୍ଧୁମିଳନ

**ରାଜକନିକା,୭।୪/ଏନ୍‌ଏନ୍‌ଏସ୍:** ଦୁନିଆର ସବୁଠାରୁ ମହନୀୟ ସମ୍ପର୍କ ବନ୍ଧୁତା । ଏହି ବନ୍ଧୁତାକୁ କେବେ ହେଲେ ବିଚ୍ଛିନ୍ନ କରିବା ଉଚିତ ନୁହେଁ । ବିପଦ ସମୟରେ ପ୍ରକୃତ ସାଥିଟିଏ ହିଁ କେବଳ ପାଖରେ ଛିଡାହୋଇ ସାହସ ଓ ଆଶା-ଆଶ୍ୱାସନା ଦେଇଥାଏ ବୋଲି ରବିବାର ଆର୍‌ଏନ୍ ହାଇସ୍କୁଲ ପରିସରରେ ଏସ୍‌ଏନ୍ କଲେଜ୍ ୧୯୯୦-୯୫ ବ୍ୟାଚ୍ ସହପାଠୀମାନେ ଏକତ୍ରିତ ହୋଇ ଏହା ପ୍ରକାଶ କରିଛନ୍ତି । ଆୟୋଜିତ କାର୍ଯ୍ୟକ୍ରମରେ ଏସ୍‌ଏନ୍ କଲେଜ୍ ୧୯୯୦-୯୫ ବ୍ୟାଚ୍‌ର ସହପାଠୀମାନେ ଏକତ୍ରିତ ହୋଇ ଅତୀତର ସ୍ମୃତି ମନେ ପକାଇବା ସହ ପରସ୍ପର ଭାବ ବିନିମୟ କରିଥିଲେ । ଏହି ଅବସରରେ ସହପାଠୀମାନେ ଏକ ଭୋଜିଭାତର ଆସର କରି ମସଗୁଲ ହୋଇଥିଲେ । ବ୍ୟାଚର ପ୍ରାୟ ସମସ୍ତ ସହପାଠୀମାନେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

## କାଳବୈଶାଖୀର ତାଣ୍ଡବ, କୁଆପଥର ମାଡ଼ରେ ବ୍ୟାପକ କ୍ଷତି



**ହିନ୍ଦୋଳ,୭।୪/ଏନ୍‌ଏନ୍‌ଏସ୍:** ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡରେ କାଳବୈଶାଖୀର ତାଣ୍ଡବଲୀଳା ଲୋକଙ୍କ ପାଇଁ ହୋଇଛି କାଳ । ଖବରରୁ ପ୍ରକାଶ ଅପରାହ୍ନରେ ପ୍ରଚଣ୍ଡ ବେଗରେ ପବନ ବୋହିବାସହ କାଳବୈଶାଖୀ ପାଇଁ ବିରାଟବିରାଟ ପ୍ରୟାସ ଅଧାକେଜିର ପ୍ରବଳ କୁଆପଥର ମାଡ ହୋଇଥିଲା ଫଳରେ ମଣିଷ ଓ ଗାଈଗୋରୁ ପ୍ରୟାସ ୧ଘଣ୍ଟା ଯାଏ ପଦାକୁ ବାହାରିପାରି ନଥିଲେ । ଏହି କୁଆପଥର ମାଡ଼ରେ ହିନ୍ଦୋଳ ଥାନା ହିନ୍ଦୋଳ ଏନ୍‌ଏସି ୱାର୍ଡନଂ୬ ଗୋବିନ୍ଦବେରେଣୀ ଫୀସରୀ ନିକଟରେ ଥିବା ଓଡ଼ାପଡ଼ା କଣ୍ଟାବଣିଆ ଥାନା ଅଞ୍ଚଳର ରାଜୀବ ସାହୁଙ୍କ ଇସି ବ୍ରୟଲର ଫାର୍ମରେ ଥିବା ୪ଟି ହଂସ, ୪ଟି ଦେଶୀ କୁକୁଡ଼ା, ପୋଖରୀରେ ମାଛସବୁ ମରିଥିବାବେଳେ ବାଇଗଣ, ଟମାଟୋ ସହ ଅନ୍ୟାନ୍ୟ ପରିବା ବଗିଚା, ସମସ୍ତ ଘରର ଆଜ୍‌ବେଷ୍ଟ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ଏଥିସହ ଗୋଟିଏ କାର, ଗୋଟିଏ ବାଇକ ନଷ୍ଟସହ ଲକ୍ଷଲକ୍ଷ ଟଙ୍କାର ସମ୍ପତ୍ତି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ରାଜୀବଙ୍କ କ୍ଷତି ସହ ସହର ଉପକଣ୍ଠର ବଡ଼ବଡ଼ ଫଳନ୍ତି ବୃକ୍ଷସହ ଅନେକ କାଜୁ, ଆମ୍ବ,ପଣସ, ବାଇଗଣ, ଟମାଟୋ, ଶାଗ, କୋବି ଇତ୍ୟାଦି ବଗିଚାମାନ, ଆଜବେଷ୍ଟ ଚାଳଛପର ଗୃହମାନ ସମ୍ପୂର୍ଣ୍ଣ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇ ଲୋକମାନେ ବିପୁଳ ପରିମାଣରେ କ୍ଷତିଗ୍ରସ୍ତ ହୋଇ ମୁଣ୍ଡରେ ହାତଦେଇ ବସିଛନ୍ତି । ତେବେ କ୍ଷତିଗ୍ରସ୍ତମାନଙ୍କ କ୍ଷତିକୁ ଆକଳନ କରାଯାଇ ଉପଯୁକ୍ତ କ୍ଷତିପୂରଣ ଓ ସରକାରୀ ସହାୟତା ଯୋଗାଇଦେବା ପାଇଁ କ୍ଷତିଗ୍ରସ୍ତଙ୍କ ସହ ଅଞ୍ଚଳବାସୀ ଦାବି କରିଛନ୍ତି ।

## ପ୍ରଧାନଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



**ଧର୍ମଶାଳା,୭।୪/ଏନ୍‌ଏନ୍‌ଏସ୍:** ଧର୍ମଶାଳା ବ୍ଲକ୍ ଗଙ୍ଗାଧରପୁର ପଞ୍ଚାୟତ ବ୍ରାହ୍ମଣଦା ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସ୍କୁଲର ସହକାରୀ ଶିକ୍ଷକ ଶରତ ଚନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥିଭାବେ ଧର୍ମଶାଳା ଶିକ୍ଷା ମଣ୍ଡଳର ଅତିରିକ୍ତ ଶିକ୍ଷାଧିକାରୀ ମମିତା ମହାନ୍ତି, ମୁଖ୍ୟବକ୍ତା ଭାବେ ଗୋକର୍ଣ୍ଣିକାର ସମ୍ପାଦକ ରମାକାନ୍ତ ଜେନା,ସମ୍ମାନିତ ଅତିଥି ଭାବେ ସରପଞ୍ଚ ତ୍ରିଲୋଚନ ଜେନା, ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ସ୍କୁଲର ବ୍ଲକ୍ ସଭାପତି କୃଷ୍ଣଚନ୍ଦ୍ର ଖଟୁଆ, ସମ୍ପାଦକ ଲଳିତ କୁମାର ରାଉତ, ପ୍ରଧାନଶିକ୍ଷୟିତ୍ରୀ ପ୍ରତିଭା ଦାସ,ଏସ୍‌ଆର୍‌ସିସି ସନ୍ତୋଷ କୁମାର ଦାସ, ସମ୍ମାନିତ ବକ୍ତାଭାବେ ଅବସରପ୍ରାପ୍ତ ଶିକ୍ଷକ ବିଭୁତି ଭୁଷଣ ପାଳ, ସୁବାଷ ଚନ୍ଦ୍ର ବେହେରା,ପରିଚାଳନା କମିଟିର ଅଧ୍ୟକ୍ଷ ସୁନାକର ବେହେରା, ଶିକ୍ଷକ ରବିନ୍ଦ୍ର କୁମାର ବେହେରା ପ୍ରମୁଖ ଯୋଗଦେଇ ବିଦାୟୀ ପ୍ରଧାନଶିକ୍ଷକ ହିମାଂଶୁ କୁମାର ବରାଳଙ୍କ ଶିକ୍ଷକତା ଜୀବନୀ ଉପରେ ଆଲୋକପାତ କରିଥିଲେ । ଅବସରପ୍ରାପ୍ତ ଶିକ୍ଷକ କାଶୀନାଥ ଜେନା ଅତିଥି ପରିଚୟ ଓ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ସର୍ବେଶ୍ୱର ବରାଳ ବିବରଣୀ ପାଠ କରିଥିଲେ । ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ରଛାତ୍ରୀ ସମେତ ଅବିଭାବକ ଓ ପରିଚାଳନା କମିଟିର ସଦସ୍ୟମାନେ ଉପସ୍ଥିତ ରହିଥିଲେ । ଏହି ଅବସରରେ ଅତିଥିମାନେ ବିଦାୟୀ ପ୍ରଧାନଶିକ୍ଷକ ବରାଳଙ୍କୁ ଉତ୍ତରୀୟ ଓ ପ୍ରମାଣପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ଶେଷରେ ବିକାଶ କୁମାର ବରାଳ ଧନ୍ୟବାଦ ଦେଇଥିଲେ ।

# ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ସମୀକ୍ଷା

## କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ



**ମାଲକାନଗିରି,୭।୪/ଏନ୍ଏନ୍ଏସ୍:** ଜିଲ୍ଲାର ବିକାଶ ପ୍ରକ୍ରିୟାକୁ ଅଧିକ ଗତିଶୀଳ କରିବା ପାଇଁ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପ୍ରୋଜେକ୍ଟ ମନିଟରିଂ ୟୁନିଟ୍ ଏବଂ ପ୍ରଗତି ଅଧୀନରେ ଚାଲିଥିବା ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ନେଇ ବିସ୍ତୃତ ଆଲୋଚନା କରାଯାଇଛି। ଏଥିରେ ବିଶେଷକରି ଜିଲ୍ଲାର ଗମନାଗମନ, ଶିଳ୍ପ ଓ ଜଳସେଚନ କ୍ଷେତ୍ର ଉପରେ ଗୁରୁତ୍ୱ ଦିଆଯାଇଥିଲା। ରେଳ ପ୍ରକଳ୍ପର ବର୍ତ୍ତମାନର ସ୍ଥିତି ଏବଂ ଏହାକୁ ଶୀଘ୍ର ଶେଷ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି। ସେହିପରି ମାଲକାନଗିରିରେ ଶିଳ୍ପାୟନକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ପ୍ରସ୍ତାବିତ ସିମେଣ୍ଟ କାରଖାନାର ସ୍ଥିତି ଏବଂ ନିର୍ମାଣାଧୀନ ହାଇଲେଭଲ୍ ବ୍ରିଜ୍ ଗୁଡ଼ିକର କାର୍ଯ୍ୟ ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଏହାବ୍ୟତୀତ ଗୋବିନ୍ଦପାଲି ସମନ୍ୱିତ ଜଳସେଚନ ପ୍ରକଳ୍ପ, ଜିଲ୍ଲାରେ ମୋବାଇଲ୍ ନେଟୱର୍କର ସମ୍ପ୍ରସାରଣ ଓ ରାସ୍ତା ନିର୍ମାଣ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତ୍ୟେକ ପ୍ରକଳ୍ପ ପାଇଁ ଏକ ସ୍ୱତନ୍ତ୍ର ଡେଡଲାଇନ୍ ବା ତାରିଖ ଧାର୍ଯ୍ୟ କରାଯାଇଛି। ବିଭିନ୍ନ ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ ରହିଲେ ହିଁ କାର୍ଯ୍ୟ ଗୁଡ଼ିକ ସଠିକ୍ ଭାବେ ଶେଷ ହୋଇପାରିବ ବୋଲି ସେ ଅଧିକାରୀଙ୍କୁ କହିଛନ୍ତି। ଏହି ବୈଠକରେ ମାଲକାନଗିରି ବନଖଣ୍ଡ ଅଧିକାରୀ ସାଇ କିରଣ ଡି ଏନ୍, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବେଦବର ପ୍ରଧାନ ଓ ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇଙ୍କ ସମେତ ବିଭିନ୍ନ ସମ୍ପୃକ୍ତ ବିଭାଗର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ରହି ନିଜ ନିଜ ବିଭାଗର ରିପୋର୍ଟ ପ୍ରଦାନ କରିଥିଲେ।

# ପାଟଣାଗଡ଼ରେ କାଳବୈଶାଖୀ ଓ କୁଆପଥର ବର୍ଷା

## ଫସଲ ନଷ୍ଟ ସହ ବ୍ୟାପକ କ୍ଷୟକ୍ଷତି



**ପାଟଣାଗଡ଼,୭।୪/ଏନ୍ଏନ୍ଏସ୍:** ପାଟଣାଗଡ଼ ବ୍ଲକ୍ ଅନ୍ତର୍ଗତ ଯୋଗିମୁଣ୍ଡା ବାଙ୍କୀବାହାଲ ଠକ୍‌ପଡ଼ା ଓ ପାଢ଼େଲରେ ପ୍ରଥମକରି କାଳବୈଶାଖୀ ସହ କୁଆପଥର ବର୍ଷା ହୋଇଛି। ଫଳରେ ଫସଲ ନଷ୍ଟ ହୋଇଥିବାବେଳେ ବାସଗୃହ ଭାଙ୍ଗିଯାଇ ଲୋକେ ବେସାହାରା ହୋଇଛନ୍ତି। ସେହିପରି ବେଲପଡ଼ା ବ୍ଲକ୍ ଅନ୍ତର୍ଗତ କଂଶାପଲା ଗାଁରେ ମଧ୍ୟ ବ୍ୟାପକ କୁଆପଥର ମାଡ଼ରେ ବାସଗୃହ ଭାଙ୍ଗି ଯାଇଥିବା ଜଣାପଡ଼ିଛି। ଖପ୍ରାଖୋଲ ବ୍ଲକ୍ ଚଙ୍ଗରିଆ ରେଙ୍ଗାଲପୁରି ଗାଁରେ ସୋମବାର ଅପରାହ୍ନରେ କାଳବୈଶାଖୀ ସହ କୁଆପଥର ବର୍ଷା ଯୋଗୁ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଦେଖିବାକୁ ମିଳିଛି। ଏଥିରେ ଅନେକ ଗଛ ଡାଳ ଭାଙ୍ଗି ସ୍ଥାନେ ସ୍ଥାନେ ରାସ୍ତା ଉପରେ ମଧ୍ୟ ପଡ଼ିଥିବା ଜଣାଯାଇଛି। କୁଆପଥର ବର୍ଷା ଯୋଗୁ ଘର ଗୁଡ଼ିକର ଆଜବେଷ୍ଟ ଓ ମାଟି ଛପର ଭାଙ୍ଗି ଚୁରମାର୍ ହୋଇଥିବାବେଳେ ଘର ବାହାରେ ଥିବା ବିଭିନ୍ନ ଉପକରଣ ମଧ୍ୟ ଭାଙ୍ଗିଯାଇଛି। କୁଆପଥର ମାଡ଼ରେ ମହୁଲ, ଚାର, ଆମ୍ବ, ତେନ୍ତୁଳି ଓ ଲେମ୍ବୁ ଆଦି ବ୍ୟାପକ ନଷ୍ଟ ହୋଇଛି। ଏନେଇ ଖବରପାଇ ପାଟଣାଗଡ଼ ଉପଜିଲ୍ଲାପାଳ ତୁରନ୍ତ ଖପ୍ରାଖୋଲ ବିଡିଓଙ୍କୁ ନିର୍ଦ୍ଦେଶ ଦେବାପରେ ବିଡିଓ ବିବେକାନନ୍ଦ ଷଡ଼ଙ୍ଗୀ, ତହସିଲଦାର୍ ଆନନ୍ଦ କୁମାର ପଣ୍ଡା ଓ ଅତିରିକ୍ତ ତହସିଲଦାର୍ ସତ୍ୟ ସୁନ୍ଦର ରାଉତରାୟ ପହଞ୍ଚି କ୍ଷତିଗ୍ରସ୍ତ ପରିବାରଙ୍କୁ ଭେଟିବା ସହ ବୁଲି ଦେଖିଛନ୍ତି। ଏହି ସମୟରେ ସରପଞ୍ଚ ସୁଶୀଲ ଗୁରୁ ଓ ବିଜେପି ନେତା ପଙ୍କଜ ପୁଟେଲ ଉପସ୍ଥିତ ଥିଲେ। ଏନେଇ ବିଡିଓ ଷଡ଼ଙ୍ଗୀଙ୍କୁ ପଚାରିବାରୁ ଦୁଇଟି ଯାକ ଗାଁରେ କୁଆପଥର ମାଡ଼ରେ ବ୍ୟାପକ କ୍ଷତି ହୋଇଛି। କ୍ଷତିଗ୍ରସ୍ତଙ୍କୁ ଶୁଖିଲା ଖାଦ୍ୟ ଓ ମହମବତି ଆଦି ବଣ୍ଟାଯିବ ବୋଲି ଶ୍ରୀ ଷଡ଼ଙ୍ଗୀ କହିଛନ୍ତି। ଏପରି ଘଟଣା ଅଞ୍ଚଳରେ ପ୍ରଥମଥର ହୋଇଥିବାରୁ ଲୋକଙ୍କ ମନରେ ଭୟ ସୃଷ୍ଟି ହୋଇଛି। ଏନେଇ ପାଟଣାଗଡ଼ ପ୍ରଶାସନ ପକ୍ଷରୁ ତୁରନ୍ତ କ୍ଷତିଗ୍ରସ୍ତ ପରିବାଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ସାଧାରଣରେ ଦାବି ହୋଇଛି।

## ଉତ୍କଟ ଟ୍ରାଫିକ୍ ସମସ୍ୟା

# ବ୍ୟବସାୟୀଙ୍କ କବ୍‌ଜାରେ ରାଜରାସ୍ତା, ପ୍ରଶାସନ ନିରବଦ୍ରଷ୍ଟା

**ଭବାନୀପାଟଣା,୭।୪/ଏନ୍ଏନ୍ଏସ୍:** ଭବାନୀପାଟଣା ସହରରେ ଦିନକୁଦିନ ଟ୍ରାଫିକ୍ ସମସ୍ୟା ସଙ୍ଗୀନ ହେବାକୁ ଲାଗିଛି। ଲୋକେ

**ଜିଲ୍ଲା ପ୍ରଶାସନ ଓ ପୌରପାଳିକାକୁ ଦୃଷ୍ଟି ଦେବାକୁ ଦାବି**

ଛୋଟିଆ କାମ ପାଇଁ ମଧ ଘଣ୍ଟା ଘଣ୍ଟା ଟ୍ରାଫିକ୍‌ରେ ଫସୁଥିବା ଅଭିଯୋଗ ହେଉଛି। କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସହର ବହୁ ପୁରୁଣା ସହର ଭାବେ ପରିଗଣିତ। ଏଠାରେ ପାଖାପାଖି ୧ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି। ଏହାସହ ଭବାନୀପାଟଣା ଜିଲ୍ଲା ମହକୁମା ହୋଇଥିବାରୁ ଦୈନିକ ହଜାର ହଜାର ଲୋକ ବିଭିନ୍ନ କାମ ପାଇଁ ସହରକୁ ଆସିଥାନ୍ତି। ତେବେ କଲେଜ ଛକ ହେଉ କି ନକଟିଗୁଡ଼ା ଛକ ସେଠାରୁ ଭିଡ଼ ଆରମ୍ଭ ହୋଇ ମାଣିକେଶ୍ୱରୀ ଛକ, ଦୟାନିଧି ଛକ, ଷ୍ଟେଚ୍ୟୁ ଛକ, ଜଗନ୍ନାଥ ମନ୍ଦିର ରାସ୍ତା, ଘୋଡ଼ାଘାଟା ଛକ, ଜେଲ୍ ଛକ ଓ କୋର୍ଟ ରାସ୍ତା ପର୍ଯ୍ୟନ୍ତ ଲମ୍ବିଥିବା ଦେଖିବାକୁ ମିଳିଥାଏ। ଗୋଟିଏପଟେ ଅଣଓସାରିଆ ରାସ୍ତା ହୋଇଥିବାବେଳେ ରାସ୍ତାର ଉଭୟ ପାର୍ଶ୍ୱରେ ବଡ଼ ବଡ଼ ବ୍ୟବସାୟିକ ପ୍ରତିଷ୍ଠାନ, ନାମୀଦାମୀ ହୋଟେଲ୍, ଘରୋଇ ହସ୍ପିଟାଲ୍ ସହ ଅନେକ ଛୋଟ ବଡ଼ ଦୋକାନ ରହିଛି। ବଡ଼ ବଡ଼ ବ୍ୟବସାୟିକ ପ୍ରତିଷ୍ଠାନ କିମ୍ବା ଦୋକାନୀଙ୍କ କୌଣସି ପାର୍କିଂ ବ୍ୟବସ୍ଥା ନଥିବାବେଳେ ନାମୀଦାମୀ ହୋଟେଲ୍ ଓ ଘରୋଇ ହସ୍ପିଟାଲ୍‌ମାନଙ୍କର ନାମକୁ ମାତ୍ର ପାର୍କିଂ ବ୍ୟବସ୍ଥା ରହିଛି। ରାସ୍ତାର ବିଭିନ୍ନ ସ୍ଥାନରେ ଛୋଟ ଛୋଟ ଉଠା ଦୋକାନୀ ମାଡ଼ି ବସିଛନ୍ତି। ଫଳରେ ଗ୍ରାହକ ରାସ୍ତା ଉପରେ ଯାନବାହାନ ରଖି ଜିନିଷ କିଣାକିଣି କରୁଥିବାରୁ ରାସ୍ତା ଆହୁରି ସଙ୍କୁଚିତ



ହୋଇ ଟ୍ରାଫିକ୍ ସମସ୍ୟାକୁ ଦ୍ୱିଗୁଣିତ କରୁଥିବା ଦେଖିବାକୁ ମିଳୁଛି। ସେହିପରି ଭବାନୀପାଟଣା ପୌରପାଳିକା କିମ୍ବା ପୁଲିସ୍ ପ୍ରଶାସନର କୌଣସି ଏକ୍ସନ୍ ନଥିବାରୁ ଧୀରେ ଧୀରେ ଟ୍ରାଫିକ୍ ସମସ୍ୟା ସଙ୍ଗୀନ ହେଉଥିବା ଅଭିଯୋଗ ହେଉଛି। ତେବେ ଏନେଇ ଭବାନୀପାଟଣା ପୌରପାଳିକା ନିର୍ବାହୀ ଅଧିକାରୀଙ୍କୁ ଯୋଗାଯୋଗ ପାଇଁ ଚେଷ୍ଟା କରିଥିଲେ ମଧ ସେ ଫୋନ୍ ଉଠେଇ ନଥିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରି ନଥିବାବେଳେ ଟାଉନ୍ ଥାନା ଆଇଆଇସି ପ୍ରଦ୍ୟୁମ୍ନ ମହାପାତ୍ରଙ୍କୁ ପଚାରିବାରୁ ପୁଲିସ୍ ତା'ର ଠିକ୍ କାମ କରୁଛି। ସକାଳୁଆ ଓ ମଙ୍ଗଳବାର ସାପ୍ତାହିକ ବଜାର ଏବଂ ମା'ଙ୍କ ଦର୍ଶନ ପାଇଁ ଭିଡ଼ ଅଧିକ ଥାଏ। ପୁଲିସ୍ ଟ୍ରାଫିକ୍ ଠିକ୍ ଭାବେ ନିୟନ୍ତ୍ରଣ କରୁଛି ହେଲେ କୌଣସି ଦୋକାନୀ ପାର୍କିଂ ବ୍ୟବସ୍ଥା କରିନଥିବାରୁ ଗ୍ରାହକମାନେ ରାସ୍ତା ଉପରେ ଗାଡ଼ି ରଖୁଛନ୍ତି। ଏହା ପୌରପାଳିକାର କାମ ପୌରପାଳିକା ଏଦିଗରେ ଦୃଷ୍ଟି ଦେବାକଥା ବୋଲି ଶ୍ରୀ ମହାପାତ୍ର ପ୍ରକାଶ କରିଥିଲେ। ତେବେ ଭବାନୀପାଟଣା ସହରକୁ ଟ୍ରାଫିକ ମୁକ୍ତ କରିବାକୁ ହେଲେ ଜିଲ୍ଲା ପ୍ରଶାସନ ଓ ପୌରପାଳିକାକୁ ଦୃଷ୍ଟି ଦେବାପାଇଁ ସାଧାରଣରେ ମତପ୍ରକାଶ ପାଇଛି।

# ଝୁଲନ୍ତା ମୃତଦେହ ଉଦ୍ଧାର

**ମ.ରାମପୁର,୭।୪/ଏନ୍ଏନ୍ଏସ୍:** କଳାହାଣ୍ଡି ଜିଲ୍ଲା ମ.ରାମପୁର ତଳସାଗରପଡ଼ା ନିକଟସ୍ଥ ନଦୀପଠାରେ ଥିବା ଏକ କାଜୁ ଗଛରେ ଜଣେ ମହିଳାଙ୍କ ମୃତଦେହକୁ ପୁଲିସ୍ ଉଦ୍ଧାର କରିଛି। ମୃତ ମହିଳା ଜଣକ ହେଲେ ତଳସାଗର ପଡ଼ାର ସୀମାଞ୍ଚଳ ସାହୁଙ୍କ ପତ୍ନୀ କ୍ଷୀରବତୀ ସାହୁ(୫୩)। କ୍ଷୀରବତୀ ସୋମବାର ରାତିରୁ ଘରୁ କୁଆଡ଼େ ଚାଲି ଯାଇଥିଲେ। ମଙ୍ଗଳବାର ସକାଳେ କିଛି ଲୋକ ନଦୀକୁ ଗାଧୋଇବାକୁ ଯାଇଥିବାବେଳେ ଏକ କାଜୁ ଗଛରେ କ୍ଷୀରବତୀଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ପାଇଥିଲେ। ତାଙ୍କର ସ୍ୱାସ୍ଥ୍ୟଗତ ସମସ୍ୟା ଓ ମାନସିକ ଅବସ୍ଥା ଠିକ୍ ନଥିବା ପରିବାର ଲୋକେ କହିଛନ୍ତି। ଏନେଇ ତାଙ୍କ ପୁଅ ହେମନ୍ତ ସାହୁ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଖବରପାଇ ମ.ରାମପୁର ଥାନା ପୁଲିସ୍ ଘଟଣାସ୍ଥଳକୁ ଯାଇ ମୃତଦେହ ଉଦ୍ଧାର କରି ପୋଷ୍ଟମର୍ଟମ ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଏନେଇ ଥାନାରେଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବାବେଳେ ପୁଲିସ୍ ଘଟଣାର ତଦନ୍ତ ଜାରି ରଖିଛି ବୋଲି ଥାନା ଏସ୍ଆଇ କବିତା ବାଗ ପ୍ରକାଶ କରିଛନ୍ତି। ହେଲେ ଏହା ହତ୍ୟା ବୋଲି ସନ୍ଦେହ କରାଯାଉଛି।

# 'ଶେଷନିଃଶ୍ୱାସ ଥିବା ପର୍ଯ୍ୟନ୍ତ ଟିଟିଲାଗଡ଼ର ସେବା ଜାରି ରଖିବି'

**ଟିଟିଲାଗଡ଼,୭।୪/ଏନ୍ଏନ୍ଏସ୍:** ଟିଟିଲାଗଡ଼ ବିଜେଡି କାର୍ଯ୍ୟାଳୟରେ ବିଜୁ ଜୟନ୍ତୀର ଏକ ପ୍ରାକ୍ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ ଯୋଗଦେଇ କର୍ମୀଙ୍କ ମଧ୍ୟରେ ଉତ୍ସାହ ଭରିଦେବା ସହିତ ଟିଟିଲାଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀର ବିକାଶ ତଥା ଉନ୍ନତି ନେଇ ପୂର୍ବରୁ ଯେଭଳି ତାଙ୍କ ଉଦ୍ୟମ ରହିଥିଲା ଆଗକୁ ମଧ ଜାରୀ ରହିବ ବୋଲି କହିବା ସହିତ ଶେଷନିଃଶ୍ୱାସ ଥିବା ପର୍ଯ୍ୟନ୍ତ ଏହି ଅଞ୍ଚଳର ସମସ୍ତ ପ୍ରକାର ସେବା ତଥା ସହଯୋଗ କରିଚାଲିଥିବେ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଶ୍ରୀମତୀ ସାହୁ ବିଧାୟକ ତଥା କ୍ୟାବିନେଟ୍ ମନ୍ତ୍ରୀ ଥିବାବେଳେ ଟିଟିଲାଗଡ଼ ସହର, ଟିଟିଲାଗଡ଼ ବ୍ଲକ୍, ସଇଁନ୍ତଳା ବ୍ଲକ୍, ଗୁଡ଼ଭେଲା ବ୍ଲକ୍ ଓ ତୁଷୁରା ଏନ୍ଏସି ପାଇଁ ଅନେକ ଉନ୍ନୟନମୂଳକ କାର୍ଯ୍ୟ କରିଥିଲେ। ଏହାସହ ଟିଟିଲାଗଡ଼ ସହର ଓଭରବ୍ରିଜ୍, ମାତୃ ଶିଶୁ ଡାକ୍ତରଖାନା, ଉପଖଣ୍ଡସ୍ତରୀୟ ମୁଖ୍ୟ ଚିକିତ୍ସାଳୟ, ତୁଷୁରାକୁ ନୂତନ ଏନ୍ଏସି ମାନ୍ୟତା, ତେଲନଦୀ, ଉନ୍ଦେର ନଦୀ, ଲାଂଥ ନଦୀ ଉପରେ ସେତୁ ନିର୍ମାଣ, ମହାରାଜ ସାଗର ଉନ୍ନତିକରଣ, କୁମୁଡ଼ାପାହାଡ଼ ଉନ୍ନତିକରଣ, ମିଶନଶକ୍ତି ହାଟ ନିର୍ମାଣ, ମିଶନଶକ୍ତି କାଫେ, ଦେଓବନ୍ଦର



ଉନ୍ନତିକରଣ, ସହିତ କୁମୁଡ଼ା ପାହାଡ଼କୁ ପର୍ଯ୍ୟଟନସ୍ଥଳର ମାନ୍ୟତା, କଲ୍ୟାଣ ମଣ୍ଡପ, ବିଭିନ୍ନ ଅନୁଷ୍ଠାନର ଅଫିସ୍ ଗୃହ, କ୍ଲବ୍, ମନ୍ଦିର, ମସଜିଦ୍, ଚର୍ଚ୍ଚ ଓ ରାସ୍ତାଘାଟର ଉନ୍ନତିକରଣ, ପ୍ରତି ଗାଁକୁ ପାନୀୟଜଳ ଯୋଗାଣ ସହ ଅନେକ ଉନ୍ନୟନମୂଳକ କାର୍ଯ୍ୟକ୍ରମମାନ କରିଥିବାବେଳେ ଆଗକୁ ମଧ ଲୋକଙ୍କ ସମସ୍ୟା ପାଇଁ ଲଢ଼େଇ ଜାରୀ ରହିଥିବ ବୋଲି କହିଛନ୍ତି। ରାଜେଶ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଟୁକୁନି ସାହୁ ଡବଲ୍ ଇଞ୍ଜିନ୍ ସରକାର ସମ୍ପୂର୍ଣ୍ଣ ଭାବେ ରାଜ୍ୟରେ ଫେଲ୍ ମାରିଥିବାବେଳେ ଏବେ ରାଜ୍ୟରେ ଗୁଣ୍ଡାଗର୍ଦ୍ଦି, ବିପର୍ଯ୍ୟସ୍ତ ଆଇନ ସେବା ଓ ବିଧାୟକ ସର୍ବସମ୍ମୁଖରେ ଫାଙ୍କା ଗୁଳିଚାଳନା କରିବା ଅତ୍ୟନ୍ତ ନିନ୍ଦନୀୟ ଘଟଣା ହୋଇଥିଲେ ବି ରାଜ୍ୟ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି ବୋଲି ଶ୍ରୀମତୀ ସାହୁ କହିଛନ୍ତି। ସମଗ୍ର ରାଜ୍ୟରେ ଆଗାମୀ ଦିନରେ ଡବଲ୍ ଇଞ୍ଜିନ୍ ସରକାର ବିରୋଧରେ ପ୍ରବଳ ଜନଅସନ୍ତୋଷ ବଢ଼ିବା ସହିତ ନବୀନ ପଟ୍ଟନାୟକ ପୁଣିଥରେ ମୁଖ୍ୟମନ୍ତ୍ରୀ ହେବେ ବୋଲି ଉପସ୍ଥିତ ବିଜେଡି ନେତା ଗଣ ଜ୍ଞାନରଞ୍ଜନ ସରାଫ, ରଣଜିତ ପୃଷ୍ଟି, ପୌରପରିଷଦ ଉପାଧକ୍ଷ ପୁଷ୍ପା ମଞ୍ଜରୀ ଜାଲ, ପୂର୍ବତନ ନଗରପାଳ ଗୋବର୍ଧନ ନାଗ ଓ ସୁବ୍ରତ ନାଗ ପ୍ରମୁଖ ମତପ୍ରକାଶ କରିଥିଲେ। ଏହି ବୈଠକରେ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ସଭା ନେଇ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋଚନା ହେବାସହ ଜନଗଣନା କାର୍ଯ୍ୟକ୍ରମକୁ କିଭଳି ସ୍ୱଚ୍ଛ, ମୁକ୍ତ ଓ ଅବାଧରେ ପରିଚାଳନା କରାଯିବ ସେନେଇ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ କର୍ମୀଙ୍କୁ ଶ୍ରୀମତୀ ସାହୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟିଟିଲାଗଡ଼ ବିଜେଡି ସଭାପତି ଶ୍ୟାମାପ୍ରସାଦ ଗରିଆ, ଅରୁଣ ମିଶ୍ର, ଲାଲା ବର୍ମା, ପ୍ରେମଚନ୍ଦ ଜୈନ, ପୁରୁଷୋତ୍ତମ ଜୈନ, ସଞ୍ଜୟ ବେହେରା, ମାନସ ସାହୁ, ଦୀପକ ବେହେରା, ପୁଷ୍ପାମଞ୍ଜରି ଜାଲ, ରାଜେଶ ପ୍ରଧାନ, ଜ୍ଞାନରଞ୍ଜନ ସରାଫ ଓ ନରେଶ ଅଗ୍ରୱାଲଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

# ନୂତନ ଥାନାଧିକାରୀ ସଂଯୁକ୍ତା ପ୍ରଧାନଙ୍କ ଯୋଗଦାନ



**ମ.ରାମପୁର,୭।୪/ଏନ୍ଏନ୍ଏସ୍:** ମ.ରାମପୁରର ନୂତନ ଭାରପ୍ରାପ୍ତ ଅଧିକାରୀ ଭାବେ ସଂଯୁକ୍ତା ପ୍ରଧାନ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଶ୍ରୀମତୀ ପ୍ରଧାନ କାର୍ଯ୍ୟଭାର ଗ୍ରହଣ କରିବା ପରେ ଥାନାର ପୁଲିସ୍ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଶ୍ରୀମତୀ ପ୍ରଧାନ କହିଛନ୍ତି ଯେ ୨୦୧୯ରୁ ଚାକିରି ଜୀବନ ଆରମ୍ଭ କରି ବଲାଙ୍ଗୀର ସଦର, ବରଗଡ଼, ନର୍ଲା ଓ ବର୍ତ୍ତମାନ ମ.ରାମପୁର ଥାନାରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବା ଏବଂ ଅପରାଧ ହ୍ରାସ କରିବା ତାଙ୍କର ପ୍ରାଥମିକତା ରହିବ। ବିଶେଷକରି ମହିଳା ଓ ଶିଶୁଙ୍କ ସୁରକ୍ଷା ପ୍ରତି ସେ ସ୍ୱତନ୍ତ୍ର ଧ୍ୟାନ ଦେବେ। ସାଧାରଣ ଜନତା ଏବଂ ପୁଲିସ୍ ମଧ୍ୟରେ ଉତ୍ତମ ସମ୍ପର୍କ ସ୍ଥାପନ କରିବା ଏବଂ ଲୋକଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ କରିବା ଦିଗରେ ସେ କାର୍ଯ୍ୟ କରିବେ। ମ. ରାମପୁର ପରି ଏକ ସମ୍ବେଦନଶୀଳ ସ୍ଥାନରେ ସେବା କରିବା ଏକ ବଡ଼ ଦାୟିତ୍ୱ ଯାହାକୁ ସେ ନିଷ୍ଠାର ସହ ତୁଲାଇବେ ବୋଲି ଶ୍ରୀମତୀ ନାୟକ ପ୍ରତିଶ୍ରୁତି ଦେଇଛନ୍ତି।

**NOTICE**

the Partnership Firm M/s e-MATRIX Crop bearing Regd. No.- 691/2016 having its principal place of business at – 1st floor Netraraia Homes 103, Mahishapat, Dist- Dhenkanal, Odisha has been reconstituted on 01.04.2025 due to retirement of partners Mrs Gitarani Prusty & Mrs Madhusmita Prusty and admission of partner Sri Ankit Kumar Prusty w.e.f 01.04.2025

Sri Chitta Ranjan Prusty
Managing Partner
M/S e- MATRIX CROP

**AFFIDAVIT**

By virtue of an Affidavit sworn before the Executive Magistrate, Kakatpur, dtd-06.04.26, I Kumuda Kumari Sahoo, W/O- Anadi Sahoo, At-Jangalbori Madhuban, Po-Nayahat, Ps- Gop, Dist-Puri, Odisha, Pin- 752107, declare that I have changed my name from **Bela Sahoo** (old name) to **Kumuda Kumari Sahoo** (new name). Henceforth I shall be known as **Kumuda Kumari Sahoo** for all purposes.

Sd/-Kumuda Kumari Sahoo

**AFFIDAVIT**

By virtue of an affidavit sworn before The Executive Magistrate Banpur, Dist- Khordha vide NO-1053,Dated - 02/04/2026, I Suban Khan, aged about- 41yrs., S/o -Nirban Khan, Resident of vill - Muslim Sahi, Po/Ps-Balugaon, Dist- Khordha, Pin -752030, Odisha, hereby declare that the actual name of my son is **Suleman Khan**. which is mentioned in his birth certificate, vide Regd No - 18021/2015. But as per Aadhaar card bearing no -287117618076 his name is Solman Khan has been mistakely entered. Since today my Son will be known as **Suleman Khan** for all purpose.

**AFFIDAVIT**

By virtue of an affidavit sworn before Executive Magistrate, Cuttack, dtd. 02.02.2026, Janaki Ballava Jena, S/o- Late Ganesh Chandra Jena, permanent resident of Routrapur, Po- Kalapada, Ps- Sadar (Old), 42 Mouza Bentkar, Dist- Cuttack- 754112, Odisha, declare that I have changed my son name from Pratyush Prayas to Pratyush Prayas Jena. Henceforth, my minor son shall be known as **Pratyush Prayas Jena** for all purposes.

Janaki Ballava Jena

**AFFIDAVIT**

By virtue of an affidavit sworn before Notary Public, Balliguda dated **07.04.2026**, I **Sasmita Pradhan**, aged about 37 years, Care of Bighnaraj Pradhan of Village- Baliguda, Nuasahi, P.O/P.S- Balliguda, Dist- Kandhamal, PIN- 762103, Odisha have changed the name of my minor daughter from "**Anshika Pradhan**" to "**Anshika Rana**", and henceforth she shall be known as "**Anshika Rana**" for all purpose.

**AFFIDAVIT**

By virtue of an affidavit sworn before (Executive Magistrate, Nimapara, dated 06/04/2026 I, Manorama Swain, Address At-Odaguan, PO-Tentuliguan, PS-Charichhak, Dist-Puri, Pin- 752113 declare that I have changed the name of my daughter from Tikili Swain to Lija Swain. Henceforth, she shall be known as **Lija Swain** for all purposes.

(MANORAMA SWAIN)

**AFFIDAVIT**

By virtue of an affidavit sworn before the EXECUTIVE MAGISTRATE, KEONJHAR, dated 07/04/2026 I, Soumya Ranjan Das, S/o- Bhagban Das of vill- Baliagoda, Po- Dhurpada, Ps- Sadar, Dist- Keonjhar, Pin- 758013 Declare that I have changed my Son's name from BABUL DAS to BISHAL DAS. Hence forth, he shall be known as **BISHAL DAS** for all purposes.

SOUMYA RANJAN DAS

# ସନ୍ତରଣ ଓ ଜୀବନରକ୍ଷା କୌଶଳ ପ୍ରଶିକ୍ଷଣ

**ମାଲକାନଗିରି,୭।୪/ଏନ୍ଏନ୍ଏସ୍:** ବାଳିକାଙ୍କୁ ଆତ୍ମନିର୍ଭରଶୀଳ ଓ ସାହସୀ କରିବା ପାଇଁ ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ପ୍ରଶଂସନୀୟ ପଦକ୍ଷେପ ଗ୍ରହଣ କରାଯାଇଛି। ସ୍ଥାନୀୟ ବଣ୍ଡାବାକୁଲି ବନ୍ଧରେ ବାଳିକାଙ୍କ ପାଇଁ ଏକ ସ୍ୱତନ୍ତ୍ର ସନ୍ତରଣ ଓ ସ୍ୱୟଂ ପ୍ରତିରକ୍ଷା ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଯାଇଛି। ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ଏହି ଶିବିରକୁ ଉଦ୍‌ଘାଟନ କରିବା ସହ ପ୍ରଶିକ୍ଷାର୍ଥୀଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଜିଲ୍ଲାପାଳ କହିଛନ୍ତି ଯେ ବାଳିକାଙ୍କ ସୁରକ୍ଷା ଓ ସେମାନଙ୍କୁ ସଶକ୍ତ କରିବା ଆମର ମୁଖ୍ୟ ଲକ୍ଷ୍ୟ। ସନ୍ତରଣ କେବଳ ଏକ ବ୍ୟାୟାମ ନୁହେଁ ବରଂ ଏହା ଏକ ଜୀବନ ରକ୍ଷାକାରୀ କୌଶଳ ବୋଲି ଶ୍ରୀ ରାଜଶିର୍କେ କହିଥିଲେ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ୍ରାଫ ଟିମ୍‌ର ୨୦ ଜଣ ଅଭିଜ୍ଞ ପ୍ରଶିକ୍ଷକ ବାଳିକାଙ୍କୁ ତାଲିମ୍ ପ୍ରଦାନ କରୁଛନ୍ତି। ଏହି ଶିବିରରେ ପ୍ରତି ବ୍ୟାଚ୍‌ରେ ୩୦ ଜଣ ବାଳିକା ଅଂଶଗ୍ରହଣ କରୁଥିବାବେଳେ ଏହା ୭ ଦିନ ବ୍ୟାପୀ ଚାଲିବ। ଏଥିରେ ମୁଖ୍ୟତଃ ସନ୍ତରଣ ଏବଂ ବୁଡ଼ିଯିବା ସମୟରେ ଜୀବନ ରକ୍ଷା କରିବାର ବିଭିନ୍ନ କୌଶଳ ଶିକ୍ଷା ଦିଆଯାଉଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବେଦବର ପ୍ରଧାନ, ଏସ୍‌ଡିପିଓ ଦିବ୍ୟଜ୍ୟୋତି ଦଳେଇ ଓ ଡେପୁଟି କଲେକ୍ଟର୍ (ଜରୁରିକାଳୀନ) ଦୀପ୍ତି ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ରହି ବାଳିକାଙ୍କୁ ମାର୍ଗଦର୍ଶନ କରିଥିଲେ।



# ପ୍ରାଥମିକ ବିଦ୍ୟାଳୟରେ ବର୍ଣ୍ଣବୋଧ ବହି ବଣ୍ଟନ



**ଦେବଗଡ଼,୭।୪/ଏନ୍ଏନ୍ଏସ୍:** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଦେବଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ଓଡ଼ିଆ ପକ୍ଷ ପାଳନ ସପ୍ତମ ଦିବସରେ ପୌରପରିଷଦ ପକ୍ଷରୁ ବାଳକ ପ୍ରାଥମିକ ବିଦ୍ୟାଳୟରେ ବର୍ଣ୍ଣବୋଧ ବହି ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ, ବରେଣ୍ୟ ଅତିଥିଭାବେ ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ସୁବାଷ ଚନ୍ଦ୍ର ପାଣିଗ୍ରାହୀ, ବିଧାୟକ ପ୍ରତିନିଧି ଚନ୍ଦ୍ରଶେଖର ଭୁକ୍ତା, ଡେପୁଟି କଲେକ୍ଟର୍ ପ୍ରିୟା ତିର୍କି ଓ ଜିଲ୍ଲା ସଂସ୍କୃତି ଅଧିକାରୀ ମୁକେଶ କୁମାର ଭୋଇ ଉପସ୍ଥିତ ଥିଲେ। ସେହିପରି ମନ୍ଦାକିନୀ ବାଳିକା ବିଦ୍ୟାଳୟରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ବରେଣ୍ୟ ଅତିଥିଭାବେ ଜିଲ୍ଲା ପଞ୍ଚାୟତ ଅଧିକାରୀ ହେମନ୍ତ ସିଂ, ଜିଲ୍ଲା ସାମାଜିକସୁରକ୍ଷା ଅଧିକାରୀ ଶ୍ରୀନିବାସ ଜାନୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର, ସିଆର୍‌ସି ଏସ ଚୂଡ଼ାମଣି ସାହୁ ଓ ପ୍ରଧାନଶିକ୍ଷୟିତ୍ରୀ ଉପସ୍ଥିତ ରହି ବର୍ଣ୍ଣବୋଧ ବାଣ୍ଟିଥିଲେ। ଧରଣୀଧର ପ୍ରାଥମିକ ବିଦ୍ୟାଳୟରେ ମୁଖ୍ୟଅତିଥି ଭାବେ ଉପଜିଲ୍ଲାପାଳ ପରିକ୍ଷିତ ସାହୁ, ବରେଣ୍ୟ ଅତିଥିଭାବେ ଭାରପ୍ରାପ୍ତ ପୌରପରିଷଦ ଅଧକ୍ଷ ପ୍ରଜିତ କୁମାର ଭୋଜ, ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ ଓ ପ୍ରଧାନଶିକ୍ଷକ ସୁଶାନ୍ତ ନନ୍ଦ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ବର୍ଣ୍ଣବୋଧ ବହି ବଣ୍ଟନ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଭରୁଆମୁଣ୍ଡା, ବେଲପଡ଼ା, ବଲାଙ୍ଗୀର

ବିଜ୍ଞାପନ ସଂଖ୍ୟା – ୦୦୧ ତାରିଖ – ୦୭/୦୪/୨୦୨୬

**ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଭରୁଆମୁଣ୍ଡାର ଛାତ୍ରାବାସ ନିମନ୍ତେ ଚୁକ୍ତିଭିତ୍ତିକ ନିଯୁକ୍ତି ବିଜ୍ଞପ୍ତି**

ଓଡ଼ିଶା ସରକାରଙ୍କ ଅଧୀନରେ ପରିଚାଳିତ ବଲାଙ୍ଗୀର ଜିଲ୍ଲାର ଓଡ଼ିଶା ଆଦର୍ଶ ବିଦ୍ୟାଳୟ,ଭରୁଆମୁଣ୍ଡା ଛାତ୍ରାବାସ (Non-KGBV) ନିମନ୍ତେ Warden, Head Cook, Assistant Cook, Chowkidar-cum-Sweeper ଚୁକ୍ତିଭିତ୍ତିକ ନିଯୋଜନ ନିମନ୍ତେ ଯୋଗ୍ୟ ପ୍ରାର୍ଥୀଙ୍କଠାରୁ ନିର୍ଦ୍ଧାରିତ ଫର୍ମରେ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଛାତ୍ରାବାସ ପାଇଁ ଆବେଦନ କରୁଥିବା ପ୍ରାର୍ଥୀମାନେ ପୁରୁଷ ହେବା ଆବଶ୍ୟକ। ସମସ୍ତ ପଦବୀ ସମ୍ପୂର୍ଣ୍ଣ ଭାବରେ ଅସ୍ଥାୟୀ ଓ ଚୁକ୍ତିଭିତ୍ତିକ ଅଟେ। ଆବେଦନ ଫର୍ମରେ ଆବଶ୍ୟକ ପ୍ରମାଣପତ୍ର ସଂଲଗ୍ନ କରି ତା ୦୮/୦୪/୨୦୨୬ ରୁ ୨୨/୦୪/୨୦୨୬ ସୁଦ୍ଧା ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଭରୁଆମୁଣ୍ଡା ଠିକଣାରେ ରେଜିଷ୍ଟ୍ରି ପୋଷ୍ଟ / ସ୍ପିଡ ପୋଷ୍ଟ କରି ଏବଂ ବିଦ୍ୟାଳୟରେ କେବଳ କାର୍ଯ୍ୟଦିବସରେ ସମୟ ସକାଳ ଘ. ୬.୩୦ ମି. ରୁ ଘ. ୧୦. ୩୦ ମି. ମଧ୍ୟରେ ଆବେଦନ କରିବା ଆବଶ୍ୟକ। ବିଜ୍ଞାପନର ସମ୍ପୂର୍ଣ୍ଣ ବିବରଣୀ ଏବଂ ଆବେଦନ ଫର୍ମ https://balangir.odisha.gov.in ଏବଂ https://oav.edu.in/OAVTTKରେ ଉପଲବ୍ଧ ଅଟେ।

ସ୍ବା/- ଅଧକ୍ଷ,
ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଭରୁଆମୁଣ୍ଡା,
ବେଲପଡ଼ା.

OIPR-27001/27217/1/26-27/0001 27001/8/2627

**OFFICE OF THE MUNICIPAL COUNCIL ,SONEPUR**

1.0 Sonepur Municipality invites online tender from experienced, competent and eligible Bidders in two packet system for work Under Jurisdiction of Sonepur Municipality" as scheduled under:

Name of the works: ---

1: Installation and Implementation of IT Enabled Day Night Illuminated LED Acrylic Digital Graphics including Design, Technological Beautification of an Open Space with a Clock tower, on Engineering, Procurement & Construction (EPC) Mode Contract.

Cost of DTCN: 6000/- (Non-Refundable) only Demand Draft from any Nationalized bank of India in favor of Executive Officer Sonepur Municipality

DQCN available from: 31.03.2026.

Last Date of receipt of DQCN: 09. 04. 2026 Up to 5.00 P.M (The bid is to be submitted in 2packets. Packet 1 should contain the technical proposal and required documents; Packet 2 should contain the Financial Bid) .Bid submit on Online .

Date of opening OF Technical Bid: 10.04. 2026 at 11.30 A.M

Opening of Financial bid document To be Intimated Latter

The DTCN may also be downloaded from the website:-WWW.subarnapur.nic.in/ WWW.sonepurmunicipality.in

Each Tender should be accompanied with:

(i) Applicable EMD as 1% of quoted value.in shape of NSC,FD etc except Money receipt.

(ii) Attested photo copies of PAN cards.

(iii) Attested photo copies of GST Clearance Certificate.

Sd/- Executive Officer
Sonepur Municipality

OIPR-13001/13098/1/26-27/0002 13001/81/2627

**ବ୍ୟାସନଗର ପୌରପାଳିକା, ବ୍ୟାସନଗର**

OFFICE OF THE VYASANAGAR MUNICIPALITY
VYASANAGAR, JAJPUR

Email Id : vyasanagarmunicipality@gmail.com, Website : www.vyasanagarmunicipality.in

Letter No. 1420 Date : 26.02.2026

QUOTATION CALL NOTICE FOR SWACHHA SURVEKSHYAN - 2025-26

The sealed cover quotations are invited from the intending registered firms/suppliers towards wall painting, and all other relating arrangements according to the following specifications, so as to reach before the undersigned on dated 08.04.2026 upto 01.00 PM & the quotations will be opened on the same at 05.00 PM in the presence of the quotationers or their authorized agents if any. If the Office happens to be closed due to unavoidable situation the same shall be opened in the next working day in the same time & venue or further notification. Each quotation is accompanied with copy of PAN card and GST Registration certificate along with the E.M.D cost of Rs.3000/- in shape of Bank Draft in original pledged & to deposit Rs.500/- (Non Refundable) as cost of BID documents in shape of DD in original pledged in favour of Executive Officer, Vyasanagar Municipality payable at Jajpur Road in any schedule Bank. The rate shall be quoted inclusive of all applicable taxes & GST.

The authority reserves the right to cancel all quotation without assigning any reason thereof.

Specification

| Sl.No | Items | Unit | Price per unit (including GST) |
|---|---|---|---|
| 01 | Flex Banner | 1 nos(8'x6') | |
| 02 | Hoarding with Bamboo Structure | 1 non(12'x8') | |
| 03 | Wall painting | Per sqft | |
| 04 | Vinyl Sricker | A4 size | |
| 05 | Digital Display with accessory | 1 nos(12'x8') | |

Sd/- Executive Officer
Vyasanagar Municipality

OIPR-13001/13092/1/26-27/0001 13001/66/2627

## ୯୫ ହଜାରରେ ମା'ଙ୍କ ଲଡୁ ବିକ୍ରି



**ବାରିପଦା,୭।୪/ଏନ୍‌ଏନ୍‌ଏସ୍:** ବାରିପଦା ନିକଟସ୍ଥ ପଳାସବଣୀରେ ମା' ଶୀତଳାଙ୍କ ବାର୍ଷିକ ପୂଜା ମହାଆଡ଼ମ୍ବରରେ ପାଳିତ ହୋଇଯାଇଛି। ପଳାଶବଣି ଓ ବାଉଁଶକଣ୍ଟିଆ ଗ୍ରାମବାସୀଙ୍କ ଉଦ୍ୟମରେ ଏହି ପୂଜା ୧୦୦ ବର୍ଷ ଧରି ଅନୁଷ୍ଠିତ ହୋଇଆସୁଛି। ଗ୍ରାମ କମିଟିର ସାଧାରଣ ସମ୍ପାଦକ ଜ୍ଞାନ ରଞ୍ଜନ ବେହେରାଙ୍କ ତତ୍ତ୍ୱାବଧାନରେ ଏହି ବାର୍ଷିକ ପୂଜା ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ବ୍ୟବସାୟୀ ତପନ ଦାସ ଓ ସମ୍ମାନିତ ଅତିଥିଭାବେ ମାରଙ୍ଗତାଣ୍ଡି ପଞ୍ଚାୟତର ସରପଞ୍ଚ ଭାଗା ଟୁଡୁ ଯୋଗ ଦେଇଥିଲେ। ମା' ଶୀତଳାଙ୍କ ପୂଜାର୍ଚ୍ଚନା କଲେ ଭକ୍ତଙ୍କ ମନସ୍କାମନା ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି। ସେଥିପାଇଁ ଜିଲ୍ଲାର କୋଣଅନୁକୋଣରୁ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଥାଏ। ଏହି ପୂଜାର ପ୍ରଥମଦିନରେ ଘଟ ଉତ୍ତୋଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାସହ ଦ୍ୱିତୀୟଦିନ ଯାତ୍ରା ପରିବେଷଣ ହୋଇଥିଲା। ମା' ଶୀତଳାଙ୍କ ପୂଜାରେ ଲାଗିଥିବା ଆଶୀର୍ବାଦ ଲଡୁକୁ କିଣିବା ପାଇଁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଉତ୍କଣ୍ଠାପୂର୍ଣ୍ଣ ପ୍ରତିଯୋଗିତା ଦେଖିବାକୁ ମିଳିଥିଲା। ଏହି ଆଶୀର୍ବାଦ ଲଡୁକୁ ଅଭିଷେକ ବେହେରା ଓ ତାଙ୍କଭାଇ ୯୫ ହଜାର ଏକ ଟଙ୍କାରେ କିଣିଥିଲେ। ଏହି କାର୍ଯ୍ୟକ୍ରମରେ ଗ୍ରାମର ହରିଶ ବେହେରା, ସହଦେବ ବେହେରା, ଗୌରୀ ଶଙ୍କର ବେହେରା, ଚିତ୍ତ ରଞ୍ଜନ ବେହେରା, ଜିତେନ୍ଦ୍ର ବେହେରା, ରତ୍ନାକର ବେହେରା ଓ ଅନ୍ୟମାନେ ସହଯୋଗ କରିଥିଲେ। କମିଟି ସଭାପତି ନିରଞ୍ଜନ ବେହେରା ଧନ୍ୟବାଦ ଦେଇଥିଲେ।

# ଗୋ-ମାଫିଆଙ୍କ ବିରୋଧରେ ୩ ଜିଲ୍ଲାରେ କାର୍ଯ୍ୟାନୁଷ୍ଠାନ

### ଲକ୍ଷାଧିକ ଟଙ୍କା ସହ ଗହଣା ଜବତ



ବାଲେଶ୍ୱର



ବାରିପଦା



ଭଦ୍ରକ

**ବାରିପଦା,ବାଲେଶ୍ୱର,ସୋର: ୭।୪/ଏନ୍‌ଏନ୍‌ଏସ୍:** ଗୋରୁ ମାଫିଆଙ୍କ ବିରୋଧରେ ପୁଲିସ୍ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଗୋରୁ ଚୋରି ଓ ଅବୈଧ ପରିବହନରେ ଲିପ୍ତ 'ଗୋ-ମାଫିଆଙ୍କ ବିରୋଧରେ ପୂର୍ବାଞ୍ଚଳ ରେଞ୍ଜ ପୁଲିସ୍ ପକ୍ଷରୁ ମୟୂରଭଞ୍ଜ, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାରେ ଏକ ଯୋଗାଯୋଗିତା ଅନୁସନ୍ଧାନ ଅଭିଯାନ ଆରମ୍ଭ ହୋଇଛି। ଭଦ୍ରକରେ ୮ଟି, ମୟୂରଭଞ୍ଜରେ ୧୫ଟି ଓ ବାଲେଶ୍ୱରରେ ୯ଟି ସ୍ଥାନରେ ଏକକାଳୀନ ଚଢ଼ଉ ହୋଇଥିଲା। ଏଥିରେ ୩୦ ଲକ୍ଷରୁ ଅଧିକ ନଗଦ ଟଙ୍କା ଜବତ ହୋଇଛି। ଏଥିରେ ଜଣେ ଡିଏସ୍‌ପି, ୩ ଜଣ ଇନ୍ସପେକ୍ଟର୍ ଓ ୬ ପ୍ଲାଟୁନ ପୁଲିସ୍ ଫୋର୍ସ ସାମିଲ୍ ହୋଇଛନ୍ତି।

ଭଦ୍ରକର ଗୁଜି ଦରଡ଼ା, ଅଲାରପୁର ଓ ସନ୍ଥିଆ ଆଦି ଗାଁରେ ପୁଲିସ ଚଢ଼ଉ କରିଛି। ମୟୂରଭଞ୍ଜ ଜିଲ୍ଲାରେ ଏହି ଅଭିଯାନ ଅଧୀନରେ ୭ଟି ଥାନା ଅଞ୍ଚଳର ୧୫ଟି ସ୍ଥାନରେ ଏକକାଳୀନ ଚଢ଼ଉ କରାଯାଇଛି। ଏଥିରେ ବାରିପଦା ଟାଉନ୍, ଭଞ୍ଜପୁର, ଖାରପୋଖରିଆ, ଶୁଳିଆପଦା, ବାଙ୍ଗିରିପୋଷି, ବୈଶିଙ୍ଗା ଓ ବାଦାମପାହାଡ଼ ସାମିଲ୍ ରହିଛି। ଅଭିଯାନରେ ପୁଲିସ୍ ବିପୁଳ ପରିମାଣର ନଗଦ ଟଙ୍କା, ସୁନା ଓ ରୂପା ଅଳଙ୍କାର, ବ୍ୟାଙ୍କ୍ ପାସବୁକ୍, ସମ୍ପତ୍ତି ଦସ୍ତାବିଜ୍ ଓ ଗୋରୁ ଅବୈଧ ପରିବହନ ପାଇଁ ବ୍ୟବହୃତ ଯାନବାହନ ଜବତ କରିଛି। ଏପର୍ଯ୍ୟନ୍ତ ୨ ଜଣଙ୍କୁ ଗିରଫ କରାଯାଇଥିବାବେଳେ ଜଣେ ଅଭିଯୁକ୍ତ ଫେରାର୍ ଥିବା ସୂଚନା ମିଳିଛି। ସେହିପରି ବାଲେଶ୍ୱର ଏସ୍‌ପି ପ୍ରତ୍ୟୁଷ ଦିବାକରଙ୍କ ନେତୃତ୍ୱରେ ଗୋ-ମାଫିଆଙ୍କ ଘରେ ଚଢ଼ଉ ହୋଇଥିବା ଦେଖିବାକୁ ମିଳିଛି। ଜିଲ୍ଲାର ୯ଟି ସ୍ଥାନରେ ଚଢ଼ଉ କରାଯାଇ ମୋଟ୍ ୨୧,୮୦,୯୦୦ ଟଙ୍କା ନଗଦ, ୫୦ ଗ୍ରାମ୍ ସୁନା ଗହଣା, ୧ କେଜି ରୂପା ଗହଣା, ୧୩ଟି ଚାରି କାର୍, ୪ଟି ବାଇକ୍, ୧୦ଟି ମୋବାଇଲ ଫୋନ୍, ୧୩ଟି ପାସବୁକ୍, ୮ଟି ଏଟିଏମ କାର୍ଡ, ୫ଟି ଜମିପଟ୍ଟା ଓ ୩୨ଟି ଗାଈ ଜବତ ହୋଇଛି। ଏଥିରେ ସମ୍ପୃକ୍ତ କିଛି ଲୋକଙ୍କୁ ମଧ୍ୟ ଅଟକ ରଖାଯାଇଛି। ଏହି ଚଢ଼ଉରେ ବରିଷ୍ଠ ପୁଲିସ୍ ଅଧିକାରୀଙ୍କ ସମେତ ବ୍ୟାପକ ପୁଲିସ୍ ଫୋର୍ସ ମୁତୟନ ହୋଇଥିଲେ। ତେବେ ସୋର ବାରିକପୁରରେ ଥିବା କୁଖ୍ୟାତ ଗୋ-ମାଫିଆଙ୍କ ଘରେ ବାଲେଶ୍ୱର ପୁଲିସ୍ ଚଢ଼ଉ କରି ଗୋରୁ ଗାଡ଼ିକୁ ଏସ୍କର୍ଟ ଦେଉଥିବା ଗୋଟିଏ ବୋଲେରୋ ଏବଂ ଗୋଟିଏ ପିକଅପ୍ ଜବତ କରିଛି। ଖନ୍ତାପଡ଼ା ଥାନା ପଣପଣା ନିକଟରେ ଗୋ-ରକ୍ଷକଙ୍କୁ ଗାଡ଼ି ଚଢ଼ାଇ ମାରିବା ଘଟଣାରେ ଏହି ଗୋ-ମାଫିଆ ନାଁରେ ଅଭିଯୋଗ ହୋଇଥିଲା।

## କାଳବୈଶାଖୀ ତାଣ୍ଡବରେ ଉଡ଼ିଗଲା ଘରର ଛାତ



**ଯୋଡ଼ା,୭।୪/ଏନ୍‌ଏନ୍‌ଏସ୍:** କେନ୍ଦୁଝର ଜିଲ୍ଲା ରୁଗୁଡ଼ି ଥାନା ଅନ୍ତର୍ଗତ ଗୁଆଲି ଅଞ୍ଚଳରେ କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଛି। ଏହା ପ୍ରଭାବରେ ଜଣେ ଗରିବ ପରିବାର ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛି। ସୋମବାର ସନ୍ଧ୍ୟାରେ ହଠାତ୍ ଆସିଥିବା ଜୋରଦାର୍ ପବନ ଓ ବର୍ଷା ଘରର ଛପରକୁ ସମ୍ପୂର୍ଣ୍ଣ ଭାବେ ଉଡ଼ାଇ ଦେଇଥିଲା। ସୂଚନାନୁଯାୟୀ ଗୁଆଲି ଗ୍ରାମର ବାସିନ୍ଦା ସନ୍ତୋଷ ବାରିକ କାମ ସାରି ସନ୍ଧ୍ୟାରେ ଘରକୁ ଫେରିଥିଲେ। ସନ୍ଧ୍ୟା ପ୍ରାୟ ୭ଟାରେ ହଠାତ୍ ଆକାଶ କଳା ହୋଇ ତୀବ୍ର ପବନ ସହ କାଳବୈଶାଖୀ ଆରମ୍ଭ ହୋଇଥିଲା। ଜୋରଦାର୍ ପବନରେ ସନ୍ତୋଷଙ୍କ ଘରର ଟିଣ ଛାତ ସହ ଲୁହା ଏଙ୍ଗଲ୍ ଗୁଡ଼ିକୁ ପବନ ଉଡ଼େଇ ନେଇଥିଲା। କିଛି ମିନିଟ୍ ମଧ୍ୟରେ ଘରଟି ଛାତବିହୀନ ହୋଇପଡ଼ିଥିଲା। ଘଟଣା ସମୟରେ ପରିବାର ସଦସ୍ୟମାନେ ଘର ଭିତରେ ଥିବା ସତ୍ତ୍ୱେ ଭାଗ୍ୟକ୍ରମେ କାହାରି ପ୍ରାଣହାନି କିମ୍ବା ଗୁରୁତର ଆହତ ହେବାର ଖବର ମିଳିନାହିଁ। ତେବେ ଘର ସମ୍ପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ହୋଇଥିବାରୁ ପରିବାର ଏବେ ଖୋଲା ଆକାଶ ତଳେ ରହିବାକୁ ବାଧ୍ୟ ହୋଇଛି। ଘରେ ଥିବା ଆସବାବପତ୍ର ଓ ଦୈନିକ ବ୍ୟବହାରିକ ସାମଗ୍ରୀମାନ ମଧ୍ୟ ବର୍ଷା ଜଳରେ ନଷ୍ଟ ହୋଇଥିବା ସୂଚନା ମିଳିଛି। ସ୍ଥାନୀୟ ଲୋକେ କହିଛନ୍ତି ଯେ ଏହି କାଳବୈଶାଖୀ ଖୁବ୍ ତୀବ୍ର ଥିଲା ଏବଂ ଅଞ୍ଚଳରେ ଅନ୍ୟାନ୍ୟ କ୍ଷତି ମଧ୍ୟ ଘଟିଛି। ତେବେ ପ୍ରଶାସନ ପକ୍ଷରୁ ଘଟଣାସ୍ଥଳ ପରିଦର୍ଶନ କରି କ୍ଷତିର ଆକଳନ କରାଯିବା ସହିତ ପ୍ରଭାବିତ ପରିବାରକୁ ଶୀଘ୍ର ସହାୟତା ଯୋଗାଇବାକୁ ଦାବି କରାଯାଇଛି।

## ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷଙ୍କୁ ତେଲକୋଇ ବିଜେପି ପକ୍ଷରୁ ସମ୍ବର୍ଦ୍ଧନା



**ତେଲକୋଇ,୭।୪/ଏନ୍‌ଏନ୍‌ଏସ୍:** ରାଜ୍ୟ ସରକାରଙ୍କ ପକ୍ଷରୁ ତେଲକୋଇ ବିଧାନସଭା କ୍ଷେତ୍ରର ବିଧାୟକ ଡାକ୍ତର ଫକିରମୋହନ ନାଏକଙ୍କୁ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଭାବେ ନିଯୁକ୍ତି ମିଳିବା ପରେ ବିଭିନ୍ନ ମହଲରୁ ସମ୍ବର୍ଦ୍ଧନା ଦିଆଯାଉଛି। ଏହି ପରିପ୍ରେକ୍ଷୀରେ ତେଲକୋଇ ବିଜେପି ପକ୍ଷରୁ ବିଧାୟକ ତଥା ନବନିଯୁକ୍ତ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଶ୍ରୀ ନାଏକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କତରାପାଲିସ୍ଥିତ ହନୁମାନ ମନ୍ଦିରରୁ ସ୍ୱାଗତ କରାଯିବା ସହିତ ଶତାଧିକ କର୍ମୀଙ୍କ ଗହଣରେ ବାଇକ୍ ରାଲି ଦ୍ୱାରା ତେଲକୋଇ ବଜାର ଅଞ୍ଚଳ ପରିକ୍ରମା କରାଯାଇଥିଲା। ପରେ ତେଲକୋଇ ବ୍ଲକ୍ କାର୍ଯ୍ୟାଳୟ ପଛପଟେ ନବନିର୍ମାଣ ପାଠାଗାର ସଭାଗୃହରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଜିଲ୍ଲା ସଭାପତି ଶୁକଦେବ ମହାନ୍ତ, ସମ୍ମାନିତ ଅତିଥିଭାବେ ଜିଲ୍ଲାପରିଷଦ ସଦସ୍ୟ ଛଇଳବାଳା ନାୟକ, ଜିଲ୍ଲା ମହିଳା ମୋର୍ଚ୍ଚା ସଭାପତି ଯଶସ୍ୱିନି ବଳ, ଜିଲ୍ଲା ଯୁବମୋର୍ଚ୍ଚା ପୂର୍ବତନ ସଭାପତି ହେମାରଞ୍ଜନ ବାରିକ୍, ତେଲକୋଇ ସାଂସଦଙ୍କ ପ୍ରତିନିଧି ହରିହର ପ୍ରଧାନ, ବିଧାୟକ ପ୍ରତିନିଧି ପଦ୍ମଲୋଚନ ସାହୁ, ତେଲକୋଇ ମଣ୍ଡଳ ଉପସଭାପତି ସୁବାସ ଚନ୍ଦ୍ର ବେହେରାଙ୍କ ସମେତ ବାଂଶପାଳ ଓ ହରିଚନ୍ଦନପୁର ବ୍ଲକ୍‌ର ସାଂସଦ ପ୍ରତିନିଧି ଏବଂ ବିଧାୟକ ପ୍ରତିନିଧି ଯୋଗ ଦେଇଥିଲେ। ତେଲକୋଇର ବିଭିନ୍ନ ସଂଗଠନ, ସ୍ୱେଚ୍ଛାସେବୀ ସଂସ୍ଥା ଓ ବିଭିନ୍ନ ସମାଜ ପକ୍ଷରୁ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ପରେ ବିଧାୟକଙ୍କ ଉପସ୍ଥିତିରେ ମିଶ୍ରଣପର୍ବ ଅନୁଷ୍ଠିତ ହୋଇଥିଲା। ବିଜେଡି ଓ କଂଗ୍ରେସର ୨୧୪ ଜଣ କର୍ମୀ ମୋଦୀ ସରକାରଙ୍କ ବିକାଶମୂଳକ କାର୍ଯ୍ୟଧାରାରେ ଅନୁପ୍ରାଣିତ ହୋଇ ନିଜ ଦଳ ଛାଡ଼ି ବିଜେପିରେ ମିଶିଥିଲେ। ଏଥିରେ କେତେକ ଅବସରପ୍ରାପ୍ତ ଶିକ୍ଷକ ଓ ସେନା କର୍ମଚାରୀ ସାମିଲ୍ ହୋଇଛନ୍ତି। ଜଗମୋହନପୁର୍ ସମିତିସଭ୍ୟ ଶତ୍ରୁଘ୍ନ ନାୟକ ମଧ୍ୟ ବିଜେଡି ଛାଡ଼ି ବିଜେପିରେ ଯୋଗ ଦେଇଛନ୍ତି। ସେହିପରି କେତେକ ୱାର୍ଡସଭ୍ୟ ମଧ୍ୟ ବିଜେପିରେ ସାମିଲ୍ ହୋଇଥିବା ସୂଚନା ରହିଛି। ଏହି କାର୍ଯ୍ୟକ୍ରମକୁ ପୂର୍ବତନ ଜିଲ୍ଲା ଉପସଭାପତି ପ୍ରଫୁଲ୍ଲ କୁମାର ସାହୁ ପରିଚାଳନା କରିଥିବାବେଳେ ମଣ୍ଡଳ ସମ୍ପାଦକ ବିକ୍ରମ କେଶରୀ ଚୌହାନ, ସକ୍ରିୟ କର୍ମୀ ପ୍ରମୋଦ କୁମାର ସାହୁ ଓ କ୍ରିଷ୍ଣା ପ୍ରସାଦ ସାହୁଙ୍କ ସମେତ ସକ୍ରିୟ ସଦସ୍ୟମାନେ ସହଯୋଗ କରିଥିଲେ। ଅନ୍ୟପଟେ ବ୍ଲକସ୍ତରୀୟ ଦଳୀୟ କାର୍ଯ୍ୟକ୍ରମରେ ମଣ୍ଡଳ ସଭାପତିଙ୍କ ସମେତ ଅନେକ ବରିଷ୍ଠ କର୍ମକର୍ତ୍ତା ଓ କେତେକ ବରିଷ୍ଠ କର୍ମୀଙ୍କ ଦେଖା ମିଳିନଥିଲା। ଏହାସହ ନୂତନ ଭାବେ ନିଯୁକ୍ତି ପାଇଥିବା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷ ମାନସ ନାଏକ ମଧ୍ୟ ଅନୁପସ୍ଥିତ ଥିବା ଦେଖାଯାଇଛି।

## ଖୋର୍ଦ୍ଧା ଡିଭିଜନ୍‌କୁ ବାଲେଶ୍ୱର ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବାକୁ ଦାବି

**ସୋର,୭।୪/ଏନ୍‌ଏନ୍‌ଏସ୍:** କିଛିଦିନ ପୂର୍ବରୁ ଖୋର୍ଦ୍ଧା ଡିଭିଜନ୍‌ରୁ ପଲାସା-ଇଚ୍ଛାପୁରମ୍ ସେକ୍ସନ୍ ଆନ୍ଧ୍ର ସହିତ ମିଶିଯିବା ଫଳରେ ପୂର୍ବତଟ ଡିଭିଜନ୍‌ର ଷ୍ଟେସନ୍ ଗୁଡ଼ିକ ସଙ୍କୋଚିତ ହୋଇଯାଇଛି। ନୂତନଭାବେ ଗଠିତ ହୋଇଥିବା ଦକ୍ଷିଣତଟ ରେଳପଥ (ବିଶାଖାପାଟନା ଡିଭିଜନ୍)ରେ ପୂର୍ବତଟରୁ ୭ଟି ଷ୍ଟେସନ୍ କଟାଯାଇ ସେଥିରେ ଅନ୍ତର୍ଭୁକ୍ତ କରାଯାଇଛି। ଏହି ଷ୍ଟେସନ୍ ଗୁଡ଼ିକ ଅନ୍ଧ୍ରପ୍ରଦେଶର ସିକାକୁଲମ୍ ଜିଲ୍ଲାରେ ଅବସ୍ଥିତ ହୋଇଥିବାବେଳେ ଓଡ଼ିଶାରେ ଥିବା ବାଲେଶ୍ୱର, ମୟୂରଭଞ୍ଜ ଓ କେଉଁଝରର ଷ୍ଟେସନ୍ ଗୁଡ଼ିକ କାହିଁକି ଓଡ଼ିଶାର ପୂର୍ବତଟ ରେଳ ଡିଭିଜନ୍‌ରେ ସାମିଲ୍ ହେବନାହିଁ ବୋଲି ଜନସାଧାରଣଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଭଦ୍ରକରୁ ବ୍ରହ୍ମପୁର ଷ୍ଟେସନ୍ ପର୍ଯ୍ୟନ୍ତ ଖୋର୍ଦ୍ଧା ଡିଭିଜନ୍‌ରେ ଥିବାବେଳେ ଓଡ଼ିଶାର ରାଣୀତାଳଠାରୁ ଲକ୍ଷ୍ମଣନାଥ ପର୍ଯ୍ୟନ୍ତ ଖଡ଼ଗପୁର ଡିଭିଜନ୍‌ରେ ଅନ୍ତର୍ଭୁକ୍ତ ହୋଇଛି। ଆନ୍ଧ୍ରପ୍ରଦେଶ ନିଜ ଜିଲ୍ଲାର ଷ୍ଟେସନ୍ ଗୁଡ଼ିକୁ ନିଜ ଡିଭିଜନ୍‌ରେ ସାମିଲ୍ କରିପାରିଥିବା ବେଳେ ଓଡ଼ିଶାର ଷ୍ଟେସନ୍ ଗୁଡ଼ିକ ଖଡ଼ଗପୁର ଡିଭିଜନ୍‌ରୁ ପୂର୍ବତଟ ଡିଭିଜନ୍‌ରେ ମିଶ୍ରଣ କରିବାକୁ ରେଳମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ସମସ୍ତ ସାଂସଦ, କେନ୍ଦ୍ରମନ୍ତ୍ରୀ ଓ ବିଧାୟକମାନେ ଦୃଷ୍ଟିଦେବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

## ବ୍ଲକ୍‌ସ୍ତରୀୟ ଶିକ୍ଷା ସଚେତନତା ରଥ ଉଦ୍‌ଘାଟିତ



**ଖଇରା,୭।୪/ଏନ୍‌ଏନ୍‌ଏସ୍:** ଖଇରାରେ ବ୍ଲକ୍‌ସ୍ତରୀୟ ଶିକ୍ଷା ସଚେତନତା ରଥ ଖଇରା ପ୍ରାଥମିକ ବିଦ୍ୟାଳୟରେ ଉଦ୍‌ଘାଟିତ ହୋଇଯାଇଛି। ଖଇରା ବ୍ଲକ୍ ଅଧ୍ୟକ୍ଷା ଅଭିଲିପ୍ସା ସାହୁ ଓ ବିଡିଓ ନାରାୟଣ ସାହୁ ଏହି ରଥର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଲକ୍ଷ୍ମୀଧର ସିଂ, ଜିଲ୍ଲାପରିଷଦ ସଭ୍ୟା ରଶ୍ମିତା ମହାପାତ୍ର, ସ୍ଥାନୀୟ ସରପଞ୍ଚ ମାଳତୀଲତା ସେଠୀ, ସମିତିସଭ୍ୟା ନର୍ମଦା ଦେଓ, ପରିଚାଳନା କମିଟି ସଭାପତି ଶ୍ରୀକାନ୍ତ ସାହୁ ଓ ପ୍ରଧାନଶିକ୍ଷକ ନଟରାଜ ଦାସ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଏହି ରଥ ୩୭ ପଞ୍ଚାୟତ ପରିକ୍ରମା କରିବାର କାର୍ଯ୍ୟକ୍ରମ ରହିଛି।

## ଯୁଗ୍ମ ଜନଶୁଣାଣି ଶିବିର



**ବାରିପଦା,୭।୪/ଏନ୍‌ଏନ୍‌ଏସ୍:** ମୟୂରଭଞ୍ଜ ଜିଲ୍ଲା ସଦରମହକୁମା ବାରିପଦାରେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଜିଲ୍ଲାପାଳ ହେମକାନ୍ତ ସୟଙ୍କ ଅଧ୍ୟକ୍ଷତାରେ ଏକ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଇଶ୍ୱର ଚନ୍ଦ୍ର ନାଏକ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର କିଶୋର କୁମାର ଆଚାର୍ଯ୍ୟ ଓ ବାରିପଦା ଉପଜିଲ୍ଲାପାଳ କସ୍ତୁରୀ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଏଥିରେ ବାରିପଦା ଉପଖଣ୍ଡର ସର୍ବମୋଟ୍ ୨୭୬ଟି ଅଭିଯୋଗର ଶୁଣାଣି କରାଯାଇଛି। ସେଥିମଧ୍ୟରୁ ୨୨୯ଟି ବ୍ୟକ୍ତିଗତ ଓ ୪୭ଟି ସାମୁହିକ ସମସ୍ୟା ସମ୍ବଳିତ ଅଭିଯୋଗ ସାମିଲ୍ ଥିଲା। ୧୩ଟି ଅଭିଯୋଗର ସମାଧାନ ତତକ୍ଷଣାତ୍ କରାଯାଇଛି। ଏହାସହ ୮ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଓ ୫ ଜଣଙ୍କୁ ରେଡକ୍ରସ୍ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସେହିପରି ଜନଅଭିଯୋଗ ଶୁଣାଣିରେ ଗ୍ରହଣ ହୋଇଥିବା ବିଭିନ୍ନ ବିଭାଗ ସମ୍ପର୍କିତ ଅନ୍ୟାନ୍ୟ ଅଭିଯୋଗ ଗୁଡ଼ିକ ଉପରେ ଅନୁଧ୍ୟାନ ପୂର୍ବକ ବିଚାର କରି ସେଗୁଡ଼ିକର ତ୍ୱରିତ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ଶିବିରରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସମେତ ବାରିପଦା ଉପଖଣ୍ଡର ଉପଖଣ୍ଡ ଓ ବ୍ଲକ୍‌ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ। ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ।

## କେନ୍ଦୁଝରରେ ସ୍ୱଚ୍ଛତା ଅଭିଯାନ



**କେନ୍ଦୁଝର,୭।୪/ଏନ୍‌ଏନ୍‌ଏସ୍:** ଓଡ଼ିଆ ପକ୍ଷର ଷଷ୍ଠ ଦିବସ ଅବସରରେ କେନ୍ଦୁଝର ଜିଲ୍ଲାର ବିଭିନ୍ନ ସ୍ଥାନରେ ଏକ ସ୍ୱଚ୍ଛତା ଅଭିଯାନ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପ୍ରଶାସନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ପର୍ଯ୍ୟଟନସ୍ଥଳୀ, ପ୍ରାଚୀନ ମନ୍ଦିର ପରିସର, ଜଳାଶୟ, ଐତିହ୍ୟ ସ୍ଥଳ ଓ ସାପ୍ତାହିକ ହାଟ ଗୁଡ଼ିକରେ ସଫେଇ କରାଯାଇଛି। ଏଥିରେ ବିଭିନ୍ନ ବ୍ଲକ୍‌ର ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପଞ୍ଚାୟତିରାଜ ଅନୁଷ୍ଠାନର ପ୍ରତିନିଧି, ରାଜନୈତିକ ନେତୃବୃନ୍ଦ, ମିଶନଶକ୍ତିର ମାଆମାନେ, ବ୍ଲକ୍ ଓ ପଞ୍ଚାୟତସ୍ତରୀୟ କର୍ମଚାରୀ, ସ୍ୱଚ୍ଛତା କର୍ମୀ, ବିଆର୍‌ସି ସଦସ୍ୟ ଏବଂ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତାମାନେ ସାମିଲ୍ ହୋଇଥିଲେ। ଏହାସହ ସ୍ଥାନୀୟ ଯୁବକ ସଂଘ ଓ ବରିଷ୍ଠ ନାଗରିକମାନେ ସ୍ୱେଚ୍ଛାକୃତ ଭାବେ ଏହି ସେବାକାର୍ଯ୍ୟରେ ଯୋଗଦେଇ ସ୍ୱଚ୍ଛ ଭାରତ ଓ ସୁନ୍ଦର ଓଡ଼ିଶା ଗଠନର ବାର୍ତ୍ତା ଦେଇଥିଲେ। ଜିଲ୍ଲାର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ଓ ମନ୍ଦିରମାନଙ୍କରେ ଏଭଳି ସାମୂହିକ ସଫେଇ କାର୍ଯ୍ୟକ୍ରମକୁ ସାଧାରଣ ଜନତା ଉଚ୍ଚପ୍ରଶଂସା କରିଛନ୍ତି। ଏହି ପରିବେଶ ସୁରକ୍ଷା ଅଭିଯାନ ଜିଲ୍ଲାରେ ଏକ ନୂତନ ଜାଗରଣ ସୃଷ୍ଟି କରିଛି।

## ସୋର-ଉତ୍ତରେଶ୍ୱର ଗଳାପୋଲ ନିର୍ମାଣରେ ବିଳମ୍ବ



**ସୋର,୭।୪/ଏନ୍‌ଏନ୍‌ଏସ୍:** ସୋରର ମୁଖ୍ୟଦ୍ୱାର କୁହାଯାଉଥିବା ଉତ୍ତରେଶ୍ୱର ଗଳାପୋଲ ସମ୍ପ୍ରସାରଣ ପାଇଁ ଏନ୍‌ଏଚ୍‌ଆଇ କର୍ତ୍ତୃପକ୍ଷ ଏପର୍ଯ୍ୟନ୍ତ କୌଣସି ପ୍ରକାର ତତ୍ପରତା ଦେଖାଉ ନାହାନ୍ତି। ୧୬ ନମ୍ବର ଜାତୀୟ ରାଜପଥ ରାଣୀତାଲରୁ ଫୁଲାଡ଼ି ପର୍ଯ୍ୟନ୍ତ ୬ଟିକିଆ ରାସ୍ତାର ନିର୍ମାଣ କାର୍ଯ୍ୟ ଶେଷ ହେବାକୁ ଯାଉଛି। ସୋର-ଉତ୍ତରେଶ୍ୱର ଗଳାପୋଲର ସମ୍ପ୍ରସାରଣ ପାଇଁ ୨୦୨୩ ମସିହାରୁ ମଞ୍ଜୁର ହୋଇଥିବାବେଳେ ଏହାକୁ ନିର୍ମାଣ କରାନଯାଇ ଉକ୍ତ ଅର୍ଥକୁ ଅନ୍ୟ କାର୍ଯ୍ୟରେ ଲାଗାଯାଇ ଗଳାପୋଲ ନିର୍ମାଣରେ କୌଣସି ତତ୍ପରତା ପ୍ରକାଶ ପାଉନାହିଁ। ଫଳରେ ପାଇକାଳୀରୁ କଲେଜ ଛକ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରେ ସର୍ଭିସ୍ ରୋଡ୍ ସହିତ ଡ୍ରେନ୍ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନାହିଁ। ଆଉ ଅଳ୍ପଦିନ ପରେ ବର୍ଷା ଋତୁ ଆସିଯାଉଥିବାରୁ ଉଭୟ ପାର୍ଶ୍ୱରେ ବର୍ଷା ଜଳ ନିଷ୍କାସିତ ହୋଇନପାରି ବୁଡ଼ିବାର ସମ୍ଭାବନା ସୃଷ୍ଟି ହୋଇଛି। ଗତ ରବିବାର ଜାତୀୟ ରାଜପଥ ମାର୍କୋଣାରେ ଗଳାପୋଲ ପାଇଁ ଭଦ୍ରକ ସାଂସଦ ଶୁଭ ଦେଇଥିବାବେଳେ ସୋର ଗଳାପୋଲ ପ୍ରତି କେବେ ସାଂସାଦଙ୍କ ଦୃଷ୍ଟି ପଡ଼ିବ ସୋରବାସୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଗଳାପୋଲରେ ପ୍ରତିଦିନ ଅଫିସ୍, ସ୍କୁଲ୍ ଓ କଲେଜ୍ ଯାଉଥିବାବେଳେ ପର୍ବପର୍ବାଣୀରେ ପ୍ରବଳ ଭିଡ଼ ହୋଇ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେବାସହ ଦୀର୍ଘ ସମୟଧରି ଯାତାୟାତ ଠପ୍ ହୋଇଯାଉଛି। ଅନ୍ୟ ସ୍ଥାନମାନଙ୍କର ସର୍ଭିସ୍ ରୋଡ୍ ଓ ଲାଇଟ୍ କାର୍ଯ୍ୟ ସରିଥିବାବେଳେ ସୋରକୁ ପୂର୍ଣ୍ଣ ଅବହେଳା କରାଯାଇଛି। ତେଣୁ ଏଥିପ୍ରତି ଜିଲ୍ଲା ପ୍ରଶାସନ, ଏନ୍‌ଏଚ୍‌ଆଇ କର୍ତ୍ତୃପକ୍ଷ, ସାଂସଦ ଓ ବିଧାୟକ ଦୃଷ୍ଟିଦେଇ ତୁରନ୍ତ ନିର୍ମାଣ କରାଯିବା ପାଇଁ ଜନସାଧାରଣଙ୍କ ପକ୍ଷରୁ ଦାବି କରାଯାଇଛି।

**ସରକାରୀ ଅର୍ଥ ବାଟବଣା**

**ତୁରନ୍ତ କାର୍ଯ୍ୟ ସାରିବାକୁ ଦାବି**

### ବାଲି ଲୁଟ୍ ଘଟଣାର ତଦନ୍ତ

## ଜଳେଶ୍ୱରରେ ପହଞ୍ଚିଲେ ଖଣି ନିର୍ଦ୍ଦେଶକ

**ବାଲେଶ୍ୱର,୭।୪/ଏନ୍‌ଏନ୍‌ଏସ୍:** ବାଲେଶ୍ୱର ଜିଲ୍ଲାର ସୁବର୍ଣ୍ଣରେଖା ନଦୀରୁ ବେଆଇନ ବାଲି ଲୁଟ୍ ଘଟଣାର ତଦନ୍ତ ପାଇଁ ମଙ୍ଗଳବାର ରାଜ୍ୟ ଖଣି ନିର୍ଦ୍ଦେଶକ ଏବଂ ଯୁଗ୍ମ ନିର୍ଦ୍ଦେଶକ ଜଳେଶ୍ୱର ପହଞ୍ଚିଛନ୍ତି। ବେଆଇନ୍ ଖାଦାନରୁ ୧୦୦ କୋଟିରୁ ଅଧିକ ଟଙ୍କାର ବାଲି ଲୁଟ୍ ହୋଇଥିବା ନେଇ ପୂର୍ବରୁ ଅଭିଯୋଗ ହୋଇଥିଲା। ବାହାନଗା ତହସିଲ୍‌ରେ କାର୍ଯ୍ୟରତ ଜଳେଶ୍ୱର ଅଞ୍ଚଳର ରାଜସ୍ୱ ନିରୀକ୍ଷକ ସାଗର ବାସ୍କେ, ତାଙ୍କ ସାନଭାଇ ଚନ୍ଦନ ବାସ୍କେ ଓ ତାଙ୍କ ପରିବାର ବାଲି ଲୁଟ୍ କରୁଥିବା ନେଇ ସଙ୍ଗୀନ ଅଭିଯୋଗ ହୋଇଥିଲା। ସୁବର୍ଣ୍ଣରେଖା ପାର୍ଶ୍ୱ ମହମ୍ମଦ ନଗର ପାଟଣା ବେଲପାଳ ଗ୍ରାମରୁ ଏହି ବାଲି ଲୁଟ୍ ହେବାର ଅଭିଯୋଗ ହୋଇଥିଲା। ଏହାସହ ରାଜସ୍ୱ ବିଭାଗ ୧୪୪ ଧାରା ଜାରି କରି ନାଲି ପତାକା ଲଗାଇଥିଲେ। ମାତ୍ର ଆର୍‌ଆଇ ଶ୍ରୀ ବାସ୍କେ ଆଇନର ଗଳାବାଟ ଦେଇ ସେସବୁକୁ ଉପାଡ଼ି ଫିଙ୍ଗିଦେଇ ପୁଣି ବାଲି ଉତ୍ତୋଳନ କରି ଚୋରାଚାଲାଣ କରୁଥିଲେ।

## ପ୍ରଥମ ପୃଷ୍ଠାରୁ

### ଟ୍ୟୁସନ୍ ମାଷ୍ଟରକୁ ୨୦ ବର୍ଷ ...

ତେବେ ୨୦୨୧ ଅଗଷ୍ଟ ୨୩ ତାରିଖରେ ଟ୍ୟୁସନ୍ ପଢ଼ା ଶେଷ ହେବା ପରେ ଅନ୍ୟ ପିଲାମାନଙ୍କୁ ଘରକୁ ଯିବାକୁ କହି କାର୍ତ୍ତିକ ଜଣେ ତୃତୀୟ ଶ୍ରେଣୀ ଛାତ୍ରୀ( ୮ବର୍ଷ)ଙ୍କୁ କିନ୍ତୁ କିଛି ସମୟ ରହିବାକୁ କହିଥିଲେ। ପରେ ସେ ସୁଯୋଗ ଦେଖି ସେ ନାବାଳିକାଙ୍କ ସହ ଦୁଷ୍କର୍ମ କରିଥିଲେ। ଘରକୁ ଫେରି ନାବାଳିକା ଜଣଙ୍କ କାନ୍ଦି କାନ୍ଦି ତାଙ୍କ ମା'ଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ସେ ପିନ୍ଧିଥିବା ପ୍ୟାଣ୍ଟରୁ ରକ୍ତ ବାହାରୁଥିବା ଦେଖି ପରିବାର ଲୋକ ତାଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ପରେ ଏନେଇ ଉକ୍ତ ଶିକ୍ଷକଙ୍କ ଘରକୁ ଯାଇ ସେମାନେ ପଚାରିବାରୁ ଉଭୟ କାର୍ତ୍ତିକ ନାୟକ ଓ ତାଙ୍କ ମା'ମଞ୍ଜୁଲତା ନାୟକ ସେମାନଙ୍କୁ ଗାଳି ଗୁଲଜ କରିଥିଲେ। ସେଠାରୁ ଫେରି ପୀଡ଼ିତାଙ୍କ ମା' ଏନେଇ ଖଲ୍ଲିକୋଟ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏସଂକ୍ରାନ୍ତରେ ୫୧୬/୨୧ ରେ ଏକ ମାମଲା ରୁଜୁ କରିଥିଲା। ତଦନ୍ତକାରୀ ଅଧିକାରୀ ତଥା ତତ୍କାଳୀନ ଥାନାଧିକାରୀ ସତ୍ୟରଞ୍ଜନ ପ୍ରଧାନ ଉକ୍ତ ଅଭିଯୁକ୍ତ କାର୍ତ୍ତିକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏପରିକି କାର୍ତ୍ତିକ ଓ ତାଙ୍କ ମା'ଙ୍କୁ ଅଭିଯୁକ୍ତ ଦର୍ଶାଇ କୋର୍ଟରେ ଚାର୍ଜସିଟ୍ ଦାଖଲ କରିଥିଲା। ଏହି ମାମଲାରେ ୧୦ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଆଜି ରାୟ ପ୍ରକାଶ ବେଳେ ଅଭିଯୁକ୍ତ କାର୍ତ୍ତିକଙ୍କୁ କୋର୍ଟରେ ଉପସ୍ଥିତ କରାଯାଇଥିଲା।

### ଆଜିଠୁ ୨ୟ ପର୍ଯ୍ୟାୟ ...

ଦର୍ଶନ ବ୍ୟବସ୍ଥା ଭିତର କାଠ ନିକଟରୁ ବନ୍ଦ ରଖାଯାଇ କେବଳ ବାହାର କାଠ ନିକଟରୁ କରାଯିବ। ଦ୍ୱିତୀୟ ପର୍ଯ୍ୟାୟ ଗଣତିମଣତି ପୂର୍ବରୁ ଆଜି ଛତିଶା ନିଯୋଗ ବୈଠକରେ ଆଲୋଚନା ହୋଇଛି। ପୂର୍ଣ୍ଣ ସହଯୋଗ ଲୋଡ଼ିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ।

### ଗଜପତି ଜିଲ୍ଲାରୁ ୨.୮ ଟନ୍ ...

ଅଞ୍ଚଳରେ ୪ଟି ମାମଲାରେ ୨,୮୨୫ କେଜିରୁ ଅଧିକ ଗଞ୍ଜେଇ ଜବତ କରାଯାଇଛି। ସର୍ବମୋଟ୍ ୧୫ଟି ମାମଲାରେ ଜିଲ୍ଲା ପୋଲିସ ପକ୍ଷରୁ ଏପର୍ଯ୍ୟନ୍ତ ୧୨,୫୦୧ କେଜିରୁ ଅଧିକ (ପ୍ରାୟ ୧୨.୫୦୧ ଟନ୍) ବେଆଇନ ଗଞ୍ଜେଇ ଜବତ କରାଯାଇଛି। ବିଶେଷକରି କେଶରୀଗୁଡ଼ା ଅଞ୍ଚଳରୁ ୪,୦୪୦ କେଜି, ବୁରିପଦର ଅଞ୍ଚଳରୁ ୧୮୩୦ କେଜି ଏବଂ କାରିଗେଞ୍ଜ ଜଙ୍ଗଲରୁ ୨,୮୧୧ କେଜି ଭଳି ବିପୁଳ ପରିମାଣର ଗଞ୍ଜେଇ ଉଦ୍ଧାର କରାଯିବା ସହ ନିଶା ମାଫିଆଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଉଲ୍ଲେଖଯୋଗ୍ୟ, ଗଞ୍ଜେଇ ଚାଷ ଓ ଅବୈଧ କାରବାର ବିରୋଧରେ ରାଜ୍ୟ ପୁଲିସ ତରଫରୁ ଏକ ସଂଘବଦ୍ଧ ଅଭିଯାନ ଚାଲିଛି। ରାଜ୍ୟରୁ ଏହି ଅବୈଧ କାରବାରକୁ ମୂଳପୋଛ କରିବା ପାଇଁ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ନିର୍ଦ୍ଦେଶାନୁସାରେ ତୃଣମୂଳ ସ୍ତରରେ କଠୋର ପଦକ୍ଷେପ ଗ୍ରହଣ କରାଯାଉଛି।

### ଖଣିଜ ବ୍ଲକ୍‌ର ନିଲାମ ...

ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଟାଟା ଷ୍ଟିଲ୍‌ର ସିଇଓ ତଥା ପରିଚାଳନା ନିର୍ଦ୍ଦେଶକ ଟି ଭି ନରେନ୍ଦ୍ରନ, ଇଣ୍ଡିଆନ ଷ୍ଟିଲ୍ ଆସୋସିଏସନର ମହାସଚିବ ଆଲୋକ ସହାୟ, ଜେଏସଡବ୍ଲ୍ୟୁ ସଭାପତି ଅନୀଲ କୁମାର ସିଂ ଏଏମଏନଏସ୍ ଇଣ୍ଡିଆର ନିର୍ଦ୍ଦେଶକ ଆଲୋକ କୁମାର ମେହେଟ୍ଟା, ଓଏମ୍‌ସିର ଅଧକ୍ଷ ଗିରିଶ ଏସ୍ ଏନ୍, ପରିଚାଳନା ନିର୍ଦ୍ଦେଶକ ସୁଧାଂଶୁ ସାମଲ ଏବଂ ଅନ୍ୟାନ୍ୟ ପ୍ରମୁଖ ଶିଳ୍ପ ପ୍ରତିନିଧି ମାନେ ଯୋଗଦେଇଥିଲେ।

### ଅମୃତ ୨.୦ କାର୍ଯ୍ୟକାରିତାରେ ...

୯୯ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଥିବାବେଳେ ଅନ୍ୟଗୁଡ଼ିକର ବିଭିନ୍ନ ପର୍ଯ୍ୟାୟରେ କାର୍ଯ୍ୟ ଜାରିରହିଛି। ଆର୍ଥିକ ପରିଚାଳନା କ୍ଷେତ୍ରରେ ମଧ୍ୟ ଓଡ଼ିଶା ଦୃଢ଼ ପ୍ରଦର୍ଶନ କରିବା ସହ ଅନୁଦାନ ଅର୍ଥର ସଠିକ ବିନିଯୋଗ କରିବାରେ ସଫଳ ହୋଇଛି। ଅମୃତ ୨.୦ ଜରିଆରେ ରାଜ୍ୟର ଜଳ ଭିତ୍ତିଭୂମିକୁ ସୁଦୃଢ଼ କରାଯାଇଛି। ସାତୋଟି ଜଳ ବିଶୋଧନ ପ୍ଲାଣ୍ଟ ମାଧ୍ୟମରେ ଦୈନିକ ୪୩ ଏମଏଲ୍‌ଡି ଜଳ ବିଶୋଧନ କ୍ଷମତା ସୃଷ୍ଟି କରାଯାଇଛି, ଯାହାଦ୍ୱାରା ପ୍ରାୟ ୨.୮୩ ଲକ୍ଷ ନାଗରିକ ଉପକୃତ ହୋଇଛନ୍ତି। ପ୍ରମୁଖ ସହରଗୁଡ଼ିକରେ ୨୪ ଘଣ୍ଟିଆ ଜଳ ଯୋଗାଣ ବ୍ୟବସ୍ଥା ସୁନିଶ୍ଚିତ ହେବା ସହ ୨.୭ ଲକ୍ଷରୁ ଅଧିକ ପରିବାରକୁ ପାଇପ୍ ଯୋଗେ ଜଳ ସଂଯୋଗ ପ୍ରଦାନ କରାଯାଇଛି। ମୋଟାମୋଟି ଭାବେ ୫ ଲକ୍ଷରୁ ଅଧିକ ସହରବାସୀ ଏହି ସେବା ଦ୍ୱାରା ସିଧାସଳଖ ଉପକୃତ ହୋଇଛନ୍ତି। ଅମୃତ ୨.୦ ଯୋଜନାର ମୁଖ୍ୟ ଲକ୍ଷ୍ୟ ହେଉଛି ସହରାଞ୍ଚଳର ସମସ୍ତ ପରିବାରକୁ ପାଇପ୍ ଯୋଗେ ଜଳ ଯୋଗାଇଦେବା ଏବଂ ସହରଗୁଡ଼ିକୁ ନିଶ୍ଚିତ ଜଳ ସୁବିଧା ଉପଲବ୍ଧ କରାଇବା। ସହରୀ ଭିତ୍ତିଭୂମି ବିକାଶରେ ଆମ ରାଜ୍ୟ ଏବେ ଦେଶ ପାଇଁ ଏକ ମଡେଲ୍ ପାଲଟିବା ଓଡ଼ିଶା ପାଇଁ ଏକ ଗର୍ବର ବିଷୟ। ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି, 'ଅମୃତ ୨.୦' ର ଶୀର୍ଷ ମାନ୍ୟତା ସହରାଞ୍ଚଳ ଭିତ୍ତିଭୂମି ଏବଂ ଜଳ ଯୋଗାଣ କ୍ଷେତ୍ରରେ ଓଡ଼ିଶାର ପ୍ରତିବଦ୍ଧତାକୁ ଦର୍ଶାଉଛି। ପ୍ରତିଟି ପରିବାରକୁ ନିରାପଦ ଜଳ ଯୋଗାଇବା ଏବଂ ସହରଗୁଡ଼ିକୁ ସକ୍ଷମ କରିବା ପ୍ରାଥମିକତା ବିକଶିତ ଓଡ଼ିଶା ଗଠନ ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ରାଜ୍ୟ ସରକାରଙ୍କ ପକ୍ଷରୁ 'ପେୟ ଜଳ ସର୍ବେକ୍ଷଣ' ଏବଂ 'ଜୟ ହେ ଅମୃତ' ଭଳି କାର୍ଯ୍ୟକ୍ରମ ମାଧ୍ୟମରେ ଜଳ ପରିଚାଳନାକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ଏଥିସହ 'ଅମୃତ ମିତ୍ର' ଏବଂ 'ଓମେନ୍ ଫର୍ ଟ୍ରି' ଭଳି ସାମାଜିକ ଅଭିଯାନ ମାଧ୍ୟମରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ସାମିଲ କରାଯାଇ ଜଳାଶୟର ପୁନରୁଦ୍ଧାର ଏବଂ ପରିବେଶ ସୁରକ୍ଷା କାର୍ଯ୍ୟ ଜାରି ରହିଛି। ସେହିପରି 'କ୍ରେଡିଟ ଏନହାନ୍ସମେଣ୍ଟ' ଭଳି ଅଭିନବ ଆର୍ଥିକ ବ୍ୟବସ୍ଥା ମାଧ୍ୟମରେ ଛୋଟ ଛୋଟ ସହରାଞ୍ଚଳରେ ଭିତ୍ତିଭୂମି ବିକାଶ ପାଇଁ ପୁଞ୍ଜି ନିବେଶକୁ ପ୍ରୋତ୍ସାହିତ କରାଯାଉଛି।

### ସିଜିମାଳି ଖଣି ଅଞ୍ଚଳରେ ...

ହୋଇଥିବା ପୁଲିସ କର୍ମଚାରୀ ମାନେ ହେଲେ ହୋମଗାର୍ଡ ସରୋଜିନୀ ଗରଡ଼ିଆ, କନେଷ୍ଟବଳ ନଳିନୀ ତାଡିଙ୍ଗି, କନେଷ୍ଟବଳ ତୁଷାର କାନ୍ତ ମହାପାତ୍ର, କନେଷ୍ଟବଳ ଅର୍ଚ୍ଚନା ଟପୋ, ନମିତା ଖରା ଓ ହାବିଲଦାର କରୁଣ ସାଗର ହୁଇକା। ଆହତ ପୁଲିସ କର୍ମଚାରୀଙ୍କୁ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି କନୱାଲ ବିଶାଲ ସିଂ ଭେଟି ସେମାନଙ୍କର ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ। ଅନ୍ୟ ଆହତ ପୁଲିସ କର୍ମଚାରୀମାନେ କାଶିପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକର ସିଜିମାଳି ଅଞ୍ଚଳରେ ଖଣି ଖନନ ପାଇଁ ସରକାର ଅନୁମତି ଦେଇଥିବା ଯୋଗୁଁ ଏଠାରେ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ରାୟଗଡ଼ା ଓ କଳାହାଣ୍ଡି ଜିଲ୍ଲାର ସୀମାନ୍ତ ସିଜିମାଳି ମାଇନ୍ସ ଅଞ୍ଚଳ ପୁରଲାଙ୍ଗ ଠାରୁ ସାଗବାରି ଘାଟି ପର୍ଯ୍ୟନ୍ତ ପ୍ରାୟ ୩ କିମି ରାସ୍ତା ନିର୍ମାଣ ନେଇ ପ୍ରଶାସନ ପକ୍ଷରୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ ଏହି ରାସ୍ତା ନିର୍ମାଣକୁ ଗ୍ରାମବାସୀ ବିରୋଧ କରିଆସୁଥିଲେ, ଯାହାଫଳରେ ଦୀର୍ଘଦିନ ଧରି ଏଠାରେ ଉତ୍ତେଜନା ଲାଗିରହିଥିଲା। କିନ୍ତୁ ଆଜି ସକାଳ ପ୍ରାୟ ୫ଟା ସମୟରେ ପୁଲିସ ଓ ଉତ୍ତ୍ୟକ୍ତ ଗ୍ରାମବାସୀଙ୍କ ମଧ୍ୟରେ ଏଭଳି ଖଣ୍ଡଯୁଦ୍ଧ ହୋଇଥିବା ଜଣାପଡ଼ିଛି। ରାୟଗଡା ଏସ୍‌ପି ସ୍ୱାଥୀ ଏସ୍ କୁମାର ଗଣମାଧ୍ୟମକୁ କହିଛନ୍ତି କାଶିପୁର ଥାନାର କେସ୍ ନଂ ୮୩ ରେ ଅଭିଯୁକ୍ତ ସୁବାଷ ସିଂ ମାଝି ଯାହା ନାଁରେ ୧୪ଟି କେସ୍ ସହ ଏନବିଡବ୍ଲ୍ୟୁ ମଧ୍ୟ ରହିଛି ତାକୁ ଗିରଫ କରିବା ପାଇଁ ଆଜି ସକାଳୁ ପୁଲିସ ଗଲାବେଳେ ୨୫୦ ଗ୍ରାମବାସୀ ମରଣାନ୍ତକ ମାରଣାସ୍ତ୍ର ବ୍ୟବହାର କରି ଅତର୍କିତ ଆକ୍ରମଣ କରିଥିଲେ ଯେଉଁଥିରେ ୫୮ ଜଣ ପୁଲିସ ଆହତ ହୋଇଛନ୍ତି। ନିଜର ସୁରକ୍ଷା ପାଇଁ ପୁଲିସ ଲୁହବୁହା ଗ୍ୟାସ ବ୍ୟବହାର କରିଥିବା ଏବଂ ଲୁହବୁହା ଗ୍ୟାସ୍ ପ୍ରୟୋଗ ହେବା ପରେ ଆନ୍ଦୋଳନକାରୀ ଛତ୍ରଭଙ୍ଗ ଦେଇଥିଲେ ବୋଲି ସେ କହିଛନ୍ତି। ପ୍ରକାଶ, ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି, ଏସ୍‌ପି ସ୍ୱାଥୀ.ଏସ୍ କୁମାରଙ୍କ ସହ ପୁଲିସର ବରିଷ୍ଠ ଅଧିକାରୀମାନେ ଘଟଣାର ତଦାରଖ କରୁଛନ୍ତି। ଗତ ଏପ୍ରିଲ ୩ ତାରିଖରୁ ଏହି ଅଞ୍ଚଳରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିବାରୁ ପ୍ରଶାସନ ପକ୍ଷରୁ ଭାରତୀୟ ନ୍ୟାୟ ସଂହିତାର ଧାରା ୧୬୩ ତଥା ଭାରତୀୟ ଦଣ୍ଡବିଧି ଆଇନର ଧାରା ୧୪୪ ଜାରି କରାଯାଇଛି। ପ୍ରଶାସନ ପକ୍ଷରୁ ଉକ୍ତ ଅଞ୍ଚଳକୁ ୧ମାସ ପର୍ଯ୍ୟନ୍ତ ନିଷିଦ୍ଧାଞ୍ଚଳ ଭାବେ ଘୋଷଣା କରାଯିବା ସହ ରାସ୍ତା ଠାରୁ ୧୦୦ ମିଟର ଦୂରତା ମଧ୍ୟରେ ୪ଜଣରୁ ଅଧିକ ଏକତ୍ରିତ ହୋଇପାରିବେ ନାହିଁ ବୋଲି ଘୋଷଣା କରାଯାଇଛି। ଏହାସତ୍ତ୍ୱେ ଆଜି ପୁଲିସ ଓ ଗ୍ରାମବାସୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଛି।

### ଜାତିସଂଘରେ କାଟ୍ ଖାଇଲା ...

ମାନବ ଶୃଙ୍ଖଳ କରନ୍ତୁ। ସେହିପରି ପେଜେସ୍କିଆନ୍ ଆମେରିକାକୁ ଜବାବ୍ ଦେଇ କହିଛନ୍ତି ଯେ, ତାଙ୍କ ସମେତ ସମସ୍ତ ଇରାନ୍‌ବାସୀ ମୃତ୍ୟୁବରଣ କରିବାକୁ ପ୍ରସ୍ତୁତ। ସେଥିପାଇଁ ଆମେରିକା ଆକ୍ରମଣର ଭୟ ନ ଦେଖାଉ। ସେହିପରି ଟ୍ରମ୍ପଙ୍କ ଏହି ଧମକ ଉପରେ ଦକ୍ଷିଣ ଆଫ୍ରିକାରେ ଅବସ୍ଥିତ ଇରାନ ଦୂତାବାସ ଜବାବ ଦେଇଛି। ଇରାନ୍ କହିଛି ଯେ 'ଆମେରିକା ଏବଂ ତା'ର ସହଯୋଗୀମାନଙ୍କୁ ଇରାନର ପ୍ରାଚୀନ ସଭ୍ୟତାରୁ ଏଭଳି ଜବାବ ମିଳିବ, ଯାହାକୁ ସେମାନେ କେବେବି ଭୁଲିପାରିବେ ନାହିଁ।'ଏସବୁ ମଧ୍ୟରେ ଇସ୍ରାଏଲ୍ କିନ୍ତୁ ମଙ୍ଗଳବାର ଇରାନ୍ ଉପରେ ଆକ୍ରମଣ କରିଥିବା ସୂଚନା ମିଳିଛି। ଇସ୍ରାଏଲ ବାୟୁସେନା ପକ୍ଷରୁ ଇରାନ ଉପରେ ହୋଇଥିବା ଆଜିର ଏହି ଆକ୍ରମଣରେ ଇରାନ୍‌ର ୧୦ଟି ଗୁରୁତ୍ୱପୂର୍ଣ୍ଣ ରେଳ ଲାଇନ୍ ଏବଂ ପୋଲ୍‌ଗୁଡ଼ିକ ନଷ୍ଟ ହୋଇଯାଇଛି। 'ଦ ଟାଇମ୍ସ ଅଫ୍ ଇସ୍ରାଏଲ'ର ରିପୋର୍ଟ ଅନୁଯାୟୀ, ଇସ୍‌ଲାମିକ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆରଜିସି) ଯେପରି ନିଜର ଅସ୍ତ୍ରଶସ୍ତ୍ର ଏବଂ ସାମରିକ ସରଞ୍ଜାମ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ନେଇ ନପାରିବେ, ସେଥିପାଇଁ ଏହି ଆକ୍ରମଣ କରାଯାଇଛି। ସେହିପରି ଅନ୍ୟତମ ବଡ଼ ଆକ୍ରମଣ ଇରାନ୍‌ର ଖାର୍ଗ ଦ୍ୱୀପ ଉପରେ ହୋଇଛି, ଯେଉଁଠାରେ ଅଏଲ୍ ଟର୍ମିନାଲକୁ ଟାର୍ଗେଟ୍ କରାଯାଇଛି। ଇରାନର ପ୍ରାୟ ୮୦ ରୁ ୯୦ ପ୍ରତିଶତ ଅଶୋଧିତ ତେଲ ଏହିଠାରୁ ହିଁ ରପ୍ତାନି ହୋଇଥାଏ।

## ଦୋକାନୀଙ୍କ ପାଇଁ ସାବତ ମା' ସାଜିଛି ଦେବୋତ୍ତର ବିଭାଗ

# ୨ ବର୍ଷ ନିରାଶ ପରେ ଦାଦନ ଯିବାକୁ ବ୍ୟବସାୟୀଙ୍କ ପ୍ରସ୍ତୁତି

**ଓଡ଼ଗାଁ,୭।୪/ଏନ୍‌ଏନ୍‌ଏସ୍:** ନିଜର ପରିବାର ଚଳାଇବା ପାଇଁ ଦୋକାନ ଖଣ୍ଡେକରି ବହୁ ସଂଘର୍ଷ କରିବାକୁ ପଡୁଛି। କେତେବେଳେ ବ୍ୟବସାୟ ହେଉଛି ତ ଆଉ କେତେବେଳେ ନାହିଁ। ଏଭଳି ପରିସ୍ଥିତିରେ ଦେବୋତ୍ତର ବିଭାଗ ସାବତ ମାଆ ଭଳି ବ୍ୟବହାର କରିଛି। ମନ୍ଦିର ପରିସରରୁ ଦୋକାନ ଉଠାଇ ଯାତ୍ରା ପଡ଼ିଆରେ ଥଇଥାନ କରିବାକୁ ଦେବୋତ୍ତର ବିଭାଗ ନିଷ୍ପତ୍ତି ନେଇଥିଲେ ମଧ୍ୟ ତାହା ପଡ଼ିରହିଛି। ୨ବର୍ଷ ଧରି ବ୍ୟବସାୟୀମାନେ ଯନ୍ତ୍ରଣା ଭୋଗୁଥିବା କହିଛନ୍ତି। ଶରଣକୁଳର ଲଡୁବାବାଙ୍କ ସମ୍ମୁଖରୁ ସମସ୍ତ ଦୋକାନ ଉଠିବା ଘଟଣା ଏକପ୍ରକାର ପ୍ରହସନରେ ପରିଣତ ହୋଇଛି। ଲଡୁବାବାଙ୍କ ମନ୍ଦିରକୁ ରୂପାନ୍ତରିତ କରିବାପାଇଁ ଦେବୋତ୍ତର ବିଭାଗ ଆଗଭର ହୋଇଛି। ମନ୍ଦିର ସମ୍ମୁଖରେ ଥିବା ୬୦ଜଣ ଦୋକାନୀଙ୍କ ସହିତ ଦେବୋତ୍ତର ବିଭାଗ କର୍ମଚାରୀମାନେ ଆଲୋଚନା କରିବାପରେ ଯାତ୍ରା ପଡ଼ିଆରେ ସମସ୍ତଙ୍କୁ ଦୋକାନ ଘର ନିର୍ମାଣକରି ଦୋକାନୀଙ୍କୁ ହସ୍ତାନ୍ତର କରାଯିବ। ଏଥିପାଇଁ ଦୋକାନୀମାନେ ଗୋଟିଏ ଦୋକାନ ପିଛା ୨ଲକ୍ଷ ଟଙ୍କା ସିକ୍ୟୁରିଟି ବାବଦକୁ ଦେବୋତ୍ତର ବିଭାଗକୁ ପ୍ରଦାନ କରିଛନ୍ତି। କିନ୍ତୁ ସିକ୍ୟୁରିଟି ଟଙ୍କାନେଇ ୨ବର୍ଷ ହେବ ଖେଳଖେଳୁଥିବା ଅଭିଯୋଗ କରିଛନ୍ତି।

ସରକାରଙ୍କ ଯୋଜନା କାହାପାଇଁ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଦେବୋତ୍ତର ବିଭାଗ ଦୋକାନୀମାନଙ୍କୁ ସ୍ଥାନାନ୍ତର କରିବାକୁ ଯୋଜନା କାର୍ଯ୍ୟକାରୀ କରିଥିଲେ ମଧ୍ୟ ତାହାଏବେ ଅନିଶ୍ଚିତତା ମଧ୍ୟରେ ଥିବାନେଇ ଆଲୋଚନା ହେଉଛି।ଦୁଇବର୍ଷ ଧରି ୨ଲକ୍ଷ ଟଙ୍କାର ସୁଧ ଭରଣା କିଏ କରିବ ବୋଲି ପ୍ରଶ୍ନ ଉଠିଛି। ସେତିକି ନୁହଁ ଦୋକାନଘର ନିର୍ମାଣ ପାଇଁ ଶୁଭ ଦିଆଯାଇ ଘର ସଂପୂର୍ଣ୍ଣ ପାଇଁ ଆହୁରି ଏକରୁ ଦୁଇବର୍ଷ ଲାଗିବାର ସମ୍ଭାବନା ଦେଖାଦେଇଛି। ଏପଟେ ୬୦ଜଣ ଦୋକାନୀ ସେମାନଙ୍କ ଭାଗ୍ୟ କିଭଳି ବଦଳିବ କି ଦୋକାନ ଛାଡ଼ି ଦାଦନ ଯିବାକୁ ବିଭାଗ ରାସ୍ତା ସଫାକରିଛି କହି ଅସନ୍ତୋଷ ପ୍ରକାଶ କରିଛନ୍ତି। ଦୋକାନ ପାଇବା ଆଶାରେ ଧାର ଉଦ୍ଧାରକରି ଏବଂ ସୁଧକୁ ଟଙ୍କାଆଣି ଦେଉଛୁ। କିନ୍ତୁ ଆମ ପେଟପାଟଣା ସହ ଦେବୋତ୍ତର ବିଭାଗ ନାଟକବାଜି କରୁଥିବା କହି ଅସନ୍ତୋଷ ଝାଡ଼ିଛନ୍ତି। ଯଦି ଦୋକାନଘର ନିର୍ମାଣରେ ପ୍ରତିବନ୍ଧକ ସୃଷ୍ଟି ହୁଏ ଆମକୁ ଟଙ୍କା ସହିତ ସୁଧ ପ୍ରଦାନ କରନ୍ତୁ ବୋଲି କହିଥିଲେ। ଏପଟେ ଦେବୋତ୍ତର ମ୍ୟାନେଜର ତାପସ ପଟ୍ଟନାୟକ କହିଛନ୍ତି ଆଜି ଆସିଷ୍ଟାଣ୍ଟ ଦେବୋତ୍ତର କମିଶନର ରୋହିତ ରଞ୍ଜନ ମିଶ୍ର ଶରଣକୁଳ ଗସ୍ତରେ ଆସି ସମସ୍ତ ଦୋକାନ ଘର ଆପ୍ରୁଭାଲ୍ ହୋଇ ଖୁବଶିଘ୍ର କାମ ଆରମ୍ଭ ହେବ ବୋଲି କହିଛନ୍ତି। ଦେବୋତ୍ତର ବିଭାଗ ଦୋକାନଘର ପ୍ରଦାନ କରୁଛି କି ନାହିଁ ତାହା ଦେଖିବାକୁ ବାକିରହିଲା।

## ଜିଲ୍ଲା ଶିକ୍ଷା ବିଭାଗ ତରଫରୁ ରଥ ପରିକ୍ରମା



**କଣ୍ଟିଲୋ,୭।୪/ଏନ୍‌ଏନ୍‌ଏସ୍:** ସମ୍ପ୍ରତି ଦେଶରେ ଓ ରାଜ୍ୟରେ ଛୋଟ ଛୋଟ ପିଲା ମାନେ ସ୍କୁଲ ରେ ପ୍ରବେଶ କରି ଖଡ଼ି ଛୁଇଁବା ଓ ପାଠ ପଢିବା ଉପରେ ଆଗ୍ରହ ପ୍ରକାଶ କରିବା ପାଇଁ ସରକାରଙ୍କ ତରଫରୁ ନିଆ ଯାଇଥିବା ବଳିଷ୍ଠ ପଦକ୍ଷେପକୁ ନିଶ୍ଚିତ ଭାବେ କାର୍ଯ୍ୟରେ ପରିଣତ କରିବା ପାଇଁ ଆଜି ମଙ୍ଗଳବାର ନୟାଗଡ଼ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ କଣ୍ଟିଲୋ କ୍ଲଷ୍ଟରରେ ଭ୍ରାମ୍ୟମାଣ ରଥ ପରିକ୍ରମା କରିଛି। ସୂଚନାରୁ ପ୍ରକାଶ ଯେ, ପ୍ରତ୍ୟେକ ଛୋଟ ଛୋଟ ପିଲାମାନେ ନିରକ୍ଷର ନହୋଇ ନିଶ୍ଚିତ ଭାବେ ସ୍କୁଲରେ ନାମ ଲେଖାଇବା ଓ ପାଠ ପଢ଼ିବା ପାଇଁ ପ୍ରତ୍ୟେକ ଅଭିଭାବକମାନଙ୍କୁ ସଚେତନ କରିବା ପାଇଁ ଆଜି ମଙ୍ଗଳବାର ଦିନ କଣ୍ଟିଲୋ କ୍ଲଷ୍ଟର୍ ସିଆର୍‌ସିସି ମନୋଜ କୁମାର ସାହୁଙ୍କ ପ୍ରମୁଖ ତତ୍ତ୍ୱାବଧାନରେ ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ମଙ୍ଗରାଜପୁର ପ୍ରକଳ୍ପ ମଧ୍ୟ ଇଂରାଜୀ ସ୍କୁଲ, ରାକେଶିଆ ପ୍ରାଥମିକ ବିଦ୍ୟାଳୟ, ସରପୋଖରି ପ୍ରକଳ୍ପ ମଧ୍ୟ ଇଂରାଜୀ ବିଦ୍ୟାଳୟ, ଗୋପୀନାଥପୁର ପ୍ରାଥମିକ ବିଦ୍ୟାଳୟ, ପାଣ୍ଡୁ ସାହୁ ପାଟଣା ପ୍ରକଳ୍ପ ମଧ୍ୟ ଇଂରାଜୀ ବିଦ୍ୟାଳୟ, ରାଧାନାଥ ପ୍ରାଥମିକ ବିଦ୍ୟାଳୟ, କୁଞ୍ଜବିହାରୀ ନୋଡାଲ ବାଳିକା ଉଚ ବିଦ୍ୟାଳୟ ଓ ନୀଳମାଧବ ନୋଡାଲ ଉଚ୍ଚବିଦ୍ୟାଳୟ ଗୁଡିକରେ ଭ୍ରାମ୍ୟମାଣ ଶିକ୍ଷା ସଚେତନତା ରଥ ପରିକ୍ରମା କରିଛି। ଶୃଙ୍ଖଳାର ସହ ରଥ ପରିକ୍ରମା କରୁଥିବାରୁ ପ୍ରତ୍ୟେକ ସ୍କୁଲ ଅଞ୍ଚଳରେ ଭ୍ରାମ୍ୟମାଣ ରଥକୁ ସମ୍ମାନର ସହ ସ୍ୱାଗତ କରାଯାଇଥିବା ସୂଚନା ମିଳୁଛି।

## ଜଳଛତ୍ର ଉଦ୍‌ଘାଟନ କଲେ ଫାଣ୍ଡି ଅଧିକାରୀ



**ନୟାହାଟ,୭।୪/ଏନ୍‌ଏନ୍‌ଏସ୍:** ନୟାହାଟ ଧୂମାଳ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଖରାକୁ ଆଖିଆଗରେ ରଖି ବାଟୋଇମାନଙ୍କ ତୃଷ୍ଣା ମେଣ୍ଟାଇବା ପାଇଁ ମଙ୍ଗଳବାର ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲିକ ଓ ସାମାଜିକ କର୍ମୀ ଅଭିମନ୍ୟୁ ସିଂହ ଫିତା କାଟି ଜଳଛତ୍ର ଉଦ୍‌ଘାଟନ କରିଛନ୍ତି। ମା' ମଙ୍ଗଳାଙ୍କ ଶେଷପାଳି ଝାମୁଯାତ୍ରା ଉପଲକ୍ଷେ ବିଭିନ୍ନ ଆତୁ ହଜାର ହଜାର ସଂଖ୍ୟାରେ ଭକ୍ତ ନୟାହାଟ ଦେଇ ମା'ଙ୍କ ଦର୍ଶନ ଲାଗି ଯାଉଥିବା ବେଳେ ନୟାହାଟ ବଣିକସଙ୍ଘର ସମ୍ପାଦକ ସୁବାସ ପାତ୍ର, ବିଜୟ ଜେନା, ଶରତ ବାରିକ ସଞ୍ଜୟ ଜେନା ପ୍ରମୁଖ ଅଭଡ଼ା ପାଣି ବଣ୍ଟନରେ ସାହାଯ୍ୟ କରିଥିଲେ। ସେହିପରି ନୟାହାଟ ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟ ତରଫରୁ ଏନ୍‌ସିସି ପିଲାଙ୍କ ସାହ୍ୟତରେ ସହକାରୀ ଶିକ୍ଷକ ପ୍ରଫୁଲ୍ଲ ମିଶ୍ରଙ୍କ ସହାୟତାରେ ଦହି ପାଣି ବଣ୍ଟନ କରାଯାଇଥିଲା। ଯୋଗେଶ୍ୱରପୁର ଠାରେ ଜଳଛତ୍ର ଖୋଲାଯାଇ ପତି ବିଶ୍ୱାଳ, ସହଦେବ ମାଣିକ ଓ ନୟାହାଟ ବଜାରରୁ ପାଣିଛତ୍ର ପର୍ଯ୍ୟନ୍ତ ସାତ ଆଠ ଜାଗା ଅଭଡ଼ା ପାଣି ବଣ୍ଟନ କରାଯାଇଥିଲା।

## କାକଟପୁର ଝାମୁ ଯାତ୍ରା ସମୟରେ ସେବା କାର୍ଯ୍ୟ



**ଅସ୍ତରଙ୍ଗ,୭।୪/ଏନ୍‌ଏନ୍‌ଏସ୍:** କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ପ୍ରସିଦ୍ଧ ଝାମୁ ଯାତ୍ରା ଅତ୍ୟନ୍ତ ଆନନ୍ଦ ଉଲ୍ଲାସର ସହ ସମ୍ପନ୍ନ ହୋଇଯାଇଛି। ମା'ଙ୍କର ଏହି ମହାନ ଯାତ୍ରା ଦେଖିବା ପାଇଁ ସ୍ଥାନୀୟ ଅଞ୍ଚଳ ସମେତ ରାଜ୍ୟର କୋଣ ଅନୁକୋଣରୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ଏହି ବିଶାଳ ଜନସମୁଦ୍ରକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ବିଭିନ୍ନ ସ୍ୱେଚ୍ଛା ସେବୀ ସଂଗଠନ, ସାଇବାବା ଜଗତ କଲ୍ୟାଣ ମିଶନ ଟ୍ରଷ୍ଟ ପକ୍ଷରୁ ସଭାପତି ଶ୍ରୀଧର ସାହୁ, ସମ୍ପାଦକ ବାଦଲ କୁମାର ପତି, ସୁଶାନ୍ତ ମହାନ୍ତି, ପ୍ରଦୀପ ବିଶ୍ୱାଳ, ସୁରେଶ ରାଉତ, ନିମାଇଁ ନାୟକ, ତାଳଦା ଗ୍ରାମ ପଞ୍ଚାୟତର ସରପଞ୍ଚ ଦୀପକ ପରିଡ଼ା ଓ ସମାଜସେବୀ ବିଜନ ପରିଡା, କଂଗ୍ରେସ କମିଟି ପକ୍ଷରୁ ସତ୍ୟବ୍ରତ ପାତ୍ରଙ୍କ ନେତୃତ୍ୱରେ ସମ୍ପଦ ପଣ୍ଡା, ଉତ୍ତମ ନାୟକ, ପ୍ରସନ୍ନ ପ୍ରହରାଜ, ସଂଖ୍ୟାଲଘୁ ନେତା ସେକ୍ ଲିୟାକତ, ଆମ୍ ଆଦମୀ ପାର୍ଟି ପକ୍ଷରୁ ଜିଲ୍ଲା ଉପସଭାପତି ରବିନ୍ଦ୍ର ନାଥ ସାହୁ, ରମାକାନ୍ତ ସ୍ୱାଇଁ, ସୋନାଲି ରାଉତ, ଦୁଷ୍ମନ୍ତ ଦଳାଇ, ଉମାକାନ୍ତ ସାହୁ, ଲିଙ୍ଗରାଜ ପାତ୍ର, ଶେକ ତୋଇବା, ସେକ ମୁମତାଜ, କାକଟପୁର ନିର୍ବାଚନ ମଣ୍ଡଳୀ ଉପସଭାପତି ରମେଶ ଚନ୍ଦ୍ର ମହାନ୍ତି, ନୀଳାଦ୍ରି ଗ୍ରୁପ, ସରସ୍ୱତୀ ଶିଶୁବିଦ୍ୟାମନ୍ଦିର, ରାମକୃଷ୍ଣ ଶିଶୁମନ୍ଦିର, ଜାହାନ ପବ୍ଲିକ ସ୍କୁଲ, ଏସଟି ଜାଭିୟର, ପ୍ରଜାପିତା ବ୍ରହ୍ମା କୁମାରୀ, କାକଟପୁର ହାଇସ୍କୁଲ, କାକଟପୁର ଗ୍ରାମ ପଞ୍ଚାୟତ, କେବିଇଏମ୍ କିଡ୍ସ ବିଦ୍ୟାଳୟ ଓ ବିଜେଡି ପକ୍ଷରୁ ପ୍ରାଣକୃଷ୍ଣ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ସମସ୍ତଙ୍କୁ ଦହି ପଣା ବଣ୍ଟନ କରାଯାଇଥିଲା। ଆଇନ ଶୃଙ୍ଖଳା ରକ୍ଷା କରିବା ସହ ଲୋକଙ୍କ ସୁରକ୍ଷା ପାଇଁ କାକଟପୁର ପୋଲିସ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବଳୟ ପ୍ରସ୍ତୁତ କରାଯାଇଥିଲା। ବିଭିନ୍ନ ଛକରେ ପୋଲିସ ମୁତୟନ ହୋଇ ଟ୍ରାଫିକ ନିୟନ୍ତ୍ରଣ କରିଥିଲେ।

## ଜିଲ୍ଲାପାଳଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି



**ଆଠଗଡ଼,୭।୪/ଏନ୍‌ଏନ୍‌ଏସ୍:** ବ୍ଲକ କାର୍ଯ୍ୟାଳୟଠାରେ ଆଜି ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣିରେ ସମୁଦାୟ ୮୪ଟି ଅଭିଯୋଗ ହୋଇଥିଲା। ତନ୍ମଧ୍ୟରୁ ୬୩ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୨୧ଟି ସାମୁହିକ ଅଭିଯୋଗ ରହିଥିଲା। ଏହି ଅଭିଯୋଗ ଶୁଣାଣି କାଳରେ ଆରକ୍ଷୀ ଅଧିକ୍ଷକ ବିନୀତ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ କମଲଜିତ୍ ଦାସ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକ ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମାଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସ୍ଥାନୀୟ ଲୋକମାନଙ୍କର ଉପସ୍ଥିତିରେ ବାର୍ଦ୍ଧକ୍ୟ ଭତ୍ତା, ଶିକ୍ଷା, କୃଷି ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜିକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଠାରେ ସୂଚନାଯୋଗ୍ୟ ଆସନ୍ତା ୧୩ ତାରିଖରେ ମାହାଙ୍ଗା ବ୍ଲକ ଠାରେ ଯୁଗ୍ମ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ।

## ବୟାଳିଶମୌଜାରେ ବିଜେପିର ମିଶ୍ରଣ ପର୍ବ




**ବୟାଳିଶମୌଜା,୭।୪/ଏନ୍‌ଏନ୍‌ଏସ୍:** କଟକ ସଦର ବ୍ଲକ ଅନ୍ତର୍ଗତ ୪୨ ମୌଜାରେ ରବିବାର ବିଜେପିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ମିଶ୍ରଣପର୍ବରେ କଟକ ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ, କଟକ ଜିଲ୍ଲା ସଭାପତି ସୁକାନ୍ତ ବିଶ୍ୱାଳ, ଜିଲ୍ଲା ଉପସଭାପତି ସୁରେଶ ଚନ୍ଦ୍ର ଜେନା, ଆମ୍ବାର ସଭାପତି ରମା ପ୍ରସାଦ ବିଶ୍ୱାଳ, ମଣ୍ଡଳ ସଭାପତି ସୁଧାଂଶୁ ନାରାୟଣ ଦାସ, ଚିତ୍ତରଞ୍ଜନ ସାହୁ, ପ୍ରବେଶ ରାଉତ, ସମ୍ପାଦକ ସତ୍ୟଦୀପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମିଶ୍ରଣପର୍ବରେ ବେଣ୍ଟକାର ସମିତି ସଭ୍ୟ ବିନୋଦ ବେହେରା, ପ୍ରଭାତ ଖଟୁଆ, ଚିତ୍ତରଞ୍ଜନ ରଥ, ଉଦୟ ନାଥ ରାଉତଙ୍କ ସମେତ ୨୦୦ରୁ ଅଧିକ ପୁରୁଷ ଓ ମହିଳା ବିଜେପିରେ ସାମିଲ ହୋଇଥିଲେ। ଇଂ. ଅଶୋକ ବିଶ୍ୱାଳ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ପ୍ରିୟ ରଞ୍ଜନ ଖଟୁଆ, ବିଜୟ ରାଉତରାୟ, ପୀୟୁଷ ପରିଡ଼ା, ନାରାୟଣ ମୁଦୁଲି, ପରମାନନ୍ଦ ଚୌଧୁରୀ, ଉଦୟ ନାଥ ରାଉତ, ସୁଧୀର ଛୋଟରାୟ, ପ୍ରଭାତ ଦେବତା, ସୁଭନ୍ୟାସ ମହାନ୍ତି, ଅର୍ଜୁନ ଦାସ, ପ୍ରେମାନନ୍ଦ ମହାରଣା, ସନ୍ତୋଷ ସାହାଣୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଅଭୟ ମିଶ୍ର ସ୍ମାରକୀ ଭଲିବଲ୍ ଟୁର୍ଣ୍ଣାମେଣ୍ଟ୍

**ସାକ୍ଷୀଗୋପାଳ,୭।୪/ଏନ୍‌ଏନ୍‌ଏସ୍:** ସତ୍ୟବାଦୀ ଅନ୍ତର୍ଗତ ବୁଢାକେରା ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି ୧୧ମ ବାର୍ଷିକ ଡ଼ ଅଭୟ ମିଶ୍ର ସ୍ମାରକୀ ସ୍ମାରକୀ ଜିଲ୍ଲାସ୍ତରୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ ୨୦୨୬। ଚଳିତ ବର୍ଷ ଏହି କ୍ରୀଡ଼ା ସମାରୋହରେ ୬ଟି ଭଲିବଲ କ୍ଲବ ଅଂଶଗ୍ରହଣ କରିଥିଲେ। ଆଜିର ଟୁର୍ଣ୍ଣାମେଣ୍ଟର ବିଜେତା ଦଳ ଭୁବନେଶ୍ୱର ରେନବୋ ଓ ରନର୍ସଅପ୍ ବାରହଲକୁ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ରତିକାନ୍ତ ମିଶ୍ର, ସମ୍ମାନିତ ଅତିଥି ଭାବେ ଆଇନଜୀବୀ ଉପେନ୍ଦ୍ର ବିଶ୍ୱାଳ, ଗଡ଼ ବଳରାମପୁର ନାୟବ ସରପଞ୍ଚ ପ୍ରଶାନ୍ତ ବିଶ୍ୱାଳ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ସାମାଜିକ କର୍ମୀ ପବିତ୍ର କୁମାର ପରିଡା ପ୍ରମୁଖ ଉପସ୍ଥିତ ରହି ବିଜୟ ଟ୍ରଫି ପ୍ରଦାନ କରି ସମ୍ମାନିତ କରିଥିଲେ। ଶେଷରେ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ଦର୍ଶକଙ୍କ ମନୋରଂଜନ କରିଥିଲେ।

### ନାଗରିକଙ୍କ ସ୍ୱପ୍ନ ପୂରଣର ...

ଶକ୍ତିଶାଳୀ କରିବ। ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ନୂତନ ମେଡିକାଲ କଲେଜ, ବିଶ୍ୱବିଦ୍ୟାଳୟ ଓ ଓଉଟ ସୁବିଧା ସୃଷ୍ଟି ମାଧ୍ୟମରେ ସାଧାରଣ ଲୋକଙ୍କୁ ଉତ୍ତମ ସେବା ଯୋଗାଇ ଦିଆଯିବ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆସନ୍ତା ୧ରୁ ୧୪ ଏପ୍ରିଲ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ସ୍ତରରେ 'ଆମେ ଜାଣିବା, ଆମ ବଜେଟ' କାର୍ଯ୍ୟକ୍ରମ ଆୟୋଜିତ ହୋଇ ବଜେଟର ବିଭିନ୍ନ ପାର୍ଶ୍ୱକୁ ସରଳ ଭାଷାରେ ଲୋକଙ୍କ ନିକଟକୁ ପହଞ୍ଚାଯିବ। ସେ ଜନସାଧାରଣଙ୍କୁ ଏହି ପ୍ରକ୍ରିୟାରେ ସକ୍ରିୟ ଭାଗ ନେଇ ତାଙ୍କର ମତାମତ ପ୍ରଦାନ କରିବାକୁ ଆହ୍ୱାନ କରିଥିଲେ। ଏହି ବଜେଟ୍ ଓଡ଼ିଶାର ସ୍ୱାଭିମାନ ଓ ସମୃଦ୍ଧିର ଏକ ଶକ୍ତିଶାଳୀ ପ୍ରତିବିମ୍ବ ଅଟେ ଏବଂ ସମସ୍ତଙ୍କ ସହଯୋଗରେ ଓଡ଼ିଶାକୁ ଦେଶର ଅର୍ଥନୀତିର ଏକ ପ୍ରମୁଖ ଶକ୍ତିକେନ୍ଦ୍ରରେ ପରିଣତ କରାଯିବ। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଥିଲେ, ଆମର ଏହି ବଜେଟ୍ ହେଉଛି ନାଗରିକ କୈନ୍ଦ୍ରିକ ବଜେଟ୍। ସାଧାରଣ ଲୋକଙ୍କୁ ଦୃଷ୍ଟିରେ ରଖି ଆମର ଏହି ବଜେଟ୍ ପ୍ରସ୍ତୁତ କରାଯାଇଛି। ଏହି ବଜେଟ୍ ସଚେତନତା କର୍ମଶାଳା ଦ୍ୱାରା ସାଧାରଣ ଲୋକଙ୍କ ପାଇଁ ବଜେଟ୍‌ରେ ସ୍ଥାନିତ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ବିଷୟରେ ସେମାନେ ସଚେତନ ହେବେ ଓ ଏହାର ସୁଫଳ ସେମାନଙ୍କ ପାଖରେ ପହଞ୍ଚିବ। ଉକ୍ତ କର୍ମଶାଳାରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଦେଓ ରଞ୍ଜନ ସିଂହ, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ସଂଜୀବ ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ, ନିମନ୍ତ୍ରିତ ଅତିଥିବୃନ୍ଦ ଏବଂ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

### ସ୍ତ୍ରୀ'ଙ୍କୁ ହତ୍ୟା କରି ...

ସ୍ଥଳରେ ହିଁ ମୃତ୍ୟୁବରଣ କରିଥିଲେ। ଏହାପରେ ପରେ ଚିତ୍ରସେନ୍ ମଧ୍ୟ ଲୋକ ଲଜ୍ୟା ଭୟରେ ଘର ନିକଟ ଏକ ଗଛରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ଏହି ଘଟଣା ମଙ୍ଗଳବାର ଜଣାପଡିବା ପରେ ବେଲଗୁଣ୍ଠା ଓ ଭଞ୍ଜନଗର ଅଞ୍ଚଳରେ ତାହା ଚର୍ଚ୍ଚାର ବିଷୟ ହୋଇଛି। ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ହସ୍ପିଟାଲକୁ ପଠାଇଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି। ବେଲଗୁଣ୍ଠା ଅଞ୍ଚଳରେ ଘଟିଥିବା ଏହି ଦୁଃଖଦ ଓ ଅଭାବନୀୟ ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

## ବରୁଣେଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଅସ୍ତରଙ୍ଗ,୭।୪/ଏନ୍‌ଏନ୍‌ଏସ୍:** କାକଟପୁର ବ୍ଲକ ଅନ୍ତର୍ଗତ ବରୁଣେଇ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ, ମୁତୁଣିଆର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋରଞ୍ଜନ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମିତିସଭ୍ୟ ମନୋଜ କୁମାର ନାୟକ, ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ସମାଜସେବୀ ପ୍ରତାପ ଚନ୍ଦ୍ର ପରିଡା, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ ଅଧକ୍ଷ ବିଭୂତି ନାୟକ, ସିଆରସିସି ଏକବାଲ ହୋସେନ ଖାନ, ଅବସରପ୍ରାପ୍ତ ଶିକ୍ଷକ, ବିକ୍ରମ କିଶୋର ନାୟକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବୃନ୍ଦାବନ ଦଳାଇ, ବିଜୟ କୁମାର ଦଳାଇ, ପୂର୍ବତନ ସିଆରସିସି ଦୁର୍ଗାପ୍ରସାଦ ଦାଶ, ଶିକ୍ଷାବିତ ଅଶୋକ ପାଢିଆରୀ ଓ ସମାଜସେବୀ ଦିବାକର ସାହୁ ଉପସ୍ଥିତ ଥିଲେ। ଅତିଥିମାନେ ଅଭିଭାଷଣରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ନୈତିକ ଶିକ୍ଷା ଓ ଉତ୍ତମ ଚରିତ୍ର ଗଠନ ଉପରେ ଗୁରୁତ୍ୱ ଦେଇଥିଲେ। କାର୍ଯ୍ୟକ୍ରମରେ ବୃନ୍ଦାବନ ମଲ୍ଲିକ ମଞ୍ଚ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ଶିକ୍ଷକ ଯଶୋବନ୍ତ ଦଳାଇ, ପଦ୍ମଚରଣ ମଲ୍ଲିକ, ପାଣ୍ଡୁ ସିଂହ, ସରସ୍ୱତୀ ପରିଡା ଓ ମଧୁମିତା ସ୍ୱାଇଁ ସହଯୋଗ କରିଥିଲେ। ନୃତ୍ୟ ପରିଚାଳନା ସୌମ୍ୟରଞ୍ଜନ ସ୍ୱାଇଁ କରିଥିଲେ। ଉତ୍ସବରେ ଛାତ୍ରଛାତ୍ରୀମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରି ସମସ୍ତଙ୍କୁ ଆକର୍ଷିତ କରିଥିଲେ।

## ଆଜିର ଇତିହାସ

- ୧୮୩୧-ପ୍ରସିଦ୍ଧ ସମାଜ ସୁଧାରକ ରାଜା ରାମ ମୋହନ ରାୟ ଇଂଲଣ୍ଡ ପହଞ୍ଚିଥିଲେ।
- ୧୯୫୦-ଭାରତ-ପାକିସ୍ତାନ ମଧ୍ୟରେ ଲିୟାକତ୍-ନେହେରୁ ବୁଝାମଣା ହୋଇଥିଲା।
- ୧୯୮୫-ଭାରତ-ପାକିସ୍ତାନ ମଧ୍ୟରେ ସୀମା ଯୁଦ୍ଧ ଆରମ୍ଭ ହୋଇଥିଲା।
- ୨୦୦୮-ଆନ୍ଧ୍ରପ୍ରଦେଶ ଓ କର୍ଣ୍ଣାଟକର ସରକାରମାନେ ଶିଖମାନଙ୍କୁ ଅଳ୍ପସଂଖ୍ୟକ ବୋଲି ଘୋଷଣା କରିଥିଲେ।
- ୧୯୮୩-ତେଲୁଗୁ ଅଭିନେତା ଅଲ୍ଲୁ ଅର୍ଜୁନ ଏହି ଦିନ ଜନ୍ମଗ୍ରହଣ କରିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା,ନିମାପଡ଼ା, ପୁରୀ, ମୋ: ୯୭୭୭୨୫୨୨୪୦

**ମେଷ** - ଧନ-ଧାନ୍ୟ ବୃଦ୍ଧି ହେବ। ନେତୃତ୍ୱ ନେବାର କ୍ଷମତା ମଜଭୁତ ହେବ। ଆର୍ଥିକ ଉନ୍ନତି ପାଇଁ ନୂଆ ଅବସର ମିଳିବ। ବ୍ୟାପାରରେ ସଫଳତା ମିଳିଲେ ମନ ପ୍ରସନ୍ନ ରହିବ। ନୂଆ ଯୋଜନା ଆରମ୍ଭ କରିବେ।

**ବୃଷ** - ସମ୍ମାନ ଓ ପ୍ରତିଷ୍ଠା ବୃଦ୍ଧି ହେବ। କାର୍ଯ୍ୟକ୍ଷେତ୍ରରେ ଆପଣଙ୍କ ସ୍ଥିତି ମଜଭୁତ ହେବ। ସରକାରୀ କାମରେ ଲାଭ ପାଇବେ। ବ୍ୟବସାୟରେ ନୂଆ ଆଇଡିଆ ନେଇ ଆଗକୁ ବଢ଼ିବେ। ସ୍ୱାସ୍ଥ୍ୟ ପ୍ରତି ସଚେତନ ରହିବେ।

**ମିଥୁନ** - ଭାଗ୍ୟ ସାଥ୍ ଦେବ। ଅଟକିଥିବା କାମ ପୂରା ହେବ। ବ୍ୟାପାରରୁ ଲାଭ ପାଇବେ। ଧାର୍ମିକ ଗତିବିଧିରେ ରୁଚି ବଢ଼ିବ। ନୂଆ ଦାୟିତ୍ୱ ପାଇବେ। କୋର୍ଟ-କଚେରି ମାମଲାରୁ ଦୂରରେ ରୁହନ୍ତୁ।

**କର୍କଟ** - ରିସ୍କ ଥିବା କାମରୁ ଦୂରରେ ରୁହନ୍ତୁ। ସ୍ୱାସ୍ଥ୍ୟ ପ୍ରତି ସତର୍କ ରହିବେ। ବ୍ୟବସାୟରେ ଭାବିଚିନ୍ତି ନିର୍ଣ୍ଣୟ ନିଅନ୍ତୁ। ପୁରୁଣା ସାଙ୍ଗଙ୍କ ସହିତ ସାକ୍ଷାତ ହୋଇପାରେ। ଆର୍ଥିକ ସ୍ଥିତି ସାମାନ୍ୟ ରହିବ।

**ସିଂହ** - ଭାଗୀଦାରୀରେ କାମ କରିବା ଲାଭଦାୟକ ହେବ। ଆପଣଙ୍କ ବାଣୀ ଓ ବ୍ୟବହାର ଲୋକମାନଙ୍କୁ ପ୍ରଭାବିତ କରିବ। ଦାମ୍ପତ୍ୟ ଜୀବନରେ ସୁଧାର ଆସିବ। ଆର୍ଥିକ ସ୍ଥିତି ସ୍ଥିର ରହିବ।

**କନ୍ୟା** - ସେବା ଓ ପରୋପକାରରେ ଦିନଟି ବିତିବ। ଚାକିରି କ୍ଷେତ୍ରରେ ଖୁବ୍ ଭଲ ପ୍ରଦର୍ଶନ କରିବେ। ପରିବାରରେ ସମସ୍ୟାର ସମାଧାନ ହେବ। ସମ୍ପର୍କୀୟଙ୍କ ଘରକୁ ଯାଇପାରନ୍ତି।

**ତୁଳା** - ଆର୍ଥିକ ସ୍ଥିତି ମଜଭୁତ ରହିବ। ପୁରୁଣା ମତଭେଦ ଦୂର ହେବ। ନୂଆ ଅବସର ପାଇବେ। ଲୋକଙ୍କ ସହଯୋଗ ହାସଲ କରିବେ। ପାର୍ଟନର ସହିତ ସମ୍ପର୍କ ମଜଭୁତ ହେବ। ଜଙ୍କ୍ ଫୁଡ୍ ନ ଖାଇଲେ ଭଲ।

**ବିଛା** - ସମ୍ପତ୍ତି କିଣିବା ପାଇଁ ଉଚିତ ସମୟ। ଶୀଘ୍ର ନିର୍ଣ୍ଣୟ ନିଅନ୍ତୁ ନାହିଁ। ନିଜ ଉପରେ କାମ କରିବାର ଅଛି। ଅନ୍ୟ ଉପରେ ନିର୍ଭର କଲେ କ୍ଷତି ସହିବେ। ନିବେଶ ପାଇଁ ସଠିକ୍ ସମୟ।

**ଧନୁ** - ସାମାଜିକ କ୍ଷେତ୍ରରେ ପ୍ରତିଷ୍ଠା ବୃଦ୍ଧି ହେବ। କାର୍ଯ୍ୟକ୍ଷେତ୍ରରେ ସଫଳତା ପାଇବେ। କାମକାର୍ଯ୍ୟରେ ମନ ଲାଗିବ। ସାଙ୍ଗଙ୍କୁ ଆର୍ଥିକ ସହାୟତା କରିବେ। ନିବେଶ ମାମଲାରେ ନିଷ୍ପତ୍ତି ନେଇପାରନ୍ତି।

**ମକର** - ସୁଖ-ସୁବିଧା ବୃଦ୍ଧି ହେବ। ବ୍ୟାପାରରେ ଲାଭ ପାଇବେ। ମାନ-ସମ୍ମାନ ବୃଦ୍ଧି ହେବ। ଅଫିସ୍‌ରେ ବୋର୍ ହୋଇପାରନ୍ତି। ପରିଶ୍ରମର ଫଳ ପାଇବେ। ଲାଭର ଯୋଗ ଅଛି। ସ୍ୱାସ୍ଥ୍ୟ ସାମାନ୍ୟ ରହିବ।

**କୁମ୍ଭ** - ଭୌତିକ ସୁଖ-ସୁବିଧା ବୃଦ୍ଧି ହେବ। ଶ୍ୱଶୁର ଘର ପକ୍ଷରୁ ଲାଭାନ୍ୱିତ ହେବେ। ଖର୍ଚ୍ଚ ବୃଦ୍ଧି ହେବ। ସମ୍ପର୍କରେ ମଜଭୁତି ଆସିବ। ସ୍ୱାସ୍ଥ୍ୟ ସାମାନ୍ୟ ରହିବ। ପରିବାର ସହିତ ସମୟ ବିତାନ୍ତୁ।

**ମୀନ** - ସାବଧାନ ହୋଇ କାମ କରିବାର ଆବଶ୍ୟକତା ରହିଛି। ଖର୍ଚ୍ଚ ଉପରେ ନିୟନ୍ତ୍ରଣ ରଖନ୍ତୁ। ଶୀଘ୍ରତା ନକଲେ ଭଲ। ଅତିଚିନ୍ତନରୁ ଦୂରରେ ରୁହନ୍ତୁ। ଚାକିରି ପାଇଁ ଅପେକ୍ଷା କରିବାକୁ ପଡ଼ିବ।

## ଶ୍ରୀମଦ୍ ଭଗବଦ୍‌ଗୀତା



ତାନହଂ ଦ୍ୱିଷତଃ କ୍ରୁରାନ୍ ସଂସାରେଷୁ ନରାଧମାନ୍।
କ୍ଷିପାମ୍ୟଜସ୍ରମଶୁଭାନାସୁରୀଷ୍ୱେବ ଯୋନିଷୁ। (୧୬/୧୯)

ଆମ୍ଭେ ସେହି ଦ୍ୱେଷ ପରବେଶ କ୍ରୁରକର୍ମୀ ଅମଙ୍ଗଳକାରୀ ନରାଧମମାନଙ୍କୁ ସଂସାରରେ ବ୍ୟାଘ୍ର, ସର୍ପ ଆଦି ପାପ ଯୋନିରେ ପୁନଃ ପୁନଃ ନିକ୍ଷେପ କରୁ। ଅର୍ଥାତ ଈଶ୍ୱର ସମସ୍ତ ପ୍ରାଣୀଙ୍କ ପ୍ରତି ସମାନ, ତାଙ୍କର ବାଛ ବିଚାର କାହାପ୍ରତି ନାହିଁ। କିନ୍ତୁ ସେ ଅସୁର ସ୍ୱଭାବର ଲୋକଙ୍କୁ ବାରମ୍ବାର ବ୍ୟାଘ୍ର ସର୍ପ ଆଦି ଯୋନିରେ ନିକ୍ଷେପ କରନ୍ତି। ବାସ୍ତବରେ ଦେଖିବାକୁ ଗଲେ ମନୁଷ୍ୟ ନିଜର ଆସୁରିକ କର୍ମ ଯୋଗୁ ନୀଚ ଯୋନି ପ୍ରାପ୍ତ କରେ। ଏହା ହିଁ ଈଶ୍ୱରଙ୍କର ପ୍ରଣିଧାନ।

# ସର୍ବୋଚ୍ଚ ଜ୍ୟୋତି ବିନ୍ଦୁ



ପରମାତ୍ମା ବା ସୁପ୍ରିମ୍ ୱିଙ୍ଗ୍ ଏକ ସର୍ବୋଚ୍ଚ ଜ୍ୟୋତି ବିନ୍ଦୁ ଯାହାଙ୍କୁ ସବୁ ଆତ୍ମାମାନେ ସ୍ମରଣ କରନ୍ତି। କିନ୍ତୁ ସମୟାନୁସାରେ ଯେତେବେଳେ ଆମେ ନିଜ ମନ ଓ ବୁଦ୍ଧି ସହିତ ତାଙ୍କୁ ଯୋଡ଼ନ୍ତି ଆମେ ଅନୁଭବ କରନ୍ତି ଯେ ସେ କେବଳ ଏକ ବୀଜ ନୁହନ୍ତି, ସେ ହେଉଛନ୍ତି ଏକ ଜୀବିତ ବୀଜ ଯାହାଙ୍କର ନିଜର ଏକ ଅନୁପମ ବ୍ୟକ୍ତିତ୍ୱ ରହିଛି। କାହା ସହିତ ଏହି ବ୍ୟକ୍ତିତ୍ୱର ମେଳ ଖାଏ ନାହିଁ-ସେ ହେଉଛନ୍ତି ଏକ ଆଧ୍ୟାତ୍ମିକ ସତ୍ୟ, ସୁନ୍ଦର, ପବିତ୍ର, ଉଦାର, ପ୍ରେମମୟ, ଶାନ୍ତିପୂର୍ଣ୍ଣ, ବିନମ୍ର, ଆନନ୍ଦ, ଶକ୍ତିମୟ ବ୍ୟକ୍ତିତ୍ୱ। ଆମେ ସାଧାରଣତଃ ବୀଜକୁ ନିଷ୍କ୍ରିୟ ବୋଲି ଭାବନ୍ତି କିନ୍ତୁ ତା' ମଧ୍ୟରେ ଏକ ଗଛ ଉତ୍ପନ୍ନ କରି ବଡ଼ କରିବାର କ୍ଷମତା ରହିଥାଏ। ପରମାତ୍ମା ହେଉଛନ୍ତି ମାନବ ବିଶ୍ୱ ବୃକ୍ଷର ସେହି ବୀଜ। ବୃକ୍ଷ ବୀଜର ରଚନା କରେ, ଯେପରି ବୀଜ ସେହିପରି ଫଳ। ତେଣୁ ଯାହା କିଛି ବି ସକାରାତ୍ମକ ସେସବୁ ସ୍ରୋତ ବୀଜ ଠାରୁ ହିଁ ଆସିଛି। କିନ୍ତୁ ଆଜିର ସମୟରେ ଶାନ୍ତି ଓ ଦୁଃଖ କମିବା ପରିବର୍ତ୍ତେ ଅଧିକ ବୃଦ୍ଧି ପାଉଛି। ଯଦି ଆମେ ଭୌତିକ ସଫଳତାର ମିଛ ପରତର ପଛଭାଗକୁ ଦେଖିବା ତେବେ ଭଲ ଗୁଣ ବା ଖୁସି ଆମକୁ ଦେଖାଯିବ ସେହି ଛୋଟ ଛୋଟ ଭାଗରେ। ତେଣୁ ଆଧ୍ୟାତ୍ମିକ ରୂପରେ ନିଜକୁ ଉଚ୍ଚ ସ୍ତରକୁ ଉଠେଇବା ପାଇଁ ପରମାତ୍ମାଙ୍କ ସକାରାତ୍ମକ ଉର୍ଜାକୁ ଧରି ରଖିବାର ଆବଶ୍ୟକତା ରହିଛି। ଏହା ସୂକ୍ଷ୍ମ ଉର୍ଜା ଅଟେ କିନ୍ତୁ ଭୌତିକ ନୁହେଁ। କିନ୍ତୁ ପ୍ରକାଶ ପରି ଏହା ଚମକଦାର। ଯୋଗ ଦ୍ୱାରା ଏହି ଚମକକୁ ଆମେ ଧରିପାରିବା, ତାକୁ ଅବଶୋଷିତ କରିପାରିବା। ସେହି ଆଧ୍ୟାତ୍ମିକ ଆଲିଙ୍ଗନକୁ ଅନୁଭବ କରିପାରିବା ଯାହା ଆମକୁ ଶ୍ରେଷ୍ଠ କରିପାରେ, ପୂର୍ଣ୍ଣ କିମ୍ବା ସମ୍ପୂର୍ଣ୍ଣ କରିପାରେ। ବର୍ତ୍ତମାନ ସମୟରେ ଏହି ଆବଶ୍ୟକତାକୁ ଚିହ୍ନି ଶୁଦ୍ଧ ବିଚାର ଓ କମ୍ପନ ମାଧ୍ୟମରେ, ପୂର୍ବାପେକ୍ଷା ଚମକଦାର ଭାବରେ, ଆଧ୍ୟାତ୍ମିକ ସମ୍ବନ୍ଧ ମାଧ୍ୟମରେ ଅନ୍ତର୍ନିହିତ ଗୁଣଗୁଡ଼ିକୁ ଅବଶୋଷିତ କରି ତାଙ୍କୁ ନିଜର କରି ନିଜର ଜନ୍ମସିଦ୍ଧ ଅଧିକାର, ସତ୍ୟତାର ବିରାସତକୁ ପୁନଃ ପ୍ରାପ୍ତି କରିପାରିବା।

# ବଙ୍କିମ ଚନ୍ଦ୍ର ଚାଟାର୍ଜୀ



ଦେଶର ମହାନ ଉପନ୍ୟାସକାର ଓ କବିଙ୍କ ମଧ୍ୟରୁ ଅନ୍ୟତମ ବଙ୍କିମ ଚନ୍ଦ୍ର ଚାଟାର୍ଜୀ ୨୬ ଜୁନ, ୧୮୩୮ରେ ପଶ୍ଚିମବଙ୍ଗର ୨୪ ପରଗନା ଜିଲ୍ଲାର କାଣ୍ଠଲପାଡ଼ା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ଇଂରେଜ ଶାସନ ବିରୁଦ୍ଧରେ ଯେତେବେଳେ ମଜବୁତ ଲଢ଼େଇ ଚାଲିଥିଲା ସେତେବେଳେ ସେ ନିଜର ଉଚ୍ଚ ଶିକ୍ଷା ଜାରି ରଖିଥିଲେ। ଶିକ୍ଷା ସମାପ୍ତ କରିବା ପରେ ସେ ଡେପୁଟି କଲେକ୍ଟର ପଦରେ ନିଯୁକ୍ତ ହୋଇ ଦେଶକୁ ୩୨ ବର୍ଷ ପର୍ଯ୍ୟନ୍ତ ନିଜର ସେବା ଦେଇଥିଲେ। ଜଣେ ସାହିତ୍ୟିକ ଭାବରେ ବଙ୍ଗାଳୀ ସାହିତ୍ୟକୁ ଜନମାନସ ପର୍ଯ୍ୟନ୍ତ ପହଞ୍ଚାଇଥିଲେ ବଙ୍କିମ ଚନ୍ଦ୍ର। ସାହିତ୍ୟ ସୃଜନ ସହିତ ଏକ ମାସିକ ପତ୍ରିକା ମଧ୍ୟ ସେ ଆରମ୍ଭ କରିଥିଲେ। ୧୯୦୫ରେ ବଙ୍ଗ ବିଭାଜନରେ ଜନମାନସ ବିରୁଦ୍ଧରେ ଅସନ୍ତୋଷ ସ୍ୱରର ଏକ ଆଧାର ଭାବରେ କାମ କରିଥିଲା ଏହି ପତ୍ରିକା। ସାହିତ୍ୟ କ୍ଷେତ୍ରରେ ଅମୂଲ୍ୟ ରଚନା ସହିତ ସେ ଲେଖିଥିବା ଗୀତ 'ବନ୍ଦେ ମାତରମ୍' ଭାରତୀୟ ସ୍ୱାଧୀନତା ସଂଗ୍ରାମ ସମୟରେ କ୍ରାନ୍ତିକାରୀମାନଙ୍କ ପାଇଁ ପ୍ରେରଣାସ୍ରୋତ ଓ ମୁଖ୍ୟ ଉଦ୍ଦେଶ୍ୟ ଭାବରେ କାମ କରିଥିଲା। ସ୍ୱାଧୀନତାର ଏହି ସଂଗ୍ରାମକୁ ଅଦ୍ଭୁତ ଶକ୍ତି ପ୍ରଦାନ କରିଥିଲା 'ବନ୍ଦେ ମାତରମ୍' ମନ୍ତ୍ର। କ୍ରାନ୍ତିକାରୀମାନଙ୍କ ପାଇଁ ଏହା ଥିଲା ପ୍ରେରଣାର ଉତ୍ସ। ପରବର୍ତ୍ତୀ ସମୟରେ ସ୍ୱାଧୀନ ଭାରତରେ ଏହା ରାଷ୍ଟ୍ରଗୀତର ମାନ୍ୟତା ପାଇଥିଲା। ଏହି ସୁନାମଧନ୍ୟ ବ୍ୟକ୍ତିତ୍ୱ ଜଣକ ୧୮୯୪ର ଆଜିର ଦିନରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ଭାରତ ସରକାର ତାଙ୍କ ସ୍ମୃତିରେ ୧୯୬୯ରେ ଏକ ସ୍ମାରକ ଡ଼ାକ ଟିକେଟ ମଧ୍ୟ ଜାରି କରିଥିଲେ।

# ପୁରୁଣା ଦୋସ୍ତି: ଅକ୍ଷୟ ଓ ତବୁ ଯୋଡ଼ି



ଦୀର୍ଘ ପଚିଶ ବର୍ଷ ପରେ ଫିଲ୍ମ 'ଭୂତ୍ ବଙ୍ଗଲା' ଜରିଆରେ ଏକା ସହିତ ନଜର ଆସିବେ ଅକ୍ଷୟ କୁମାର ଓ ତବୁ। ଫିଲ୍ମର ଟ୍ରେଲର୍ ଲଞ୍ଚ ସମୟରେ ଅକ୍ଷୟ କୁମାର, ତବୁଙ୍କ ସହିତ ଥିବା ଦୋସ୍ତି ବେଳର କିଛି ଘଟଣା ଲୋକମାନଙ୍କ ସହିତ ସେୟାର୍ କରିଛନ୍ତି। ୧୯୯୬ରେ ହିଟ୍ ଫିଲ୍ମ 'ତୁ ଚୋର୍ ମେ ସିପାହି'ରେ ଏହି ଯୋଡ଼ିକୁ ଦେଖିବାକୁ ମିଳିଥିଲା କିନ୍ତୁ ବହୁତ କମ୍ ଲୋକ ଜାଣିଥିବେ ଏହି ଦୁଇ ଜଣ ବଲିଉଡ୍‌କୁ ଆସିବା ପୂର୍ବରୁ ଖୁବ୍ ଭଲ ସାଙ୍ଗ ଥିଲେ। ଅକ୍ଷୟ କୁମାର ୩୯ ବର୍ଷ ପୂର୍ବରୁ ତବୁଙ୍କୁ ଚିହ୍ନିଥିବା ବିଷୟରେ କହିଛନ୍ତି। ଏ ଦୁଇ ଜଣ ଗୋଟିଏ ଡ୍ୟାନ୍ସ ଏକାଡେମୀକୁ ଡ୍ୟାନ୍ସ ଶିଖିବାକୁ ଯାଉଥିଲେ। ତେବେ ଶେଷ ଥର ପାଇଁ ଏହି ଯୋଡ଼ିଙ୍କୁ ଦେଖିବାକୁ ମିଳିଥିଲା ଫିଲ୍ମ 'ହେରା ଫେରୀ'ରେ ଯେଉଁ ଫିଲ୍ମଟିର ନିର୍ଦ୍ଦେଶନା ଦାୟିତ୍ୱରେ ଥିଲେ ପ୍ରିୟଦର୍ଶନ। ଏବେ ପଚିଶ ବର୍ଷ ପରେ ଫିଲ୍ମ 'ଭୂତ୍ ବଙ୍ଗଲା'ରେ ନଜର ଆସିବେ ଏହି ଯୋଡ଼ି। ଏହି ଫିଲ୍ମଟିର ନିର୍ଦ୍ଦେଶନା ଭାର ମଧ୍ୟ ଉଠାଇଛନ୍ତି ପ୍ରିୟଦର୍ଶନ। ପରେଶ ରାୱଲ୍, ରାଜପାଲ୍ ଯାଦବ, ଭାମିକା ଗଜି, ମିଥିଲା ପାଲ୍‌କର ଓ ଦିବଂଗତ ଅଭିନେତା ଆସ୍‌ରାନୀଙ୍କ ପରି କଳାକାରମାନେ ଏଥିରେ ମୁଖ୍ୟ ଭୂମିକାରେ ନଜର ଆସିବେ। ଫିଲ୍ମ 'ଭୂତ୍ ବଙ୍ଗଲା'ରେ ପୁଣି ଥରେ ଦେଖିବାକୁ ମିଳିବ କମେଡି-ହରର୍‌ର ତଡ଼କା। ଫିଲ୍ମଟି ୧୭ ଏପ୍ରିଲ୍‌ରେ ସିନେମା ଘରଗୁଡ଼ିକରେ ରିଲିଜ ହେବାର ଅଛି। ୱର୍କଫ୍ରଣ୍ଟ ଦୃଷ୍ଟିରୁ ଆଗାମୀ ଦିନରେ 'ଭୂତ୍ ବଙ୍ଗଲା' ବ୍ୟତୀତ ଅଭିଷେକ ପାଠକଙ୍କ ନିର୍ଦ୍ଦେଶିତ ଫିଲ୍ମ ଦୃଶ୍ୟମ୍-୩ (୨ ଅକ୍ଟୋବର) ଓ ପୁରୀ ଜଗନ୍ନାଥଙ୍କ ଦ୍ୱାରା ନିର୍ଦ୍ଦେଶିତ ତେଲୁଗୁ ଫିଲ୍ମ ସ୍ଲମ୍ ଡଗ୍-୩୩ ଟେମ୍ପଲ୍ ରୋଡ୍ (୨୪ ଏପ୍ରିଲ୍)ରେ ନଜର ଆସିବେ ତବୁ। ସେହିପରି ଅକ୍ଷୟ କୁମାରଙ୍କ ହାତରେ ରହିଛି ୱେଲକମ୍ ଟୁ ଦି ଜଙ୍ଗଲ୍-୩, ହେୱାନ୍, ଭାଗମ୍ ଭାଗ୍-୨, ରାମ୍ ଔର୍ ଶ୍ୟାମ୍, ସାଇକୋ, ହେରା ଫେରୀ-୩, ରାଉଡ଼ି ରାଠୋର-୨ ଆଦି ଫିଲ୍ମ।

# କାହିଁକି ଖାସ୍ ଜେଡ୍ ପ୍ଲାଣ୍ଟ୍?

**ଆଜିକାଲି ପ୍ରତି ଲୋକ ନିଜ ଘର ହେଉ ବା ଅଫିସ୍‌କୁ ଇନ୍‌ଡୋର୍ ପ୍ଲାଣ୍ଟ୍‌ରେ ସଜେଇବାକୁ ଚାହୁଁଛନ୍ତି। କିନ୍ତୁ କିଛି ଗଛ କେବଳ ସାଜସଜ୍ଜା ପାଇଁ ନୁହେଁ, ଭାଗ୍ୟ ପରିବର୍ତ୍ତନରେ ବି ସହାୟକ ହୋଇଥାନ୍ତି। ବାସ୍ତୁ ଶାସ୍ତ୍ରରେ ରହିଛି ଏହିପରି ଏକ ଯାଦୁଇ ଗଛ ଯାହାର ନାମ ଜେଡ୍ ପ୍ଲାଣ୍ଟ୍। ଏହାକୁ ମନି ଟ୍ରି, ଫ୍ରେଣ୍ଡ୍‌ସିପ୍ ଟ୍ରି ଓ ଲକି ଟ୍ରି ବୋଲି ମଧ୍ୟ କୁହାଯାଏ। କୁହାଯାଏ ଯେ ଏହି ପ୍ଲାଣ୍ଟ୍ ଧନକୁ ଆକର୍ଷିତ କରିବାର ଅଦ୍ଭୁତ କ୍ଷମତା ରଖିଥାଏ। ତେବେ ଜେଡ୍ ପ୍ଲାଣ୍ଟକୁ ନେଇ କେଉଁ ପ୍ରକାରର ବାସ୍ତୁ ନିୟମ ରହିଛି ସେ ବିଷୟରେ ଜାଣିବା ଉଚିତ।**

**ଧନ ପାଇଁ ସଠିକ୍ ଦିଗ**-ବାସ୍ତୁ ଶାସ୍ତ୍ର ଅନୁସାରେ କୌଣସି ଗଛରୁ ପୂରା ଲାଭ ସେତେବେଳେ ମିଳେ ଯେବେ ଏହାକୁ ସଠିକ୍ ଦିଗରେ ରଖାଯାଏ। ଜେଡ୍ ପ୍ଲାଣ୍ଟ୍ ପାଇଁ ସଠିକ୍ ଦିଗ ହେଉଛି ପୂର୍ବ ବା ଦକ୍ଷିଣ-ପୂର୍ବ। ଦକ୍ଷିଣ-ପୂର୍ବ ଦିଗର ସ୍ୱାମୀ ହେଉଛନ୍ତି ଶୁକ୍ର ଗ୍ରହ ଯିଏ ଧନ ଓ ଐଶ୍ୱର୍ଯ୍ୟର କାରକ। ଏହି ଦିଗରେ ଜେଡ୍ ପ୍ଲାଣ୍ଟ୍ ଲଗାଇଲେ ଘରକୁ ସମୃଦ୍ଧି ଆସେ। ଅର୍ଥାଭାବ ସମସ୍ୟା ଶେଷ ହୁଏ।



**ମୁଖ୍ୟ ଦ୍ୱାର**- ଘରେ ଯଦି ସବୁବେଳେ ମା' ଲକ୍ଷ୍ମୀ ବାସ କରନ୍ତୁ ବୋଲି ଚାହୁଁଛନ୍ତି ତେବେ ଜେଡ୍ ପ୍ଲାଣ୍ଟ୍‌କୁ ମୁଖ୍ୟ ଦ୍ୱାର ପାଖରେ ରଖନ୍ତୁ। ଏପରି କରିବା ଦ୍ୱାରା ଘରେ ପ୍ରବେଶ କରୁଥିବା ଉର୍ଜା ସକାରାତ୍ମକ ହୋଇଯାଏ ଓ ପରିବାର ସଦସ୍ୟଙ୍କ ମଧ୍ୟରେ ପ୍ରେମଭାବ ବୃଦ୍ଧି ହୁଏ।

**ଅଫିସ୍ ବା ୱାର୍କ ଡେସ୍କ**- ଚାକିରିରେ ପ୍ରମୋଶନ ନ ମିଳୁଥିଲେ ବା ବ୍ୟବସାୟରେ କ୍ଷତି ହେଉଥିଲେ ୱାର୍କ ଡେସ୍କ ବା ଅଫିସ୍ ଟେବୁଲ୍ ଉପରେ ଏକ ଛୋଟ ଜେଡ୍ ପ୍ଲାଣ୍ଟ୍ ଲଗାନ୍ତୁ। ଏହା କେବଳ ଯେ ଷ୍ଟ୍ରେସ୍ କମ୍ କରିବ ତାହା ନୁହେଁ ଆଖପାଖର ନକାରାତ୍ମକତା ଦୂର କରିବା ଉପରେ ଧ୍ୟାନ କେନ୍ଦ୍ରିତ କରିବ।

**କେଉଁଠି ରଖିବେ ନାହିଁ**-ବାସ୍ତୁ ଶାସ୍ତ୍ରରେ ରହିଛି କିଛି କଠିନ ନିୟମ। ଜେଡ୍ ପ୍ଲାଣ୍ଟ୍‌କୁ କେବେ ବି ବେଡ୍‌ରୁମ୍ ବା ବାଥ୍‌ରୁମ୍‌ରେ ରଖିବା ଉଚିତ ନୁହେଁ। ଘରର ଅନ୍ଧାର କୋଣରେ ମଧ୍ୟ ଏହି ଗଛକୁ ରଖାଯାଏ ନାହିଁ। କାରଣ ଏହାକୁ ସୂର୍ଯ୍ୟକିରଣର ଆବଶ୍ୟକ ହୁଏ।

**କିପରି ଯତ୍ନ ନେବେ**-ଜେଡ୍ ପ୍ଲାଣ୍ଟ୍ ଏକ ସକ୍ୟୁଲେଣ୍ଟ ବୃକ୍ଷ ଯାହାକୁ ବହୁତ ଅଧିକ ପାଣିର ଆବଶ୍ୟକ ହୁଏ ନାହିଁ। ବାସ୍ତୁ କହେ ଯେ ଝାଉଁଳି ଯାଇଥିବା ବା ଶୁଖି ଯାଇଥିବା ଗଛ ଘରେ ରଖିଲେ ଏହା ଦୁର୍ଭାଗ୍ୟକୁ ଡ଼ାକି ଆଣେ। ଯଦି ଗଛଗୁଡ଼ିକ ଶୁଖିଯାଉଛନ୍ତି ତେବେ ସେଗୁଡ଼ିକୁ ତୁରନ୍ତ ହଟେଇ ଦେବା ଉଚିତ। ସବୁଜ ଓ ସୁସ୍ଥ ଜେଡ୍ ପ୍ଲାଣ୍ଟ୍ ଆପଣଙ୍କ ଜୀବନରେ ଆନନ୍ଦ ଓ ଉନ୍ନତି ନେଇ ଆସିବ।

# କ୍ରାନ୍ତିକାରୀ ମଙ୍ଗଳ ପାଣ୍ଡେ

କୌଣସି ଘଟଣା ଶେଷ ହେଲେ ସେଥିରୁ ଏକ ନୂଆ ସମୟର ଆରମ୍ଭ ହୋଇଥାଏ। ଏହି କଥାଟି ପ୍ରମାଣିତ ହୋଇଛି ସଂଗ୍ରାମୀ ମଙ୍ଗଳ ପାଣ୍ଡେଙ୍କ ଜୀବନରେ। ତାଙ୍କ ଜୀବନ ଶେଷ ହେବା ପରେ ହିଁ ଆରମ୍ଭ ହୋଇଥିଲା ଦେଶର ସ୍ୱାଧୀନତା ସଂଗ୍ରାମ। ଦେଶ ସ୍ୱାଧୀନ ହେଲା ୧୫ ଅଗଷ୍ଟ, ୧୯୪୭ରେ। କିନ୍ତୁ ଏହି ସ୍ୱାଧୀନତା ପ୍ରାପ୍ତ କରିବା ପାଇଁ ଦେଶବାସୀଙ୍କୁ କରିବାକୁ ପଡ଼ିଥିଲା ଅନେକ ସଂଘର୍ଷ। ଇଂରେଜ ଶାସନ ବିରୁଦ୍ଧରେ ୧୮୫୭ରେ ପ୍ରଥମ ଆନ୍ଦୋଳନ ଆରମ୍ଭ କରିଥିଲେ ମଙ୍ଗଳ ପାଣ୍ଡେ। ସେ ଦେଶର ଏପରି ଜଣେ ବୀର ସୁପୁତ୍ର ଥିଲେ ଯିଏ ଲୋକମାନଙ୍କୁ ସନ୍ଦେଶ ଦେଇଥିଲେ ଯେ ଯଦି ଆମେ କିଛି କରିବା ପାଇଁ ଚାହିଁବା ତେବେ କୌଣସି କାମ କଷ୍ଟକର ନୁହେଁ। ତାଙ୍କର ଅତୁଟ ସାହସ ଓ ଇଂରେଜ ବିରୋଧୀ ରଣନୀତି ପାଇଁ ସ୍ୱାଧୀନତା ସଂଗ୍ରାମକୁ ଗତି ମିଳିଥିଲା ଓ ଆମେ ସ୍ୱାଧୀନ ହୋଇଥିଲେ।



ଜୀବନୀ-ମଙ୍ଗଳ ପାଣ୍ଡେ ୧୯ ଜୁଲାଇ, ୧୮୨୭ରେ ଉତ୍ତରପ୍ରଦେଶର ବଲିଆ ଜିଲ୍ଲାର ଏକ ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରିଥିଲେ। ମାତ୍ର ୨୨ ବର୍ଷରେ ସେ ଯୋଗ ଦେଇଥିଲେ ଇଷ୍ଟ ଇଣ୍ଡିଆ କମ୍ପାନୀରେ। ବଙ୍ଗର ନେଟିଭ୍ ଇନ୍‌ଫ୍ୟାଣ୍ଟ୍ରିର ୩୪ ବାଟାଲିୟନ୍‌ରେ ସାମିଲ ହୋଇଥିଲେ ମଙ୍ଗଳ ପାଣ୍ଡେ। ସେହି ବାଟାଲିୟନ୍‌ରେ ଅଧିକ ସଂଖ୍ୟାରେ ବ୍ରାହ୍ମଣମାନେ ଭର୍ତ୍ତି ହେଉଥିବାରୁ ମଙ୍ଗଳ ପାଣ୍ଡେଙ୍କର ଚୟନ ହୋଇଯାଇଥିଲା। ଏହି ବାଟାଲିୟନ୍‌କୁ ଦିଆଯାଇଥିଲା ଲକ୍ଷ୍ୟଭେଦୀ ଅନ୍‌ଫିଲ୍ଡ ରାଇଫଲ୍। କିନ୍ତୁ ଏଥିରେ ଗୁଳି ଭରିବାର ପ୍ରକ୍ରିୟା ଥିଲା ବହୁତ ପୁରୁଣା। ଏହାର କାରତୁସ୍‌କୁ ଦାନ୍ତରେ ଖୋଲାଯାଏ ଯେଉଁ କାରଣରୁ ନିଜ ବାଟାଲିୟନ୍ ବିରୁଦ୍ଧରେ ବିଦ୍ରୋହ ଆରମ୍ଭ କରିଦେଇଥିଲେ ମଙ୍ଗଳ ପାଣ୍ଡେ। ଚର୍ବିବାଲା କାରତୁସ୍‌କୁ ମୁହଁରେ ଲଗାଇ ଖୋଲିବାକୁ ମନା କରିଦେବାରୁ ତାଙ୍କୁ ଗିରଫ କରାଯାଇଥିଲା ଓ ୧୮୫୭ର ଆଜିର ଦିନରେ ଇଂରେଜ ସରକାର ତାଙ୍କୁ ଫାଶୀ ଦେଇଥିଲେ। ଏହି ଘଟଣା ସ୍ୱାଧୀନତା ସଂଗ୍ରାମରେ ଘିଅ ଢ଼ାଳିବା ପରି କାମ କରିଥିଲା ଓ ପରବର୍ତ୍ତୀ ସମୟରେ ଏହି ଘଟଣା ଉଗ୍ର ରୂପ ଧାରଣ କରିଥିଲା।



# ଅନ୍ତରୀକ୍ଷରେ ରେକର୍ଡ

ପାଖାପାଖି ଅର୍ଦ୍ଧ ଶତାବ୍ଦୀରୁ ଅଧିକ ବର୍ଷ ପୂର୍ବରୁ ମଣିଷ ପହଞ୍ଚିଥିଲା ଚନ୍ଦ୍ରପୃଷ୍ଠରେ। ସେ ସମୟରେ ପୂରା ବିଶ୍ୱ ଆଶ୍ଚର୍ଯ୍ୟଚକିତ ହୋଇଯାଇଥିଲା। କିନ୍ତୁ ଏବେ ପୁଣି ଥରେ ଇତିହାସ ପୃଷ୍ଠାରେ ଏକ ନୂଆ ପୃଷ୍ଠା ଯୋଡ଼ି ହୋଇଛି। ନାସାର ଆର୍ଟେମିସ୍-୨ ମିଶନ କେବଳ ଯେ ଚନ୍ଦ୍ରର ଚତୁଃପାର୍ଶ୍ୱରେ ଘୂରି ବୁଲିବ ତାହା ନୁହେଁ ଏହା ଏପରି କାରନାମା କରିବାକୁ ଯାଉଛି ଯାହା ପୂର୍ବରୁ କେବେ ହୋଇପାରି ନାହିଁ। ମଣିଷ ଏବେ ପୃଥିବୀପୃଷ୍ଠରୁ ଏତେ ଦୂରକୁ ଯାଇଛି ଯେଉଁ ରାସ୍ତାର ଦୂରତା ମାପିବା ସାଧାରଣ ଲୋକ ପକ୍ଷରେ ସମ୍ଭବପର ନୁହେଁ। ୧୯୭୦ରେ ଆପୋଲୋ-୧୩ ମିଶନ ସମୟରେ ଆଷ୍ଟ୍ରୋନଟ୍ସ ପୃଥିବୀ ଠାରୁ ପାଖାପାଖି ୪,୦୦,୧୭୧ କି.ମି ଦୂର ପର୍ଯ୍ୟନ୍ତ ଯାଇଥିଲେ। ଏହା ଆଜି ପର୍ଯ୍ୟନ୍ତ ଲମ୍ବା ଦୂରତା ଭାବରେ ଏକ ରେକର୍ଡ ହୋଇ ରହିଥିଲା। କିନ୍ତୁ ନାସା ଅନୁସାରେ ଆର୍ଟେମିସ୍-୨ ଏହି ରେକର୍ଡକୁ ଧରାଶାୟୀ କରିଦେଇଛି। ଏହି ମିଶନ ନାସା ପାଇଁ ଏକ ଐତିହାସିକ ଉପଲବ୍ଧି ବୋଲି କୁହାଯାଇପାରେ। କାରଣ ଓରିୟନ୍ ସ୍ପେସ୍‌କ୍ରାଫ୍ଟ ଏବେ ଡିପ୍ ସ୍ପେସ୍‌ରେ ପ୍ରବେଶ କରିସାରିଛି ଯେଉଁଠାରେ ପୂର୍ବରୁ ଆପୋଲୋ ମିଶନଗୁଡ଼ିକର ପ୍ରଭାବ ରହିଥିଲା। ତେବେ ବର୍ତ୍ତମାନ କ୍ରୁ ଏକ ବହୁତ ଗୁରୁତ୍ୱପୂର୍ଣ୍ଣ ଚରଣରେ ଅଛନ୍ତି ଯେଉଁଠାରେ ସେମାନେ ଅନ୍ତରୀକ୍ଷ ଯାନର ସିଷ୍ଟମ୍ସର ପରୀକ୍ଷଣ କରିବା ସହିତ ଚନ୍ଦ୍ରର ଦୂରସ୍ଥ ଓ ଅସମତଳ ଭାଗଗୁଡ଼ିକର ସମ୍ମୁଖୀନ ହେବେ। ଏହି ଦୂରତା ଚନ୍ଦ୍ରପୃଷ୍ଠର ଦୂରତା ଠାରୁ ଯଥେଷ୍ଟ ଅଧିକ। ଦଶ ଦିନର ଏହି ମିଶନରେ ଯାଇଛନ୍ତି ଚାରି ଜଣ ମହାକାଶଚାରୀ। ଏହି ମିଶନରେ ଚନ୍ଦ୍ରର ଫାର୍ ସାଇଡ୍ ବା ସେହି ଭାଗ ଯାହା ପୃଥିବୀପୃଷ୍ଠରୁ ଦେଖାଯାଏ ନାହିଁ ତା'ର ୧୦,୦୦୦ କି.ମି ଉପର ଦେଇ ସେମାନେ ଅତିକ୍ରମ କରୁଛନ୍ତି। ବର୍ତ୍ତମାନ ସମୟରେ ଘଣ୍ଟା ପ୍ରତି ୪୦,୦୦୦ କି.ମି ଦ୍ରୁତଗତିରେ ସେମାନେ ଯାତ୍ରା କରୁଛନ୍ତି। ଯେତେବେଳେ ଏହି ଯାନ ପୃଥିବୀର ବାୟୁମଣ୍ଡଳରେ ପ୍ରବେଶ କରିବ ଏହାର ଗତି ଆହୁରି ଦ୍ରୁତତର ହେବ ଯେଉଁ କାରଣରୁ ଏହି ଘର୍ଷଣ ୨,୭୦୦ ଡିଗ୍ରୀ ପର୍ଯ୍ୟନ୍ତ ତାପମାନ ସୃଷ୍ଟି କରିବ। ଏହା ଏ ପର୍ଯ୍ୟନ୍ତ କୌଣସି ମାନବ ମିଶନର ପୃଥିବୀପୃଷ୍ଠରେ ଦ୍ରୁତ ପ୍ରବେଶ ହେବ। ଏହାର ମୁଖ୍ୟ ଉଦ୍ଦେଶ୍ୟ ଓରିୟନ୍ ସ୍ପେସ୍‌କ୍ରାଫ୍ଟର ଲାଇଫ୍ ସପୋର୍ଟ ସିଷ୍ଟମ୍ ଓ ମ୍ୟାନୁଭରିଂ (ଦିଗ ପରିବର୍ତ୍ତନ କ୍ଷମତାର ଯାଞ୍ଚ କରିବା)। ଯଦି ଏହା ସଫଳ ରହିଲା ତେବେ ଆର୍ଟେମିସ୍-୩ ମିଶନ ଜରିଆରେ ମଣିଷମାନେ ପୁଣି ଥରେ ଚନ୍ଦ୍ରପୃଷ୍ଠରେ ଓହ୍ଲେଇବା ସମ୍ଭବପର ହୋଇପାରିବ।



## ଆଜିର ମ୍ୟାଚ୍

ଦିଲ୍ଲୀ କ୍ୟାପିଟାଲ୍ସ ବନାମ ଗୁଜରାଟ ଟାଇଟନ୍ସ

ସମୟ: ସନ୍ଧ୍ୟା ୭.୩୦, ସ୍ଥାନ: ଦିଲ୍ଲୀ

### ବାଂଲାଦେଶ କ୍ରିକେଟ୍ ବୋର୍ଡ ଭଙ୍ଗ

# ବୁଲ୍‌ବୁଲ୍ ଆଉଟ୍, ତମିମ୍ ଇକ୍‌ବାଲ୍ ନୂଆ ବସ୍



**ଢାକା,୭।୪/ଏଜେନ୍ସି:** ବଂଲାଦେଶ କ୍ରିକେଟ୍‌ରେ ବଡ଼ ପ୍ରଶାସନିକ ପରିବର୍ତ୍ତନ ଘଟିଛି। ନାସ୍‌ନାଲ୍ ସ୍ପୋର୍ଟ୍ସ କାଉନ୍‌ସିଲ୍ (ଏନ୍‌ଏସ୍‌ସି) ମଙ୍ଗଳବାର ବାଂଲାଦେଶ କ୍ରିକେଟ୍ ବୋର୍ଡ (ବିସିବି)କୁ ଭଙ୍ଗ କରିଛି। ୨୦୨୫ର ବୋର୍ଡ ନିର୍ବାଚନରେ ବ୍ୟାପକ ଅନିୟମିତତା ଅଭିଯୋଗ ଉଠିଥିବା ପରେ ଏହି ପଦକ୍ଷେପ ନିଆଯାଇଛି। କ୍ରିକ୍‌ବଜ୍ ଅନୁସାରେ ଏନ୍‌ଏସ୍‌ସି ବର୍ତ୍ତମାନର ଅମିନୁଲ୍ ଇସ୍‌ଲାମ୍ ବୁଲ୍‌ବୁଲ୍‌ଙ୍କ ନେତୃତ୍ୱାଧୀନ ବୋର୍ଡକୁ ହଟାଇ ୧୧ ଜଣିଆ ଆଡ୍-ହକ୍ କମିଟି ଗଠନ କରିଛି। ଏହି ନୂଆ କମିଟିର ଦାୟିତ୍ୱ ପୂର୍ବତନ ବାଂଲାଦେଶ କ୍ୟାପ୍ଟେନ୍ ତମିମ୍ ଇକ୍‌ବାଲ୍‌ଙ୍କୁ ପ୍ରଦାନ କରାଯାଇଛି। ତମିମ୍‌ଙ୍କୁ ଆଡ୍-ହକ୍ କମିଟିର ସଭାପତି କରାଯାଇଥିବା ବେଳେ ରଶ୍ମୀ ଇସ୍‌ଲାମ୍, ମିର୍ଜା ୟାସିର୍ ଅବ୍ବାର୍, ସୟଦ୍ ଇବ୍ରାହିମ୍ ଅହମଦ, ଇସ୍‌ରାଫିଲ୍ ଖୋସରୁ, ମିହବ୍ବାଜୁଲ୍ ଆବେଦିନ୍ ନନ୍ନୁ, ଅତହର ଅଲୀ ଖାନ୍, ତଞ୍ଜିଲ୍ ଚୌଧୁରୀ, ସଲ୍‌ମାନ୍ ଇସ୍ପହାନି, ରଫିକୁଲ୍ ଇସ୍‌ଲାମ୍ ବାବୁ, ଫିହିମ୍ ସିହ୍ନା ଏବଂ ଅହର ଅଲୀ ଖାନ୍‌ଙ୍କୁ ସଦସ୍ୟ ନିଯୁକ୍ତ କରାଯାଇଛି। ଏନ୍‌ଏସ୍‌ସି ଖେଳ ନିର୍ଦ୍ଦେଶକ ଅମିନୁଲ୍ ଅହସାନ୍ କହିଛନ୍ତି, ଯାଞ୍ଚ କମିଟି ରିପୋର୍ଟରେ ନିର୍ବାଚନ ପ୍ରକ୍ରିୟାରେ ଗୁରୁତର ତ୍ରୁଟି ସାମ୍ନାକୁ ଆସିଛି। ତାଙ୍କ ଅନୁସାରେ ବୁଲ୍‌ବଲ୍‌ଙ୍କ ଦ୍ୱାରା ୧୦ ପୂର୍ବତନ କ୍ରିକେଟର୍‌ଙ୍କୁ ଏକତରଫା ନାମିତ କରିବା ନିର୍ବାଚନ ଉପରେ ପ୍ରଭାବ ପକାଇବାର ସମ୍ଭାବନା ଥିଲା ଏବଂ ଏହା ଦ୍ୱାରା ଫଳାଫଳକୁ ପ୍ରଭାବିତ କରିବାର ଆଶଙ୍କା ସୃଷ୍ଟି ହୋଇଛି। ସେ କହିଛନ୍ତି ଯେ ମନ୍ତ୍ରଣାଳୟ ଏବଂ ଏନ୍‌ଏସ୍‌ସିର ଯାଞ୍ଚ ଆଧାରରେ ଏହି କଡ଼ା ନିଷ୍ପତ୍ତି ନିଆଯାଇଛି। ଏହା ପୂର୍ବରୁ ବୋର୍ଡର ୬ ଜଣ ନିର୍ଦ୍ଦେଶକ ମଧ୍ୟ ପଦରୁ ଇସ୍ତଫା ଦେଇଥିଲେ। ଏନ୍‌ଏସ୍‌ସି ଏହି ନିଷ୍ପତ୍ତି ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି)କୁ ମଧ୍ୟ ଇମେଲ୍ ଜରିଆରେ ଜଣାଇଛି। ଏହା ସହିତ ନୂଆ ଆଡ୍-ହକ୍ କମିଟି ଆଗାମୀ ତିନିମାସି (୯୦ ଦିନ) ମଧ୍ୟରେ ନିର୍ବାଚନ କରାଇବ ବୋଲି ମଧ୍ୟ କୁହାଯାଇଛି। ଇତିମଧ୍ୟରେ ଆଡ୍-ହକ୍ କମିଟି ଏକ ନିର୍ବାଚିତ ବୋର୍ଡ ଭାବେ ସମସ୍ତ ପ୍ରଶାସନିକ ଓ କ୍ରିକେଟ୍ ସଞ୍ଚାଳନ ସହ ଜଡ଼ିତ ନିଷ୍ପତ୍ତି ନେବାକୁ ଅଧିକୃତ ହେବ। ଏନ୍‌ଏସ୍‌ସିର କହିବା କଥା, ଏହି ପଦକ୍ଷେପର ଉଦ୍ଦେଶ୍ୟ ଖେଳ ପ୍ରଶାସନରେ ପାରଦର୍ଶିତା ଆଣିବା, ଲୋକଙ୍କ ମଧ୍ୟରେ ଭରସା ସୃଷ୍ଟି ସହିତ କ୍ରିକେଟ୍‌ର ସମଗ୍ର ବିକାଶକୁ ସୁନିଶ୍ଚିତ କରିବା। ପରିଷଦ ଆଶା ପ୍ରକାଶ କରିଛି ଯେ ଆଇସିସି ଠାରୁ ଖୁବ୍‌ଶୀଘ୍ର ଏହି ନିଷ୍ପତ୍ତି ଉପରେ ସକାରାତ୍ମକ ପ୍ରତିକ୍ରିୟା ମିଳିବ।

# ନିଶାସକ୍ତ ଅବସ୍ଥାରେ ଡେଭିଡ୍ ୱାର୍ଣ୍ଣର୍ ଗିରଫ



**ସିଡ୍‌ନୀ,୭।୪/ଏଜେନ୍ସି:** ଅଷ୍ଟ୍ରେଲିଆର ମହାନ୍ ବ୍ୟାଟର୍ ଡେଭିଡ୍ ୱାର୍ଣ୍ଣର୍ ପୁଣିଥରେ ବିବାଦରେ ଛନ୍ଦି ହୋଇପଡ଼ିଛନ୍ତି। ସିଡ୍‌ନୀର ମାରୌବ୍ରା ଅଞ୍ଚଳରେ ତାଙ୍କୁ ନିଶାସକ୍ତ ଅବସ୍ଥାରେ ଗାଡ଼ି ଚଳାଉଥିବା ଅଭିଯୋଗରେ ଗିରଫ କରାଯାଇଛି। ରିପୋର୍ଟ ଅନୁସାରେ, ୱାର୍ଣ୍ଣର୍ ରବିବାର ବିଳମ୍ବିତ ରାତିରେ ନିଜ କାର୍ ଚଳାଇ ଯାଉଥିବା ବେଳେ ପୁଲିସ୍ ଦ୍ୱାରା କରାଯାଉଥିବା ର୍‌ୟାଣ୍ଡମ୍ ବ୍ରେଥ୍ ଟେଷ୍ଟରେ ସେ ବିଫଳ ହୋଇଥିଲେ। ନ୍ୟୁ ସାଉଥ୍ ୱେଲ୍ସ ପୁଲିସ୍ ବୟାନ ଅନୁସାରେ, ୱାର୍ଣ୍ଣର୍ ଟେଷ୍ଟିଂ ସ୍ଥାନ ପୂର୍ବରୁ ହିଁ ନିଜ ଗାଡ଼ି ଅଟକାଇ ପାର୍କ କରିଥିଲେ। ଏହାପରେ ଟ୍ରାଫିକ୍ ଏବଂ ହାଇୱେ ପାଟ୍ରୋଲିଂ ଅଧିକାରୀ ତାଙ୍କ ପାଖରେ ପହଞ୍ଚି ଯାଞ୍ଚ କରିଥିଲେ। ପ୍ରାରମ୍ଭିକ ଟେଷ୍ଟରେ ହିଁ ମଦ୍ୟପାନ କରିଥିବା ଜଣାପଡ଼ିଥିଲା। ଏହାପରେ ୱାର୍ଣ୍ଣର୍‌ଙ୍କୁ ଗିରଫ କରାଯାଇ ମାରୋବ୍ରା ଥାନାକୁ ନିଆଯାଇ ସେଠାରେ ତାଙ୍କ ବ୍ରେଥ୍ ଆନାଲିସିସ୍ ରିଡିଂ ୦.୧ ରେକର୍ଡ ହୋଇଥିଲା, ଯାହା ଆଇନଗତ ସୀମାର ପ୍ରାୟ ଦୁଇଗୁଣ ଥିଲା। ଏହି ମାମଲାରେ ଏବେ ତାଙ୍କୁ ଆସନ୍ତା ମାସରେ କୋର୍ଟରେ ହାଜର ହେବାକୁ ପଡ଼ିବ।

ଉଲ୍ଲେଖଯୋଗ୍ୟ, ୱାର୍ଣ୍ଣର୍ ୨୦୨୪ରେ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ସନ୍ନ୍ୟାସ ନେଇସାରିଛନ୍ତି ଏବଂ ଏବେ ଫ୍ରାଞ୍ଚାଇଜି କ୍ରିକେଟ୍‌ରେ ସକ୍ରିୟ ଅଛନ୍ତି। ସେ ୱେଷ୍ଟଇଣ୍ଡିଜ୍ ବିପକ୍ଷ ଦିନିକିଆ ସିରିଜ୍‌ର ଠିକ୍ ଚାରି ସପ୍ତାହ ପୂର୍ବରୁ ଅଚାନକ ଅବସର ଘୋଷଣା କରି ସମସ୍ତଙ୍କୁ ଚକିତ କରିଦେଇଥିଲେ। ସିଡ୍‌ନୀ କ୍ରିକେଟ୍ ଗ୍ରାଉଣ୍ଡରେ ପାକିସ୍ତାନ ବିପକ୍ଷ ନିଜର ଅନ୍ତିମ ଟେଷ୍ଟ ମ୍ୟାଚ୍ ପାଇଁ ପ୍ରସ୍ତୁତି ଚଳାଇଥିବା ବେଳେ ସେ ଏହି ନିଷ୍ପତ୍ତି ନେଇଥିଲେ। ୱାର୍ଣ୍ଣର୍ ଏବେ ପାକିସ୍ତାନ ସୁପର୍ ଲିଗ୍ (ପିଏସ୍‌ଏଲ୍)ରେ ଖେଳିବା ପାଇଁ ପ୍ରତ୍ୟାବର୍ତ୍ତନ କରିଛନ୍ତି। କିନ୍ତୁ ଆଇନଗତ ମାମଲାରୁ ବଞ୍ଚିବା ତାଙ୍କ ପାଇଁ ସହଜ ହେବନାହିଁ। ଏବେ ସମସ୍ତଙ୍କ ନଜର ମେ'ରେ ହେବାକୁ ଥିବା ତାଙ୍କ କୋର୍ଟରେ ହାଜର ଉପରେ ରହିଛି।

### ବୈଭବ ଓ ଯଶସ୍ୱୀଙ୍କ ବିସ୍ଫୋରଣ

# ମୁମ୍ବାଇ ଆଗରେ ୧୫୧ ରନ୍‌ର ଲକ୍ଷ୍ୟ



**ଗୁଆହାଟୀ,୭।୪/ଏଜେନ୍ସି:** ସ୍ଥାନୀୟ ବରସାପାରା ଷ୍ଟାଡିୟମ୍‌ରେ ମଙ୍ଗଳବାର ଖେଳାଯାଇଥିବା ରାଜସ୍ଥାନ ରୟାଲ୍ସ ଓ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ଆଇପିଏଲ୍ ୨୦୨୬ର ତ୍ରୟୋଦଶ ମ୍ୟାଚ୍ ବର୍ଷା କାରଣରୁ ୧୧ ଓଭର୍ ବିଶିଷ୍ଟ ହୋଇଛି। ପ୍ରାୟ ଅଢ଼େଇ ଘଣ୍ଟା ବିଳମ୍ବରେ ହୋଇଥିବା ଟସ୍‌ରେ ଜିତି ମୁମ୍ବାଇ ଇଣ୍ଡିଆନ୍ସ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ ପାଇଥିବା ରାଜସ୍ଥାନ ରୟାଲ୍ସ ବୈଭବ ସୂର୍ଯ୍ୟବଂଶୀ ଓ ଯଶସ୍ୱୀ ଜୟସ୍ୱାଲ୍‌ଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ୩ ୱିକେଟ୍ ହରାଇ ୧୫୦ ରନ୍ କରିଥିଲା।

ଜବାବରେ ୧୫୧ ରନ୍‌ର ଲକ୍ଷ୍ୟକୁ ପିଛା କରୁଥିବା ମୁମ୍ବାଇ ଇଣ୍ଡିଆନ୍ସ ଶେଷ ଖବର ବେଳକୁ ୫ ଓଭର୍‌ରେ ୫ ୱିକେଟ୍ ହରାଇ ୪୬ ରନ୍ କରିଥିଲା। ର୍‌ୟାନ୍ ରିକେଲ୍‌ଟନ୍ ୮, ରୋହିତ ଶର୍ମା ୫, ସୂର୍ଯ୍ୟକୁମାର ଯାଦବ ୬, କ୍ୟାପ୍ଟେନ୍ ହାର୍ଦ୍ଦିକ ପାଣ୍ଡ୍ୟା ୯ ଏବଂ ତିଲକ ବର୍ମା ୧୪ ରନ୍ କରି ଆଉଟ୍ ହୋଇଥିଲେ। ରାଜସ୍ଥାନ ପକ୍ଷରୁ ରବି ବିଷ୍ଣୋଇ ଦୁଇଟି ୱିକେଟ୍ ନେଇଥିବା ବେଳେ ଜୋଫ୍ରା ଆର୍ଚର୍, ନାନ୍ଦ୍ରେ ବର୍ଗର୍ ଏବଂ ସନ୍ଦୀପ ଶର୍ମାଙ୍କୁ ୧-୧ ସଫଳତା ମିଳିଥିଲା।

୧୧ ଓଭର୍ ବିଶିଷ୍ଟ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ ପାଇଥିବା ରାଜସ୍ଥାନ ରୟାଲ୍ସ ପକ୍ଷରୁ ବୈଭବ ସୂର୍ଯ୍ୟବଂଶୀ ଓ ଯଶସ୍ୱୀ ଜୟସ୍ୱାଲ୍ ଇନିଂସ୍ ଓପନ୍ କରିଥିଲେ। ଦୀପକ ଚହରଙ୍କ ପ୍ରଥମ ଓଭର୍‌ରେ ଯଶସ୍ୱୀ ୨୨ ରନ୍ କରିଥିବା ବେଳେ ବୁମ୍‌ରାଙ୍କ ପ୍ରଥମ ଓଭର୍‌ର ପ୍ରଥମ ବଲ୍‌ରେ ବୈଭବ ଛକା ମାରି ଖାତା ଖୋଲିଥିଲେ।

ଏହାପରେ ଦୁହେଁ ଆଉ ଅଟକି ନଥିଲେ ଏବଂ ତୃତୀୟ ଓଭର୍‌ରେ ହିଁ ଟିମ୍ର ସ୍କୋର୍ ୫୦ ରନ୍‌ରେ ପହଞ୍ଚିଥିଲା। ପଞ୍ଚମ ଓଭର୍‌ରେ ବୈଭବଙ୍କୁ ଆଉଟ୍ କରି ଶାର୍ଦ୍ଦୁଳ ଠାକୁର ରାଜସ୍ଥାନକୁ ପ୍ରଥମ ଝଟ୍‌କା ଦେଇଥିଲେ। ବୈଭବ ୧୪ ବଲ୍‌ରେ ୫ ଛକା ଓ ଗୋଟିଏ ଚୌକା ସହାୟତାରେ ୩୯ ରନ୍ କରିଥିଲେ। ଏହାପରେ ୬ଷ୍ଠ ଓଭର୍‌ରେ ଧ୍ରୁବ ଜୁରେଲ୍ ମାତ୍ର ୨ ରନ୍ କରି ଆଉଟ୍ ହୋଇଥିଲେ। ଇତିମଧ୍ୟରେ ଯଶସ୍ୱୀ ଅର୍ଦ୍ଧଶତକ ପୂରା କରିଥିଲେ। ରିୟାନ୍ ପରାଗ ୯ମ ଓଭର୍‌ରେ ୨୦ ରନ୍ କରି ଆଉଟ୍ ହୋଇଥିଲେ। ଶେଷରେ ଯଶସ୍ୱୀ ୩୨ ବଲ୍‌ରେ ଅପରାଜିତ ୭୭ ରନ୍ କରି ଟିମ୍‌ର ସ୍କୋର୍ ୧୫୦ ରନ୍‌ରେ ପହଞ୍ଚାଇଥିଲେ। ଯଶସ୍ୱୀଙ୍କ ଇନିଂସ୍‌ରେ ୧୦ ଚୌକା ଓ ୪ ଛକା ସାମିଲ ଥିଲା। ମୁମ୍ବାଇ ପକ୍ଷରୁ ଏଏମ୍ ଘଜନଫର୍ ୨ଟି ଏବଂ ଶାର୍ଦ୍ଦୁଳ ଗୋଟିଏ ୱିକେଟ୍ ପାଇଥିଲେ।

### ବ୍ୟାଡ୍‌ମିଣ୍ଟନ୍ ଏସିଆ ଚାମ୍ପିଅନ୍‌ଶିପ୍

## ଦ୍ୱିତୀୟ ରାଉଣ୍ଡରେ ଧ୍ରୁବ-ତନୀଷା ଯୋଡ଼ି

**ନୂଆଦିଲ୍ଲୀ,୭।୪/ଏଜେନ୍ସି:** ଧ୍ରୁବ କପିଳା ଓ ତନୀଷା କାଷ୍ଟ୍ରୋଙ୍କ ମିକ୍ସଡ୍ ଡବଲ୍ସ ଯୋଡ଼ି ମଙ୍ଗଳବାର ଚୀନ୍‌ର ନିଙ୍ଗବୋରେ ଚାଲିଥିବା ବ୍ୟାଡ୍‌ମିଣ୍ଟନ୍ ଏସିଆ ଚାମ୍ପିଅନ୍‌ଶିପ୍‌ର ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଧ୍ରୁବ ଓ ତନୀଷାଙ୍କ ଯୋଡ଼ି ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ଥାଇଲାଣ୍ଡର୍ ଫୁଓ୍ୱାନାତ୍ ହୋର୍ବାନ୍‌ଲୁଏକିତ୍ ଓ ବେନ୍ୟାପାରା ଆଇମ୍‌ସାର୍ଡଙ୍କୁ ୨୧-୧୪, ୧୧-୨୧, ୨୧-୧୫ରେ ହରାଇଛନ୍ତି। ତେବେ ଅନ୍ୟ ଏକ ମ୍ୟଚ୍‌ରେ ରୋହନ୍ କପୁର ଓ ରୁତ୍ୱିକା ଗାଡ୍ଡେ ମାଲେସିଆର ଅଷ୍ଟମ ସିଡ୍ ଗୋହ ସୁନ୍ ହୁଆତ୍ ଓ ଲାଇ ଶେଭନ୍ ଜେମିଙ୍କଠାରୁ ୧୩-୨୧, ୧୯-୨୧ରେ ହାରି ବିଦାୟ ନେଇଛନ୍ତି। ସେହିପରି ଆଶିଥ୍ ସୂର୍ଯ୍ୟା ଓ ଅମୃତା ପ୍ରମୁଥେଶ୍ ୧୬-୨୧, ୧୫-୨୧ରେ ମାଲେସିଆର ୱଙ୍ଗ୍ ତିଏନ୍ ସି ଓ ଲିମ୍ ଚିୟୁ ସିଏନ୍‌ଙ୍କଠାରୁ ପରାଜିତ ହୋଇ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି।

ବୁଧବାରଠାରୁ ଟୁର୍ଣ୍ଣାମେଣ୍ଟର ସିଙ୍ଗଲ୍ସ ପ୍ରତିଯୋଗିତା ଆରମ୍ଭ ହେବ। ପୁରୁଷ ସିଙ୍ଗଲ୍ସରେ ଅଲ୍ ଇଂଲଣ୍ଡ ଚାମ୍ପିଅନ୍‌ଶିପ୍ ରନର୍ସଅପ୍ ଲକ୍ଷ୍ୟ ସେନ୍‌ଙ୍କ ମୁକାବିଲା ହଂକଂର ଲି ଚିୟୁକ୍ ୟୁ'ଙ୍କ ସହ ହେବ। ସେହିପରି ମହିଳା ସିଙ୍ଗଲ୍ସରେ ଦୁଇଥରର ଅଲିମ୍ପିକ୍ ପଦକ ବିଜେତା ପିଭି ସିନ୍ଧୁ ମାଲେସିଆର ୱୋଙ୍ଗ୍ ଲିଙ୍ଗ୍ ଚିଙ୍ଗ୍‌ଙ୍କୁ ଭେଟିବେ। ଭାରତୀୟ ପୁରୁଷ ଟିମ୍‌ରେ ଲକ୍ଷ୍ୟଙ୍କ ବ୍ୟତୀତ କିଦାମ୍ବୀ ଶ୍ରୀକାନ୍ତ, ଏଚ୍‌ଏସ୍ ପ୍ରଣୟ ଏବଂ ଆୟୁଷ ସେଟ୍ଟୀ ରହିଛନ୍ତି। ମହିଳା ଟିମ୍‌ରେ ସିନ୍ଧୁଙ୍କ ସହ ତନ୍‌ଭୀ ଶର୍ମା, ଉନ୍ନତି ହୁଡା ଓ ମାଳବିକା ବନ୍‌ସୋଡ୍ ପ୍ରତିଦ୍ୱନ୍ଦ୍ୱିତା କରିବେ।

### ଆଇଏସ୍‌ଏସ୍‌ଏଫ୍ ଶୁଟିଂ ବିଶ୍ୱକପ୍

## ବିଶ୍ୱ ରେକର୍ଡ ସହ ପଲକ ଓ ମୁକେଶଙ୍କୁ ୧୦ ମିଟର ଏୟାର୍ ପିସ୍ତଲ ସ୍ୱର୍ଣ୍ଣ



**ନୂଆଦିଲ୍ଲୀ,୭।୪/ଏଜେନ୍ସି:** ଭାରତୀୟ ଶୁଟର୍ ପଲକ ଓ ମୁକେଶ ନେଲାଭାଲି ଗ୍ରାନାଡ଼ାରେ ଅନୁଷ୍ଠିତ ଆଇଏସ୍‌ଏସ୍‌ଏଫ୍ (ରାଇଫଲ୍ ଓ ପିସ୍ତଲ୍) ବିଶ୍ୱକପ୍‌ରେ ମଙ୍ଗଳବାର ୧୦ ମିଟର୍ ଏୟାର୍ ପିସ୍ତଲ୍ ମିକ୍ସଡ୍ ଟିମ୍ ଇଭେଣ୍ଟରେ ବିଶ୍ୱ ରେକର୍ଡ ସହିତ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଭାରତୀୟ ଯୋଡ଼ି ମୋଟ ୪୮୭.୭ ସ୍କୋର୍ ସହ ଶୀର୍ଷ ପୁରସ୍କାର ଜିତିଛନ୍ତି, ଯାହା ଏକ ଜୁନିୟର୍ ବିଶ୍ୱ ରେକର୍ଡ ମଧ୍ୟ। ଫାଇନାଲ୍‌ରେ ପଲକ୍ ୨୪୩.୦ ସ୍କୋର୍ କରିଥିବା ବେଳେ ମୁକେଶ ୨୪୪.୭ ସ୍କୋର୍ କରିଛନ୍ତି। କ୍ୱାଲିଫିକେସନ୍ ରାଉଣ୍ଡରେ ଏହି ଯୋଡ଼ି ଜୋରଦାର ପ୍ରଦର୍ଶନ ସହ ୫୮୧-୧୭ଏକ୍ସ ସ୍କୋର୍ କରି ଦ୍ୱିତୀୟ ସ୍ଥାନରେ ରହି ପଦକ ମ୍ୟାଚ୍‌ରେ ସ୍ଥାନ ସୁରକ୍ଷିତ କରିଥିଲେ।

ଚୀନ୍‌ର କ୍ୱାନ୍‌ସୁନ୍ ୟାଓ ଓ କାଇ ହୁ (୪୮୪.୪) ରୌପ୍ୟ ପଦକ ଜିତିଥିବା ବେଳେ ହଙ୍ଗେରୀର ଭେରୋନିକା ମେଜର୍ ଓ ଆକୋସ୍ କାରୋଲି ନାଗି ୪୧୪.୯ ସ୍କୋର୍ ସହିତ ବ୍ରୋଞ୍ଜ ପଦକ ଜିତିଛନ୍ତି। ୧୮ ବର୍ଷୀୟା ପଲକ୍ ୨୦୨୩ ଏସୀୟ କ୍ରୀଡ଼ାରେ ୧୦ ମିଟର ଏୟାର୍ ପିସ୍ତଲ୍ ଇଭେଣ୍ଟରେ ବ୍ୟକ୍ତିଗତ ସ୍ୱର୍ଣ୍ଣ ଏବଂ ଟିମ୍ ଇଭେଣ୍ଟରେ ରୌପ୍ୟ ପଦକ ଜିତି ପ୍ରସିଦ୍ଧି ଲାଭ କରିଥିଲେ। ୨୪୨.୧ ପଏଣ୍ଟର ଏସୀୟ କ୍ରୀଡ଼ା ରେକର୍ଡ ସ୍ଥାନ ସହ ସେ ୨୦୨୪ ପ୍ୟାରିସ୍ ଅଲିମ୍ପିକ୍ କୋଟା ମଧ୍ୟ ସୁରକ୍ଷିତ କରିଥିଲେ। ମୁକେଶ ଭାରତୀୟ ପିସ୍ତଲ ଶୁଟିଂରେ ଅନ୍ୟତମ ଉଦୀୟମାନ ତାରକା ଏବଂ ଜଣେ ଜୁନିୟର୍ ବିଶ୍ୱ ଚାମ୍ପିଅନ୍।

## ଦିଲ୍ଲୀ ବିପକ୍ଷରେ ଖେଳିବାକୁ ଗିଲ୍ ଫିଟ୍



**ନୂଆଦିଲ୍ଲୀ,୭।୪/ଏଜେନ୍ସି:** ଗୁଜରାଟ ଟାଇଟନ୍ସ କ୍ୟାପ୍ଟେନ୍ ଶୁଭମନ ଗିଲ୍ ମାଂସପେଶୀ ଯନ୍ତ୍ରଣାରୁ ସୁସ୍ଥ ହୋଇଛନ୍ତି। ଏବେ ବୁଧବାର ଏଠାରେ ଖେଳାଯିବାକୁ ଥିବା ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ମ୍ୟାଚ୍ ଖେଳିବେ। ଗିଲ୍ ମ୍ୟାଚ୍ ଖେଳିବା ପାଇଁ ସମ୍ପୂର୍ଣ୍ଣ ଫିଟ୍ ବୋଲି ତାଙ୍କ ଓପ୍ନିଂ ପାର୍ଟନର୍ ସାଇ ସୁଦର୍ଶନ ସ୍ପଷ୍ଟ କରିଛନ୍ତି। ମ୍ୟାଚ୍‌ର ଦିନକ ପୂର୍ବରୁ ସାଇ ସୁଦର୍ଶନ କହିଛନ୍ତି, ଗିଲ୍ ସମ୍ପୂର୍ଣ୍ଣ ଫିଟ୍ ଅଛନ୍ତି ଏବଂ ମ୍ୟାଚ୍ ଖେଳିବେ। ସୂଚନାଯୋଗ୍ୟ, ଆହତ କାରଣରୁ ଗିଲ୍ ଟିମ୍‌ର ପୂର୍ବ ମ୍ୟାଚ୍ ଖେଳିନଥିଲେ। ଟାଇଟନ୍ସକୁ ଏକ ଟପ୍-ହେଭି (ଶୀର୍ଷକ୍ରମ ଉପରେ ଉପରେ ଅଧିକ ନିର୍ଭରଶୀଳ) ବ୍ୟାଟିଂ ଟିମ୍ ଭାବେ ଜଣାଯାଇଥାଏ। ଗତ ମ୍ୟାଚ୍‌ରେ ସୁଦର୍ଶନ ଉନ୍ନତ ଆରମ୍ଭ ଦେଇଥିଲେ ମଧ୍ୟ ଟିମ୍‌ର ମଧ୍ୟକ୍ରମ ନିଜ କାମ ଠିକ୍ ଭାବେ କରିନଥିଲା। ବାମହାତୀ ଏହି ବ୍ୟାଟର୍ କହିଛନ୍ତି, ଟିମ୍‌କୁ ୱାଶିଂଟନ୍ ସୁନ୍ଦର ଏବଂ ଗ୍ଲେନ୍ ଫିଲିପ୍ସଙ୍କ ପରି ଖେଳାଳି ସାମିଲ ନିଜ ମଧ୍ୟକ୍ରମ ଉପରେ ପୂରା ଭରସା ରହିଛି। ସେ କହିଛନ୍ତି, ଯଦି ଶୀର୍ଷ ତିନି ବ୍ୟାଟର୍‌ଙ୍କ ମଧ୍ୟରୁ ଜଣେ ବି ଲମ୍ବା ସମୟ ପର୍ଯ୍ୟନ୍ତ କ୍ରିଜ୍‌ରେ ତିଷ୍ଠି ରହନ୍ତି ଏହା ଟିମ୍ ପାଇଁ ସର୍ବଦା ଉତ୍ତମ ହେବ।



### ବୋମା ମାଡ଼ରେ ୨ ଶିଶୁଙ୍କ ମୃତ୍ୟୁ, ଯବାନ୍‌ଙ୍କ ଗୁଳିରେ ୨ ମୃତ

# ମଣିପୁରରେ ପୁଣି ଗଲା ଜୀବନ



### ଦୁଇ ଅଏଲ୍ ଟ୍ୟାଙ୍କର ଏବଂ ଟ୍ରକ୍‌ରେ ନିଆଁ ଲଗାଇଲେ ବିକ୍ଷୋଭକାରୀ

### ସିଆର୍‌ପିଏଫ୍ କ୍ୟାମ୍ପ ଉପରେ ଆକ୍ରମଣ

**ଇମ୍ଫାଲ, ୭।୪/ଏଜେନ୍ସି:** ମଣିପୁରର ବିଷ୍ଣୁପୁର ଜିଲ୍ଲା ମୋଇରାଙ୍ଗ ତ୍ରୋଙ୍ଗଲାଓବି ଅଞ୍ଚଳରେ ସୋମବାର ବିଳମ୍ବିତ ରାତିରେ ଉଗ୍ରବାଦୀମାନେ ଏକ ଘର ଉପରକୁ ବୋମାମାଡ଼ କରିଥିବା ଏବଂ ଏଥିରେ ଜଣେ ୫ ବର୍ଷର ବାଳକ ଏବଂ ୬ ମାସର ଶିଶୁ କନ୍ୟାର ମୃତ୍ୟୁ ହୋଇଥିବା ନେଇ ସୂଚନା ମିଳିଛି। ପୁଲିସ୍ କହିଛି ଯେ, ଯେତେବେଳେ ଘର ଉପରେ ବୋମାମାଡ଼ ହୋଇଥିଲା ସେତେବେଳେ ପିଲାମାନେ ନିଜ ମା'ଙ୍କ ସହ ଶୋଇଥିଲେ। ମା' ମଧ୍ୟ ଏହି ଘଟଣାରେ ଗୁରୁତର ଆହତ ହୋଇଛନ୍ତି। ତେବେ ୨ ଶିଶୁଙ୍କ ମୃତ୍ୟୁ ପରେ ସ୍ଥାନୀୟ ଅଞ୍ଚଳରେ ବ୍ୟାପକ ହିଂସାକାଣ୍ଡ ସଂଘଠିତ ହୋଇଛି। ଘଟଣାର ପ୍ରତିବାଦରେ ସ୍ଥାନୀୟ ଲୋକମାନେ ମଙ୍ଗଳବାର ସକାଳୁ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେମାନେ ଅଞ୍ଚଳର ଏକ ପେଟ୍ରୋଲ ପମ୍ପ ନିକଟରେ ଦୁଇଟି ଅଏଲ୍ ଟ୍ୟାଙ୍କର ଏବଂ ଏକ ଟ୍ରକ୍‌ରେ ନିଆଁ ଲଗାଇ ଦେଇଛନ୍ତି। ମୋଇରାଙ୍ଗ ପୁଲିସ ଷ୍ଟେସନ ସମ୍ମୁଖରେ ଟାୟାର ଜଳାଇବା ସହ ଏକ ପୁଲିସ ଚୌକିକୁ ଭଙ୍ଗାରୁଜା କରିଛନ୍ତି। ପରେ ପରେ ଉତ୍ତ୍ୟକ୍ତ ଭିଡ଼ ଘଟଣାସ୍ଥଳରୁ ୧୦୦ ମିଟର ଦୂରରେ ଥିବା ସିଆରପିଏଫ୍ ଯବାନ୍‌ଙ୍କ କ୍ୟାମ୍ପ ଉପରେ ମଧ୍ୟ ଆକ୍ରମଣ କରିଥିଲେ। ଅନ୍ୟପକ୍ଷେ ଏମାନଙ୍କୁ ନିୟନ୍ତ୍ରଣ କରିବା ଉଦ୍ଦେଶ୍ୟରେ ସୁରକ୍ଷାକର୍ମୀମାନେ ଗୁଳି ଚଳାଇବାକୁ ବାଧ ହୋଇଥିବାବେଳେ ଏଥିଯୋଗୁ ୨ ଜଣଙ୍କ ମୃତ୍ୟୁ ହୋଇଥିବା ସ୍ପଷ୍ଟ ହୋଇଛି। ସେହିପରି ଅନ୍ୟ ୫ ବିକ୍ଷୋଭକାରୀ ଆହତ ହୋଇ ଏବେ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ବର୍ତ୍ତମାନର ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ମଣିପୁର ସରକାର ଇମ୍ଫାଲ ୱେଷ୍ଟ, ଇମ୍ଫାଲ ଇଷ୍ଟ, ଥୌବାଲ, କାକଚିଙ୍ଗ ଏବଂ ବିଷ୍ଣୁପୁର ଜିଲ୍ଲାରେ ୩ ଦିନ ପାଇଁ ଇଣ୍ଟରନେଟ୍ ଏବଂ ମୋବାଇଲ୍ ଡାଟା ସେବା ବନ୍ଦ କରିଦେଇଛନ୍ତି।

ମଣିପୁର ମୁଖ୍ୟମନ୍ତ୍ରୀ ୱାଇ. ଖେମଚାନ୍ଦ ସିଂହ ଆଜି ଆହତ ମହିଳାଙ୍କୁ ହସ୍ପିଟାଲରେ ଭେଟିଛନ୍ତି ଏବଂ ଦୁଇ ପିଲାଙ୍କ ମୃତ୍ୟୁ ପାଇଁ ଗଭୀର ଶୋକବ୍ୟକ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ଅପରାଧ ପାଇଁ ଦାୟୀ ବ୍ୟକ୍ତିମାନଙ୍କୁ ଚିହ୍ନଟ କରାଯିବ ଏବଂ ସେମାନଙ୍କ ବିରୋଧରେ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହି ଆକ୍ରମଣ ଏକ ବର୍ବର କାଣ୍ଡ ଏବଂ ମାନବିକତା ଉପରେ ସିଧାସଳଖ ଆକ୍ରମଣ। ମଣିପୁରରେ ବହୁ କଷ୍ଟରେ ମିଳିଥିବା ଶାନ୍ତିକୁ ବିଗାଡ଼ିବା ପାଇଁ ଏହା ଏକ ପ୍ରୟାସ। ପ୍ରକାଶ, ମଣିପୁରର ମୋଇରାଙ୍ଗ ତ୍ରୋଙ୍ଗଲାଓବି ଅଞ୍ଚଳ ଚୁରାଚାନ୍ଦପୁରର ପାହାଡ଼ିଆ ଅଞ୍ଚଳ ନିକଟରେ ରହିଛି। ମଣିପୁରରେ ଏକ ବର୍ଷ ପର୍ଯ୍ୟନ୍ତ ରାଷ୍ଟ୍ରପତି ଶାସନ ଲାଗୁ ହୋଇଥିଲା, ପରେ ୱାଇ. ଖେମଚାନ୍ଦ ସିଂହ ରାଜ୍ୟର ନୂଆ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ।

## ଇସ୍ତଫା ଦେଲେ ଏୟାର୍ ଇଣ୍ଡିଆ ସିଇଓ



**ନୂଆଦିଲ୍ଲୀ,୭।୪/ଏଜେନ୍ସି:** ଟାଟା ଗ୍ରୁପ୍ ମାଲିକାନାରେ ଥିବା ଏୟାରଲାଇନ୍ସ ଏୟାର ଇଣ୍ଡିଆର ସିଇଓ କ୍ୟାମ୍ପବେଲ୍ ୱିଲସନ୍ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ତେବେ ତାଙ୍କ କାର୍ଯ୍ୟକାଳ ଜୁଲାଇ ୨୦୨୭ ପର୍ଯ୍ୟନ୍ତ ରହିଥିବା ବେଳେ ଏବେ ସେ ଇସ୍ତଫା ଦେଇଛନ୍ତି। କିନ୍ତୁ ଆସନ୍ତା ସେପ୍ଟେମ୍ବର ମାସରେ ଅହମଦାବାଦ ବିମାନ ଦୁର୍ଘଟଣାର ଚୂଡ଼ାନ୍ତ ତଦନ୍ତ ରିପୋର୍ଟ ଆସିବାକୁ ଥିବାରୁ ସେ ଏହି ସମୟ ପର୍ଯ୍ୟନ୍ତ ଦାୟିତ୍ୱରେ ରହିବେ। ଏସବୁ ମଧ୍ୟରେ ଗତ ସପ୍ତାହରେ ଅନୁଷ୍ଠିତ କମ୍ପାନୀର ବୋର୍ଡ ବୈଠକରେ ତାଙ୍କ ଇସ୍ତଫା ଗ୍ରହଣ କରାଯାଇଥିବା ନେଇ ସୂଚନା ମିଳିଛି। ୱିଲସନ୍‌ଙ୍କୁ ୨୦୨୨ ମସିହାରେ ଏୟାର ଇଣ୍ଡିଆର ସିଇଓ ଏବଂ ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ଭାବେ ନିଯୁକ୍ତ କରାଯାଇଥିଲା। ଅନ୍ୟପକ୍ଷେ ଏବେ ଯେତେବେଳେ ୱିଲସନ୍‌ଙ୍କ ଇସ୍ତଫାକୁ ଗ୍ରହଣ କରିନିଆଯାଇଛି ସେତେବେଳେ କମ୍ପାନୀ ତାଙ୍କ ସ୍ଥାନରେ ଜଣେ ନୂଆ ସିଇଓଙ୍କୁ ଚୟନ ପ୍ରକ୍ରିୟା ମଧ୍ୟ ଆରମ୍ଭ କରିଦେଇଛି। ମୋଟମୋଟି ଅହମଦାବାଦ୍ ବିମାନ ଦୁର୍ଘଟଣା (୨୬୦ ଯାତ୍ରୀଙ୍କ ମୃତ୍ୟୁ) ପରେ ୱିଲସନ୍‌ଙ୍କ ଉପରେ ଚାପ ପଡ଼ିବା ଆରମ୍ଭ ହୋଇଥିଲା। ଏହାରି ମଧ୍ୟ ଏୟାରଲାଇନ୍ସ କମ୍ପାନୀକୁ ମଧ୍ୟ ଅନେକ କ୍ଷତି ସହିବାକୁ ପଡିଛି। ପ୍ରକାଶ, ଅହମଦାବାଦ୍ ବିମାନ ଦୁର୍ଘଟଣା ଘଟଣାରେ ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନ୍‌ଭେଷ୍ଟିଗେସନ ବ୍ୟୁରୋ (ଏଏଆଇବି) ୧୨ ଜୁଲାଇ ୨୦୨୫ରେ ଏହି ଦୁର୍ଘଟଣାର ପ୍ରାଥମିକ ରିପୋର୍ଟ ଜାରି କରିଥିଲେ। ଚୂଡ଼ାନ୍ତ ରିପୋର୍ଟ ଜୁନ୍ ୨୦୨୬ରେ ଆସିବାର ସମ୍ଭାବନା ଅଛି।

## ପବନ ଖେରାଙ୍କ ଘରେ ଆସାମ୍ ପୁଲିସର ଚଢ଼ାଉ

**ନୂଆଦିଲ୍ଲୀ, ଦିସ୍‌ପୁର, ୭।୪/ଏଜେନ୍ସି:** ଆସାମ ପୁଲିସର ଏକ ଟିମ୍ ମଙ୍ଗଳବାର ମଧ୍ୟାହ୍ନ ୧୨ଟାରେ ବରିଷ୍ଠ କଂଗ୍ରେସ ନେତା ପବନ ଖେରାଙ୍କ ଦିଲ୍ଲୀ ବାସଭବନରେ ପହଞ୍ଚି ଛାନ୍‌ବିନ୍ କରିଥିବା ସୂଚନା ମିଳିଛି। ଆସାମ୍ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମାଙ୍କ ପତ୍ନୀ ପବନଙ୍କ ବିରୋଧରେ ଏଫ୍‌ଆଇଆର୍ ରୁଜୁ କରାଇବା ପରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଦୁଇ ଦିନ ପୂର୍ବରୁ ପବନ, ହିମନ୍ତଙ୍କ ପତ୍ନୀ ରିନିକି ଭୂୟାଁ ଶର୍ମାଙ୍କ ବିରୋଧରେ ଅଭିଯୋଗ କରିଥିଲେ ଯେ ତାଙ୍କ ପାଖରେ ମିଶର, ଆଣ୍ଟିଗୁଆ-ବାରବୁଡା ଏବଂ ୟୁଏଇ ଭଳି ୩ ଦେଶର ନାଗରିକତାଜନିତ ପାସପୋର୍ଟ ରହିଛି। ଆସାମରେ ବିଧାନସଭା ନିର୍ବାଚନ ପ୍ରଚାର କରିବା ସମୟରେ ପବନ ଖେରା ଏପରି କିଛି ବୟାନ୍ ଦେଇଥିଲେ। କିନ୍ତୁ ହିମନ୍ତଙ୍କ ପତ୍ନୀ ଏପ୍ରକାର ଅଭିଯୋଗ ବିରୋଧରେ ପୁଲିସ୍ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି ଏବଂ ପବନ୍ ଖେରାଙ୍କ ବିରୋଧରେ ମାମଲା ରୁଜୁ କରିଛନ୍ତି। ଆଜିର ଚଢ଼ଉ ସମୟରେ ପବନ ଘରେ ଉପସ୍ଥିତ ନଥିଲେ, ସେ ହାଇଦ୍ରାବାଦ୍ ଚାଲିଯାଇଥିବା ଜାଣିବାକୁ ମିଳିଛି। ତେଣୁ ଆସାମ ପୁଲିସ ତାଙ୍କୁ ପଚରାଉଚରା କରିବା ପାଇଁ ଅପେକ୍ଷା କରିଛି। ସେମାନଙ୍କ ସହ ଦିଲ୍ଲୀ ପୁଲିସ ମଧ୍ୟ ଉପସ୍ଥିତ ଅଛି। ଅନ୍ୟପକ୍ଷେ ମୁଖ୍ୟମନ୍ତ୍ରୀ ହିମନ୍ତ କହିଛନ୍ତି 'ଯେଉଁମାନେ ଅଭିଯୋଗ କରିଥିଲେ, ସେମାନେ ଏବେ ଫେରାର ଅଛନ୍ତି। ଅଖିଳ ଗୋଗୋଇ ମଧ୍ୟ ଫେରାର ହେବେ। ଅଖିଳ ଗୋଗୋଇ ଜଣେ ପିଲା, ଆମକୁ ବଡ଼ ମାଛମାନଙ୍କୁ ଧରିବାର ଅଛି ବୋଲି ହିମନ୍ତ କହିଛନ୍ତି। ଆଜିର ଏହି ଚଢ଼ଉ ସମ୍ପର୍କରେ ହିମନ୍ତ କହିଛନ୍ତି, ଆଇନ୍ ତା' ବାଟରେ କାମ କରିବ। ଆସାମରେ ଏପ୍ରିଲ ୯ ତାରିଖରେ ମତଦାନ ହେବ। ଆଜି ସନ୍ଧ୍ୟା ୫ଟାରେ ନିର୍ବାଚନ ପ୍ରଚାର ଶେଷ ହେବ। ଏସବୁ ମଧ୍ୟରେ ହିମନ୍ତ ଏବଂ ତାଙ୍କ ପତ୍ନୀ ୩ ପାସପୋର୍ଟ ଥିବା ଅଭିଯୋଗକୁ ମିଥ୍ୟା ବୋଲି ଦର୍ଶାଇଛନ୍ତି।

### ସାବରୀମାଳା ମନ୍ଦିରରେ ମହିଳାଙ୍କ ପ୍ରବେଶ ପ୍ରସଙ୍ଗ

# ୩ ଦିନ ଅଛୁଆଁ, ୪ର୍ଥ ଦିନରେ କାହିଁକି ନୁହେଁ

### ସମାଧାନ କୋର୍ଟ ପାଖରେ ନୁହେଁ, ସଂସଦ କିମ୍ବା ବିଧାନସଭା ପାଖରେ ଅଛି: କେନ୍ଦ୍ର

**ନୂଆଦିଲ୍ଲୀ,୭।୪/ଏଜେନ୍ସି:** ମଙ୍ଗଳବାର ସୁପ୍ରିମକୋର୍ଟର ୯ ଜଣିଆ ସାମ୍ବିଧାନିକ ଖଣ୍ଡପୀଠ ସାବରୀମାଳା ମନ୍ଦିରରେ ମହିଳାଙ୍କ ପ୍ରବେଶକୁ ଅନୁମତି ଦେବା ନଦେବା ପ୍ରସଙ୍ଗରେ ଶୁଣାଣି ଆରମ୍ଭ କରିଛନ୍ତି। ପ୍ରଥମ ଦିନର ଶୁଣାଣିରେ ଖଣ୍ଡପୀଠ ଦୀର୍ଘ ୫ ଘଣ୍ଟା ଧରି ଉଭୟ କେନ୍ଦ୍ର ସରକାର, ରାଜ୍ୟ ସରକାର, ମନ୍ଦିର ପ୍ରଶାସନ ସହ ଆବେଦନକାରୀଙ୍କ ପକ୍ଷରୁ ଉପସ୍ଥାପନା କରାଯାଇଥିବା ଯୁକ୍ତିଗୁଡ଼ିକୁ ଶୁଣିଥିଲେ। କେନ୍ଦ୍ର ସରକାର ପ୍ରାରମ୍ଭରୁ ହିଁ ନିଜ ଯୁକ୍ତିରେ ସାବରୀମାଳା ମନ୍ଦିରରେ ରଜସ୍ରାବ ଭଳି ମାସିକ ଧର୍ମ ପାଳନ କରୁଥିବା ମହିଳାଙ୍କ ପ୍ରବେଶ କରିବା ଉପରେ ଲାଗୁ କରାଯାଇଥିବା କଟକଣାକୁ ସମର୍ଥନ କରିଥିଲେ। ସରକାର କହିଛନ୍ତି, "ସମସ୍ତ ବର୍ଗର ମହିଳାଙ୍କୁ ସାବରିମାଲା ମନ୍ଦିରରେ ପ୍ରବେଶ ଅନୁମତି ଦେବା ନେଇ ୨୦୧୮ରେ ସୁପ୍ରିମକୋର୍ଟ ଦେଇଥିବା ରାୟ ଏକ ଭୁଲ ନିଷ୍ପତ୍ତି ଥିଲା। ଏହି ମାମଲା ସମ୍ପୂର୍ଣ୍ଣ ଭାବରେ ଧାର୍ମିକ ବିଶ୍ୱାସ ଏବଂ ସାମ୍ପ୍ରଦାୟିକତାର ଅଧିକାର ବିଷୟରେ। ଧାର୍ମିକ ସ୍ଥଳରେ ମହିଳାଙ୍କ ପ୍ରବେଶ ପ୍ରସଙ୍ଗରେ ଦେଶର ନ୍ୟାୟପାଳିକା ହସ୍ତକ୍ଷେପ କରିପାରିବେ ନାହିଁ। ଯଦି କୌଣସି ପ୍ରଥା ଅବୈଜ୍ଞାନିକ ମନେହୁଏ, ତେବେ ସମାଧାନ କୋର୍ଟ ପାଖରେ ନୁହେଁ, ସଂସଦ କିମ୍ବା ବିଧାନସଭା ପାଖରେ ଅଛି।" ସରକାରଙ୍କ ଏପ୍ରକାର ଯୁକ୍ତି ଶୁଣିବା ପରେ ବିଚାରପତି ବିଭି. ନାଗରତ୍ନା କହିଛନ୍ତି, 'ଏହି ମାମଲାରେ ଅସ୍ପୃଶ୍ୟତା ବିରୁଦ୍ଧରେ ଥିବା ଅଧିକାର ଧାରା ୧୭ ଉପରେ କିପରି ନିଜ ଭାବନାକୁ ଉଲ୍ଲେଖ କରାଯିବ ସେନେଇ ସେ ଦ୍ୱନ୍ଦ୍ୱରେ ଅଛନ୍ତି। ଜଣେ ମହିଳା ଭାବରେ, ସେ ଏହା କହିବାକୁ ଚାହାନ୍ତି ଯେ ପ୍ରତି ମାସରେ ତିନି ଦିନ ପାଇଁ ମହିଳାଙ୍କୁ ଅସ୍ପୃଶ୍ୟ ବୋଲି ବିବେଚନା କରାଯିବ, କିନ୍ତୁ ଚତୁର୍ଥ ଦିନରେ ନୁହେଁ ଏହା କିପରି ସମ୍ଭବ ହୋଇପାରିବ? କୋର୍ଟଙ୍କ ଏହି ଟିପ୍ପଣୀ ସେତେବେଳେ ଆସିଥିଲା, ଯେତେବେଳେ କେନ୍ଦ୍ର ପକ୍ଷରୁ ହାଜର ହୋଇଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଥିଲେ ଯେ, ୨୦୧୮ର ସବରିମାଲା ରାୟରେ କୁହାଯାଇଥିଲା ଯେ, ୧୦ରୁ ୫୦ ବର୍ଷ ବୟସର ମହିଳାମାନଙ୍କୁ ମନ୍ଦିର ପ୍ରବେଶରୁ ବାରଣ କରିବା ସମ୍ବିଧାନର ଅନୁଚ୍ଛେଦ ୧୭ ଅନୁଯାୟୀ ଅସ୍ପୃଶ୍ୟତା ପ୍ରଥା ସହିତ ସମାନ।

ଜଷ୍ଟିସ ନାଗରତ୍ନା କହିଛନ୍ତି ଯେ, ଯଦି କୌଣସି ସାମାଜିକ କୁସଂସ୍କାର ବା ଖରାପ ପ୍ରଥା ରହିଥାଏ, ଯାହାକୁ ଧାର୍ମିକ ପ୍ରଥାର ନାମ ଦିଆଯାଇଛି, ତେବେ ଅଦାଲତ ସେମାନଙ୍କ ମଧ୍ୟରେ ପାର୍ଥକ୍ୟ ଦର୍ଶାଇ ପାରିବେ ଯେ ତାହା ବାସ୍ତବିକ ଏକ ସାମାଜିକ କୁସଂସ୍କାର କିମ୍ବା ଏକ ଅନିର୍ବାର୍ଯ୍ୟ (ଆବଶ୍ୟକୀୟ) ଧାର୍ମିକ ପ୍ରଥା। ଏହା ଉପରେ କେନ୍ଦ୍ର କହିଛି ଯେ, ସାମ୍ବିଧାନିକ ଦୃଷ୍ଟିକୋଣରୁ ଏସବୁର ସମାଧାନ ଅନୁଚ୍ଛେଦ ୨୫(୨)(ବି) ରେ ରହିଛି, ଅର୍ଥାତ୍ ସଂସଦ ଏହା ଉପରେ କାନୁନ୍ ବା ଆଇନ ପ୍ରଣୟନ କରିପାରିବ। ପ୍ରକାଶ, ଦେଶରେ ଥିବା ଧାର୍ମିକ ସ୍ଥଳଗୁଡ଼ିକରେ ମହିଳାଙ୍କ ପ୍ରତି ହେଉଥିବା ଭେଦଭାବ ସମ୍ପର୍କରେ ଏହି ପ୍ରଶ୍ନଗୁଡ଼ିକ ଗତ ୨୬ ବର୍ଷ ଧରି ଦେଶର ବିଭିନ୍ନ କୋର୍ଟରେ ବିଚାରାଧୀନ ଅଛି। ସୁପ୍ରିମକୋର୍ଟ ଆଜିଠାରୁ ୨୨ ଏପ୍ରିଲ ପର୍ଯ୍ୟନ୍ତ ୫୦ ରୁ ଅଧିକ ଆବେଦନ ଉପରେ ଚୂଡ଼ାନ୍ତ ଶୁଣାଣି କରୁଛନ୍ତି।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra